୪୭

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 14/2019 | ★★★★

୪୬ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






DISTRIBUTOR:- RAMJI ENTERPRISES, BHUBANESWAR, 77880-00596

Also available at: www.furosports.com | amazon.in | Flipkart | Myntra | mall | snapdeal | LIMEROAD | AJIO | TATA CLIQ

For Franchisee & Queries, Call Toll Free No. 1800 - 120 - 2400



# KIITEE - 2020

**14th - 23rd April 2020**

Govt. of India Recognized KIIT as an

## Institution of Eminence (IoE)

*Give your dreams the wings to fly*



### Academic Programme

**Bachelor's Degree I Master's Degree I Ph.D.**

**Engineering** (Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Electronics & Computer Science, Computer Science & Communication, Chemical Technology, Computer Science & Systems). Computer Application I Architecture I Science I Law I Management I Rural Management I Biotechnology I Chemical Technology I Public Health I Fashion Technology I Film & Media Sciences I Mass Communication I Yoga I Nursing Sciences I Humanities I Commerce

*Director, Admissions*

**APPLY ONLINE NOW**

through KIIT websites
**www.kiitee.kiit.ac.in**
**www.kiit.ac.in**

No Application / Examination Fee
Computer Based Online Test
For detail information please go through University websites.

Google play

**Kalinga Institute of Industrial Technology (KIIT)**
**Deemed to be University**
(Established U/S 3 of UGC Act, 1956) Bhubaneswar, Odisha, India

Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 0674 - 2742103, 2741747, 2741389, Fax : 0674 - 2741465,
Toll Free No. : 18003457132, Email :admission@kiit.ac.in,
Websites : www.kiitee.kiit.ac.in & www.kiit.ac.in

*Continuous learning* University of Compassion & Humanity

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



ODISHA
INDIA'S BEST KEPT SECRET.






Inauguration by **Shri Naveen Patnaik**
Hon'ble Chief Minister, Odisha
on 14th Dec 2019

## Your 49 days of adventure, excitement, & luxury starts today.



Luxury Cottages | Water Sports | Eco Trails | Temple Trips

Parasailing, ATV rides, Rifle shooting, Archery,
Jet Ski, Banana Boats, Speed Boats, Bicycles, Beach Volleyball
**Food Festival, Beach Market, Cultural Shows and lots more**

**Music concert by EUPHORIA**
On the spot tickets start at INR 50/-

For more details & booking
log on to ecoretreat.odishatourism.gov.in

A unique tourism experience from Odisha Tourism

37001/13/0038/1920 DSPL-198



ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଚ୍ୟାନେଲଗୁଡ଼ିକ ଉପରେ କଟକଣା ଜାରି କରିଛି। ଏହା ଦ୍ୱିତୀୟ ଜରୁରିକାଳୀନ ପରିସ୍ଥିତି କି?
-ଡେରେକ୍ ଓ' ବ୍ରାଏନ୍, ଟିଏମ୍‌ସି ଏମ୍‌ପି



# ସିଏଏ କାର୍ଯ୍ୟକାରୀ କରିବାକୁ ରାଜ୍ୟ ବାଧ୍ୟ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ୨୦୧୯କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟଗୁଡ଼ିକ ବାଧ୍ୟ। ସମ୍ବିଧାନର ସପ୍ତମ ପରିଚ୍ଛେଦ ଅନୁସାରେ ଏହି ଆଇନ ଅଣାଯାଇଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିବା ଅଧିକାର କୌଣସି ରାଜ୍ୟ ସରକାରଙ୍କର ନାହିଁ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ନବପ୍ରଣୀତ ନାଗରିକତ୍ୱ ସଂଶୋଧନ ଆଇନକୁ ଅସାମ୍ବିଧାନିକ ଦର୍ଶାଇ କେତେଜଣ ମୁଖ୍ୟମନ୍ତ୍ରୀ ଏହାକୁ ନିଜ ନିଜ ରାଜ୍ୟରେ ଲାଗୁ କରିବାକୁ ମନାକରିଦେଇଛନ୍ତି। ସେମାନେ ହେଲେ ମମତା ବାନାର୍ଜୀ (ପଶ୍ଚିମବଙ୍ଗ), ଅମରିନ୍ଦର ସିଂ (ପଞ୍ଜାବ), ପିନାରାୟି ବିଜୟନ୍ (କେରଳ), କମଲନାଥ (ମଧ୍ୟପ୍ରଦେଶ) ଓ ଭୂପେଶ ବାଘେଲ (ଛତିଶଗଡ଼)। ମୁଖ୍ୟମନ୍ତ୍ରୀମାନଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କେନ୍ଦ୍ର ତାଲିକାରେ ଥିବା ଏକ କେନ୍ଦ୍ରୀୟ ଆଇନକୁ କାର୍ଯ୍ୟକାରୀ ପାଇଁ ମନାକରିବା ସକାଶେ କ୍ଷମତା କୌଣସି ରାଜ୍ୟ ପାଖରେ ନାହିଁ। ସପ୍ତମ ପରିଚ୍ଛେଦର କେନ୍ଦ୍ର ତାଲିକାରେ ପ୍ରତିରକ୍ଷା, ବହିର୍ବ୍ୟାପାର, ରେଲୱେ, ନାଗରିକତ୍ୱ ଓ ପ୍ରାକୃତିକୀକରଣ ଭଳି ୯୭ଟି ବିଷୟ ରହିଛି। ନାଗରିକତ୍ୱ ସଂଶୋଧନ ଆଇନ ଅନୁସାରେ ପାକିସ୍ତାନ, ବାଂଲାଦେଶ ଓ ଆଫ୍‌ଗାନିସ୍ତାନରେ ଧାର୍ମିକ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଭାରତରେ ଶରଣାର୍ଥୀ ଭାବେ ପରିଗଣିତ ହେବେ ନାହିଁ। ପଡ଼ୋଶୀ ଦେଶର ସେହି ସଂଖ୍ୟାଲଘୁମାନେ ଭାରତରେ ୫ ବର୍ଷ ରହିଥିଲେ ଏଠାରେ ନାଗରିକତ୍ୱ ହାସଲ କରିବେ। ପୂର୍ବରୁ ଏହି ଅବଧି ୧୧ ବର୍ଷ ଥିଲା। ଏହି ବିଲ୍ ସୋମବାର ଲୋକ ସଭାରେ ପାସ୍ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ମଧ୍ୟରାତ୍ରିରେ ଏହାକୁ ଅନୁମୋଦନ କରିବା ପରେ ବିଲ୍ ଆଇନରେ ପରିଣତ ହୋଇଛି।



ମମତା ବାନାର୍ଜୀ



ଅମରିନ୍ଦର ସିଂ



ପିନାରାୟି ବିଜୟନ୍



କମଲନାଥ



ଭୂପେଶ ବାଘେଲ

## ୧୬ରେ ରାଜ୍ୟବ୍ୟାପୀ ଆନ୍ଦୋଳନ: ମମତା

କୋଲକାତା,୧୩।୧୨ (ଆଇଏଏନ୍‌ଏସ୍)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ପଶ୍ଚିମବଙ୍ଗରେ କୁହୁଳୁଥିବା ନିଆଁ ଆଗକୁ ଅଧିକ ଜଳିବ। କାରଣ ଏହି ପ୍ରସଙ୍ଗରେ ଆସନ୍ତା ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି। କୋଲ୍‌କାତାର ବି.ଆର୍. ଆମ୍ବେଡକର ପ୍ରତିମୂର୍ତ୍ତିଠାରୁ ସେ ଏକ ଶୋଭାଯାତ୍ରା କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମମତା କହିଛନ୍ତି, ନିଆଁ ସହିତ ନ ଖେଳିବା ପାଇଁ କେନ୍ଦ୍ରର ଭାଜପା ସରକାରକୁ ଆମେ କହିଥିଲୁ। ହେଲେ ସେମାନେ ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ବଳପୂର୍ବକ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ଏହାକୁ କାର୍ଯ୍ୟକାରୀ ହେବାକୁ ଦିଆଯିବ ନାହିଁ।

## ସ୍ପଷ୍ଟକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

କେରଳ ମୁଖ୍ୟମନ୍ତ୍ରୀ ବିଜୟନ୍ ଗୁରୁବାର କହିଥିଲେ, ତାଙ୍କ ରାଜ୍ୟରେ 'ଏକ ସମ୍ବିଧାନବିରୋଧୀ ଆଇନର କୌଣସି ସ୍ଥାନ ନାହିଁ।' ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ମଧ୍ୟ ଏହାକୁ ଦୃଢ଼ବିରୋଧ କରିଛନ୍ତି। ସେ କହିଛନ୍ତି, ଭାଜପା ଇସ୍ତାହାରରେ ବିକାଶ ପ୍ରସଙ୍ଗ ପରିବର୍ତ୍ତେ ଦେଶକୁ ବିଭାଜନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଧର୍ମ ଆଧାରରେ ନାଗରିକତ୍ୱ କାହିଁକି ସ୍ଥିର କରାଯିବ? ମୁଁ ଏହାକୁ ଗ୍ରହଣ କରିବି ନାହିଁ। ସଂଖ୍ୟାବଳ ଥିବାରୁ ତୁମେ ଲୋକ ସଭା ଓ ରାଜ୍ୟ ସଭାରେ ବଳପୂର୍ବକ ଆଇନ ପ୍ରଣୟନ କରିପାରିବ। କିନ୍ତୁ ଦେଶ ବିଭାଜନ କରିବା ପାଇଁ ତୁମକୁ ଆମେ ଅନୁମତି ଦେବୁନାହିଁ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ଏହି ଆଇନକୁ ଭାରତର ଧର୍ମନିରପେକ୍ଷ ଚରିତ୍ର ଉପରେ ଆକ୍ରମଣ ଭାବେ ଅଭିହିତ କରିଛନ୍ତି। ପଞ୍ଜାବରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଦିଆଯିବନାହିଁ ବୋଲି ସେ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବାଘେଲ କହିଛନ୍ତି, ଏହି ଆଇନ ସମ୍ପୂର୍ଣ୍ଣ ଭାବେ ଅସାମ୍ବିଧାନିକ। ଏ ସଂକ୍ରାନ୍ତ ବିଲ୍‌କୁ ନେଇ କଂଗ୍ରେସ ଯାହା ନିଷ୍ପତ୍ତି ନେବ ଛତିଶଗଡ଼ରେ ତାହା ଲାଗୁ ହେବ। ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ବିଭାଜନର ମଞ୍ଜି ବୁଣୁଥିବା ଏକ ପ୍ରକ୍ରିୟାରେ ଆମେ ଭାଗୀଦାର ହେବୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ମତରେ ଏହି ବିଲ୍ ହେଉଛି ସମ୍ବିଧାନର ମୂଳ ଧାରଣା ଉପରେ ଆକ୍ରମଣ। ଏହାର ଭାଗ୍ୟ ସୁପ୍ରିମକୋର୍ଟରେ ନିର୍ଦ୍ଧାରଣ ହେବ।





ଗୁଆହାଟୀର ଏକ ବୃଦ୍ଧାଶ୍ରମରେ ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରାଯାଉଛି।

# ଆବେଙ୍କ ଭାରତ ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୧୩।୧୨

ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ନେଇ ବିବାଦ ପ୍ରରିପ୍ରେକ୍ଷୀରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଭାରତ ଗସ୍ତକୁ ସ୍ଥଗିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ଆବେଙ୍କ ମଧ୍ୟରେ ଡିସେମ୍ବର ୧୫ରୁ ୧୭ ପର୍ଯ୍ୟନ୍ତ ଆସାମ ରାଜଧାନୀ ଗୁଆହାଟୀରେ ବାର୍ଷିକ ସମ୍ମିଳନୀ ହେବାର ଥିଲା। ସିଏବିକୁ ନେଇ ଗୁଆହାଟୀରେ ହିଂସାତ୍ମକ ଆନ୍ଦୋଳନ ଚାଲିଥିବାରୁ ବର୍ତ୍ତମାନ ପାଇଁ ଆବେଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି। ଦୁଇଦେଶର ସୁବିଧା ଅନୁସାରେ ତାଙ୍କ ଗସ୍ତ ପାଇଁ ଭବିଷ୍ୟତରେ ନୂଆ ତାରିଖ ଧାର୍ଯ୍ୟ କରାଯିବ। ଆବେଙ୍କ ଗସ୍ତ କାର୍ଯ୍ୟକ୍ରମ ନୂଆବର୍ଷରେ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ଜାପାନର ଏକ ଟିମ୍ ବୁଧବାର ଗୁଆହାଟୀ ପରିଦର୍ଶନ କରିବା ସହ ଆବେଙ୍କ ଗସ୍ତ ପ୍ରସ୍ତୁତି ନେଇ ସ୍ଥିତି ଅନୁଧ୍ୟାନ କରିଥିଲା। ଉକ୍ତ ଟିମ୍‌ର ରିପୋର୍ଟ ପରେ ଏଭଳି ସମୟରେ ଆବେ ଭାରତ ଆସିପାରିବେ ନାହିଁ ବୋଲି ଟୋକିଓ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଅବଗତ କରାଯାଇଛି। ଏହା ପୂର୍ବରୁ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ ମୋମେନ୍ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍ ମଧ୍ୟ ନିଜ ନିଜ ଭାରତ ଗସ୍ତକୁ ବାତିଲ କରିସାରିଛନ୍ତି। ପ୍ରକାଶ ଯେ, ସିଏବିକୁ ନେଇ ଆସାମ ସମେତ ଉତ୍ତର-ପୂର୍ବର ଅଧିକାଂଶ ଅଞ୍ଚଳରେ ବିକ୍ଷୋଭ ଓ ଆନ୍ଦୋଳନ ଜାରି ରହିଛି। ଗୁଆହାଟୀରେ ଗୁରୁବାର ପୋଲିସ ଗୁଳିରେ ୨ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା।



ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ

# ହିଂସ୍ର ହେଲା ଜାମିଆ ଛାତ୍ରଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୩।୧୨

## ଲାଠିମାଡ଼ କଲା ଦିଲ୍ଲୀ ପୋଲିସ

ସିଏଏକୁ ନେଇ ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ହିଂସ୍ର ହୋଇଛି। ଛାତ୍ରୀଛାତ୍ରମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ ଆଡ଼କୁ ଏକ ଶୋଭାଯାତ୍ରାରେ ଯାଉଥିବାବେଳେ ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ଦୁଇପକ୍ଷଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଛାତ୍ରୀଛାତ୍ର ପୋଲିସ ଉପରକୁ ଟେକାମାଡ଼ କରିଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିଦ୍ୟାର୍ଥୀମାନେ ନ ମାନି ଆଗକୁ ଅଗ୍ରସର ହେଉଥିବାବେଳେ ପୋଲିସ କର୍ମଚାରୀମାନେ ସେମାନଙ୍କ ଉପରେ ଲାଠିମାଡ଼ କରିଥିଲେ। ଏଥିରେ କେତେଜଣ ଛାତ୍ରୀଛାତ୍ର ଆହତ ହୋଇଥିବା ଜଣାପଡ଼ିଛି।

## [ଇତିହାସର ଆଇନାରେ] ଡିସେମ୍ବର ୧୪ର ପ୍ରମୁଖ ଘଟଣା

୨୦୦୩ ଡିସେମ୍ବର ୧୪ରେ ପାକିସ୍ତାନର ରାଷ୍ଟ୍ରପତି ପର୍‌ଭେଜ୍ ମୁସାରଫ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ତାଙ୍କ କାର୍‌କେଡ୍ ଅତିକ୍ରମ କରିବାର ୩୦ ସେକେଣ୍ଡ ପରେ ପୋଲ ତଳେ ଖଞ୍ଜାଯାଇଥିବା ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଥିଲା। ପରେ ପୋଲ ଆଖପାଖ ଅଞ୍ଚଳକୁ କର୍ଡନ କରାଯାଇ ତନାଘନା ଆରମ୍ଭ ହୋଇଥିଲା।

୨୦୦୮ ଡିସେମ୍ବର ୧୪ରେ ଇରାକର ରାଜଧାନୀ ବାଗ୍‌ଦାଦରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଟିଭି ସାମ୍ବାଦିକ ମୁଣ୍ଟାଧର ଅଲ୍ ଜାଇଦି ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ଏହାକୁ ନେଇ ଆମେରିକା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା।

# ପାର୍ଲାମେଣ୍ଟ ଆକ୍ରମଣକୁ ୧୮ ବର୍ଷ



ନୂଆଦିଲ୍ଲୀ,୧୩।୧୨(ପି.ଟି.): ସଂସଦ ଭବନ ଆକ୍ରମଣକୁ ଶୁକ୍ରବାର ୧୮ ବର୍ଷ ପୂରିଛି। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୨୦୦୧ ଆକ୍ରମଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ପ୍ରମୁଖ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜଣାଇଥିଲେ। ୨୦୦୧ ଡିସେମ୍ବର ୧୩ରେ ପାକିସ୍ତାନର ଲଶ୍କର-ଇ-ତୋଇବା ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ପାର୍ଲାମେଣ୍ଟ ଭବନ ପରିସରରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୯ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

# ବଳାତ୍କାରୀଙ୍କୁ ୨୧ ଦିନରେ ଫାଶୀ

ଅମରାବତୀ,୧୩।୧୨(ପି.ଟି.): ଏଣିକି ବଳାତ୍କାରୀଙ୍କୁ ନିସ୍ତାର ନାହିଁ। ପ୍ରମାଣ ମିଳିବାର ୨୧ ଦିନରେ ଫାଶୀ ମିଳିବ। ଏନେଇ ଶୁକ୍ରବାର ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟ ବିଧାନସଭାରେ ଆଣିଥିବା ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ନିର୍ଭୟା ଆକ୍ଟ ୨୦୧୩ ଓ କ୍ରିମିନାଲ ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ରେ ମାମଲାର ଶୁଣାଣି ୪ ମାସରେ ଶେଷକରି ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଥିବାବେଳେ ଏହାକୁ ଆନ୍ଧ୍ରପ୍ରଦେଶ ସରକାର ୨୧ ଦିନକୁ କମାଇ ଦେଇଛନ୍ତି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ବଳାତ୍କାରୀଙ୍କୁ ଉପଯୁକ୍ତ ଦଣ୍ଡ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆନ୍ଧ୍ରପ୍ରଦେଶରେ ମହିଳା ଓ ଶିଶୁଙ୍କୁ ବଳାତ୍କାର ନେଇ ଅଣାଯାଉଥିବା ସମସ୍ତ ମାମଲାର ତଦନ୍ତ ୭ ଦିନ ମଧ୍ୟରେ ଶେଷ କରାଯିବା ସହ ଶୁଣାଣି ୧୪ ଦିନରେ ଶେଷ କରିବା ଲାଗି 'ଦିଶା' ଆଇନରେ ବ୍ୟବସ୍ଥା ରହିଛି। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକ(ଦିଶା)ଙ୍କୁ ଗଣବଳାତ୍କାର କରି ପୋଡ଼ିମାରିବା ଓ ପରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ମାରିବା ଘଟଣାକୁ ନେଇ ରାଜ୍ୟ ତଥା ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିବାବେଳେ ବଳାତ୍କାରୀଙ୍କ ବିରୋଧରେ ଏଭଳି କଠୋର ଆଇନ ଅଣାଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଆନ୍ଧ୍ରପ୍ରଦେଶ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରି ଉଦାହରଣ ସୃଷ୍ଟି କରିଛି। ଦିଶା ବିଲ୍ ଯୁଗ୍ମ (ରାଜ୍ୟ ଓ କେନ୍ଦ୍ର)ତାଲିକାରେ ଅଛି। ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ପଠାଯିବ।

## ଆନ୍ଧ୍ରପ୍ରଦେଶ ବିଧାନସଭାରେ ବିଲ୍ ପାସ୍

# ରାହୁଲଙ୍କ ବଳାତ୍କାର ମନ୍ତବ୍ୟକୁ ନେଇ ଲୋକ ସଭାରେ ହଙ୍ଗାମା

ନୂଆଦିଲ୍ଲୀ,୧୩।୧୨(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ରେପ୍ ଇନ୍ ଇଣ୍ଡିଆ' ମନ୍ତବ୍ୟକୁ ନେଇ ଶୁକ୍ରବାର ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ରାହୁଲ ତାଙ୍କ ମନ୍ତବ୍ୟ ପାଇଁ ଗୃହରେ କ୍ଷମାମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ଏଭଳି ସଦସ୍ୟଙ୍କର ପାର୍ଲାମେଣ୍ଟରେ ରହିବାର ନୈତିକ ଅଧିକାର ନାହିଁ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଥିଲେ। ତେବେ କ୍ଷମା ମାଗିବାକୁ ରାହୁଲ ମନା କରିଦେଇଛନ୍ତି। ତାଙ୍କର କ୍ଷମା ମାଗିବା ପ୍ରଶ୍ନ ଉଠୁନାହିଁ ବୋଲି କଂଗ୍ରେସ ଏମ୍‌ପି ଶଶୀ ଥରୁର ରାହୁଲଙ୍କ ସମର୍ଥନ କରି କହିଛନ୍ତି।

ଝାଡ଼ଖଣ୍ଡରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ରାହୁଲ ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସରକାର ମେକ୍ ଇନ୍ ଇଣ୍ଡିଆର ପ୍ରତିଶ୍ରୁତି ଦେଇଥିଲା। ଏବେ ଯେଉଁଠି ଦେଖିବ ରେପ୍ ଇନ୍ ଇଣ୍ଡିଆ ଚାଲିଛି ବୋଲି କଂଗ୍ରେସ ନେତା ମନ୍ତବ୍ୟ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ନେତୃତ୍ୱରେ ଦଳର ମହିଳା ଏମ୍‌ପିମାନେ ରାହୁଲଙ୍କ ମନ୍ତବ୍ୟର ତୀବ୍ର ବିରୋଧ କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦୁଇଥର ମୁଲତବୀ ଘୋଷଣା କରିଥିଲେ। ଡିଏମ୍‌କେ ସଦସ୍ୟ କାନିମୋଝି ରାହୁଲଙ୍କୁ ସମର୍ଥନ କରିଥିବାବେଳେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରଶ୍ନୋତ୍ତର କାର୍ଯ୍ୟ ଜାରି ରଖିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ରାହୁଲଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିବା ସହ ଏହା ଉପରେ କାନିମୋଝି ଓ ଏନ୍‌ସିପି ସଦସ୍ୟ ସୁପ୍ରିୟା ସୁଲେ ମତାମତ ରଖିବାକୁ କହିଥିଲେ। ଏହାର ଉତ୍ତରରେ କାନିମୋଝି କହିଥିଲେ, ରାହୁଲ ଗୃହରେ ବଳାତ୍କାର ମନ୍ତବ୍ୟ ଦେଇନାହାନ୍ତି। ଦେଶରେ ମହିଳାଙ୍କ ପ୍ରତି ଅପରାଧ ଓ ହିଂସା ବଢ଼ିଚାଲିଥିବାରୁ ସେ ନିର୍ବାଚନୀ ସଭାରେ ଏଭଳି କହିଥିଲେ। ରାହୁଲଙ୍କ ମନ୍ତବ୍ୟ ଭାରତର ମହିଳା ଓ ପୁରୁଷଙ୍କ ପାଇଁ ଅପମାନ ବୋଲି ସ୍ମୃତି ଇରାନୀ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ମହିଳାମାନଙ୍କୁ ବଳାତ୍କାର କରିବା ଲାଗି ଲୋକଙ୍କୁ ଆମନ୍ତ୍ରଣ କରିବା ଭଳି। ଏଥିପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ଇରାନୀ କହିବା ସହ ସେ ଦଣ୍ଡିତ ହେବା ଉଚିତ ବୋଲି କହିଥିଲେ। ରାହୁଲ କେବଳ ଗୃହକୁ ନୁହେଁ ସାରା ଦେଶକୁ ଅପମାନିତ କରିଛନ୍ତି ବୋଲି ରାଜନାଥ କହିଥିଲେ। ଭାରତକୁ ଆମଦାନିକାରୀ ରାଷ୍ଟ୍ରରୁ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ କରିବା ଲାଗି ମୋଦି ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଯୁବତୀଯୁବକଙ୍କୁ ନିଯୁକ୍ତି ଯୋଗାଇଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ନିଆଯାଇଛି। ଏବେ ଏହାକୁ କଂଗ୍ରେସ ନେତା ଅକଥନୀୟ ଭାଷାରେ ବ୍ୟଙ୍ଗ କରୁଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିବା ସହ ରାହୁଲ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ପୂର୍ବରୁ ମନ୍ତ୍ରୀ ଥିବା ଅନନ୍ତ ହେଗ୍‌ଡେ ଏବଂ ସାଧ୍ୱୀ ନିରଞ୍ଜନ ଜ୍ୟୋତି ପାର୍ଲାମେଣ୍ଟ ବାହାରେ ଦେଇଥିବା ମନ୍ତବ୍ୟ ପାଇଁ ଗୃହରେ କ୍ଷମା ମାଗିଛନ୍ତି ବୋଲି ବରିଷ୍ଠ ଭାଜପା ନେତା କହିଥିଲେ।

ଗୃହରେ ପ୍ରବଳ ହଟ୍ଟଗୋଳ ସତ୍ତ୍ୱେ କ୍ଷମା ମାଗିବେ ନାହିଁ ବୋଲି ରାହୁଲ ରୋକ୍‌ଠୋକ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ତାଙ୍କର ପୂର୍ବ ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ସେ ଦାବି କରିଛନ୍ତି। ୟୁପିଏ ସରକାର ବେଳେ ଦିଲ୍ଲୀରେ ହୋଇଥିବା ବଳାତ୍କାରକୁ ନେଇ ମୋଦି ସେତେବେଳେ ଏହାକୁ ବଳାତ୍କାର ରାଜଧାନୀ କହିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ କ୍ଷମାମାଗିବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି। ରାହୁଲଙ୍କୁ ସମର୍ଥନ କରି ଥରୁର କହିଥିଲେ, ସେ କ୍ଷମା ମାଗିବାର ପ୍ରଶ୍ନ ଆଦୌ ଉଠୁନାହିଁ। କାରଣ ବର୍ତ୍ତମାନ ସ୍ଥିତିକୁ ନେଇ ସେ ଅତି ସାଧାରଣ କଥା କହିଛନ୍ତି। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ସମଗ୍ର ଉତ୍ତରପୂର୍ବାଞ୍ଚଳ ଜଳୁଥିବାବେଳେ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଭାଜପା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଥରୁର କହିଥିଲେ।



- କ୍ଷମା ମାଗନ୍ତୁ କଂଗ୍ରେସ ନେତା: ଭାଜପା
- କ୍ଷମା ମାଗିବା ପ୍ରଶ୍ନ ଉଠୁନି: ଥରୁର
- ଏଭଳି ସଦସ୍ୟଙ୍କ ଗୃହରେ ରହିବାର ନୈତିକ ଅଧିକାର ନାହିଁ: ରାଜନାଥ

## ଉଭୟ ଗୃହ ସାଇନ୍-ଏ-ଡାଏ

ନୂଆଦିଲ୍ଲୀ,୧୩।୧୨(ପି.ଟି.): ପାର୍ଲାମେଣ୍ଟର ଉଭୟ ଗୃହକୁ ଶୁକ୍ରବାର ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଚଳିତ ଶୀତ ଅଧିବେଶନରେ ଲୋକ ସଭା ୧୩୦ ଘଣ୍ଟା ୪୫ ମିନିଟ କାର୍ଯ୍ୟ କରିଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସେହିପରି ରାଜ୍ୟ ସଭା ଅଧିବେଶନ ୧୦୭ ଘଣ୍ଟା ୧୧ ମିନିଟ ଚାଲିଥିଲା ଓ ଶତ ପ୍ରତିଶତ ଫଳପ୍ରଦ ହୋଇଛି। ୧୫ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇଥିବା ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟରେ ରହିଛି ନାଗରିକତ୍ୱ ସଂଶୋଧନ ବିଲ୍, ଏସ୍‌ପିଜି ସଂଶୋଧନ ବିଲ୍, ଟ୍ରାନ୍ସଜେଣ୍ଡର ବ୍ୟକ୍ତି (ଅଧିକାର ସୁରକ୍ଷା) ବିଲ୍, ଇଲେକ୍ଟ୍ରୋନିକ୍ ସିଗାରେଟ ନିଷିଦ୍ଧ ବିଲ୍। ହଟ୍ଟଗୋଳ ଯୋଗୁ ରାଜ୍ୟ ସଭାରେ ୧୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରବାଦ ହୋଇଥିଲା। ତେବେ ବିଭିନ୍ନ ବିଲ୍ ପାସ୍ ଲାଗି ସଦସ୍ୟମାନେ ନିର୍ଦ୍ଧାରିତ ନିର୍ଘଣ୍ଟଠାରୁ ଅଧିକ ସମୟ ଉପସ୍ଥିତ ରହିଥିଲେ।

ଲୋକ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବଳାତ୍କାର ମନ୍ତବ୍ୟକୁ ନେଇ ଜୋର୍‌ଦାର ତୁମ୍ବିତୋଫାନ ହୋଇଥିଲା। ରାହୁଲ କ୍ଷମା ମାଗନ୍ତୁ ବୋଲି ଶାସକ ଦଳର ସଦସ୍ୟମାନେ ଦାବି କରିଥିଲେ। ବିରୋଧୀ ସଦସ୍ୟମାନେ 'ଆମେ ନ୍ୟାୟ ଚାହୁଁ' ରାହୁଲଙ୍କୁ ଉତ୍ତର ରଖିବାକୁ ସୁଯୋଗ ଦିଆଯାଉ ବୋଲି ଦାବି ଜଣାଇଥିଲେ। ଏହି ସମୟରେ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ।

## ଇସିଙ୍କୁ ଭେଟିଲେ ଭାଜପା ମହିଳା ଏମ୍‌ପି

# ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆଦିଲ୍ଲୀ,୧୩।୧୨(ପି.ଟି.): ବଳାତ୍କାରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସ୍ମୃତି ଇରାନୀଙ୍କ ନେତୃତ୍ୱରେ ଭାଜପା ମହିଳା ଏମ୍‌ପିମାନେ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି। ଭାଜପା ସଦସ୍ୟମାନେ ଇସିଙ୍କୁ ଭେଟି ନିର୍ବାଚନୀ ସଭାରେ ରାହୁଲଙ୍କ ରେପ୍ ଇନ୍ ଇଣ୍ଡିଆ ମନ୍ତବ୍ୟ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ରାହୁଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସେମାନେ ଦାବି କରିଥିଲେ। ରାଜନୈତିକ ବ୍ୟଙ୍ଗ ପାଇଁ ଜଣେ ରାଜନେତା ପ୍ରଥମ ଥର ପାଇଁ ବଳାତ୍କାର ଶବ୍ଦ ବ୍ୟବହାର କରିଛନ୍ତି। ଏଭଳି ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନ କମିଶନ ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷା କରିବା ସାରା ଦେଶ ଚାହେଁ ବୋଲି ଭାଜପା ଏମ୍‌ପିମାନେ କହିଛନ୍ତି।





**ଫିଲ୍ମର ରିଲିଜ୍ ଡେଟ୍ ବତାଇଲେ ବିଦ୍ୟା**

ବଲିଉଡ୍ ଭର୍ସାଟାଇଲ୍ ଆକ୍ଟ୍ରେସ୍ ବିଦ୍ୟା ବଲାନ୍ ଫିଲ୍ମ 'ଶକୁନ୍ତଳା ଦେବୀ'ର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଫିଲ୍ମ 'ଶକୁନ୍ତଳା ଦେବୀ' ୨୦୨୦ ମେ' ୮ରେ ରିଲିଜ୍ ହେବ।

୧୨

୧୭

**ତସନିମ୍ କ୍ୱାର୍ଟରଫାଇନାଲରେ**

ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ତସନିମ୍ ମୀର୍ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



## ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ
# ପଶ୍ଚିମବଙ୍ଗକୁ ବ୍ୟାପିଲା ନିଆଁ

- ହାଓଡା, ମୁର୍ଶିଦାବାଦ ରେଳ ଷ୍ଟେଶନରେ ଭଙ୍ଗାରୁଜା, ଜଳାପୋଡ଼ା
- ଗୁଆହାଟୀରେ କର୍ଫ୍ୟୁକୁ ଅମାନ୍ୟ, ଅନଶନ
- କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ସୋନୋୱାଲ
- ଶାହାଙ୍କ ମେଘାଳୟ ଓ ଅରୁଣାଚଳ ଗସ୍ତ ବାତିଲ



ପଶ୍ଚିମବଙ୍ଗର ହାଓଡାରେ ସିଏବି ଏବଂ ଏନ୍‌ଆର୍‌ସି ପ୍ରତିବାଦରେ ବିକ୍ଷୋଭ।

ଗୁଆହାଟୀ/ନୂଆଦିଲ୍ଲୀ/କୋଲକାତା, ୧୩।୧୨(ପି.ଟି./ଆଇଏଏନ୍‌ଏସ୍)

ନୂଆ ନାଗରିକତ୍ୱ ଆଇନକୁ ନେଇ ଉତ୍ତର-ପୂର୍ବାଞ୍ଚଳରେ ଚାଲିଥିବା ଆନ୍ଦୋଳନର ନିଆଁ ଶୁକ୍ରବାର ପଶ୍ଚିମବଙ୍ଗକୁ ବ୍ୟାପିଛି। ଆସାମ, ତ୍ରିପୁରା, ମଣିପୁର, ସିକିମ, ମେଘାଳୟ ଓ ତ୍ରିପୁରାରେ ସ୍ଥିତି ସାମାନ୍ୟ ସୁଧୁରିଥିବାବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ବ୍ୟାପକ ହିଂସା ଏବଂ ପୋଡ଼ାଜଳା ଦେଖିବାକୁ ମିଳିଛି। ବିକ୍ଷୋଭକାରୀମାନେ କେତେକ ରେଳଷ୍ଟେଶନରେ ଭଙ୍ଗାରୁଜା କରିଛନ୍ତି। ସେପଟେ ଏହି ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ଦାଏର ପିଟିଶନ ସଂଖ୍ୟା ବଢ଼ିବାରେ ଲାଗିଛି। ବିକ୍ଷୋଭକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମେଘାଳୟ ଓ ଅରୁଣାଚଳ ପ୍ରଦେଶ ଗସ୍ତକୁ ବାତିଲ କରିଦେଇଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ନାଗରିକତ୍ୱ ସଂଶୋଧନ ବିଲ୍‌ରେ ସ୍ୱାକ୍ଷର କରିବା ପରେ ଏହା ଆଇନରେ ପରିଣତ ହୋଇଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଜଳୁଥିବାବେଳେ ରାଷ୍ଟ୍ରପତି ଉକ୍ତ ବିଲ୍‌କୁ ଅନୁମୋଦନ ଦେବା ଦୁର୍ଭାଗ୍ୟଜନକ ବୋଲି ଆସାମ ରାଜଧାନୀ ଗୁଆହାଟୀରେ ଗଣବିକ୍ଷୋଭ କରାଯାଇଛି। ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ୍ (ଏଏଏସ୍‌ୟୁ) ପକ୍ଷରୁ ଦିଆଯାଇଥିବା ଅନଶନ ଡାକରାରେ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, କଳାକାର ଓ ଶିକ୍ଷକମାନେ କର୍ଫ୍ୟୁକୁ ଅମାନ୍ୟ କରି ସାମିଲ ହୋଇଛନ୍ତି। ସେମାନେ ନୂଆ ଆଇନକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଷଡ଼ଯନ୍ତ୍ର ଚାଲିଛି। ଏଥିରେ କଂଗ୍ରେସ, ବାମପନ୍ଥୀ ଓ କେତେକ ସାମ୍ପ୍ରଦାୟିକ ଶକ୍ତି ସାମିଲ ଅଛନ୍ତି। ହିଂସାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସିଏବି ବିରୋଧୀ ଆନ୍ଦୋଳନ ପଶ୍ଚିମବଙ୍ଗରେ ପହଞ୍ଚିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଆନ୍ଦୋଳନକାରୀମାନେ ଅପରାହ୍ଣ ୩ଟା ୨୨ରେ ରେଳପଥ ଅବରୋଧ କରିଥିଲେ। ଫଳରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ହାଓଡା ଜିଲାର ଉଲୁବେରିଆ ଷ୍ଟେଶନରେ ସେମାନେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ସେମାନଙ୍କ ଆକ୍ରମଣରେ ଜଣେ ଟ୍ରେନ୍ ଡ୍ରାଇଭର ଆହତ ହୋଇଛନ୍ତି। ସେହିପରି ମୁର୍ଶିଦାବାଦ ଜିଲାର ଏକ ଷ୍ଟେଶନ କମ୍ପ୍ଲେକ୍ସରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି। ହମ୍‌ସଫର ଏକ୍ସପ୍ରେସ୍‌କୁ ମଧ୍ୟ ଆନ୍ଦୋଳନକାରୀ ଟାର୍ଗେଟ କରିଥିବା ସାଉଥ୍ ଇଷ୍ଟର୍ନ ରେଲୱେ ମୁଖପାତ୍ର ସଞ୍ଜୟ ଘୋଷ ସୂଚନା ଦେଇଛନ୍ତି।

## ନିର୍ବାଚନ ଜିତିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ

**୧୫ ଭାରତୀୟ ନିର୍ବାଚିତ**

ଲଣ୍ଡନ,୧୩।୧୨(ପି.ଟି.)

ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି। ପାର୍ଲାମେଣ୍ଟର ୬୫୦ ଆସନ ମଧ୍ୟରୁ କଞ୍ଜରଭେଟିଭ୍ ପାର୍ଟି ୩୬୪ ଆସନ ଦଖଲ କରିଛି। ବିପୁଳ ସଂଖ୍ୟାଗରିଷ୍ଠତା ସହ ପ୍ରଧାନମନ୍ତ୍ରୀ ଜନ୍‌ସନ କ୍ଷମତାକୁ ଫେରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଜନ୍‌ସନଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।



୨୦ ସପ୍ତାହ କ୍ଷମତାରେ ଥିବା ଜନ୍‌ସନଙ୍କ ପାଇଁ ଏହା ଏକ ବଡ଼ ସଫଳତା। ଏହି ବିଜୟ ଫଳରେ ବ୍ରେକ୍‌ଜିଟ ଡିଲ୍ ଶୀଘ୍ର କାର୍ଯ୍ୟକାରୀ ହେବା ଲାଗି ପଥ ପରିଷ୍କାର ହୋଇଯାଇଛି। ବ୍ରେକ୍‌ଜିଟକୁ ସଫଳ କରିବା ଲାଗି ଭୋଟ ଦେବାକୁ ଜନ୍‌ସନ ଜୋର୍‌ଦାର ପ୍ରଚାର ଚଳାଇଥିଲେ। ଏହି ନିର୍ବାଚନରେ ଉଭୟ କଞ୍ଜରଭେଟିଭ୍ ଓ ଲେବର ପାର୍ଟିରୁ ୧୫ ଜଣ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଅନେକ ଏମ୍‌ପି ସେମାନଙ୍କ ଆସନ ବଜାୟ ରଖିଥିଲାବେଳେ କେତେକ ନୂଆ ମୁହଁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି। ପୂର୍ବ ପାର୍ଲାମେଣ୍ଟରେ ଥିବା ସମସ୍ତ ଭାରତୀୟ ବଂଶୋଦ୍ଭବ ଏମ୍‌ପି ସେମାନଙ୍କ ଆସନ ବଜାୟ ରଖିଥିବାବେଳେ କଞ୍ଜରଭେଟିଭ ପାର୍ଟିର ଗଗନ ମହିନ୍ଦ୍ରା ଏବଂ କ୍ଲେୟାର କୁଟିନୋ ଏବଂ ଲେବର ପାର୍ଟିର ନଭେନ୍ଦୁ ମିଶ୍ର ପ୍ରଥମ ଥର ଲାଗି ବିଜୟୀ ହୋଇଛନ୍ତି। ବିଜୟ ରାଲିରେ ଉଦ୍‌ବୋଧନ ଦେଇ ଜନ୍‌ସନ କହିଛନ୍ତି, ☞ପୃଷ୍ଠା-୨

## ବଢ଼ିବ ଟୋଲ ଫି

**ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦେଲା ଓବିସିସି**

ଭୁବନେଶ୍ୱର,୧୩।୧୨(ବ୍ୟୁରୋ

ରାଜ୍ୟରେ ମହଙ୍ଗା ହେବ ଟୋଲ ଟିକସ। ଗାଡି ଚାଳକଙ୍କୁ ଅଧିକ ଟିକସ ଦେବାକୁ ପଡିବ।୨୦୦୬ରେ ଧାର୍ଯ୍ୟ ହୋଇଥିବା ଟୋଲ ଟିକସରେ ସଂଶୋଧନ କରାଯିବ। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ(ଓବିସିସି)ଏ ନେଇ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦେଇଛି। ଓଡ଼ିଶା ରାଜ୍ୟ ଟୋଲସ୍ ରୁଲ ୨୦୧୧ ଅନୁସାରେ ଏହି ଟିକସ ଧାର୍ଯ୍ୟ କରାଯିବ।

ପୂର୍ତ୍ତ ବିଭାଗ ଅଧୀନରେ ୨୯ଟି ଟୋଲ ଗେଟ୍ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ୭ଟି ଟୋଲ ଗେଟ । ଏସବୁରୁ ବାର୍ଷିକ ୨୪ରୁ ୨୫ କୋଟି ଟଙ୍କା ଆଦାୟ ହେଉଛି। ରାସ୍ତା ଓ ପୋଲ ନିର୍ମାଣ କରିବାକୁ ଅଧିକ ଟଙ୍କା ଦରକାର ପଡୁଥିବାରୁ ଟୋଲ ଫି'ରେ ସଂଶୋଧନ କରାଯିବ ବୋଲି ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାଶ କହିଛନ୍ତି। ୨୦୦୬ରେ ଧାର୍ଯ୍ୟ ମୂଲ୍ୟ ଅନୁସାରେ ୩ ଚକିଆ ଯାନ ପାଇଁ ଦୈନିକ ୭ ଟଙ୍କା, କାର ଜିପ ଓ ଅନ୍ୟାନ୍ୟ ହାଲକା ଯାନ ପାଇଁ ୧୫ ଟଙ୍କା, ବସ, ମିନିଟ୍ରକ, ଟ୍ରାକ୍ଟର ଏବଂ ପିକ୍‌ଅପ ଭ୍ୟାନ ଭଳି ଯାନ ପାଇଁ ୩୦ ଟଙ୍କା ଦେବାକୁ ପଡୁଛି। ଭାରିଯାନ ପାଇଁ ଦୈନିକ ୩୦୦ ଟଙ୍କା ଟୋଲ ଫି ରହିଛି। ସରକାରଙ୍କ ଅନୁମୋଦନ ପରେ ଏହାକୁ ଲାଗୁ କରାଯିବ ବୋଲି ଜଣାପଡିଛି।

## ମହିଳାଙ୍କୁ ଗଣବଳାତ୍କାର, ୨ ଗିରଫ

କେନ୍ଦୁଝର/ଘଟଗାଁ, ୧୩।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ପିପିଳିଆ ଅଞ୍ଚଳରେ ଗତ ବୁଧବାର ରାତିରେ ୫୦ ବର୍ଷ ବୟସ୍କା ବିବାହିତା ମହିଳାଙ୍କୁ ନିକଟସ୍ଥ ଜଙ୍ଗଲରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ ଚଳାଇ ସିଙ୍ଗରାଇ ମୁଣ୍ଡା ଓ ଶୈଳେନ୍ଦ୍ର ମୁଣ୍ଡା ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଉଭୟ ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଏଭଳି ଅପରାଧ ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଘଟଗାଁ ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଏହି ସୂଚନା ଦେଇ କହିଛନ୍ତି ଯେ, ଗତ ୧୧ ତାରିଖ ରାତିରେ ଏହି ମହିଳା ଜଣଙ୍କ ଏକ ଶୁଦ୍ଧିକର୍ମରେ ଯୋଗ ଦେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ନିଶାସକ୍ତ ଅବସ୍ଥାରେ ତାଙ୍କୁ ବାଟରେ ଅଟକାଇ ଥିଲେ । ସେମାନେ ତାଙ୍କୁ ପାଖ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡିତା ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ପଚରାଉଚୁରା କରିଥିଲେ। ପରେ ସେମାନଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି । ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ମଦ କାରବାର ଚାଲିଥିବାରୁ ମଦପିଇ ଲୋକେ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ଘଟାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବଦଳିବ ଓଡ଼ିଶା ଶିକ୍ଷା, ବିଶ୍ୱବିଦ୍ୟାଳୟ ନୀତି

- ମହାରାଷ୍ଟ୍ର, କର୍ଣ୍ଣାଟକ ଢାଞ୍ଚାରେ ହେବ
- ୧୫ସୁଦ୍ଧା ପ୍ରସ୍ତୁତ ହେବ ଚିଠା ପ୍ରସ୍ତାବ
- ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାରମ୍ବାର ଚାଲିଛି ସମୀକ୍ଷା ବୈଠକ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ବଦଳିବ ରାଜ୍ୟର ଶିକ୍ଷା ନୀତି। ବିଶ୍ୱବିଦ୍ୟାଳୟ ନୀତିରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ଏଥିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୧୫ତାରିଖ ସୁଦ୍ଧା ଚିଠା ପ୍ରସ୍ତାବ ଆଗତ ହେବ ବୋଲି ସୂଚନା ମିଳିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ଡକାଯାଇ ସମୀକ୍ଷା ଚାଲିଛି। ଶୁକ୍ରବାର ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଆଉ ଏକ ସମୀକ୍ଷା କରାଯିବ। ଏହି ଦାୟିତ୍ୱ ପିଏମ୍‌ୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ହାତରେ ଛଡ଼ାଯାଇଛି। ସେମାନେ ବିଭିନ୍ନ ରାଜ୍ୟର ଶିକ୍ଷା ନୀତି ଏବଂ ବର୍ତ୍ତମାନ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ନୂଆ ନୀତି ପାଇଁ ଚିଠା ପ୍ରସ୍ତାବ ଆଣିବେ। ବିଶେଷ କରି ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ନୀତି ଢାଞ୍ଚାରେ ଓଡ଼ିଶାରେ ନୂଆ ନୀତି ପ୍ରସ୍ତୁତ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କୁଳପତିମାନଙ୍କ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବାପେକ୍ଷା ପିଜି ବିଷୟବସ୍ତୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ଯେତିକି ବିଶ୍ୱବିଦ୍ୟାଳୟ ରହିଥିଲା ତା'ର ସଂଖ୍ୟା ବୃଦ୍ଧିପାଇଛି। ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢିଯାଇଛି। ଅନ୍ୟପଟେ ଛାତ୍ରୀଛାତ୍ରମାନେ ପିଜି ପରୀକ୍ଷା ପାଇଁ ୨ କିମ୍ବା ୩ଟି ବିଶ୍ୱବିଦ୍ୟାଳୟରେ ଫର୍ମ ପକାଉଥିବା ବେଳେ ଏକାସମୟରେ ସବୁ ସ୍ଥାନରେ ପରୀକ୍ଷା ହୋଇଯାଉଛି, ଯେଉଁଥିଲାଗି ଛାତ୍ରୀଛାତ୍ରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷା ନୀତି ଓ ବିଶ୍ୱବିଦ୍ୟାଳୟ ନୀତି ପାଇଁ ଯୋଜନା କରାଯାଉଛି। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଶିକ୍ଷାଦାନ ଓ କ୍ୟାରିୟର ଗଠନ ନିମନ୍ତେ ସହାୟକ ହୋଇପାରିବ। ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପଦ୍ମଜା ମିଶ୍ର କହିଛନ୍ତି, ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ନୀତିରେ ପରିବର୍ତ୍ତନର ଆବଶ୍ୟକତା ବହୁଦିନରୁ ଥିଲା। ୮୦ବର୍ଷ ତଳୁ ପ୍ରସ୍ତୁତ ହୋଇଥିବା ନୀତି ଏ ପର୍ଯ୍ୟନ୍ତ ଚାଲିଛି। ମଝିରେ ଛୋଟମୋଟ ପରିବର୍ତ୍ତନ ହୋଇଛି। ମାତ୍ର ଏବେ ନୂଆ ନୀତି ଆସିବାକୁ ଯାଉଛି, ଯାହା ଏ ପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ। ଆବଶ୍ୟକତାକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ସଡକ ଦୁର୍ଘଟଣାରେ ୨ ମୃତ
# ଆହତଙ୍କୁ ବଞ୍ଚାଇବାକୁ ଯାଇ ଯୁବକଙ୍କ ପ୍ରାଣଗଲା

ଧର୍ମଶାଳା/ଜେନାପୁର, ୧୩।୧୨(ଡି.ଏନ୍.ଏ.)



ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତାରୋକୋ।

ମୃତ୍ୟୁ ଏମିତି ବି ଆସେ। ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବକଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ଆଉ ଜଣେ ଯୁବକ ଏକ ଟ୍ରକ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ବାଘୁଆ ଛକଠାରେ ଶୁକ୍ରବାର ଅପରାହ୍ଣରେ ଏଭଳି ଘଟଣା ଘଟିଛି। ଏହି ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ରାଜପଥକୁ ଅବରୋଧ କରିଥିଲେ। ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଯାତାୟାତ ସ୍ୱାଭାବିକ କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ଣରେ ସୁକିନ୍ଦା ଅଞ୍ଚଳର ଚନ୍ଦ୍ରଶେଖର ଦ୍ୱିବେଦୀ(୪୨) ବାଇକ ଯୋଗେ ଚଣ୍ଡିଖୋଲ ଦେଇ ଘରକୁ ଫେରୁଥିବା ବେଳେ ବାଘୁଆ ଛକ ନିକଟରେ ଏକ ☞ପୃଷ୍ଠା-୨

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

ଅଡୁଆରେ ଜମ୍ମୁ-କଶ୍ମୀର ବାବୁ

**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ବଳାତ୍କାରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

Taste the difference!
Vencobb FRESH CHICKEN
13.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 85 | 139 | 149 |
| BHM | 86 | 140 | 150 |

*Conditions Apply
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମନୋକ୍ରିଷ୍ଣା ପରିବାରବର୍ଗ | ସ୍ୱାଗତ ପରିବାରବର୍ଗ | ସୋହମ୍ ପରିବାରବର୍ଗ | ଖୁସୀ ପରିବାରବର୍ଗ | ଶୁଭମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ଚଳିତ ବର୍ଷ ନଭେମ୍ବରରେ ଦେଶର ରପ୍ତାନି ଲଗାତର ଭାବେ ୪ ମାସ ଲାଗି ହ୍ରାସ ଘଟି ୨୫.୯୮ ବିଲିୟନ ଡଲାର ରହିଛି।

**-ବାଣିଜ୍ୟ ମନ୍ତ୍ରଣାଳୟ**




ପାଇଲ୍‌ସ ଉପଚାର
ଦେଖନ୍ତୁ ଭିଡିଓ
YouTube /dharitrilive


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରିୟ କଥା କହିବା କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ନିଜ ପରିବେଶରେ ସହମତି ଭିତ୍ତିରେ କାର୍ଯ୍ୟକଲେ ସଫଳତା ପାଇବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। କର୍ମକ୍ଷେତ୍ରରେ ସାଧାରଣ ଭୁଲ୍ ସକାଶେ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ, ସହଯୋଗ ଲାଭ କରିବାରେ ସମର୍ଥ ହେବେ। କିନ୍ତୁ ଦୀର୍ଘଦିନରୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟ ଭଲରେ ଚାଲିବ ମାତ୍ର ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ। ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ।

**ମିଥୁନ** ଆଜିର ଆଲୋଚନା, ସନ୍ତାନଙ୍କ ସମସ୍ୟା, କଥା ଦେଇଥିବା ବନ୍ଧୁଙ୍କ କ୍ଷେତ୍ରରେ ସୁଫଳ ମିଳି ନ ପାରେ। କୌଣସି ବ୍ୟକ୍ତିଙ୍କ ପ୍ରଭାବରେ ପ୍ରଭାବିତ କାମ ସକାଶେ ନିଜକୁ ଅପମାନିତ ହେବାକୁ ପଡ଼ିପାରେ। ଯୁକ୍ତିତର୍କ ଜନିତ ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟକରି ପାରନ୍ତି। କର୍ମକ୍ଷେତ୍ରରେ ବେଶି ସଫଳତା ପାଇବେ।

**କର୍କଟ** ଆଜି ଏକାଧାରରେ ଦୂରଯାତ୍ରା, ବାଣିଜ୍ୟ,ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବିବାଦ ଓ କିଛି ନୂତନ କାମରେ ସଫଳତା ମିଳିବ। ଚେଷ୍ଟା କରୁଥିବା କାମରେ ଟେନ୍‌ସନ କିଛି ମାତ୍ରାରେ କମିଯିବ। ମାତ୍ର ସଭାସମିତିରେ ଅଥବା ଆଲୋଚନାରେ କାହା କଥା ସହ ଅନ୍ୟ କାହାର କଥା ମିଶି ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ପାଲଟିଯାଇପାରେ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାରୁ ବିରୋଧାଭାସ ସୃଷ୍ଟି ହୋଇପାରେ। ସାହିତ୍ୟ,କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାରରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ମଧ୍ୟ ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ। ନିଜର ପାରିପାର୍ଶ୍ୱିକ କ୍ଷେତ୍ରରେ ସାମୂହିକ ଜନକଲ୍ୟାଣକାରକ କାମରୁ ସମ୍ମାନିତ ହେବେ।

**କନ୍ୟା** ହଠାତ୍ କୌଣସି ମିଥ୍ୟା ଗୁଜବ ଉତ୍ତେଜନାମୂଳକ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ପଦସ୍ଥ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କାପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଆଜି ଆପଣଙ୍କର ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ଅଭାବ ନ ଥାଇ ମଧ୍ୟ ସ୍ୱାତୀ ନକ୍ଷତ୍ରର ଅପୂରଣୀୟ ଆଶା ସକାଶେ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା କୌଣସି ସମସ୍ୟା ଦେଖାଦେଇପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟାରୁ ପୁନଶ୍ଚ ଅପରାହ୍ଣରେ ଟେନ୍‌ସନ ବଢ଼ିବା ସୂଚନା ରହିଛି। ପରିସ୍ଥିତିବିଶତଃ ମାତ୍ରାଧିକ ଭ୍ରମଣ କାରଣରୁ କ୍ଳାନ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ ତଥାପି ଆଶାନୁଯାୟୀ ମାନସିକ ପରିତୃପ୍ତି ମିଳି ନ ପାରେ। ନୂତନ କର୍ମାରମ୍ଭ, ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

**ଧନୁ** ପୂର୍ବ ପରିକଳ୍ପିତ ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରି ଏକ ପ୍ରକାର ଖୁସି ହେବେ। ଅତୀତର ବିବାଦୀୟ ଘଟଣାର ଫଳାଫଳ ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ଆର୍ଥିକ ଉନ୍ନତି, ସାମାଜିକ ପ୍ରଗତି, ପାଖ ପଡ଼ୋଶୀଙ୍କ ସହୃଦୟତା ଓ ସହକର୍ମୀଙ୍କ ସୌଜନ୍ୟତାରୁ ମନ ଖୁସି ରହିବ।

**ମକର** ନିଜ ପରିବାର ସଦସ୍ୟଙ୍କ ସହ ତିକ୍ତ ସମ୍ପର୍କ ଓ ବିଜାତୀୟ ବ୍ୟକ୍ତିଙ୍କ ସହ ମୈତ୍ରକୁ କେନ୍ଦ୍ରକରି ସମସ୍ୟା ଦେଖାଦେଇପାରେ। ଆଲୋଚନା ପରିସରରେ ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିପାରେ। ଆଶା କରିଥିବା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିପାରେ।

**କୁମ୍ଭ** ପରିବାରର ଆବଶ୍ୟକ ନୂତନ ଜିନିଷ କ୍ରୟକରିବା ସକାଶେ ମନ ବଳାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା କାର୍ଯ୍ୟସାଧିତ ହୋଇପାରିବ। କର୍ମକ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ବୁଦ୍ଧିମାନର କାମ ହେବ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ,ଆଶାନୁଯାୟୀ ପ୍ରାପ୍ୟ ପାଇବାରେ ଅସୁବିଧା ରହିବ ନାହିଁ।

**ମୀନ** ସମସ୍ୟା ସମାଧାନ କରିବା ଦିଗରେ ଅବହେଳା କରିବେ, କିନ୍ତୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାକୁ ଆମନ୍ତ୍ରଣ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, ମାତ୍ର ଏଥିସକାଶେ ବହୁ ବାକ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡ଼ିବ। ବୈଷୟିକ ଜିନିଷକୁ କେନ୍ଦ୍ରକରି କୌଣସି ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ।

ଆଜି ପୌଷ କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ଶନିବାର, ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୭ମି. ଗତେ ଘ୮।୫୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୫୯ମି. ଗତେ ଘ୧୦।୨୦ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆହତଙ୍କୁ ବଞ୍ଚାଇବାକୁ...

ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେ ମୁମୂର୍ଷୁ ଅବସ୍ଥାରେ ବାଇକ ଉପରେ ପଡ଼ି ଛଟପଟ ହେଉଥିବାବେଳେ ସେହି ରାସ୍ତା ଦେଇ କବାଟବନ୍ଧ ଅଞ୍ଚଳର ଅଜୟ ବେହେରା(୪୬) ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଯୁବକଙ୍କୁ ଦେଖି ସେ ବାଇକରୁ ଓହ୍ଲାଇ ରାସ୍ତା କଡ଼ରେ ଛିଡାହୋଇ ଆମ୍ବୁଲାନ୍ସକୁ ଫୋନ କରୁଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ (ନଂ.ଓଆର ୦୯-ଜି-୭୫୧୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଜୟଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଚନ୍ଦ୍ରଶେଖରଙ୍କୁ ଗୁରୁତର ଅବସ୍ଥାରେ ଡୁବୁରୀସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଓ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ନିର୍ବାଚନ ଜିତିଲେ ବ୍ରିଟିଶ ...

ବ୍ରିଟେନରେ ଏକ ନୂଆ ସକାଳ ଆରମ୍ଭ ହୋଇଛି। ବ୍ରେକ୍‌ଜିଟକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂରହୋଇଛି। ତାଙ୍କ ପ୍ରତି ଦେଶବାସୀ ଦେଖାଇଥିବା ଆସ୍ଥାକୁ ସେ କଦାପି ବ୍ୟର୍ଥ ହେବାକୁ ଦେବେନାହିଁ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ କହିଛନ୍ତି।

# ଷ୍ଟାର୍ଟଅପ୍‌ରେ ଓଡ଼ିଶା ଶ୍ରେଷ୍ଠ

**ରାଜ୍ୟର ଅଭିବୃଦ୍ଧି ୮୪%**

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ସଫଳତା ଦେଖିବାକୁ ମିଳୁଛି। ୨୦୧୮ରେ ଓଡ଼ିଶା ଜାତୀୟ ସ୍ତରରେ ଷ୍ଟାର୍ଟଅପ୍ ପାଇଁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ୨୦୧୫-୧୬ରେ ରାଜ୍ୟରେ ଷ୍ଟାର୍ଟଅପ୍ ଆରମ୍ଭ ହୋଇଥିଲା। ୨୦୧୭-୧୮ ବେଳକୁ ଏଥିରେ ୮୪ ପ୍ରତିଶତ ବୃଦ୍ଧି ଘଟିଛି। ଏହି ସମୟରେ ଦେଶର ଷ୍ଟାର୍ଟଅପ୍ ଅଭିବୃଦ୍ଧି ହାର ମାତ୍ର ୬୨ ପ୍ରତିଶତ ରହିଛି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ପୁଞ୍ଜିନିବେଶ କରିବାକୁ କମ୍ପାନୀଗୁଡିକୁ ଆକୃଷ୍ଟ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ବିଭାଗଗୁଡିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାର୍ଟଅପ୍ ଫଣ୍ଡ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ରାଜ୍ୟରେ ୫୦୦ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୭ ପ୍ରତିଶତ ୨୦୧୭ ଓ ଏହା ପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ମହିଳା ଷ୍ଟାର୍ଟଅପ୍ ଥିବା ସଚିବ ସୂଚନା ଦେଇଛନ୍ତି। ଷ୍ଟାର୍ଟଅପ୍‌କୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ଟ,ଏନଆଇଆଇଟି, କିଟ୍, ଆଇଆଇଟି ଭୁବନେଶ୍ୱର ଏବଂ ରବିଶଙ୍କର ୟୁନିଭର୍ସିଟିରେ ଇନ୍‌କ୍ୟୁବେଟର ସେଣ୍ଟର ସ୍ଥାପନ କରାଯାଇଛି। ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ୧ ହଜାର ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଓଡ଼ିଶା ଷ୍ଟାର୍ଟଅପ୍ ନୀତିରେ ଲକ୍ଷ୍ୟ ରଖାଯାଇଛି। ଆବଶ୍ୟକତା ଅନୁସାରେ ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ପାଣ୍ଠିକୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶର୍ମା ସୂଚନା ଦେଇଥିଲେ।

### ରୋଗ ଯନ୍ତ୍ରଣା ଅସହ୍ୟ ହେଲା

# ନିଜକୁ ଜାଳିଦେଲେ ଯୁବକ

ରାଇରଙ୍ଗପୁର,୧୩।୧୨(ଡି.ଏନ୍.ଏ.) - ରୋଗ ଯନ୍ତ୍ରଣା ଅସହ୍ୟ ହେଲା। ଶେଷରେ ଜୀବନ ହାରି ଦେବାକୁ କଠୋର ନିଷ୍ପତ୍ତି ନେଲେ ଯୁବକ। ନିଜକୁ ଜାଳି ଦେଇ ସବୁଦିନ ପାଇଁ ନିଃଶେଷ ହୋଇଗଲେ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ସୁନାପୋଷି ଗ୍ରାମରେ। ପଡ଼ୋଶୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୁନାପୋଷି ଗ୍ରାମର ରବୀନ୍ଦ୍ର ତାମୁଡିଆ(୪୦) ଦୀର୍ଘଦିନ ହେବ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରିବାରରେ ଅନ୍ୟ କେହି ନ ଥିବାରୁ ସେ ଗାଁ ମୁଣ୍ଡ ଏକ କୁଡ଼ିଆ ଘରେ ଏକାକୀ ରହୁଥିଲେ। ଶୁକ୍ରବାର ଅପରାହ୍ଣ ୩ଟାରେ ଘର ଭିତରେ ସେ ପୋଡ଼ି ହୋଇ ଗୁରୁତର ହୋଇ ପଡ଼ିଥିବା ପଡ଼ୋଶୀ ଲୋକେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ କେଉଁ ରୋଗରେ ପୀଡ଼ିତ ଥିଲେ ତାହା ସ୍ପଷ୍ଟ ହୋଇ ନାହିଁ। ତିରିଂ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୩/୧୯) ରୁଜୁ ହୋଇଛି।


# classifieds Everyday 0674-2580101, 2549302

**real estate**

**SALE**

Gharabari boundary plot Infocity-2 near 200ft. road side. Direct owner-8144391451. D-68429

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

Yellow zone gharabari plots Jharapada, Tankapani road Sai Temple eastfacing plots available booking, Simplex near B.J.E.M-(2) 15,80,000/, 7735738102. D-15708

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-15714

Flats for sale at DHPL Crystal Raghunathpur. Contact: 9937059891, 8908292617. D-15713

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9439163430, 9692712917. D-68449

2800sqft. gharabari plots immediately sale at Bomikhal, Bhubaneswar, only buyer directly contact Deepak- 9937329999. D-68038

4/5 BHK Duplex with Gated Community at Balianta (Land-1400 & Construction- 2200 @ 60,00,000 / 2600 @ 70,00,000) and Residential Land at Jaanla- 750/- Balianta- 900/-, Andilo- 1200/-, Aiims- 1650/-, Rudrapur- 1750/-,Raghunathpur- 2200/- Mplanets: 9938219397, 9861022055 D-15711

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**construction**

Construct your building as per your terms and condition. Contact: 9937064680. D-27284

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-15712

Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

1300sqft. independent house for office/ guesthouse at Pragati Enclave Chandrasekharpur. Contact: 09437165036. D-68628

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68527

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Ayurvedic full body massage ladies & gents smart therapist, 9668814589. D-68723

Male therapist full body massage with relax, BBSR. Contact: 8328868891, D-15718

**AFFIDAVIT**

By virtue of an affidavit sworn before the Notary Public, Kesinga, Kalahandi I, Soubhagya Monjari Bag, W/o- Narendra Tandi, R/o- Vill- Digsira, PO-Sirjapali, Dist-Kalahandi declare that the name of Soubhagyamonjari Bag, Saubhagya Manjari Tandi and Soubhagya Monjari Bag is one and same person. D-15715

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକମାନେ।

**ଭୁବନେଶ୍ୱର/ ବାଲେଶ୍ୱର ଅଫିସ ୧୩।୧୨ (ବ୍ୟୁରୋ)**

**ହରିଦ୍ୱାର-ଋଷିକେଶକୁ ଯାତ୍ରା**
- ବାଲେଶ୍ୱରରୁ ଯାତ୍ରା ଆରମ୍ଭ
- ୯୭୦ ଯାତ୍ରୀଙ୍କ ସହ ୩୦ ଏସ୍କର୍ଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ବାଲେଶ୍ୱର ଷ୍ଟେଶନରୁ ତୀର୍ଥଯାତ୍ରୀ ଦଳ ହରିଦ୍ୱାର-ଋଷିକେଶ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଇଆରସିଟିସି ସହଯୋଗରେ ୨୦୧୬ରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଯାବତ୍ ୧୨ଟି ତୀର୍ଥଯାତ୍ରୀ ଦଳ ଦେଶର ବିଭିନ୍ନ ପ୍ରମୁଖ ତୀର୍ଥସ୍ଥଳ ବୁଲି ଦେଖିବାର ସୁଯୋଗ ପାଇଛନ୍ତି।

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲାର ୯୭୦ ଯାତ୍ରୀ ଚଳିତଥର ଯାତ୍ରା କରିଛନ୍ତି। ସେମାନଙ୍କ ସହାୟତା ଲାଗି ୩୦ ଜଣ ଏସ୍କର୍ଟ ଅଫିସର ଯାଇଛନ୍ତି। ଲୋକସେବା ଭବନରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ପର୍ଯ୍ୟଟନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁରୂପଭାବେ ବାଲେଶ୍ୱର ରେଳ ଷ୍ଟେସନରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ତୀର୍ଥଯାତ୍ରୀମାନଙ୍କ ଶୁଭକାମନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସମ୍ପିତ ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଷ୍ଟେଶନରେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ରେଳ ବିଭାଗର ଆଇଆରସିଟିସି ସହଯୋଗରେ ଆୟୋଜିତ ଯାତ୍ରାରେ ତୀର୍ଥଯାତ୍ରୀମାନେ ଯାତ୍ରା ଶେଷ କରି ଆସନ୍ତା ୧୮ ତାରିଖରେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ବିଭିନ୍ନ ଜିଲାରୁ ଆସିଥିବା ବସ୍ ଯୋଗେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀ ସମସ୍ତ ଯାତ୍ରୀମାନଙ୍କ ଶୁଭ ମନାସିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଏପରି ବ୍ୟବସ୍ଥା କରାଯାଇଥିବାରୁ ତୀର୍ଥଯାତ୍ରୀମାନେ ସନ୍ତୋଷ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୧୬ରୁ ଏଯାବତ୍ ୧୨,୦୦୦ ବରିଷ୍ଠ ନାଗରିକ ଭ୍ରମଣର ସୁଯୋଗ ପାଇଛନ୍ତି। ଚଳିତ ଆର୍ଥିକବର୍ଷରେ ଆଉ ୩ଟି ଦଳ ବ୍ରହ୍ମପୁରରୁ ରାମେଶ୍ୱର-ମଦୁରାଇ(ଜାନୁୟାରୀ ୨୦୨୦), ସମ୍ବଲପୁରରୁ ଆଗ୍ରା-ମଥୁରା-ବୃନ୍ଦାବନ(ଫେବୃୟାରୀ ୨୦୨୦) ଏବଂ ଭୁବନେଶ୍ୱରରୁ ଆଲ୍ଲାହାବାଦ-ବନାରସ(ଫେବୃୟାରୀ ୨୦୨୦) ଅଭିମୁଖେ ଯାତ୍ରା କରିବେ।

# ରାଜସ୍ୱ ପ୍ରଶାସନରେ ଅଦଳବଦଳ

**ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ):** ରାଜ୍ୟର ରାଜସ୍ୱ ସେବା କ୍ଷେତ୍ରରେ କାର୍ଯ୍ୟରତ ଅଫିସର ସ୍ତରରେ ଶୁକ୍ରବାର ବ୍ୟାପକ ଅଦଳବଦଳ କରାଯାଇଛି। ବିଭାଗୀୟ ବିଜ୍ଞପ୍ତି ନଂ. ୩୯୮୭୪ ଅନୁଯାୟୀ ୧୫ ଜଣ ଅଧିକାରୀଙ୍କ ବଦଳି କରାଯାଇଛି। ସେହିପରି ବିଭାଗୀୟ ବିଜ୍ଞପ୍ତି ନଂ. ୩୯୮୮୫ ଅନୁଯାୟୀ ୮୫ ଅଧିକାରୀଙ୍କ ବଦଳି ହୋଇଛି। ଏହି ଅଧିକାରୀଙ୍କ ମଧ୍ୟରେ ସବ୍‌କଲେକ୍ଟର, ଅତିରିକ୍ତ ତହସିଲଦାର, କୋର୍ଟ ଅଫିସର, ଭୂ-ଅଧିକାରୀ ରହିଛନ୍ତି।









ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଅଡୁଆରେ ଜମ୍ମୁ-କଶ୍ମୀର ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦିଙ୍କ ଶାସନରେ ବାବୁମାନେ ଦିଲ୍ଲୀରେ କାମ କରିବାକୁ ଦିନକୁ ଦିନ ଅଧିକ ବିମୁଖ ହେବା ଭଳି ଜଣାପଡୁଛନ୍ତି। ବାସ୍ତବରେ ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ରୀୟ ପ୍ରତିନିଯୁକ୍ତି (ଡେପୁଟେଶନ)ରେ ସବୁଠୁ କମ୍ ସଂଖ୍ୟକ ଆଇଏଏସ୍ ଅଧିକାରୀ ନିଯୁକ୍ତି ପାଇଛନ୍ତି ବୋଲି ସରକାର ସ୍ୱୀକାର କରିଥିବା ଏହି ସ୍ତମ୍ଭରେ ୧୬ ନଭେମ୍ବରରେ ପ୍ରକାଶ ପାଇଥିଲା। ଏହି ଧାରାକୁ ବଦଳାଇବା ଲାଗି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ କୁହାଯାଇଛି ଯେ, ବାଧ୍ୟତାମୂଳକଭାବେ ବାର୍ଷିକ ସ୍ଥାବର ସମ୍ପତ୍ତି ରିଟର୍ନ ଦାଖଲ କରୁ ନ ଥିବା ତଥା ୧୦ ବର୍ଷ ଚାକିରି କରିବା ପରେ ୫ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ ଯିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ତାକୁ ଗ୍ରହଣ କରୁ ନ ଥିବା ଆଇଏଏସ୍ ଅଧିକାରୀଙ୍କ ଏମ୍ପ୍ୟାନେଲମେଣ୍ଟ ଓ ପଦୋନ୍ନତି ବନ୍ଦ କରାଯିବ। ଏହା ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ବାବୁମାନଙ୍କୁ ଅଡୁଆରେ ପକାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଆଗରୁ ଜମ୍ମୁ-କଶ୍ମୀରରେ ବାବୁମାନେ କେବେ ବି ଏହି ନିୟମକୁ ଗୁରୁତ୍ୱ ଦେଇନାହାନ୍ତି। ସମ୍ପ୍ରତି ୧୯ ଜଣ ଆଇଏଏସ୍ ଓ ୧୬ ଜଣ ଆଇପିଏସ୍ ଅଧିକାରୀ ସେମାନଙ୍କ ସ୍ଥାବର ସମ୍ପତ୍ତି ସମ୍ପର୍କରେ ଘୋଷଣା କରିନାହାନ୍ତି। ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ଯେଉଁମାନେ ସ୍ଥାବର ସମ୍ପତ୍ତି ଘୋଷଣା କରିନାହାନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି କମିଶନର/ସଚିବ ସ୍ତରର ୪ ଜଣ ଅଧିକାରୀ ଏବଂ ଜମ୍ମୁ-କଶ୍ମୀରର ବିଭିନ୍ନ ଜିଲାରେ ଉପାୟୁକ୍ତ ଭାବେ କାର୍ଯ୍ୟ କରୁଥିବା ୪ ଜଣ ଅଧିକାରୀ। କାର୍ମିକ ମନ୍ତ୍ରଣାଳୟ ଆଇଏଏସ୍ ଅଧିକାରୀମାନେ ସେମାନଙ୍କର ସ୍ଥାବର ସମ୍ପତ୍ତିର ରିଟର୍ନ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଏବେ ଏକ ନୂଆ ପରିପତ୍ର ଜାରି କରିଛି। ଜାନୁୟାରୀ ୩୧ ସୁଦ୍ଧା ଏହା କରି ନ ପାରିଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଦେଇଛି ମନ୍ତ୍ରଣାଳୟ।

### ଖେମ୍‌କାଙ୍କୁ ପୁଣି ବଦଳି

ହରିୟାଣା ଆଇଏଏସ୍ ଅଧିକାରୀ ତଥା ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କା ବାବୁ ମହଲରେ ଜଣେ ଅଲଗା ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଖେମ୍‌କାଙ୍କର ୨୮ ବର୍ଷ ଚାକିରି ମଧ୍ୟରେ ତାଙ୍କୁ ୫୩ ଥର ବଦଳି କରାଯାଇଛି। ଏହା ବାସ୍ତବରେ ଏକ ରେକର୍ଡ, ଯାହା ବହୁଦିନ ଯାଏ ଅପରିବର୍ତ୍ତିତ ରହିବ। ଯଦିଓ ଖେମ୍‌କା ତାଙ୍କ ଅସନ୍ତୋଷ ବିଷୟରେ ଟୁଇଟ୍ କରିବା ବ୍ୟତୀତ ଏବେ ସୁଦ୍ଧା ତାଙ୍କର ଏଭଳି ଅଚାନକ ବଦଳି ବାବଦରେ ପ୍ରତିକ୍ରିୟା ଦେଇନାହାନ୍ତି, ତାଙ୍କ ସିଭିଲ ସର୍ଭିସ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ବିଭାଗର ବହୁ ପଦରେ ରହିଛନ୍ତି। ୧୯୯୧ ବ୍ୟାଚ୍‌ର ଏହି ଅଧିକାରୀ ଭୂମି ପ୍ରଶାସନ, ଗୃହ ନିର୍ମାଣ, ଏଡ୍‌ସ ନିୟନ୍ତ୍ରଣ, ଅର୍ଥ, ଗ୍ରାମ୍ୟ ଉନ୍ନୟନ, ଯୋଜନା, ମତ୍ସ୍ୟ, ଯୋଗାଣ, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଭଳି ଅନେକ ବିଭାଗରେ କାର୍ଯ୍ୟ କରିଛନ୍ତି। ଏବେ ତାଙ୍କୁ ବିଜ୍ଞାନ ଓ ପ୍ରୌଦ୍ୟୋଗିକ ବିଭାଗରୁ ଅଭିଲେଖାଗାର ବିଭାଗକୁ ବଦଳି କରାଯାଇଛି। ୨୦୧୨ରେ ଖେମ୍‌କା ଚକବନ୍ଦୀ ବିଭାଗର ମୁଖ୍ୟ ଭାବେ ଥିବାବେଳେ ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଲ୍ୟାଣ୍ଡ ଡିଲ୍‌କୁ ରଦ୍ଦ କରିଦେବା ପରେ ତାଙ୍କର ଏହି ଯାଯାବର କ୍ୟାରିୟର ଚର୍ଚ୍ଚାକୁ ଆସିଥିଲା। ତାଙ୍କୁ ହଟାଇବା ପୂର୍ବରୁ ସେ ଏହି ପଦରେ ମାତ୍ର ୩ ମାସ ରହିଥିଲେ। ରାଜ୍ୟରେ ଯେଉଁ ସରକାର କ୍ଷମତାରେ ରହନ୍ତୁ ନା କାହିଁକି ଖେମ୍‌କା କ୍ରମାଗତ ଭାବେ ରାଜନେତାଙ୍କ ଆକ୍ରୋଶର ଶିକାର ହୋଇଆସୁଛନ୍ତି।

### ବିପଦରେ କ୍ଷେତ୍ରାଧିକାର

ମୋଦି ସରକାର 'ସ୍ୱର୍ଗରେ ଜନ୍ମିତ' ବାବୁମାନଙ୍କୁ ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି। ସରକାର ବରିଷ୍ଠ ପଦପଦବୀରେ ଆଇଏଏସ୍ ଅଧିକାରୀଙ୍କ ଦଖଲକୁ କୋହଳ କରିଚାଲିଛନ୍ତି। ଯେଉଁ ପଦବୀଗୁଡ଼ିକୁ ଦଶନ୍ଧି ଦଶନ୍ଧି ଧରି ନିଜର 'କ୍ଷେତ୍ରାଧିକାର' ବୋଲି ଆଇଏଏସ୍ ବାବୁମାନେ ମନେ କରିଆସିଛନ୍ତି ସେଠାରେ ଅନ୍ୟାନ୍ୟ ସେବାର ଅଧିକାରୀମାନଙ୍କୁ ସରକାର ନିଯୁକ୍ତି ଦେଉଛନ୍ତି। ନିକଟରେ ସରକାର ୪ ଜଣ ଅଣ-ଆଇଏଏସ୍ ବାବୁଙ୍କୁ ସଚିବ କିମ୍ବା ସଚିବ ତୁଲ୍ୟ ପଦଗୁଡିକରେ ଅବସ୍ଥାପିତ କରିବା ପାଇଁ ତାଲିକାଭୁକ୍ତ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଦୀର୍ଘଦିନ ଯାଏ ଆଇଏଏସ୍ ବାବୁଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ସୃଷ୍ଟି କରିଚାଲିବ। ଏପର୍ଯ୍ୟନ୍ତ କେବଳ ଆଇଏଏସ୍ ବାବୁମାନଙ୍କୁ ସଚିବସ୍ତରୀୟ ପଦରେ ନିଯୁକ୍ତି ପାଇଁ ତାଲିକାଭୁକ୍ତ କରାଯାଇ ଆସୁଥିଲା, ଯଦିଚ ଅନ୍ୟ ଗ୍ରୁପ୍ ଏ ସେବା ଅଧିକାରୀମାନଙ୍କୁ ସେମାନଙ୍କ ନିଜ କ୍ୟାଡରରେ ଥିବା ଶୀର୍ଷ ପଦବୀ ଦିଆଯାଇଛି। ତେବେ ଏହି ଅଧିସୂଚନା ପ୍ରକାଶ ମାଧ୍ୟମରେ ମୋଦି ସରକାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, 'ସ୍ୱର୍ଗରେ ଜନ୍ମିତ' ବାବୁମାନଙ୍କୁ ତଥା ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ 'କ୍ଷେତ୍ରାଧିକାର'କୁ ମାନିବା ଲାଗି ସରକାର ବାଧ୍ୟ ନୁହନ୍ତି। ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ୪ ଜଣ ଅଣ-ଆଇଏଏସ୍ ଅଧିକାରୀ ହେଲେ ଇଣ୍ଡିଆନ ଅଡିଟ ଆଣ୍ଡ୍ ଆକାଉଣ୍ଟସ୍ ସେବାର ପ୍ରେମ କୁମାର କଟାରିୟା, ଭାରତୀୟ ବନ ସେବାର ପ୍ରଶାନ୍ତ କୁମାର, ଭାରତୀୟ ରାଜସ୍ୱ ସେବା ଅଧିକାରୀ ସଞ୍ଜୟ କୁମାର ମିଶ୍ର ଏବଂ ଶେଫାଳି ଶାହ। ମିଶ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ମୁଖ୍ୟ ରହିଥିବାବେଳେ ଶାହ ଖାଉଟି ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଅଛନ୍ତି। ସେହିଭଳି ପ୍ରଶାନ୍ତ କୁମାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଓ କଟାରିୟା ବୟନଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଛନ୍ତି। ବାସ୍ତବରେ ଏହା ହେଉଛି ସବ୍‌କା ସାଥ୍, ସବ୍‌କା ବିକାଶ।

Email: dilipcherian@gmail.com

# ସା ବିଦ୍ୟା ଯା ନିଯୁକ୍ତୟେ



ଡ. ପବିତ୍ର ସୁବୁଦ୍ଧି

ସମଗ୍ର ଭାରତବର୍ଷରେ ସମ୍ପ୍ରତି ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ବିତର୍କ ଜାରି ରହିଥିବା ବେଳେ ଗୋଟିଏ ରୋଚକ ପ୍ରସଙ୍ଗ ମୋର ସ୍ମରଣକୁ ଆସେ। କିଛିଦିନ ତଳେ ଜଣେ ଲେଖକ ମୟୂରଭଞ୍ଜର କେତେକ ସାନ୍ତାଳ ଗାଁ ଦେଖିବାକୁ ଯାଇଥିଲେ। ଗାଁର ଅନେକ ପିଲା ପାଠ ପଢିବାକୁ ସ୍କୁଲ ନ ଯାଇ ଘରପାଖ ପଡିଆରେ ଖେଳୁଥିଲେ। ଏହା ଦେଖି ଲେଖକ ଜଣକ ଜଣେ ଅଶୀବର୍ଷର ବୁଢୀକୁ ପଚାରିଲେ- ତୁମେ ତମ ନାତିନାତୁଣୀଙ୍କୁ ସ୍କୁଲ ପଠାଉନାହଁ କାହିଁକି। ବୁଢୀ ଜଣକ ଫଁ କରି ଗର୍ଜିଉଠି ଲେଖକଙ୍କୁ ପଚାରିଲା- ସ୍କୁଲ? କେଉଁ ସ୍କୁଲ କଥା କହୁଛ? ଯେଉଁଠି ମାଟ୍ରିକ ପାସ କଲେ ପିଲା ଯାଇ ବାରିପଦାରେ ରହିବ, ବି.ଏ. ପାସ୍ କଲେ ଭୁବନେଶ୍ୱରରେ ଘର କରି ରହିବ? ସେଇ ସ୍କୁଲକୁ ମୋ ପିଲାଙ୍କୁ ପଠେଇବାକୁ କହୁଛ। ଆମର ଦରକାର ନାହିଁ ସେ ପାଠ, ଯେଉଁ ପାଠ ଆମ ପିଲାଙ୍କୁ ଆମଠାରୁ ଦୂରେଇ ଦଉଛି। ବୁଢୀର ଉତ୍ତରରେ ନିର୍ବାକ୍ ହୋଇଗଲେ ଲେଖକ ଜଣକ। ପାଠକେ! ଆମ ଶିକ୍ଷା ବ୍ୟବସ୍ଥା ଯେ ସମାଜକୁ ଭାଙ୍ଗିବା ପାଇଁ, ଯୋଡିବା ପାଇଁ ନୁହେଁ, ଏ ବିଷୟରେ ବୁଢୀର ସଚେତନତା ବୋଧହୁଏ ଆମ ଭିତରେ ନାହିଁ।

ଏବେ ଦେଶବ୍ୟାପୀ ଅସଂଖ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଗଣିତ ଶିକ୍ଷକ ଓ ଶିକ୍ଷାର୍ଥୀ। ଶିକ୍ଷାର ଉନ୍ନତି ପାଇଁ ବହୁ ଯୋଜନା ଓ ଅଭିଯାନ। ଏହା ସତ୍ତ୍ୱେ ସମ୍ପ୍ରତି ଭାରତରେ ସାକ୍ଷରତା ହାର ଶତକଡା ୭୪ ଭାଗ। ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି ଅନୁସାରେ ୨୦୨୫ ସୁଦ୍ଧା ଶତ ପ୍ରତିଶତ ସାକ୍ଷରତା ହାସଲ ପାଇଁ ଆମର ଲକ୍ଷ୍ୟ ରହିଛି। ମାତ୍ର ବିଡମ୍ବନା ହେଲା ଏହା ଯେ ଲୌକିକ ଅର୍ଥରେ ସାକ୍ଷରଙ୍କ ସଂଖ୍ୟା ତ ବଢିବ, କିନ୍ତୁ ଶିକ୍ଷିତଙ୍କ ସଂଖ୍ୟା ବଢିବ କି? ଶିକ୍ଷାର ଅସଲ ଲକ୍ଷ୍ୟ ସାଧିତ ହେବ କି? ଆଜି ଶିକ୍ଷା କହିଲେ ଆମେ ଯାହା ବୁଝୁ, ସେ ଅର୍ଥରେ ତ ସାକ୍ଷରଙ୍କ ସଂଖ୍ୟାରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି, ମାତ୍ର ଆମର ସାମାଜିକ ନିରାପତ୍ତା, ମାନସିକ ସ୍ୱାସ୍ଥ୍ୟ, ଶାନ୍ତି ଓ ସ୍ୱାଚ୍ଛନ୍ଦ୍ୟର ମାତ୍ରାରେ ଉନ୍ନତି ହେବାର କୌଣସି ଆଶା ନାହିଁ। ଆଜି ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକ ଏକପ୍ରକାର ଶିଳ୍ପରେ ପରିଣତ ହୋଇଛି। ଏହି ଶିଳ୍ପ ଶିକ୍ଷିତ ନାମରେ ଯାହା ଉତ୍ପାଦନ କରୁଛି, ତାହା ପ୍ରାୟତଃ ଏକ ବୈଚିତ୍ର୍ୟହୀନ ଯାନ୍ତ୍ରିକ ପ୍ରାଣୀ। ସେ ପ୍ରାଣୀର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟ ହେଲା, ଯେନତେନପ୍ରକାରେଣ ଅଜସ୍ର ଅର୍ଥ ଉପାର୍ଜନ କରିବା ଓ ସେ ଅର୍ଥ ବଳରେ ସୁଖର ମରୀଚିକା ପଛରେ ଧାବମାନ ହୋଇ ଦିନେ ସୂର୍ଯ୍ୟାସ୍ତ ବେଳେ ଟଲଷ୍ଟୟଙ୍କ ବିଖ୍ୟାତ କାହାଣୀ ଦୁଇଗଜ ଜମିର ପାହୋମ୍ ଚରିତ୍ର ଭଳି ସ୍ୱୟଂ ଅସ୍ତମିତ ହେବା। ହାୟ! ଏହା ହିଁ ହେଉଛି ଆମ ଆଧୁନିକ ଶିକ୍ଷାର ଅନ୍ତିମ ପରିଣତି।

ଏଣୁ ଆଜିର ଏ ଆଧୁନିକ ଶିକ୍ଷାକୁ ବିଦ୍ୟାର ପ୍ରତିଶବ୍ଦ ଭାବେ କେବେ ବି ଗ୍ରହଣ କରାଯାଇପାରେନା। ବିଦ୍ୟାର ଏକମାତ୍ର ଓ ଅନତିକ୍ରମ୍ୟ ସଂଜ୍ଞା ହେଲା 'ସା ବିଦ୍ୟା ଯା ବିମୁକ୍ତୟେ'। ସିଏ ହେଉଛି ବିଦ୍ୟା ଯାହା ମାନବକୁ ମୁକ୍ତି ପ୍ରଦାନ କରେ। ଜୀବନକୁ ମାର୍ଜିତ ଓ ରୁଚିବନ୍ତ କରେ। ଅଜ୍ଞାନ ଅନ୍ଧକାରକୁ ଅପସାରିତ କରି ଜ୍ଞାନାଲୋକରେ ଜୀବନର ମାର୍ଗକୁ ଆଲୋକିତ କରେ। ଆଜିର ଶିକ୍ଷା ତାହା ଆମକୁ ପ୍ରଦାନ କରିଛି କି? ବରଂ ଆଜିର ଶିକ୍ଷା ଆମକୁ ଅଧିକରୁ ଅଧିକ ବନ୍ଧନ ଭିତରକୁ ଠେଲି ଦେଉଛି। ପ୍ରଚଳିତ ଧାରଣାରେ ଆମେ ଶିକ୍ଷା କହିଲେ ବୁଝିଛୁ, ସାକ୍ଷରତାଠାରୁ ଆରମ୍ଭ କରି ପାଠ୍ୟକ୍ରମରେ ସିଦ୍ଧି, କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ବା ଜୀବିକା ନିର୍ବାହ ନିମନ୍ତେ କୌଣସି ଏକ ମାର୍ଗରେ ତାଲିମପ୍ରାପ୍ତି। କିନ୍ତୁ ଏହା ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ନୁହେଁ। ଜ୍ଞାନ-ସମୃଦ୍ଧ ପ୍ରାଚୀନ ଭାରତରେ ସାକ୍ଷରତା ବିନା ବି ବିଦ୍ୟାଲାଭ କରାଯାଇପାରୁଥିଲା। ବେଦ-ବେଦାନ୍ତ ଯୁଗରେ ବିଦ୍ୟାର୍ଥୀ ନିମନ୍ତେ ତା'ର ସ୍ମୃତିପଟ ହିଁ ଥିଲା ତା'ର ପୁସ୍ତକ। ସେତେବେଳେ ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ଥିଲା ମନୁଷ୍ୟକୁ ସର୍ବପ୍ରକାର ମାନବିକ ଗୁଣରେ ମଣ୍ଡିତ କରିବା ଓ ନୈତିକତାରେ ପରିପୁଷ୍ଟ କରି ଆତ୍ମିକ, ସାମାଜିକ ଓ ରାଷ୍ଟ୍ରୀୟ ଚିନ୍ତନରେ ଉଦ୍‌ବୁଦ୍ଧ କରିବା। କିନ୍ତୁ ଆଜିର ଶିକ୍ଷା କେବଳ ଐହିକ ଉଦରପୂର୍ତ୍ତିର ସାଧନ ମାତ୍ର ପାଲଟିଛି। ପ୍ରତିବର୍ଷ ଆମର ଶିକ୍ଷାୟତନଗୁଡିକ ଯେଉଁ କର୍ମଦକ୍ଷତାଶୂନ୍ୟ ଉପାଧିଧାରୀ ଯୁବକଯୁବତୀମାନଙ୍କୁ ସୃଷ୍ଟି କରୁଛନ୍ତି ସେମାନଙ୍କର ମାନସିକ, ଶାରୀରିକ, ଆତ୍ମିକ ତଥା ନୈତିକ ଶକ୍ତିର ପରିପୂର୍ଣ୍ଣ ବିକାଶର ଦ୍ୱାର ଅବରୁଦ୍ଧ। ଏହି ଶିକ୍ଷା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉଦଣ୍ଡତା, ଅନୁଶାସନହୀନତା ଓ ଚରିତ୍ରହୀନତାର ପ୍ରସାର କରୁଛି। ବିଦ୍ୟାର୍ଥୀମାନଙ୍କ ପ୍ରାଣରୁ ଉଚ୍ଚାଭିଳାଷ ଓ ବହୁ ଶାସ୍ତ୍ରଦର୍ଶୀ ଜଣେ ପ୍ରଜ୍ଞାଶୀଳ ବ୍ୟକ୍ତି ହେବାର ପ୍ରବଣତାକୁ ନଷ୍ଟ କରି ଚାଲିଛି। ଏହି ଜାତୀୟ ଦୁର୍ଗତିରୁ ନିସ୍ତାର ପାଇବାକୁ ହେଲେ ଆମର ଜାତୀୟ ଶିକ୍ଷାନୀତିରେ ସଂଶୋଧନ ଲୋଡା। ଆଧୁନିକ ଶିକ୍ଷା ବର୍ଷ ବର୍ଷ ଧରି କେବଳ ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ପ୍ରଶାସକ ଓ ବୈଜ୍ଞାନିକ ଇତ୍ୟାଦି ସୃଷ୍ଟି କରିଚାଲିଛି। ଆମକୁ ବୈଷୟିକ ଜ୍ଞାନରେ ଭରପୂର କରିଦେଇଛି। କିନ୍ତୁ ଉଚ୍ଚାଙ୍ଗ ଆଦର୍ଶର ଠିକଣା ଦେଇପାରିନି। ଭଲ ମଣିଷଟିଏ ଗଢିବାର ଭିତ୍ତିଭୂମି ପ୍ରତିଷ୍ଠା କରିପାରିନି।


କିଏ ଜଣେ କହିଥିଲେ- ମଣିଷ ମହାନ୍ ହେବା ପାଇଁ ତିନିଟି ଜିନିଷ ଲୋଡା। ପୁରୁଷର ମସ୍ତିଷ୍କ, ନାରୀର ହୃଦୟ ଓ ଶିଶୁର ମନ। ଯେଉଁ ସମୟରେ କୋମଳମତି ଶିଶୁଟିଏ ସ୍କୁଲକୁ ଆସେ କିମ୍ବା ନବଯୁବକଟିଏ ମହାବିଦ୍ୟାଳୟରେ ପାଦଦିଏ, ସେମାନେ ଦୁଇଟି ଜିନିଷ ସାଥୀରେ ଧରି ଆସିଥାନ୍ତି। ଗୋଟିଏ ହେଲା ମସ୍ତିଷ୍କ ଓ ଅନ୍ୟଟି ହେଲା ହୃଦୟ। ବିଦ୍ୟାଳୟ, ମହାବିଦ୍ୟାଳୟରେ ଯେତେ ପାଠ୍ୟକ୍ରମ ଅଛି, ସେ ସବୁ ହୁଏତ ବିଦ୍ୟାର୍ଥୀର ମସ୍ତିଷ୍କକୁ ତୀକ୍ଷ୍ଣ କରିବାରେ ସକ୍ଷମ ହୋଇଛି। ମାତ୍ର ତା'ର ହୃଦୟକୁ ସ୍ପର୍ଶ କରିପାରିନାହିଁ। ଅପରପକ୍ଷରେ ତା'ର ଶାନ୍ତ ସରଳ ମନ ଭିତରେ ପ୍ରତିଦ୍ୱନ୍ଦ୍ୱିତାର ନିଶା ପ୍ରବେଶ କରାଇ, ତା'ର ଶୈଶବର ମୃତ୍ୟୁ ଘଟାଇ, ଏକ ରାକ୍ଷସର ଆବିର୍ଭାବ ତା'ର ହୃଦୟ ମଧ୍ୟରେ ସୃଷ୍ଟି କରାଉଛି। ସେଇଥିପାଇଁ କୋମଳମତି ଶିଶୁଟିଏ ଯିଏ ଜନମାନସକୁ ଠିକ୍ ଭାବେ ଚିହ୍ନିନାହିଁ, ସେ ମଧ୍ୟ ବିଦ୍ୟାଳୟକୁ ବମ୍ ଏବଂ ଭୁଜାଲି ଭଳି ମାରଣାସ୍ତ୍ର ଆଣି ସାଙ୍ଗସାଥୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। ଏହାର କାରଣ କ'ଣ?

ଏକଥା ନିଶ୍ଚିତ ସତ୍ୟ ଯେ ଶିଶୁ ହୃଦୟର ବିକାଶ ପାଇଁ ଆମ ପାଠ୍ୟକ୍ରମରେ କିଛି ବ୍ୟବସ୍ଥା ନାହିଁ। ଶିଶୁଟିଏ ଭଲ ଇଞ୍ଜିନିୟର କିମ୍ବା ଭଲ ଡାକ୍ତର ହେବା ପୂର୍ବରୁ କିପରି ଜଣେ ଭଲ ମଣିଷ ହେବ, ତାହା ଯଦି ଶିଖନ୍ତା, ଆଜି ଏ ସମାଜର ଏପରି ଅଧଃପତନ ହୁଅନ୍ତା ନାହିଁ। ଆପଣମାନେ ଜାଣନ୍ତି, ଜାପାନ ହେଉଛି ବିଶ୍ୱର ଏକମାତ୍ର ରାଷ୍ଟ୍ର, ଯେଉଁଠାର ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ କେବଳ ସଦ୍‌ବ୍ୟବହାର ଶିକ୍ଷା ଦିଆଯାଇଥାଏ। ସେଇଥିପାଇଁ ଜାପାନୀମାନେ ଏତେ ନମ୍ର ଓ ଭଦ୍ର। ବର୍ତ୍ତମାନ ଆମ ଭାରତୀୟ ପାଠ୍ୟକ୍ରମରେ ସାହିତ୍ୟ, ସଂସ୍କୃତି, ସଙ୍ଗୀତ, କଳା, କବିତା, ଯୋଗ, ପ୍ରାଣାୟମ, ବ୍ୟାୟାମ ଓ ସର୍ବୋପରି ନୈତିକ ଶିକ୍ଷା ଆଦି ସାମିଲ କରାଯାଇ ଶିକ୍ଷା ପ୍ରଦାନ କରାଗଲେ, ବିଦ୍ୟାର୍ଥୀ ହୃଦୟର ବିକାଶ ହୋଇପାରନ୍ତା। ଏକ ଅନ୍ତଃସାରଶୂନ୍ୟ ଶିକ୍ଷା ବ୍ୟବସ୍ଥା ଓ ବିପର୍ଯ୍ୟସ୍ତ ଶ୍ରେଣୀଗୃହକୁ ନେଇ ଭାରତବର୍ଷ ଏବେ ପୃଥିବୀର ସର୍ବଶ୍ରେଷ୍ଠ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି। କେବଳ ନଭଶ୍ଚୁମ୍ବୀ ପ୍ରାସାଦ ଓ ଅତ୍ୟାଧୁନିକ କଳକାରଖାନା ଗଢି ଦେଶଟାକୁ ଚିମ୍‌ନି ଧୂଆଁରେ ଭରିଦେଲେ ଦେଶ ସଭ୍ୟ ଓ ଉନ୍ନତ ହୋଇଯାଏନା। ଦେଶ ଉନ୍ନତ ହୁଏ ଲୋକମାନଙ୍କର ମାନସିକ ପୁଷ୍ଟିରେ, ନୈତିକ ବିକାଶରେ ଓ ଆଧ୍ୟାତ୍ମିକ ଜାଗରଣରେ। ଏଥିପାଇଁ ଅର୍ଥବାଦୀ ଶିକ୍ଷା ବଦଳରେ ଜୀବନବାଦୀ ଶିକ୍ଷା ଲୋଡା।

ଏକଥା ସତ୍ୟ ଯେ ଯେଉଁଦିନ ପର୍ଯ୍ୟନ୍ତ ଆମ ଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ଥିବ, ସେ ପର୍ଯ୍ୟନ୍ତ ଆମ ଶିକ୍ଷା ବ୍ୟବସ୍ଥା କେବଳ ଚାକର ସୃଷ୍ଟି କରି ଚାଲିଥିବ। ମାଲିକ ନୁହେଁ। ଆଉ ସେଇଦିନ ପର୍ଯ୍ୟନ୍ତ ବିଦ୍ୟାର ଏକମାତ୍ର ଓ ଅନତିକ୍ରମ୍ୟ ସଂଜ୍ଞା 'ସା ବିଦ୍ୟା ଯା ବିମୁକ୍ତୟେ' ସମୟର ଗଡ୍ଡଳିକା ପ୍ରବାହରେ ରୂପାନ୍ତରିତ ହୋଇ 'ସା ବିଦ୍ୟା ଯା ନିଯୁକ୍ତୟେ'ରେ ପରିଣତ ହୋଇ ସାରିଥିବ।

ନୀଳମାଧବ କଲେଜ, କଣ୍ଟିଲୋ, ମୋ-୯୪୩୭୫୧୭୯୭୮

# ଶକ୍ତି ସଂରକ୍ଷଣ ଓ ଆମ ଦାୟିତ୍ୱ



ଇଂ. ମାୟାଧର ସ୍ୱାଇଁ

ଶକ୍ତି ହେଉଛି ଏକ ଅତ୍ୟାବଶ୍ୟକ ଆନୁଷଙ୍ଗିକ ବସ୍ତୁ। ସମସ୍ତ ପ୍ରକାର ଶକ୍ତି ମଧ୍ୟରେ ସହଜ ଓ ସୁବିଧାରେ ବ୍ୟବହାର ହୋଇପାରିବା ଭଳି ଶକ୍ତି ହେଉଛି ବିଦ୍ୟୁତ୍। ଦେଶର ଅର୍ଥନୈତିକ ବିକାଶ ସହିତ ଲୋକମାନଙ୍କର ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ଅଧିକ। ଆଧୁନିକ ଯୁଗରେ ଘରର ଅଧିକାଂଶ ଯନ୍ତ୍ରପାତି ହେଉଛି ବିଦ୍ୟୁତ୍‌ଚାଳିତ। କମ୍ପ୍ୟୁଟର, ଇଣ୍ଟରନେଟ ଆଦି ସୂଚନା ପ୍ରଯୁକ୍ତିର ପ୍ରସାରଣ ପାଇଁ ଏହା ଜରୁରୀ। ଅନେକ ଅର୍ଥନୀତିଜ୍ଞ କୌଣସି ଦେଶର ବିକାଶ ସ୍ତର ଆକଳନ କରିବା ସମୟରେ ସେହି ଦେଶର ବାର୍ଷିକ ଜଣ ପିଛା ବିଦ୍ୟୁତ୍ ଖର୍ଚ୍ଚକୁ ହିସାବକୁ ନେଇଥାଆନ୍ତି। ଉଦାହରଣସ୍ୱରୂପ ବିକଶିତ ଦେଶଗୁଡିକରେ ଜଣ ପ୍ରତି ବାର୍ଷିକ ହାରାହାରି ୧୫୦୦୦ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର ହେଉଥିବା ବେଳେ ଆମ ଦେଶରେ ଏହା ହେଉଛି ୧୧୮୦ ୟୁନିଟ୍। ଦେଶରେ ବିଦ୍ୟୁତ୍‌ର ଅଧିକ ବ୍ୟବହାର ପାଇଁ ଅଧିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ପଡିବ ଏବଂ ଏଥିପାଇଁ ଅଧିକ ପୁଞ୍ଜିନିବେଶ କରିବାକୁ ହେବ। ଆମର ମୁଖ୍ୟ ଶକ୍ତି ଉତ୍ସଗୁଡିକ ମଧ୍ୟରେ କୋଇଲା, ପେଟ୍ରୋଲିୟମ୍ ତୈଳର ପରିମାଣ ହେଉଛି ଅଧିକ। ଏଗୁଡିକର ପରିମାଣ ସୀମିତ ଏବଂ କିଛିବର୍ଷ ପରେ ଏହା ନିଃଶେଷ ହୋଇଯିବ। ସେହିପରି ଏହି ଜୀବାଶ୍ମ ଇନ୍ଧନର ଦହନ ଫଳରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେଉଛି। ପୃଥିବୀର ତାପମାତ୍ରା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ପାଇଁ ଏହାକୁ ମୁଖ୍ୟତଃ ଦାୟୀ କରାଯାଇଥାଏ। ପ୍ୟାରିସ୍ ଚୁକ୍ତି ଅନୁଯାୟୀ ଭାରତ ୨୦୩୦ ମସିହା ସୁଦ୍ଧା ଏହାର କାର୍ବନ ନିର୍ଗମନକୁ ୨୦୦୫ ମସିହାର ନିର୍ଗମନଠାରୁ ୩୦ରୁ ୩୫ ପ୍ରତିଶତ ହ୍ରାସ କରିବା ପାଇଁ ପ୍ରତିବଦ୍ଧ ଅଛି। ଆମର ବ୍ୟବହୃତ କୋଇଲାର ୮୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହୋଇଥାଏ। ଏଣୁ ଆମକୁ ଏହା ଉପରେ ଅଧିକ ନିର୍ଭର ନ କରି ଅକ୍ଷୟଶକ୍ତି ଉତ୍ସ ଉପରେ ନିର୍ଭର କରିବାକୁ ପଡିବ।

ଗୋଟିଏ ଦିଗରେ ଆମର ବିଦ୍ୟୁତ୍ ନିହାତି ଦରକାର ଓ ଏହାର ଚାହିଦା ପ୍ରତିବର୍ଷ ବଢୁଛି ଏବଂ ଅନ୍ୟ ଦିଗରେ ଏହା ପରିବେଶର କ୍ଷତି କରୁଛି। ଏହି କାରଣରୁ ଆମକୁ ଶକ୍ତି ସଂରକ୍ଷଣ କରିବା ନିହାତି ଦରକାର। ବିଦ୍ୟୁତ୍‌ର ସୁବିନିଯୋଗ କରିବା ଏବଂ ଅପବ୍ୟବହାରକୁ ବନ୍ଦ କରିବା ହେଉଛି ଶକ୍ତି ସଂରକ୍ଷଣ। ଏହାର ଅର୍ଥ ନୁହେଁ ଯେ ଆବଶ୍ୟକ ଥାଇ କମ୍ ବିଦ୍ୟୁତ୍ ବ୍ୟବହାର କରିବା। କମ୍ ବିଦ୍ୟୁତ୍ ବ୍ୟବହାର କରି ସମାନ କାମ କରିବା ହେଉଛି ଶକ୍ତି ସଂରକ୍ଷଣ। ଶକ୍ତି ସଂରକ୍ଷଣର ଦୁଇଟି ଦିଗ ହେଉଛି, ବିଦ୍ୟୁତ୍ ଶକ୍ତିର ଅପବ୍ୟବହାରକୁ ବନ୍ଦ କରି ଏହାକୁ ସଞ୍ଚୟ କରିବା ଏବଂ ଅଧିକ ଦକ୍ଷତା ସହ ଏହାକୁ ବ୍ୟବହାର କରି କମ୍ ବିଦ୍ୟୁତ୍ ଖର୍ଚ୍ଚ କରିବା। ଉଭୟ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଓ ଗ୍ରାହକମାନଙ୍କ ପାଇଁ ଏହାର ଗୁରୁତ୍ୱ ରହିଛି। ଅଧିକ ଦକ୍ଷ ବିଦ୍ୟୁତ୍ ଯନ୍ତ୍ରପାତି ଓ ଆଲୋକବତି

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ

ବ୍ୟବହାର କଲେ କମ୍ ବିଦ୍ୟୁତ୍ ବିଲ୍ ଆସିବ ଏବଂ ବିଦ୍ୟୁତ୍ ଯୋଗାଣ ସଂସ୍ଥା ପାଇଁ ମଧ୍ୟ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇବା ସହଜ ହେବ।

ଘରେ ବିଦ୍ୟୁତ୍‌ର ମୁଖ୍ୟ ବ୍ୟବହାର ହେଉଛି ଆଲୋକ। ଦିନବେଳେ ବିଦ୍ୟୁତ୍ ଆଲୋକ ବ୍ୟବହାର ନ କରି ସୂର୍ଯ୍ୟାଲୋକର ଉପଯୁକ୍ତ ବିନିଯୋଗ କରିବା ଉଚିତ। ଏଥିପାଇଁ ଗୃହ ନିର୍ମାଣର ଡିଜାଇନ ଏପରି ହେବା ଉଚିତ, ଯେପରି ଘରେ ଯଥେଷ୍ଟ ପରିମାଣର ସୂର୍ଯ୍ୟାଲୋକ ପହଞ୍ଚିପାରିବ। ଗୋଟିଏ ୬୦ ୱାଟ୍‌ର ସାଧାରଣ ବତି ଯେତିକି ଆଲୋକ ଦେଇଥାଏ, ୮ ୱାଟ୍‌ର ଗୋଟିଏ ଏଲ୍‌ଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ଏଣୁ କେବଳ ଏଲଇଡି ବତି ବ୍ୟବହାର ହେବା ଉଚିତ। ଟ୍ୟୁବ୍ ଲାଇଟ୍‌ରେ ଗତାନୁଗତିକ ବିଦ୍ୟୁତ୍ ଚୁମ୍ବକୀୟ ଚୋକ୍ ବଦଳରେ ଆଧୁନିକ ଇଲେକ୍‌ଟ୍ରୋନିକ୍ ଚୋକ୍ ବ୍ୟବହାର କଲେ ବିଦ୍ୟୁତ୍ ଶକ୍ତି କମ୍ ଖର୍ଚ୍ଚ ହୋଇଥାଏ। ଘରେ କେହି ନ ଥିବା ବେଳେ ବତି, ପଙ୍ଖା ଓ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରକୁ ବନ୍ଦ କରିଦେବା ଉଚିତ। ସାଧାରଣ ଓଭେନ୍ ଅପେକ୍ଷା ମାଇକ୍ରୋୱେଭ୍ ଓଭେନ୍‌ରେ ଅଳ୍ପ ମାତ୍ରାର ଖାଦ୍ୟ ରନ୍ଧନ ନିମନ୍ତେ ପ୍ରାୟ ୫୦ ପ୍ରତିଶତ କମ୍ ଇନ୍ଧନ ଖର୍ଚ୍ଚ ହୋଇଥାଏ। ରେଫ୍ରିଜରେଟର ଭିତରର ତାପମାତ୍ରା ଅତିକମ୍ ଧାର୍ଯ୍ୟ କରିବା ଠିକ୍ ନୁହେଁ। ଆବଶ୍ୟକତାଠାରୁ ଅଧିକ ଥଣ୍ଡା କରିବା ଦ୍ୱାରା ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଅନେକ ସମୟରେ ରାତି ପାହିବାର ଅନେକ ସମୟ ପର୍ଯ୍ୟନ୍ତ ରାସ୍ତା ଆଲୋକ ଜଳୁଥାଏ। ଏହାକୁ ବନ୍ଦ କରିବାର ଦାୟିତ୍ୱ ଥିବା ବ୍ୟକ୍ତି ଜଣକ ବେଳେବେଳେ ଭୁଲି ଯାଇଥାଆନ୍ତି। ଏଣୁ ସକାଳ ହେଲେ ଆପେ ଆପେ ବନ୍ଦ ହୋଇଯିବା ପାଇଁ ଏଥିରେ ଆଲୋକ ସଂବେଦୀ (ଫଟୋ ସେନ୍‌ସର) ଲଗାଯିବା ଉଚିତ। ଦେଶରେ କୃଷି ପାଇଁ ପ୍ରାୟ ୨୦ ନିଯୁତ ପମ୍ପ ପ୍ରତିଷ୍ଠା କରାଯାଇଛି। ଏଗୁଡିକ ବାର୍ଷିକ ୧୫୦ ବିଲିୟନ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରିଥାଆନ୍ତି। ଉପଯୁକ୍ତ ମରାମତି ଅଭାବ ଏବଂ ଠିକ୍ ପମ୍ପ୍ ଓ ମୋଟର ବ୍ୟବହାର ନ ହେବାରୁ ଯେତିକି ବିଦ୍ୟୁତ୍ ଖର୍ଚ୍ଚ ହେବା କଥା, ତା'ଠାରୁ ୫୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେଉଛି। କଳକାରଖାନାରେ ୮୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍‌କୁ ମୋଟର ବ୍ୟବହାର କରିଥାଏ। ଜଣାଯାଇଛି ଯେ, ଅଧିକାଂଶ ମୋଟରକୁ ଏହାର କ୍ଷମତାର ପ୍ରାୟ ଅଧା ପର୍ଯ୍ୟନ୍ତ ବ୍ୟବହାର କରାଯାଉଛି। ଏହି କ୍ଷେତ୍ରରେ ମୋଟରଗୁଡିକର ଦକ୍ଷତା କମ୍ ହୋଇଥାଏ ଏବଂ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରିଥାଏ।

ଶକ୍ତି ସଂରକ୍ଷଣ ଦ୍ୱାରା ବ୍ୟକ୍ତିଗତ ଭାବେ ଏବଂ ସାମୂହିକ ଭାବେ ଦେଶର ଅନେକ ଉପକାର ହୋଇଥାଏ। ଶକ୍ତି ଉତ୍ପାଦନ ଅପେକ୍ଷା ଶକ୍ତି ସଂରକ୍ଷଣ ହେଉଛି ଶସ୍ତା। ଅନ୍ୟଅର୍ଥରେ କହିଲେ, ଏହା ହେଉଛି ବିନା ଇନ୍ଧନରେ ସବୁଜ ଶକ୍ତି ପ୍ରଦାନ ସହ ସମାନ। ଏହାକୁ 'ବିନା ଖର୍ଚ୍ଚରେ ବିଦ୍ୟୁତ୍ ଉତ୍ପାଦନ' କୁହାଯାଏ। ପୁନଶ୍ଚ ଏହାଦ୍ୱାରା ଆମର ପ୍ରାକୃତିକ ସମ୍ପଦ ସଞ୍ଚୟ ହେବା ସହିତ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ।

ଭାରତ ସରକାର ୨୦୦୧ରେ ଶକ୍ତି ସଂରକ୍ଷଣ ଆଇନ-୨୦୦୧କୁ କାର୍ଯ୍ୟକାରୀ କରିଛନ୍ତି। ଦକ୍ଷତା ସହକାରେ ଶକ୍ତି ବ୍ୟବହାର ଏବଂ ଏହାର ସଂରକ୍ଷଣ କରିବା ହେଉଛି ଏହାର ଉଦ୍ଦେଶ୍ୟ। କେବଳ ସରକାରୀ ଚେଷ୍ଟା ନୁହେଁ, ଦେଶର ପ୍ରତ୍ୟେକ ନାଗରିକ ଏହାକୁ ଗମ୍ଭୀର ଭାବେ ବିଚାର କରି ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ଉଚିତ। ଏଥିପାଇଁ ଜନ ସଚେତନତା ନିହାତି ଜରୁରୀ।

ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ଆଦିବାସୀ ମହିଳା କୃଷିରେ ନୂଆ କୌଶଳ ପ୍ରୟୋଗ କରି ଗାଁରେ ପୂରା ଚାଷ ପଦ୍ଧତିକୁ ବଦଳାଇ ଦେଇଛନ୍ତି। ଆଦିବାସୀବହୁଳ ଡିଣ୍ଡୋରି ଜିଲାର ଏକ ଛୋଟ ଗାଁରେ ରହନ୍ତି ବୈଗା ସମ୍ପ୍ରଦାୟର ମହିଳା ଉଜିୟାରୀ ବାଈ। ସେ ୫ମ ଶ୍ରେଣୀ ଯାଏ ପଢିଛନ୍ତି। ତାଙ୍କ ଚାଷ ପଦ୍ଧତି ଶିଖିବା ଲାଗି ଦକ୍ଷିଣ ଆଫ୍ରିକା ଓ ଫିଲିପାଇନ୍ସ ଭଳି ଦେଶ ତାଙ୍କୁ ଆମନ୍ତ୍ରିତ କରିଛି। ଡିଣ୍ଡୋରୀର କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ଟେକ୍‌ନିକାଲ ଅଧିକାରୀଙ୍କ ମୁତାବକ ଉଜିୟାରୀ ଫସଲରେ ପାଣି ଦେବା ଲାଗି ବନ୍ଧ ବାନ୍ଧିଛନ୍ତି ଓ ପାଣି ଦେବାର ଭିନ୍ନ କୌଶଳ ଆପଣାଇଛନ୍ତି। ସ୍ୱତନ୍ତ୍ର କୁଣ୍ଡରେ ସେ ଜିଆଖତ ପ୍ରସ୍ତୁତ କରୁଛନ୍ତି। ଜୈବିକ ଉପାୟରେ ଶସ୍ୟ ଉତ୍ପାଦନ କରିବା ସହ ମଞ୍ଜି ସଂଗ୍ରହ କରୁଛନ୍ତି। ମଞ୍ଜିକୁ ଜୈବିକ ଉପାୟରେ ବିଶୋଧନ ବି କରୁଛନ୍ତି। ଉଜିୟାରୀଙ୍କ ପିଲାଦିନ ଦାରିଦ୍ର୍ୟରେ କଟିଥିଲା। ଉଜିୟାରୀ କୁହନ୍ତି ତାଙ୍କ ପାଖରେ ଜମି ଥିଲା, ଗାଁକୁ ଲାଗି ଜଙ୍ଗଲ ବି ଥିଲା। କିନ୍ତୁ ଗାଁ ଲୋକ ମଜୁରିଆ ଭାବେ ଦିନ କାଟୁଥିଲେ। ୨୦୦୮ରେ ଉଜିୟାରୀ ବାଈ ଡିଣ୍ଡୋରୀ କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ଜାଣି ପାରି ଗାଁ ଲୋକମାନଙ୍କୁ ନେଇ ସେଠାରେ ପହଞ୍ଚି ଚାଷ ପ୍ରଣାଳୀ ଶିଖିଥିଲେ। ଏହାପରେ ଏହି ଟେକ୍‌ନିକ ଗାଁ ଲୋକଙ୍କୁ ଶିଖାଇଥିଲେ। ଉଜିୟାରୀ କେବଳ ଚାଷ ଭିତରେ ବାନ୍ଧି ହୋଇ ନାହାନ୍ତି, ସେ ଜଙ୍ଗଲ ସଂରକ୍ଷଣ ମଧ୍ୟ କରୁଛନ୍ତି। ଜଙ୍ଗଲ ନଷ୍ଟ କରୁଥିବା ଲୋକଙ୍କୁ ସଚେତନ କରୁଛନ୍ତି। କୃଷିରେ ଏହି ସଫଳତା ଲାଗି ୨୦୧୯ରେ ଜବଲପୁରସ୍ଥିତ ଜବାହରଲାଲ ନେହେରୁ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି।

### ଚିରନ୍ତନୀ

ସେ ରୁଧିର ଆଉ ରୋଧିବାକୁ କା'ର ଶକତି କୁହ
ଆରେ ନିର୍ଲ୍ଲଜ ନିର୍ମମ ଜାତି, ପୋଛରେ ଲୁହ!
(ରକ୍ତ-ସ୍ରୋତ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୪


- ରିସାଂ କେଇ ସିଂ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।
- ରାଷ୍ଟ୍ରପତି ସର୍ବକ୍ଷମା ପ୍ରଦାନ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ବୀରାପ୍ପାନ ଏବଂ ତା'ର ଦଳ ଆତ୍ମସମର୍ପଣ କରିବ ବୋଲି ସେ ପ୍ରକାଶ କରିଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | E | | D | 9 | 3 | 4 | | | 5 |
| | | | | 2 | | | | | | | 8 | 4 | B | |
| | | 2 | | | C | | 6 | | | | | | | |
| | | | | | 3 | | 5 | | A | | E | D | | |
| | | | | 5 | | | | | | | 0 | 7 | 1 | C |
| | | | | E | | 9 | 0 | | C | | | | | B |
| | A | | | | | | | 4 | | 5 | | E | 6 | |
| | E | 5 | 7 | | D | | B | | 0 | | 6 | | | 8 |
| | | | C | A | | | | 8 | | 9 | | | | |
| | | B | | | | | | 7 | 4 | | | 5 | | 1 |
| | | | B | D | A | | | 6 | | 1 | | | | |
| D | 9 | | E | 4 | | 7 | | | | | 5 | 2 | | |
| | | E | | | | C | 9 | 0 | | 6 | | 8 | A | |
| | 7 | | 8 | | | 4 | A | 3 | B | | | | | |
| 8 | | | | 6 | | | | | | | C | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ହେଉ

ମହାଶୟ,

ପିଆଜ ଦର ୭୦ରୁ ୨୦୦ ଟଙ୍କା ଯାଏ ବଢ଼ିଲା। କିଛି ଥିଲାବାଲା କିଣିଲେ ତ ଅନ୍ୟମାନେ ଅଳ୍ପ କିଣିଲେ ବା କିଣିଲେନି। ବେପାରୀ ୫ରୁ ୧୦ ଟଙ୍କା ଭିତରେ ଚାଷୀଙ୍କଠୁ କିଣିଥିଲେ। ଏବେ ଏତେ ଟଙ୍କାରେ ବିକିବାର କାରଣ କ'ଣ? ତାଙ୍କର ସାଇତି ରଖିବା ବା ରକ୍ଷଣାବେକ୍ଷଣରେ କ'ଣ ଏତେ ଖର୍ଚ୍ଚ ହୋଇଗଲା? ନା, ଅମଳବେଳେ ୫-୧୦ରେ କିଣି ଚାଷୀଙ୍କୁ ଶୋଷିଥିଲେ, ଏବେ ନିଅଣ୍ଟ ଅବସ୍ଥା ଦେଖି ମହଜୁଦ କରି ସେମାନେ ଲାଭ ମାରିଲେ ଓ ଖାଉଟିଙ୍କୁ ଶୋଷଣ କଲେ। ସରକାର ନିଦାବିଷ୍ଟ। ଚାଷୀ ଅବସ୍ଥା ଯେମିତିକୁ ସେମିତି। ତେଣୁ ସରକାର କମ୍ପାନୀ ଜିନିଷ ପରି ସବୁ କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ।

ତ୍ରିଲୋଚନ ସାହୁ, ବୁଗୁଡ଼ା, ଗଞ୍ଜାମ

### ଗାନ୍ଧୀ ଆଦର୍ଶ କେବଳ ଭାଷଣରେ

ସଭା, ସମିତି, ଦିବସ ପାଳନ, ଆଲୋଚନାଚକ୍ର ଆଦିରେ ଆମେ ସୀମିତ। ହେଲେ ମୂଳ କଥାଟି ପ୍ରତି ଶ୍ରଦ୍ଧା ବା ନିଷ୍ଠା ନ ଥାଏ। ଏଇ ଯେମିତି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ। ତାଙ୍କର ଯେଉଁ ଭଲ ଗୁଣ ପାଇଁ ସେ ଦେଶ ଓ ବିଦେଶରେ ପରିଚିତ ତା'ର ପ୍ରତିଫଳନ ଆମଠାରେ ହୋଇଛି କି? ରାଜନୈତିକ ଦଳଠାରୁ ଆରମ୍ଭକରି କ୍ଷୁଦ୍ର ସଂଗଠନ ପର୍ଯ୍ୟନ୍ତ ସବୁଠି ତାଙ୍କ ଟୋପି, ପୋଷାକ ଓ ଫଟୋ ବ୍ୟବହାର କରାଯାଉଛି। ବାପୁଜୀ ନିଜର ପ୍ରଦର୍ଶିତ ଫଟୋଗୁଡିକୁ ଦେଖି କହିଥିଲେ- ଏ ସବୁକୁ ହଟାଇଦିଅ। ପାରୁଛ ଯଦି ହୃଦୟରେ ସ୍ଥାନ ଦିଅ। କାହିଁ ତାଙ୍କର ନୀତି, ଆଦର୍ଶ? ମରଣମୁଖୀ କେତେଜଣ ବୃଦ୍ଧାବୃଦ୍ଧଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେବଳ ନିର୍ଦ୍ଦିଷ୍ଟ ଦିନରେ ହିଁ ତାଙ୍କୁ ମନେପକାନ୍ତି। ତାଙ୍କର ଉତ୍ସବ ପାଳନ ସହ ବାସ୍ତବତା ପ୍ରତି ଧ୍ୟାନ ଦେଲେ ତାଙ୍କ ପ୍ରତି ଉଚିତ ସମ୍ମାନ ହେବ ଓ ପରିକଳ୍ପିତ ସ୍ୱରାଜ ଏବଂ ରାମରାଜ୍ୟ ପ୍ରାପ୍ତ ହେବ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆସାମ ଆନ୍ଦୋଳନ ପାଇଁ ୩ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଆସାମ ଓ ପଶ୍ଚିମବଙ୍ଗରେ ଚାଲିଥିବା ଆନ୍ଦୋଳନ ଓ ରେଳରୋକୋ ପାଇଁ ୩ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ବେଙ୍ଗାଲୁରୁ କ୍ୟାଣ୍ଟ-ଅଗରତାଲା ହମସଫର୍ ଏକ୍ସପ୍ରେସ(୧୨୫୦୩)କୁ ଶୁକ୍ରବାର ବାତିଲ କରାଯାଇଛି। ଡିବ୍ରୁଗଡ଼-କନ୍ୟାକୁମାରୀ ଏକ୍ସପ୍ରେସ(୧୫୯୦୬) ଡିସେମ୍ବର ୧୪ ଓ କନ୍ୟାକୁମାରୀ-ଡିବ୍ରୁଗଡ଼(୧୫୯୦୬) ଆସନ୍ତା ୧୯ତାରିଖରେ କନ୍ୟାକୁମାରୀରୁ ବାତିଲ୍ କରାଯାଇଛି। ଅପରପକ୍ଷେ ଡିବ୍ରୁଗଡ଼-ତାମ୍ବରମ ଏକ୍ସପ୍ରେସ(୧୫୯୩୦) ଆସନ୍ତା ୧୬ତାରିଖରେ ଡିବ୍ରୁଗଡ଼ ପରିବର୍ତ୍ତେ ଗୁଆହାଟୀରୁ ଯାତ୍ରା ଆରମ୍ଭ କରିବ।



## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସୁଜିତ ଭଞ୍ଜ


ସୁଶ୍ରୀ ସସ୍ମିତା ରଣା


ଆଦିତ୍ୟଦେବ ମହାପାତ୍ର


ସୁଦୀପ୍ତା ପଟ୍ଟନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ରାଜ୍ୟରେ ସିଏବି, ଏନ୍ଆରସି ଲାଗୁ ହେବା ପ୍ରସଙ୍ଗ

# ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ପାର୍ଲାମେଣ୍ଟରେ ନିକଟରେ ନାଗରିକତ୍ୱ ସଂଶୋଧନ ବିଧେୟକ(ସିଏବି)-୨୦୧୯ ଗୃହୀତ ହୋଇଯାଇଛି। ଏହି ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ମିଳିସାରିଛି। ସେହିପରି ଜାତୀୟ ନାଗରିକ ପଞ୍ଜିକା(ଏନ୍ଆରସି) ସାରା ଦେଶରେ ଲାଗୁ ହେବା ନେଇ ମଧ୍ୟ କେତେକ କେନ୍ଦ୍ରୀୟ ନେତା ବକ୍ତବ୍ୟ ଦେଇଛନ୍ତି। ଏହା ଦ୍ୱାରା ଦେଶରେ ବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ(ବିଶେଷ ଭାବେ ମୁସ୍‌ଲିମ) ପ୍ରଭାବିତ ହେବେ ବୋଲି ଆଶଙ୍କା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର କେତେକ ସଂଖ୍ୟାଲଘୁ ପ୍ରତିନିଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇଛନ୍ତି।

ଭଦ୍ରକ ଏବଂ ଏହାର ଆଖପାଖ ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡିଛି। ଏହି ପ୍ରତିନିଧିମାନେ ମୁଖ୍ୟତଃ ଏନ୍ଆରସି ଲାଗୁ ନେଇ ଭୟଭୀତ ରହିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପରେ ଚଉଦ ମହଲା ମୁସଲିମ୍ ଜମାତ ମୁଖ୍ୟ ମହମ୍ମଦ ଅବଦୁଲ ବରୀ କହିଛନ୍ତି ଯେ, ପିଢି ପରେ ପିଢି ଆମ୍ଭେମାନେ ଓଡ଼ିଶାରେ ରହିଆସିଛୁ। ସିଏବି ଏବଂ ଏନ୍ଆରସିକୁ ନେଇ ଯାହା ବି କିଛି ଶଙ୍କା ରହିଛି, ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସକାରାତ୍ମକ ମତ ରଖିଛନ୍ତି। ରାଜ୍ୟରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସେହିପରି ରାଜ୍ୟରେ ହିନ୍ଦୁ-ମୁସଲିମ୍ ସୌହାର୍ଦ୍ଦ୍ୟ ଯେପରି ପୂର୍ବପରି ଅକ୍ଷୁଣ୍ଣ ରହିବ, ସେ ନେଇ ସରକାର ସବୁ ସମୟରେ ସମ୍ବେଦନଶୀଳ ବୋଲି କୁହାଯାଇଛି। ସେହିପରି ଜମାତର ଅନ୍ୟ ଜଣେ ସଦସ୍ୟ ଜାମିଲ୍ ଅହମ୍ମଦ ଖାନ୍ କହିଛନ୍ତି ଯେ, ସିଏବି ପାର୍ଲାମେଣ୍ଟରେ ଗୃହୀତ ହେବା ସହ ଏନ୍ଆରସି କଥା ଉଠୁଛି। ଦୀର୍ଘଦିନ ଧରି ଅସୁବିଧାରେ ଚଳୁଥିବା କେତେକ ଲୋକ କେଉଁଠୁ ପ୍ରମାଣପତ୍ର ଆଣିବେ। ଏସବୁ କଥା ଉଠିଲେ ଶରଣାର୍ଥୀ ଶିବିର କାହାଣୀ ମନକୁ ଆସୁଛି। ତେଣୁ ସଂଖ୍ୟାଲଘୁ ସମ୍ପ୍ରଦାୟରେ ଭୟ ରହିଛି। ସେମାନେ ତାଙ୍କର ଅସୁବିଧା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଥିବା ଖାନ୍ କହିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ଅତୁଟ ରଖିବା ପାଇଁ ସମସ୍ତେ ବଦ୍ଧପରିକର। ସଂଖ୍ୟାଲଘୁ ସମ୍ପ୍ରଦାୟ ସେମାନଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ସେମାନଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ, ତାହା ପ୍ରତି ସରକାର ଯତ୍ନଶୀଳ ବୋଲି ସଞ୍ଜୀବ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାକ୍ଷାତ ସମୟରେ ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ୍ ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଭଦ୍ରକରୁ ଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ନବୀନଙ୍କୁ ଭେଟିଲେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତିନିଧି**

# ସାରଥି ଆଶ୍ରମକୁ ଇଡି ନୋଟିସ

**ଡେରାବିଶ, ୧୩।୧୨ (ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ବାରିମୂଳ ସାରଥି ଆଶ୍ରମ ପରିସରରେ ଦ୍ୱିତୀୟଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଏନ୍‌ଫୋର୍ସମେଣ୍ଟ ଡିରେକ୍ଟୋରେଟ୍) ପକ୍ଷରୁ ଶୁକ୍ରବାର ନୋଟିସ ଲଗାଯାଇଛି। ଜୁଲାଇ ୨୭ରେ ଏହି ଆଶ୍ରମ ସମ୍ମୁଖରେ ଏକ ନୋଟିସ ବୋର୍ଡ ଲଗାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ୨୦୧୭ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ସାରଥି ମାମଲା (ଓସି ନଂ- ୭୨୮/ ୧୭)ରେ ଜବତ ହୋଇଥିବା ୨୬ ପ୍ଲଟର ୩ ଏକର ୪୨ ଡିସିମିଲ ଜମି ଉପରେ ସର୍ବସାଧାରଣଙ୍କ ଯାତାୟାତକୁ ରୋକ ଲଗାଯାଇଛି । ଶୁକ୍ରବାର ଅପରାହ୍ନରେ ପୂର୍ବ ନୋଟିସ ନିକଟରେ ଅନ୍ୟ ଏକ ନୋଟିସ ଲଗାଯାଇ ଏଥିରେ ଗରାପୁର ମୌଜାର ଏକ ପ୍ଲଟକୁ ସାମିଲ କରାଯାଇଛି । ଗରାପୁରରେ ଥିବା ଖାତା ନଂ ୬୪୦ ପ୍ଲଟ ନଂ ୭୮୨ର ଏହି ୪୫ ଡିସିମିଲ ଜମିକୁ କଟକ ପୌରାଞ୍ଚଳ ଲାଲବାଗର ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ମାଲିକାନାରେ ଥିବା ଦର୍ଶାଯାଇଛି । ସୂଚନାଯୋଗ୍ୟ, ହାଇଦ୍ରାବାଦର ଏକ ହୋଟେଲରେ ରହଣିକୁ ନେଇ ୨୦୧୫ରେ ସାରଥି ବିବାଦୀୟ ହୋଇ ପଡିଥିଲେ। ଉକ୍ତ ବର୍ଷ ଅଗଷ୍ଟ ୮ ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲରେ କ୍ରାଇମ ବ୍ରାଞ୍ଚ ତାଙ୍କୁ ଗିରଫ କରିଥିବା ବେଳେ ଏହାର ତଦନ୍ତ ଦାୟିତ୍ୱ ଇଡିକୁ ଦିଆଯାଇଥିଲା । ଏଥିସହ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିବା ସାରଥିଙ୍କ ନାଁରେ ଅଭିଯୋଗ ହୋଇଥିଲା । ଏହାଛଡା ସଦର ଥାନା ଅନ୍ତର୍ଗତ ଆଶ୍ରମ ଅନ୍ତେବାସୀ ମା' ଓ ଝିଅଙ୍କ ଟଙ୍କା ଏବଂ ଜମି ଠକେଇ କରିବା, ବିବାହ ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିବାକୁ ନେଇ ସାରଥି ଓ ତାଙ୍କ ସହଯୋଗୀ ଶରତ ପାତ୍ରଙ୍କ ନାଁରେ କେନ୍ଦ୍ରାପଡା ଏସ୍‌ଡିଜେଏମଙ୍କ କୋର୍ଟରେ ମାମଲା ରୁଜୁ ହୋଇଛି । ଇତିମଧ୍ୟରେ ଅଭିଯୁକ୍ତ ଦୁଇଜଣ ଜେଲରୁ ଜାମିନରେ ମୁକୁଳି ସାରିଛନ୍ତି ।


भारतीय डाक
ଡାକ ବିଭାଗ
ଯୋଗାଯୋଗ ମନ୍ତ୍ରାଳୟ
ଭାରତ ସରକାର
India Post
सत्यमेव जयते

ଓଡ଼ିଶା ଡାକ ପରିମଣ୍ଡଳ ଆପଣଙ୍କ ସେବାରେ...

EMS SPEED POST — ସ୍ପିଡ୍‌ପୋଷ୍ଟ, ଦ୍ରୁତଗାମୀ ଡାକ ବ୍ୟବସାୟର ଏକ ଅଗ୍ରଣୀ ସେବା, ଯାହା ଚିଠି ଓ ପାର୍ଶଲକୁ ଶୀଘ୍ର ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇଥାଏ।

ଅନ୍‌ଲାଇନ୍‌ରେ କ୍ରୟ ଓ ବିକ୍ରୟ କରିବା ପାଇଁ ଭାରତୀୟ ଡାକ ବିଭାଗ ଶୁଭାରମ୍ଭ କରିଛି ଏହାର ନିଜସ୍ୱ ଇ-କମର୍ସ ପୋର୍ଟାଲ ecom.indiapost.gov.in, ଏହି ଇ-ମାର୍କେଟ ମାଧ୍ୟମରେ ଗ୍ରାମୀଣ କୁଶଳୀ କାରିଗର ତଥା ହସ୍ତଶିଳ୍ପୀ, ମହିଳା ଉଦ୍ୟୋଗ, ସ୍ୱୟଂଚାଳିତ ସଂସ୍ଥା ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧୀନସ୍ଥ ସଂସ୍ଥା ସେମାନଙ୍କର ଦ୍ରବ୍ୟ ବିକ୍ରି କରିପାରିବେ। ଭାରତରେ ଯେ କୌଣସି ସ୍ଥାନରେ ଥିବା ଜଣେ ଗ୍ରାହକ ଏହି ଇ-କମର୍ସ ପୋର୍ଟାଲରେ ଉପଲବ୍ଧ ଥିବା ଯେକୌଣସି ଦ୍ରବ୍ୟ ଅନ୍‌ଲାଇନ୍ ମାଧ୍ୟମରେ କ୍ରୟ କରିପାରିବେ।

ELECTRICITY BILL PAY — ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଯଥା NESCO, WESCO ଓ SOUTHCO ପାଇଁ ଓଡ଼ିଶା ଭିତରେ ଯେକୌଣସି କଂପ୍ୟୁଟରୀକୃତ ନେଟ୍‌ୱାର୍କ ଥିବା ଡାକଘରେ (ଶାଖା ଡାକଘରକୁ ମିଶାଇ) ଆପଣଙ୍କର ବିଦ୍ୟୁତ୍ ବିଲ୍ ପୈଠ କରିପାରିବେ।

AADHAAR — ୪୭୩ ନିର୍ଦ୍ଧାରିତ ଡାକଘରେ ଆଧାର ତାଲିକାଭୁକ୍ତୀକରଣ ଓ ସଂଶୋଧନ ସୁବିଧା ଉପଲବ୍ଧ । ଆଧାର ତାଲିକାଭୁକ୍ତୀକରଣ ଓ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ ମାଗଣା। ଅନ୍ୟାନ୍ୟ ସଂଶୋଧନ ସେବା ଧାର୍ଯ୍ୟ ମୂଲ୍ୟରେ କରାଯାଏ। ଆପଣଙ୍କ ନିକଟତମ ଆଧାର କେନ୍ଦ୍ର ଜାଣିବା ପାଇଁ ଦୟାକରି ଲିଙ୍କ୍: https://www.indiapost.gov.in/MBE/DOP_PDFFiles/CircleAadhaarList.pdfକୁ କ୍ଲିକ୍ କରନ୍ତୁ ।

ପାସ୍‌ପୋର୍ଟ ପାଇଁ ଖର୍ଚ୍ଚାନ୍ତ ଓ ସମୟ ଅପଚୟରୁ ରକ୍ଷା ପାଆନ୍ତୁ ।
ସମସ୍ତ ଲୋକସଭା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ ସ୍ଥାନରେ ରହିଛି ପୋଷ୍ଟ ଅଫିସ ପାସ୍‌ପୋର୍ଟ ସେବା କେନ୍ଦ୍ର (ପିଓପିଏସ୍‌କେ)। ଆପଣଙ୍କ ନିକଟତମ ପିଓପିଏସ୍‌କେ ଜାଣିବା ପାଇଁ ଦୟାକରି ଲିଙ୍କ୍ https://www.indiapost.gov.in/MBE/pages/Content/Retail-Post.aspxକୁ କ୍ଲିକ୍ କରନ୍ତୁ ।

ଭାରତୀୟ ଡାକ ରେଳ ଯାତ୍ରୀ ସଂରକ୍ଷଣ ପଦ୍ଧତି (ଆଇପିପିଆର୍‌ଏସ୍): ଜନସାଧାରଣଙ୍କ ପାଖରେ ରେଳବାଇ ଟିକେଟ ପହଞ୍ଚାଇବା ପାଇଁ ସମସ୍ତ ଶ୍ରେଣୀର ରେଳବାଇ ସଂରକ୍ଷଣ ଟିକେଟ ନିର୍ଦ୍ଦିଷ୍ଟ ଡାକଘରେ ବୁକ୍ କରାଯାଉଛି। ଆଇପିପିଆର୍‌ଏସ୍ ଉପଲବ୍ଧ ହେଉଥିବା ଆପଣଙ୍କର ନିକଟତମ ଡାକଘର ଜାଣିବା ପାଇଁ ଦୟାକରି ଲିଙ୍କ୍ https://www.indiapost.gov.in/MBE/Pages/Content/Retail-Post.aspx କ୍ଲିକ୍ କରନ୍ତୁ ।

ଡାକ ବିଭାଗ ତରଫରୁ ନିର୍ଦ୍ଧାରିତ ଡାକଘର ମାନଙ୍କରେ ପବିତ୍ର ଗଙ୍ଗୋତ୍ରୀର ଗଙ୍ଗାଜଳ (୨୫୦ ମିଲିଲିଟର ବୋତଲ) ଉପଲବ୍ଧ।

ବିଦେଶ ଡାକଘର — ଭୁବନେଶ୍ୱରଠାରେ ଓଡ଼ିଶାର ପ୍ରଥମ ବିଦେଶ ଡାକଘର ଖୋଲାଯାଇଛି। ଓଡ଼ିଶାର ରପ୍ତାନୀକାରୀ ସଂସ୍ଥାମାନେ ତାଙ୍କର ସାମଗ୍ରୀ/ପାର୍ସଲ ଆଦି କମ୍ ମୂଲ୍ୟରେ, ଶୀଘ୍ର ବିଦେଶକୁ ପଠାଇପାରିବେ।

ବିସ୍ତୃତ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:
ଯେକୌଣସି ଡାକଘର/ଡିଭିଜନାଲ କାର୍ଯ୍ୟାଳୟ/ଆଞ୍ଚଳିକ କାର୍ଯ୍ୟାଳୟ/ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ, ଭୁବନେଶ୍ୱର-୭୫୧୦୦୧ଙ୍କ କାର୍ଯ୍ୟାଳୟ
ଯୋଗାଯୋଗ ନମ୍ବର: ୦୬୭୪-୨୩୯୪୩୬୨ (ବିଜ୍‌ନେସ୍ ଡେଭଲପ୍‌ମେଣ୍ଟ ସେଲ୍)
ଇ-ମେଲ୍: adbd-odi@indiapost.gov.in ୱେବ୍‌ସାଇଟ୍‌ସ: indiapost.gov.in / odishapost.gov.in



ଓଡ଼ିଶା ଶାସନ



ମାତ୍ର ୩ ଦିନ

୧୪, ୧୫, ଏବଂ ୧୬ ଡ଼ିସେମ୍ବର

ମିଶନ ଶକ୍ତି ମେଳା

IDCO ପ୍ରଦର୍ଶନୀ ପଡ଼ିଆ, UNIT-III, ଭୁବନେଶ୍ୱର
ପ୍ରତ୍ୟେହ ସକାଳ ୧୧ଟା ରୁ ରାତି ୯ଟା ପର୍ଯ୍ୟନ୍ତ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର

33001/13/0017/1920
DSPL-201



# ରାଜନଗର ରାଣୀପୋଖରୀ ପୁନରୁଦ୍ଧାର ହେବ

ରାଜନଗର,୧୩।୧୨(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର ରାଜନଗର ବ୍ଲକର ସାନବଡଗୋପାଳପୁର, ରାଜନଗର, ମହିଁଷାସୁର, ହାତୀନା ଓ ସାତଭାୟା ପଞ୍ଚାୟତ ବୁଲି ବିଭିନ୍ନ ଯୋଜନାର କାର୍ଯ୍ୟ ଦେଖିବା ସହ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଦେଇଛନ୍ତି । ଏହି ଅବସରରେ ସେ ପଞ୍ଚାୟତ ଅଫିସ ସମ୍ମୁଖରେ ଥିବା ୧୨ ଏକର ବିଶିଷ୍ଟ ରାଣୀ ପୋଖରୀର ସ୍ଥିତି ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଦୀର୍ଘ ୪୦ବର୍ଷ ମଧ୍ୟରେ ଏହି ପୋଖରୀରୁ ପଙ୍କ ଉଦ୍ଧାର ହୋଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହି ପୋଖରୀ ପୁନରୁଦ୍ଧାର ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ଲୋକଙ୍କ ସହଯୋଗ ଲୋଡିଥିଲେ। ପୋଖରୀ ଚତୁଃପାର୍ଶ୍ୱରେ ପଥର ପ୍ୟାକିଂ କରାଯିବ। ଚାରିପଟରେ ୮ଟି ତୁଠ କରାଯିବ। ପୋଖରୀ ଚତୁଃପାର୍ଶ୍ୱରେ ରାସ୍ତା କରାଯିବା ସହ ଲାଇଟ ଲଗାଯିବ। ବସ୍ତି ବାସିନ୍ଦାଙ୍କ ପାଇଁ କମ୍ୟୁନିଟି ଟଏଲେଟ କରାଯିବ। ଏ ସବୁ ବାବଦରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି କହିଥିଲେ। ଏଥିସହ ସରକାରୀ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ମଧ୍ୟରେ ପରତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀକୁ ଦେଖିବା ପରେ ଏହାର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ହାଇସ୍କୁଲରେ ପହଞ୍ଚି ହାଇସ୍କୁଲ ଉପର ଦେଇ ଯାଇଥିବା ୧୧ କେଭି ତାର ହଟାଇବାକୁ ସେସୁ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୦ମ ଶ୍ରେଣୀ ପିଲାଙ୍କ ଏକ୍ସଟ୍ରା କ୍ଲାସ ହେଉଛି କି ନାହିଁ ପଚାରି ବୁଝିଥିଲେ। ସେହିପରି ହାତୀନା ପଞ୍ଚାୟତର ଖେଳପଡିଆ ଓ ମିନି ପାର୍କର ଶୁଭ ଦେଇଥିଲେ। ହାତୀନା ପଞ୍ଚାୟତର ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆ ଯାଇ ପଞ୍ଚୁବରାହୀ ମନ୍ଦିର ନିକଟରେ ମିନିପାର୍କ ଓ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଲାଇବ୍ରେରୀର ଶିଳାନ୍ୟାସ କରିଥିଲେ। ବିଦ୍ୟାଳୟ ଖେଳ ପଡିଆ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାତଭାୟାବାସୀ ପାଣି ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା, ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଓ ଥଇଥାନ ହୋଇ ପାରି ନ ଥିବା ପରିବାରଗୁଡିକୁ ଥଇଥାନ ପାଇଁ ଦାବି କରିଥିଲେ। ଜିଲାପାଳ ବର୍ମା ସାତଭାୟା ଥଇଥାନସ୍ଥଳୀରେ ଥିବା ପଞ୍ଚୁବରାହୀ ନୋଡାଲ ହାଇସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନ ଖାଇଥିଲେ। ଜିଲାପାଳଙ୍କ ସହ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକର ସରକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ମଧ୍ୟ ମଧ୍ୟାହ୍ନ ଭୋଜନ ଖାଇଥିଲେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ


ଜିଲାପାଳଙ୍କ ରାଜନଗର ବ୍ଲକ ଗସ୍ତ ଅବସରରେ ପ୍ରଶାସନିକ ଅଧିକାରୀମାନେ।

## ସଂକ୍ଷେପରେ

### ଟଙ୍କା ଆତ୍ମସାତ୍ କରି ମ୍ୟାନେଜର ଫେରାର ଅଭିଯୋଗ

**କେନ୍ଦ୍ରାପଡା ଅଫିସ,୧୩।୧୨:** ସହରର ଏକ ପେଟ୍ରୋଲ ପମ୍ପ ଓ ଗୋଟିଏ ସିନେମା ହଲର ପରିଚାଳକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଥିବା ଶୁକ୍ରବାର ସଦର ଥାନାରେ ଅଭିଯୋଗ ହୋଇଛି। ତେବେ ସଂପୃକ୍ତ ଅଭିଯୋଗର ତଦନ୍ତ ପାଇଁ ଅଡିଟ ରିପୋର୍ଟ ଅଭିଯୋଗକାରୀ ଦେଇ ନ ଥିବାରୁ ଅଭିଯୋଗକୁ ପଞ୍ଜୀକରଣ କରାଯାଇ ନାହିଁ। ଅଭିଯୋଗ ଅନୁଯାୟୀ , ପେଟ୍ରୋଲ ପମ୍ପ ଓ ସିନେମା ହଲର ମ୍ୟାନେଜର ଭାବେ ଟାଉନଥାନା ଅଞ୍ଚଳର ଜଣେ ବ୍ୟକ୍ତି କାମ କରୁଥିଲେ। ଅଭିଯୋଗକାରୀ ଏହି ଦୁଇ ପ୍ରତିଷ୍ଠାନର ହିସାବ ମାଗିବା ପରେ ଗତ ୫ ତାରିଖରୁ ସଂପୃକ୍ତ ମ୍ୟାନେଜର ଓ ତାଙ୍କର ଜଣେ ସହଯୋଗୀ ଫେରାର ଅଛନ୍ତି।

### ଆଳି କଲେଜ ଇତିହାସ ବିଭାଗ ଅଧ୍ୟାପକଙ୍କ ହୃଦ୍‌ଘାତରେ ପରଲୋକ

**ଆଳି,୧୩।୧୨(ଡି.ଏନ.ଏ.):** ଆଳି ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅଧାପକ ପ୍ରଶାନ୍ତ ସେନାପତି(୫୭)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ସ୍ୱର୍ଗତ ସେନାପତି ଗୁରୁବାର ରାତିରେ ବାଲକାଟୀ ପଞ୍ଚାୟତର ରାଣିପୋଖରୀସ୍ଥିତ ତାଙ୍କ ବାସଭବନରେ ବସିଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ସେ ତଳେ ପଡିଯାଇଥିଲେ। ତାଙ୍କୁ ପରିବାର ଲୋକେ ଆଳି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇବା ପରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ, ଭୀଷ୍ମ ମହାନ୍ତି,ବାଲକାଟି ସରପଞ୍ଚ ଦିବାକର ନାୟକ,ଆଳି ମହାବିଦ୍ୟାଳୟର ଅଧାପକମାନେ ଡାକ୍ତରଖାନାରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ଶୁକ୍ରବାର ସକାଳେ ଆଳି ରାଜା ବ୍ରଜକେଶରୀ ଦେବ ସ୍ୱର୍ଗତ ସେନାପତିଙ୍କ ବାସଭବନକୁ ଯାଇ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ମଧ୍ୟାହ୍ନରେ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଆଳି ମହାବିଦ୍ୟାଳୟକୁ ନିଆଯାଇଥିଲା । ସେଠାରେ ମହାବିଦ୍ୟାଳୟର ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାପରେ ବାଲକାଟି ସରପଞ୍ଚ ଦିବାକର ନାୟକଙ୍କ ନେତୃତ୍ୱରେ ମରଶରୀରକୁ ତାଙ୍କ ଗାଁ ପରିକ୍ରମା କରା ଯାଇଥିଲା। ଶେଷରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରା ଯାଇଥିଲା। ତାଙ୍କ ପୁଅ ବିଭାସ ରଞ୍ଜନ ସେନାପତି ମୁଖାଗ୍ନି ଦେଇଥିଲେ। ସେହିପରି ଆଳି ଯାଦବ ସମିତି ପକ୍ଷରୁ ସ୍ୱର୍ଗତ ସେନାପତିଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କବାଟ କଣରେ ନେଉଳ**
**କାନ ଫୁଙ୍କା ଫୁଙ୍କି ଗୁପତ କଥା**
**ମୋତେ କହିଯାଅ ବଉଳ ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ୍ୟ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟିଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତ କଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଳମଲଟି;**
**ଏ କାଳରେ କାନ୍ତ ବିଦେଶ ଗଲେ,**
**ହୃଦୟ ଯାଉଛି ଫାଟି ।**

ସାଧାରଣତଃ ନୂଆ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବା ପତିପତ୍ନୀଙ୍କ ମଧ୍ୟରେ ପ୍ରେମଭାବ ଟିକେ ଅଧିକ ରହିଥାଏ। ଏଭଳି ସ୍ଥିତିରେ କେହି କାହାକୁ ନିଜ ପାଖରୁ ଅନ୍ତର କରିବାକୁ ଚାହିଁ ନ ଥାନ୍ତି। ପରନ୍ତୁ ଏଥିରୁ ବଞ୍ଚିତ ହେଲେ ମନର ସବୁ ସୋହାଗ ସରାଗ ମରିଯାଇଥାଏ। ପତି ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ପତିଙ୍କ ଅନୁପସ୍ଥିତିରେ ପତ୍ନୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିଥିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୬୦ ଭାଗ ଗ୍ରାମାଞ୍ଚଳବାସୀ ପାଇପ ପାଣିରୁ ବଞ୍ଚିତ

କେନ୍ଦ୍ରାପଡା ଅଫିସ, ୧୩।୧୨

ଗତ ୨୦୧୮ ଡିସେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲା ମହାକାଳପଡା ଓ ମାର୍ଶାଘାଇ ବ୍ଲକର ଲୁଣାଞ୍ଚଳବାସୀଙ୍କ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଇତିମଧ୍ୟରେ ବର୍ଷଟିଏ ବିତିଛି । ପ୍ରକଳ୍ପ କାର୍ଯ୍ୟ ୩୦ ପ୍ରତିଶତ ସରି ନ ଥିବା ବେଳେ ଏନଜିଟି ମାମଲାରେ ପଡି ଏହାର କାମ ମନ୍ଥର ଗତିରେ ଚାଲିଛି । ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପରେ ମଧ୍ୟ ନଦୀର ମଧୁର ଜଳ ପର୍ଯ୍ୟାପ୍ତ ହେବ ନାହିଁ ବୋଲି ପରିବେଶବିତମାନେ ଆକଳନ କରୁଛନ୍ତି । ସେହିପରି ବିଭିନ୍ନ ଯୋଜନାରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ ।

ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡା ଜିଲାର ୧୫୯୨ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୬୭୮ଟି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି । ତେବେ ଏଥିମଧ୍ୟରୁ ୪୫୨ ଗ୍ରାମବାସୀ ଏହି ସୁବିଧା ପାଉଥିବା ବେଳେ ୨୨୬ଟି ଗ୍ରାମର ଶେଷ ମୁଣ୍ଡରେ ଏହି ପାଣି ପହଞ୍ଚି ପାରୁନାହିଁ ।

ବିଭାଗୀୟ ସୂଚନା ଅନୁଯାୟୀ , ଜିଲାର ୬୦ରୁ ଊର୍ଦ୍ଧ୍ୱ ଭାଗ ଗ୍ରାମାଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି । ଗ୍ରାମାଞ୍ଚଳରେ ସମୁଦାୟ ୧୬,୨୨୮ଟି ନଳକୂପ ମଧ୍ୟରୁ ଶତକଡା ୧୦ ଭାଗ ନଳକୂପରେ ଫ୍ଲୋରାଇଡ, ଆଇରନ ଓ ଲୁଣା ଅଂଶ ଅଛି । ଜିଲା ପ୍ରଶାସନ ପକ୍ଷରୁ ଶତକଡା ୭୯ ଭାଗ ଜିଲାବାସୀ ବିଶୁଦ୍ଧ ପାନୀୟ ଜଳ ପାଉଥିବା ଦର୍ଶା ଯାଉଥିବା ବେଳେ ବାସ୍ତବିକ ସ୍ଥିତି ଭିନ୍ନ । ଜିଲାର ନଦୀ ଓ ପୋଖରୀ ଜଳକୁ ପାନୀୟ ଭାବେ ଗ୍ରହଣ କରୁଥିବା ଲକ୍ଷାଧିକ ଲୋକ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦର୍ଶାଉଛି । ଅପରପକ୍ଷରେ ଜିଲାର ୪୫ଟି ବୋରୱେଲ ନିର୍ମାଣ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ହୋଇ ପଡିରହିଛି । ଏହି କାରଣରୁ ମାର୍ଶାଘାଇ ବ୍ଲକର ବିଲବଳରାମପୁର, ଅନ୍ତେଇ, ଗୋଧନ, ମଙ୍ଗରାଜପୁର, ବାଲିକଷଟି, ହିନ୍ଦୁଳିଆ, ଶ୍ରୀଧରପୁର, ଏଣ୍ଡର, କୁଶିଆପାଳ, ଗରଦପୁର ବ୍ଲକର ଚଅଁପୁର, କୁସୁନପୁର, ବଙ୍ଗାରୀ ବସନ୍ତପୁର ଆଦି ଗ୍ରାମଗୁଡିକରେ ପାନୀୟ ଜଳର ଅଭାବ ଦେଖାଯାଇଛି । ପାନୀୟ ଜଳ ସଙ୍କଟ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଜିଲାର ୭ ନଦୀ ଓ ୨୭ ଉପନଦୀଗୁଡିକ ବୈତରଣୀ, ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରୁ ଜଳଗ୍ରହଣ କରିଥାଏ । ୨୦୧୧ ଷ୍ଟେଟ ୱାଟର ମିଶନ ସର୍ଭେ ରିପୋର୍ଟ ଅନୁଯାୟୀ, ବୈତରଣୀର ୫୫.୮୧ ପ୍ରତିଶତ ମଧୁର ଜଳ ସମୁଦ୍ରରେ ମିଶୁଥିବା ବେଳେ ବ୍ରାହ୍ମଣୀର ୪୦.୭୮ ପ୍ରତିଶତ ଜଳ କୌଣସି କାର୍ଯ୍ୟରେ ନ ଲାଗି ସମୁଦ୍ରରେ ମିଶି ନଷ୍ଟ ହେଉଛି । ମହାନଦୀ ସିଷ୍ଟମ ଏବେ ଶୁଖିଲା ପଡିଛି । ଫଳରେ ଲୁଣା, ଚିତ୍ରୋତ୍ପଳାରେ ଜଳଧାରା କମ ରହୁଛି । ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ମାର୍ଶାଘାଇ ବ୍ଲକର ମଣିକୁଣ୍ଡା ଠାରେ ସ୍ଥାନ ଚିହ୍ନଟ ହୋଇଛି । ଏଠାରେ ଥିବା ଲୁଣା ନଦୀରୁ ପାନୀୟ ଜଳ ପ୍ରକଳ୍ପକୁ ଜଳ ଯୋଗାଣ ହେବ । ତେବେ ଏଠାରୁ ମାତ୍ର ୫ କିଲୋମିଟର ଦୂରରେ ସାମୁଦ୍ରିକ ଜୁଆର ଯୋଗୁ ଲୁଣା ପାଣି ଆସୁଛି । ଖରାଦିନେ ଲୁଣାନଦୀର ମଧୁର ଜଳ ସ୍ରୋତ କମି ଯାଉଥିବାରୁ ପ୍ରକଳ୍ପ ଆଡକୁ ୨ କିଲୋମିଟର ଲୁଣାପାଣି ମାଡି ଆସୁଛି। ଏହି ଧାରା ଆଗକୁ ଜାରି ରହିଲେ ଆସନ୍ତା ୫ ବର୍ଷ ମଧ୍ୟରେ ଲୁଣା ନଦୀରେ ମଧୁର ଜଳ ପରିବର୍ତ୍ତେ ଲୁଣାପାଣି ମିଳିବ । ଏଥିସହ ସେ ଦର୍ଶାଇଛନ୍ତି ଯେ, ସାଂପ୍ରତିକ ସ୍ଥିତିରେ କେନ୍ଦ୍ରାପଡା ସହରରେ ଲୁଣା ନଦୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି । ଜଳାଭାବରୁ ବର୍ଷସାରା ମଟର ପମ୍ପକୁ ବାରମ୍ବାର ବନ୍ଦ କରାଯାଉଛି । ଅଗାମୀ ଦିନରେ ଏହି ସଙ୍କଟ ଉତ୍କଟ ରୂପ ନେବ ବୋଲି ସେ ଚେତାବନୀ ଦେଇଛନ୍ତି । ଜିଲା ଜନସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି ଯେ, ଜଳ ସଙ୍କଟ ଦୂର ପାଇଁ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା, ନଦୀ କୂଳରେ ବୃକ୍ଷରୋପଣ, ଚେକଡ୍ୟାମ ନିର୍ମାଣ ଆଦି ନିର୍ମାଣ ଜରୁରୀ ହୋଇପଡିଛି । ଜଳ ସୁରକ୍ଷା ଆଇନ ୨୦୧୭କୁ ଉପଯୋଗ କରି ନଦୀ ଉପବାହିକାରେ ବେଆଇନ ନିର୍ମାଣ ବନ୍ଦ କରିବା, ଲଘୁ ଖଣିଜ ସମ୍ପଦକୁ ସୁରକ୍ଷିତ ରଖିବା, ଜବର ଦଖଲ ନ ହଟାଇଲେ ଜିଲାରେ ଜଳ ସଙ୍କଟ ଦେଖାଦେବ । ପାନୀୟ ଜଳ ଯୋଗଣ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ସଜାଗ ଦୃଷ୍ଟି ରହିଛି । ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ଅଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଚିଠା ପ୍ରସ୍ତାବ ହୋଇଥିବା ବେଳେ କେତୋଟି ପ୍ରକଳ୍ପ ଆରମ୍ଭ ହୋଇଯାଇଛି । ଆସନ୍ତା ବର୍ଷକ ମଧ୍ୟରେ ସମସ୍ତଙ୍କ ଘର ନିକଟରେ ମଧୁର ପାନୀୟ ଜଳ ଯୋଗାଣ ହେବ ବୋଲି ଜିଲାପାଳ ବର୍ମା ପ୍ରକାଶ କରିଛନ୍ତି।

### କେନ୍ଦ୍ରାପଡା ଜିଲା

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଆଳି,୧୩।୧୨(ଡି.ଏନ.ଏ.)

ଆଳି ବ୍ଲକ ଅନ୍ତର୍ଗତ ଦେମାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଅଶୋକ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ସମାଜ ଗଠନ କ୍ଷେତ୍ରରେ କିପରି କ୍ରୀଡାର ଭୂମିକା ରହିଛି ସେ ସଂପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ପ୍ରତ୍ୟେକ ଶିଶୁ ପାଠପଢା ପ୍ରତି ଯେଉଁ ପରିମାଣରେ ଗୁରୁତ୍ୱ ଦେଉଛନ୍ତି ସେହି ପରିମାଣରେ କ୍ରୀଡାକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । କ୍ରୀଡା ଯୋଗୁ ସୁସ୍ଥ ଶରୀର ଓ ସୁସ୍ଥ ସମାଜ ଗଠନ ହୋଇପାରିବ। ଏଥିସହିତ କ୍ରୀଡା ମାଧମରେ ଆଜି ଦେଶ-ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଛି ବୋଲି ସେ କହିଥିଲେ ।

ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ ଦାସ କହିଥିଲେ ଯେ, ପୂର୍ବରୁ ଶିଶୁମାନେ ଗାଁ ଗହଳିରେ ପ୍ରଚଳିତ ଥିବା ବିଭିନ୍ନ ଖେଳ ଖେଳୁଥିବା ବେଳେ ବର୍ତ୍ତମାନ ଇଣ୍ଟରନେଟରେ ଆସୁଥିବା ବିଭିନ୍ନ ଖେଳ ପ୍ରତି ଆକୃଷ୍ଟ ହେଉଛନ୍ତି । ତେଣୁ ସେମାନଙ୍କୁ ଏଥିରୁ ଦୂରେଇ ରଖିବା ନିମନ୍ତେ ଅଭିଭାବକମାନେ ଦୃଷ୍ଟି ଦେବା ଆବଶ୍ୟକ । ଖେଳ ଶାରୀରିକ ବିକାଶ କ୍ଷେତ୍ରରେ ବେଶ ସହାୟକ ହେଉଥିବାରୁ ପାଠ ପଢା ସହ ଖେଳକୁଦ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । କୋଷାଧ୍ୟକ୍ଷ ରଞ୍ଜନ କୁମାର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢା ପ୍ରତି ଯେତିକି ଗୁରୁତ୍ୱ ଦେଉଛନ୍ତି, କ୍ରୀଡାକୁ ମଧ ସେହି ପରିମାଣରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପରିଚାଳନା ପରିଷଦର ସଦସ୍ୟା କଳ୍ପନା ପଣ୍ଡା କ୍ରୀଡା ଯୋଗୁ ମିଳୁଥିବା ସୁବିଧା ସଂପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହି ଉତ୍ସବରେ ଆଚାର୍ଯ୍ୟ ନିରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରେମାନନ୍ଦ ମହାନ୍ତି ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଅମର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ନିକାଣ୍ଡରେ ୪ ବଖରା ଘର ଓ ଗୁହାଳ ଭସ୍ମୀଭୂତ

## ୩ ଗାଈ ବାଛୁରୀ ଜୀବନ୍ତ ଦଗ୍ଧ

ଡେରାବିଶ,୧୩।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗଙ୍ଗାଧର ଲେଙ୍କାଙ୍କ ଗୁହାଳ ଓ ଗୌରାଙ୍ଗ ଚରଣ ଲେଙ୍କାଙ୍କ ୪ ବଖରା ଘର ପୋଡି ଯାଇଛି । ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଗୋଟିଏ ଗାଈ ଓ ୨ ବାଛୁରୀ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି ।

ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ଗଙ୍ଗାଧରଙ୍କ ଗୁହାଳରେ ନିଆଁ ଲାଗିଯାଇଥିଲା । ଚାହୁଁ ଚାହୁଁ ନିଆଁ ପଡୋଶୀ ଗୌରାଙ୍ଗଙ୍କ ଚାଳଘରେ ଲାଗିଯାଇଥିଲା । ଉଭୟ ପରିବାର ଲୋକଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚିଥିଲେ ହେଁ ନିଆଁକୁ ଆୟତ୍ତ କରିପାରି ନ ଥିଲେ । ସେତେବେଳକୁ ଗୁହାଳରେ ବନ୍ଧା ହୋଇଥିବା ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ। ଅଗ୍ନିକାଣ୍ଡରେ ଗୌରାଙ୍ଗଙ୍କ ଘରେ ଥିବା ସମସ୍ତ ଆସବାବପତ୍ର, ଧାନଚାଉଳ ପୋଡିଯାଇଛି । ଖବରପାଇ ନିଆଁଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନ ଥିଲା । ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ସନ୍ଧ୍ୟା ସୁଦ୍ଧା କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇନାହିଁ । ଖବର ପାଇ କେନ୍ଦ୍ରାପଡା ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଅଜୟ ରାଉତ ଅଗ୍ନି ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସହାୟତା କରିଥିବା ଜଣାଯାଇଛି ।


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ । ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ । ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେନ୍ଦ୍ର ଯୋଜନା ହଡ଼ପ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)

ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରି ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରିବା ପାଇଁ ବାରମ୍ବାର ଷଡ଼ଯନ୍ତ୍ର କରୁଛନ୍ତି। ଯାଜପୁର ଜିଲା ଡିଆର୍‌ଡିଏ ତରଫରୁ ପିଡିଙ୍କ ଦସ୍ତଖତରେ ୧୦ଟି ବ୍ଲକ ପାଇଁ ୧୪ ହଜାର ୧୩୧ଟି ବିଜୁ ପକ୍କା ଘରର ଚିତ୍ର ଥିବା ଟାଇଲ ଯୋଗାଇଦେବା ପାଇଁ ବରାଦ ଦିଆଯାଇଛି। ଉକ୍ତ ସେ ବାବଦ ଅର୍ଥ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦିଆଯାଉଛି। ତେଣୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ସାଧାରଣ ଲୋକଙ୍କୁ ନ ଠକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚିତ୍ର ପ୍ରସ୍ତୁତ କରି ହିତାଧିକାରୀଙ୍କ ଘର ଉପରେ ଲଗାଯାଉ ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଗତ ୩ଟି ବଜେଟରେ ରାଜ୍ୟ ସରକାର ଗରିବଙ୍କ ପାଇଁ ଉଦ୍ଦିଷ୍ଟ ବିଜୁ ପକ୍କା ଘର ଯୋଜନାରେ ଟଙ୍କାଟିଏ ମଧ ବ୍ୟୟବରାଦ କରିନାହାନ୍ତି। ବିଜୁ ପକ୍କା ଘର ଟାଇଲ ନିର୍ମାଣ ପାଇଁ ବଜେଟ ବ୍ୟୟବରାଦରେ ଅର୍ଥ ନିଅଣ୍ଟ ପଡ଼ିବ। ସରକାର ଚଞ୍ଚକତା କରି ଯୋଜନା ହଡ଼ପ ବନ୍ଦ କରନ୍ତୁ ଏବଂ ଏଥିଲାଗି ଜିଲା ପ୍ରଶାସନକୁ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ବାତିଲ କରନ୍ତୁ ବୋଲି ସମୀର ଦାବି କରିଛନ୍ତି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବିଜୁ ପକ୍କା ଘରକୁ ନେଇ ଭାଜପା ଯେଉଁ ତଥ୍ୟ ରଖୁଛି, ତାହା ସମ୍ପୂର୍ଣ୍ଣ ମିଛ। ଭାଜପା ମୁଖପାତ୍ରମାନେ ଏଭଳି ମନ୍ତବ୍ୟ ଦେବା ପୂର୍ବରୁ ଥରେ କେନ୍ଦ୍ର ସରକାରଙ୍କ ୱେବ୍‌ସାଇଟ ଦେଖିନେବା ଉଚିତ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ୬୦ ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ୪୦ ପ୍ରତିଶତ ଅନୁଦାନ ଦେଉଛି। ପ୍ରୋତ୍ସାହନ ରାଶି ଓ ପ୍ରଶାସନିକ ବାବଦ ବ୍ୟୟ ପରେ ଏହା ୫୦-୫୦ ପ୍ରତିଶତ ହୋଇଯାଉଛି। କେନ୍ଦ୍ରର ତଥ୍ୟ ଅନୁଯାୟୀ, ୨୦୧୯-୨୦ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଏକ ନମ୍ବର। କିନ୍ତୁ ବାସ୍ତବ ଚିତ୍ର ଲୋକଙ୍କ ଆଗରେ ନ ରଖି ଭାଜପା ଯେଭଳି ପ୍ରଚାର କରୁଛି ସେଥିରୁ ତା'ର ହତାଶ ଏବଂ ହୀନ ରାଜନୀତି ସ୍ପଷ୍ଟ ବାରିହୋଇପଡୁଛି ବୋଲି ଲେନିନ୍ କହିଛନ୍ତି।

# ନଗଡ଼ା ହେବ ଇକୋ ଟ୍ୟୁରିଜମ୍: ଶକ୍ତିମନ୍ତ୍ରୀ

କାଳିଆପାଣି, ୧୩।୧୨ (ଡି.ଏନ.ଏ.)


ନଗଡ଼ାବାସୀଙ୍କ ଗହଣରେ ଶକ୍ତିମନ୍ତ୍ରୀ ଓ ବିଧାୟକ।

- ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା
- ନଗଡା ରାସ୍ତାର ହେବ ମରାମତି

ବହୁ ଚର୍ଚ୍ଚିତ ନଗଡାକୁ ଇକୋ ଟ୍ୟୁରିଜମଭାବେ ପରିଣତ କରିବାକୁ ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଘୋଷଣା କରିଛନ୍ତି। ଶୁକ୍ରବାର ମନ୍ତ୍ରୀ ମିଶ୍ର ନଗଡା ଗସ୍ତ କରି ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ଏହାବାଦ ନଗଡା ଜନଜାତି ଜୁଆଙ୍ଗ ପରିବାର କିପରି ସବୁଦିନ ପାଇଁ ରୋଜଗାରକ୍ଷମ ହୋଇପାରିବେ ସେନେଇ ଆଲୋଚନା କରିଥିଲେ। ଏହାସହ ରାସ୍ତା, ପାନୀୟ ଜଳ ପ୍ରକଳ୍ପ, ଶିକ୍ଷା, ବିଦ୍ୟୁତ, ବାସଗୃହ, ଚାଷ ଆଦି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଏହି ଅବସରରେ ତଳ ନଗଡ଼ାଠାରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ନଗଡାବାସୀଙ୍କ ସହ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମେତ ଭବିଷ୍ୟତ ଯୋଜନା ସମୟରେ ଆଲୋଚନା କରିଥିଲେ। ସର୍ବପ୍ରଥମେ ନଗଡ଼ାକୁ ନିର୍ମାଣ କରିଥିବା ଆରଡ଼ି ବିଭାଗ ରାସ୍ତାର ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରୁ ବଳକା ରହିଥିବା ୧ କୋଟି ୮୫ ଲକ୍ଷ ଟଙ୍କାରେ ଏହି ମରାମତି କାର୍ଯ୍ୟ ହେବ। ଏହା ଜଙ୍ଗଲ ବିଭାଗର ରାସ୍ତା ହୋଇଥିବାରୁ ଅନୁମତି ପୂର୍ବରୁ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରିବ ନାହିଁ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଗୁହିଆଶାଳ, ତୁମୁଣୀକୁ ରାସ୍ତା ନିର୍ମାଣ ପାଇଁ ବନ ବିଭାଗ ସହ ଆଲୋଚନା କରି କାଗଜପତ୍ର କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାବାଦ ମନ୍ତ୍ରୀ ମିଶ୍ର ସିଡ଼ିଏମଓ ଅରୁଣ କୁମାର ପାତ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନରେ ନଗଡ଼ା-କାଳିଆପାଣି ମଝିରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ଆରଡବ୍ଲ୍ୟୁଏସଏସ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ଓ ପାଇଖାନା ନିର୍ମାଣ, ସ୍କୁଲରେ ପାଠପଢା, ବିଦ୍ୟୁତ ସଂଯୋଗ, ମହୁଚାଷ, ଛେଳି ପାଳନ, କୁକୁଡ଼ା ଚାଷ ପ୍ରମୁଖ ଯୋଜନା ଉପରେ ଆଲୋଚନା ହୋଇଥିଲା। ୨୦୨୦ ଫେବୃୟାରୀରୁ ନଗଡ଼ାରେ ପିଡିଏସ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ନଗଡ଼ାରେ ଅମୃତଭଣ୍ଡା, ମୂଳା, ମାଟିଆଳୁ, କନ୍ଦମୂଳ ଆଦି ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ଭାରପ୍ରାପ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମିନା, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଡିଏଫଓ ସୁଦର୍ଶନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ଧର୍ମଶାଳା, ୧୩।୧୨ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧିନସ୍ଥ ମୁକୁନ୍ଦପାତ୍ର ଜୁନିୟର କଲେଜରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ହେମନ୍ତ କୁମର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିର ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଅଭିମନ୍ୟୁ ସାହୁ ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରୀ ଓ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଦେଶ ଓ ଜାତି ପାଇଁ କଳଙ୍କ। ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷିକ ହେଲେ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ ହୋଇ ଘଟୁଥିବା ଅତ୍ୟାଚାରକୁ ବିରୋଧ କରିପାରିବେ। ୧୨ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରରେ ମହାପୁରଷ ହାଡିଦାସ କଲେଜର ମୀନତି ବିଶ୍ୱାଳ ପ୍ରଶିକ୍ଷକଭାବେ ଯୋଗ ଦେଇଛନ୍ତି। ଶିବିରରେ ୨୩୦ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ନେବେ। ଆସନ୍ତା ୨୩ ତାରିଖରେ ଶିବିର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଛନ୍ତି।

# ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ, ଗୋଲକୁଣ୍ଡ ସେମିକୁ ଉନ୍ନୀତ

ରସୁଲପୁର, ୧୩।୧୨ (ଡିଏନଏ)

ଯାଜପୁର ବ୍ଲକ ଝାଲପଡା ପଞ୍ଚାୟତ କାକୁଡିକୁଦସ୍ଥିତ ସତ୍ୟସାଇ କ୍ରିକେଟ ପଡିଆରେ ଶୁକ୍ରବାର ଅନୁଷ୍ଠିତ ୩୫ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମା' ମଙ୍ଗଳା କ୍ରକେଟ କ୍ଲବ, ଗୋଲକୁଣ୍ଡ ଓ ଜେଡିସିସି,ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଲକୁଣ୍ଡ ବିଜୟୀ ହୋଇ ସେମିକୁ ଉନ୍ନୀତ ହୋଇଛି।

ଗୋଲକୁଣ୍ଡ ଦଳ ଟସ୍ ଜିଣି ପ୍ରଥମ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଦଳ ପକ୍ଷରୁ ୯ ୱିକେଟ୍ ବିନିମୟରେ ୧୯୯ରନ୍ ସଂଗ୍ରହ କରିଥିଲା। ୨୦୦ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଆସିଥିବା ଜେଡିସିସି,ରାଉରକେଲା ୨୧.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୪ରନ୍‌ରେ ସୀମିତ ରହିଥିଲା। ବିପକ୍ଷ ଦଳର ଘାତକ ବୋଲିଂକୁ ସମ୍ମୁଖୀନ ହେବାରେ ରାଉରକେଲା ଦଳ ବିଫଳ ହୋଇଥିଲା। ଜ୍ୟୋତିରଂଜନ ଆଚାର୍ଯ୍ୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସନାତନ ମଣ୍ଡଳ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ସତ୍ୟସାଇ କ୍ଲବର ଆଶୁତୋଷ ପାଣି, ରମେଶ ମହାରଣା, ପ୍ରିୟନାଥ ରାଉତ, ଅରୁଣ ପତି, ଚିନ୍ମୟ ପଲାଇ, ଅରୁଣ ସାହୁ, ପ୍ରଶାନ୍ତ ଜେନା, ରାଜେଶ ଜେନା, ବଳରାମ ସାହୁ ପ୍ରମୁଖ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ୨ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

# ଅଭିଯୁକ୍ତ ବାପା ଗିରଫ

ସୁକିନ୍ଦା, ୧୩।୧୨ (ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ଥାନା ବର୍ତ୍ତଣ୍ଡା ଗ୍ରାମର ଦୁଇ ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ଅଭିଯୁକ୍ତ ବାପାଙ୍କୁ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଗିରିଫ କରିଛି। ଅଭିଯୁକ୍ତ ବାପାଙ୍କୁ ଥାନାରେ ରଖି ପଚରାଉଚୁରା କରିବା ସହିତ ଦୁଇ ନାବାଳିକା ଝିଅଙ୍କୁ ଡାକ୍ତରିମାଇନା ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ପ୍ରଥମ ପତ୍ନୀଙ୍କ ସମେତ ପରିବାରବର୍ଗ ତାଙ୍କୁ ଛାଡିବାକୁ ଅନୁରୋଧ କରିଛନ୍ତି। ସୁକିନ୍ଦା ପୋଲିସ ଓ ବର୍ତ୍ତଣ୍ଡା ଗ୍ରାମର ଦୁଇ ନମ୍ବର ଅଙ୍ଗନୱାଡି କର୍ମୀ ସସ୍ମିତା ସାହୁ ନାବାଳିକା ଦ୍ୱୟଙ୍କୁ ଡାକ୍ତରଖାନା ନେବାବେଳେ ଅଭିଯୁକ୍ତଙ୍କ ପରିବାର ବର୍ଗ ଓ ପୋଲିସ ମଧ୍ୟରେ ଥାନା ପରିସରରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା।




ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା

ଆମେ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରିଆସୁଛୁ । ଶକ୍ତି ସଂରକ୍ଷଣ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ । ସମୟାନୁସାରେ ଶକ୍ତିର ଚାହିଦା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଉଛି । ଉପଲବ୍ଧ ଶକ୍ତିର ସୁବିନିଯୋଗ ଏବଂ ସଂରକ୍ଷଣ କରାଯାଇ ପାରିଲେ ବଳକା ବିଦ୍ୟୁତ୍, ରାଜ୍ୟର ସାମଗ୍ରିକ ପ୍ରଗତିରେ ସହାୟକ ହୋଇପାରିବ । ତେଣୁ ଉଚ୍ଚ ଦକ୍ଷତା ସମ୍ପନ୍ନ ବିଦ୍ୟୁତ୍ ଉପକରଣର ବ୍ୟବହାର ଏବଂ ଆବଶ୍ୟକ ନ ଥିବା ସମୟରେ ସେଗୁଡ଼ିକର ବ୍ୟବହାର ବନ୍ଦ କରାଯିବା ଆବଶ୍ୟକ । ଏତଦ୍ ବ୍ୟତୀତ ଅଧିକରୁ ଅଧିକ ଅକ୍ଷୟ ଶକ୍ତି ବ୍ୟବହାର କରିପାରିଲେ ପରିବେଶ ସୁରକ୍ଷିତ ରହିବା ସହିତ ସୁସ୍ଥ ଜୀବନଯାପନ ସମ୍ଭବପର ହେବ ।

ଏହି ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟ ସରକାର ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଆମ ରାଜ୍ୟରେ ଘରୋଇ ଉପଭୋକ୍ତା ତଥା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସୁଲଭ ମୂଲ୍ୟରେ ଏକ କୋଟିରୁ ଅଧିକ ଏଲ୍.ଇ.ଡି ବଲ୍‌ବ ଯୋଗାଇ ଦିଆଯାଇଛି । ଫଳରେ ହାରାହାରି ୧୫୦ ମେଗାୱାଟ୍‌ର ବିଦ୍ୟୁତ୍ ଉତ୍ପାଦନକୁ ଏଡାଇ ଦିଆଯାଇପାରିଛି । ଏହା ସହିତ ପାନୀୟ ଜଳଯୋଗାଣ ପ୍ରକଳ୍ପ, ସରକାରୀ କାର୍ଯ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଦର ମହକୁମା ଚିକିତ୍ସାଳୟ, କୃଷି ଏବଂ ପଶୁପାଳନ ଫାର୍ମ ପ୍ରଭୃତିରେ ଶକ୍ତି ସଞ୍ଚୟକାରୀ ଉପକରଣ ବ୍ୟବହାର କରାଯିବା ଦ୍ୱାରା ଶକ୍ତି ସଂରକ୍ଷଣ କରାଯାଇପାରିଛି ।

ରାଜ୍ୟ ଉଠା ଜଳସେଚନ ନିଗମ ସହଯୋଗରେ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ପୁରାତନ ପମ୍ପ ପରିବର୍ତ୍ତେ ବି.ଇ.ଇ ତାରକା ଚିହ୍ନିତ ପମ୍ପ ବଦଳାଯିବା ସମେତ ପୌର ଅନୁଷ୍ଠାନଗୁଡିକରେ ରାସ୍ତା ଆଲୋକୀକରଣ ପାଇଁ ଏଲ୍.ଇ.ଡି ଲାଇଟ୍ ବ୍ୟବହାର କରାଯାଉଛି । ଶକ୍ତି ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଏବଂ କର୍ମଶାଳାର ଆୟୋଜନ କରାଯାଉଛି ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ କରିବା ସହିତ ଆମ ରାଜ୍ୟକୁ ବିଦ୍ୟୁତ୍ ଶକ୍ତି ସଂଚୟ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାପାଇଁ ନିବେଦନ କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

04001/13/0002/1920



DSPL-197



ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ
ମାନ୍ୟବର ଶକ୍ତି ମନ୍ତ୍ରୀଙ୍କ
ବାର୍ତ୍ତା


ପ୍ରତିବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଉଅଛି । ଏହି ଦିବସର ଗୁରୁତ୍ୱ ଆମେ ସମସ୍ତେ ଅନୁଭବ କରୁଅଛୁ । ରାଜ୍ୟର ଦ୍ରୁତ ପ୍ରଗତି ସହିତ ଶକ୍ତିର ଚାହିଦା ମଧ ବୃଦ୍ଧି ପାଇ ଚାଲିଛି, ଫଳରେ ଚାହିଦା ଏବଂ ଉତ୍ପାଦନ ତଥା ଯୋଗାଣର ବ୍ୟବଧାନ କ୍ରମଶଃ ବଢ଼ିବାରେ ଲାଗିଛି । ଏଥିନିମନ୍ତେ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବ୍ୟବହାର କ୍ରମଶଃ ବୃଦ୍ଧି ପାଉଅଛି ଯାହା ପରିବେଶ ଉପରେ ମାତ୍ରାଧିକ ପ୍ରଭାବ ପକାଉଛି । ତେଣୁ ଆମର ଦୈନନ୍ଦିନ ଜୀବନରେ ଶକ୍ତିର ବ୍ୟବହାର ଶୈଳୀରେ ସାମାନ୍ୟ ସଚେତନତା ଓ ସଂଯମତା ଆଣିପାରିଲେ ବହୁପରିମାଣର ଶକ୍ତି ସଂରକ୍ଷଣ ହେବା ସହ ବାୟୁମଣ୍ଡଳ ପ୍ରଦୂଷଣ ଏବଂ ବିଶ୍ୱ ତାପମାତ୍ରା ହ୍ରାସ କରିବାରେ ସହାୟକ ହୋଇପାରିବ । କେତେକ ସରଳ ଉପାୟ ଅବଲମ୍ବନ ଦ୍ୱାରା ଶକ୍ତି ସଂରକ୍ଷଣ ଅଭିଯାନରେ ଆମ୍ଭେମାନେ ସହଯୋଗ କରିପାରିବା ।

- ଆବଶ୍ୟକ ନଥିବା ସ୍ଥଳେ ଲାଇଟ୍, ପଙ୍ଖା, ଟିଭି, କମ୍ପ୍ୟୁଟର ସୁଇଚ୍‌ଗୁଡ଼ିକୁ ବନ୍ଦ ରଖିବା ।
- ସାଧାରଣ ବଲ୍‌ବ ଏବଂ ସି.ଏଫ୍.ଏଲ୍ ବଦଳରେ ଏଲ.ଇ.ଡ଼ି. ଲାଇଟ୍ ବ୍ୟବହାର କରିବା ।
- ବି.ଇ.ଇ. ଦ୍ୱାରା ତାରକା ଚିହ୍ନିତ ବୈଦ୍ୟୁତିକ ଉପକରଣ ଯଥା-ଫ୍ୟାନ୍, ଏୟାରକଣ୍ଡିସନର୍, ଫ୍ରିଜ୍ ଓ ମୋଟର ପ୍ରଭୃତି ବ୍ୟବହାର କରିବା ।
- ନୂତନ ଘର ନକ୍ସା ପ୍ରସ୍ତୁତ ସମୟରେ ପ୍ରାକୃତିକ ସୂର୍ଯ୍ୟକିରଣ ଆସିପାରୁଥିବାର ବ୍ୟବସ୍ଥା କରିବା ଏବଂ ଘର ଭିତର କାନ୍ଥ ଓ ଛାତରେ ଫିକା ରଙ୍ଗ ଦେବା ସହିତ ବାୟୁ ପ୍ରବାହର ସଠିକ୍ ଉପଯୋଗ ପ୍ରତି ଧ୍ୟାନ ଦେବା ।
- ଗୃହ ନିର୍ମାଣ ପୂର୍ବରୁ ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହନିର୍ମାଣ ସଂହିତା (ଓ.ଇ.ସି.ବି.ସି)ର ନିର୍ଦ୍ଦେଶାବଳୀ ଅବଲମ୍ବନ କରିବା ।
- ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କଳକାରଖାନାର ଶକ୍ତି ବ୍ୟବହାର ସମୀକ୍ଷା ଓ ଶକ୍ତି ଅପଚୟ ହେଉଥିବା ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେଇ ଶକ୍ତି ସଂରକ୍ଷଣ କରିବା ।
- ଅକ୍ଷୟ ଶକ୍ତିର ଉତ୍ସକୁ ପାରମ୍ପରିକ ଶକ୍ତି ସହିତ ସନ୍ତୁଳନ ରଖି ଦକ୍ଷପୂର୍ଣ୍ଣ ଭାବେ ବ୍ୟବହାର କରିବା ଇତ୍ୟାଦି ।

ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣ, ବିଦ୍ୟୁତ୍ ବିତରଣ କମ୍ପାନୀ, ଗୃହ ନିର୍ମାଣ ତଥା କୃଷି ବିକାଶ ସଂସ୍ଥା, ଶିଳ୍ପ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ଶକ୍ତି ସଂରକ୍ଷଣ କ୍ଷେତ୍ରରେ ସହଯୋଗ କାମନା କରୁଅଛି ।

ଦିବ୍ୟ ଶଙ୍କର ମିଶ୍ର
(ଦିବ୍ୟ ଶଙ୍କର ମିଶ୍ର)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ୱରାଷ୍ଟ୍ର, ଓଡ଼ିଶା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଡିସେମ୍ବର, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଦାବିପତ୍ର

ବିଞ୍ଝାରପୁର,୧୩।୧୨(ଡି.ଏନ୍.ଏ): ଚଳିତ ସପ୍ତାହରେ କେନ୍ଦ୍ର ସରକାର ନାଗରିକ ସଂଶୋଧନ ବିଲ-୧୯କୁ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ଗୃହୀତ କରିବା ପରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଛନ୍ତି। ଏହା ଆଇନରେ ପରିଣତ ହୋଇଛି। ହେଲେ ଏହାକୁ ବିରୋଧ କରି ଦେଶର ବିଭିନ୍ନ ପ୍ରାନ୍ତରେ ବିକ୍ଷୋଭ ଓ ଆନ୍ଦୋଳନ ଚାଲିଛି। ନାଗରିକ ସଂଶୋଧନ ବିଲ(ସିଏବି) ଓ ଏନଆରସିକୁ ଦେଶର ଉତ୍ତର ପୂର୍ବାଞ୍ଚଳରେ ଜୋରଦାର ବିରୋଧ କରାଯାଉଥିବାବେଳେ ବିଞ୍ଝାରପୁରଠାରେ ମଧ ବିରୋଧାଭାସ ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ଜମିୟତ- ଉଲେମା -ଆଇ -ଓଡିଶା ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟ ବିଞ୍ଝାରପୁରଠାରେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଦ୍ୱାରା ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ଆଇନ କେବଳ ମୁସଲମାନ ନୁହଁନ୍ତି ବରଂ ସମଗ୍ର ଦେଶବାସୀଙ୍କ ବିପକ୍ଷରେ ବୋଲି ଜମିୟତ ଉଲେମା ଆଇ ହିନ୍ଦ୍ ପକ୍ଷରୁ କୁହାଯିବା ସହିତ ଏହି ଆଇନକୁ ତୁରନ୍ତ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରାଯାଇଛି। ଶୁକ୍ରବାର ଅପରାହ୍ନରେ ୨ଟାରେ ସମୂହ ନମାଜ ପାଠ ପରେ ବିଞ୍ଝାରପୁରସ୍ଥିତ ବଡ଼ ମସଜିଦ୍ ପଡ଼ିଆରେ ମୌଲାନା ଅକ୍ତର ଜକିଙ୍କ ସଭାପତିତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ମୁସଲମାନଭାଇ ଏକାଠି ହୋଇ ଏହି ଆଇନ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ମୁସଲମାନଭାଇମାନେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଥାନାରେ ପହଞ୍ଚି ଏସ୍ଆଇ ଫିରୋଜ ଏକ୍କାଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିବାଦ ଓ ବିରୋଧ ପ୍ରଦର୍ଶନରେ ମୌଲାନା ଆକ୍ରମ ଜକି, ମୌଲାନା ବୁରହାନ ସାହେବ, ମେହେବୁବ ଅଲ୍ଲି ଖାଁନ, ଲାଏକ ଅଲ୍ଲି ଖାଁ, ମୋଜାହିଦ୍ ଖାନ, ଖଲିରୁଲ ରେହେମାନ ଖାଁ, ମୋଫିଜୁଲ ଅଲ୍ଲି ଖାଁ, ହାସିମ ଅଲ୍ଲି ଖାଁ, ହାପି ଜୁନେଦ୍, ମୁଫ୍ତି ଫୈଜୁଲ ବାରୀ, ଅସିକ ଅଲ୍ଲି ଖାଁ, ଅଜଗର ଅଲ୍ଲି ଖାଁ, ମକତର ଅଲ୍ଲି ଖାଁ ପ୍ରମୁଖ ଯୋଗ ଦେଇଥିଲେ।

### ତହସିଲ ପକ୍ଷରୁ ଚଢ଼ାଉ: ଗୋଟିଏ ଗାଡ଼ି ଜବତ

ଧର୍ମଶାଳା,୧୩।୧୨(ଡି.ଏନ୍.ଏ.) : ଧର୍ମଶାଳା ତହସିଲ ପକ୍ଷରୁ ଶୁକ୍ରବାର ଅତିରିକ୍ତ ତହସିଲଦାର ବିଭିନ୍ନ କଳାପଥର ଖାଦାନ ଉପରେ ଚଢ଼ାଉ କରାଯାଇଥିଲା। ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, କାଏମା ଆରଆଇ ବିରଞ୍ଚି ବୋଇତେଇ, ଆରୁହା ଆରଆଇ ଜଗବନ୍ଧୁ ଜେନା, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ,ଏପିଆର ଫୋର୍ସ ସହିତ ବେଆଇନ ଖନନ ହେଉଥିବା ବିଭିନ୍ନ କଳାପଥର ଖାଦାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ଖବର ସମ୍ପର୍କରେ କୌଣସି ସୂତ୍ରରୁ ପଥର ମାଫିଆମାନେ ସୂଚନା ପାଇ ଗାଡ଼ି ଓ ଶ୍ରମିକ ହଟାଇ ଦେଇଥିଲେ। ପରେ ଫେରୁଥିବାବେଳେ ମାଣ୍ଡିଆ ଛକ ନିକଟରେ ଏକ କଳାପଥର ଚିପ୍ସ ବୋଝେଇ ହାଇୱା ଗାଡିକୁ ଜବତ କରି ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଛି। ଏହି ଚଢ଼ାଉ ଅବ୍ୟାହତ ରହିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ଗୁରୁତ୍ୱପୂର୍ଣ୍ଣ ଛକରେ ନାହିଁ ଷ୍ଟ୍ରିଟଲାଇଟ

ଯାଜପୁର ଅଫିସ,୧୩।୧୨

ସଡ଼କ ସୁରକ୍ଷା ପାଇଁ ଜାତୀୟ ରାଜପଥ(ଏନ୍ଏଚ୍), ରାଜ୍ୟ ରାଜପଥ(ଏସ୍ଏଚ୍) ଓ ମୁଖ୍ୟ ଜିଲା ରାସ୍ତା(ଏମ୍ଡିଆର)କ୍ଷେତ୍ରରେ ଷ୍ଟ୍ରିଟଲାଇଟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହିମର୍ମରେ ସୁପ୍ରିମକୋର୍ଟ ସଡକ ସୁରକ୍ଷା କମିଟି ଗତ ଅଗଷ୍ଟରେ ଜନବହୁଳ ଅଞ୍ଚଳ ଓ ଗୁରୁତ୍ୱପୂର୍ଣ୍ଣ ଛକ ସମେତ ଗ୍ରାମାଞ୍ଚଳର ଛକଗୁଡ଼ିକରେ ଷ୍ଟ୍ରିଟଲାଇଟ ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଡମ୍ବନା ଯେ, ଯାଜପୁର ଜିଲାର ପାଣିକୋଇଲି ପୂର୍ତ୍ତ ବିଭାଗ ଶାଖା ଜରିଆରେ ଏଯାଏ ୧୫୧.୮୨ କି.ମି. ନିବାସସ୍ଥାନ ମଧ୍ୟରୁ ମାତ୍ର ୨.୫ କିମି ସ୍ଥାନରେ ଷ୍ଟ୍ରିଟଲାଇଟ ସୁବିଧା ହୋଇପାରିଛି। ଏହାବାଦ ଜିଲାର ୧୩୯ଟି ମହତ୍ୱପୂର୍ଣ୍ଣ ଛକ(ଜଙ୍କସନ) ଅଞ୍ଚଳ ମଧ୍ୟରୁ ମାତ୍ର ୧୮ଟି ଛକରେ ଷ୍ଟ୍ରିଟଲାଇଟ ସୁବିଧା ରହିଛି। ଅନ୍ୟପକ୍ଷେ ବ୍ୟାପକ ହେରାଫେରି ଷ୍ଟ୍ରିଟଲାଇଟ ଯୋଜନାକୁ ଲକ୍ଷ୍ୟଚ୍ୟୁତ କରିଛି। ଏଥିରୁ ଜିଲାରେ ସଡକ ସୁରକ୍ଷା ପ୍ରତି କେତେ ଆନ୍ତରିକତା ରହିଛି ତାହା ସ୍ପଷ୍ଟ ଅନୁମେୟ। ଏହାବାଦ ଅନ୍ୟାନ୍ୟ ଅବହେଳା କାରଣରୁ ଜିଲାରେ ଗତ ୩ ବର୍ଷ ମଧ୍ୟରେ ଅକ୍ଟୋବର ସୁଦ୍ଧା ସଡକ ଦୁର୍ଘଟଣାରେ ୫୭୯ ଜଣଙ୍କ ମୃତ୍ୟୁ ହୋଇଛି।

ସୁପ୍ରିମକୋର୍ଟ ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶ ଅନୁସାରେ ମୁଖ୍ୟ ଶାସନ ସଚିବ ଗତ ଅଗଷ୍ଟରେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୨୬।୧୧।୨୦୧ରେ ୱାର୍କ ଡିପାର୍ଟମେଣ୍ଟ ପକ୍ଷରୁ ମଧ ନୋଟିସ ଜାରି ହୋଇଥିଲା। ତେବେ ୧୨।୧୨।୨୦୧୯ ତାରିଖରେ ମଧ ରାଜ୍ୟ ସରକାରଙ୍କ ପରିବହନ ସଚିବଙ୍କୁ ଡିପିଆଇ ଆଣ୍ଡ ରୋଡ ବିଭାଗର ଚିଫ ଇଞ୍ଜିନିୟର ଏହି ମର୍ମରେ ପରିବହନ ସଚିବଙ୍କୁ ଷ୍ଟ୍ରିଟ ଲାଇଟ ଲଗାଇବା ସମ୍ପର୍କରେ ସୂଚିତ କରିଛନ୍ତି। ଏଥିରେ ପାଇଁ ଡିପିଆଇ ଓ ରୋଡ ବିଭାଗର ଚିଫ ଇଞ୍ଜିନିୟର ପ୍ରାୟ ୭୯୫.୩୦ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ସୂଚନା ଦେଇଛନ୍ତି। ଏହାପୂର୍ବରୁ ପାଣିକୋଇଲି ଡିଭିଜନ ପକ୍ଷରୁ ଦେଇଥିବା ସୂଚନା ଅନୁସାରେ ଯାଜପୁର ଜିଲାରେ ୧୫୧.୮୨ କିମି ରାସ୍ତାରେ ଷ୍ଟ୍ରିଟଲାଇଟ ସୁବିଧା ରହିବା ଆବଶ୍ୟକ ଥିବାବେଳେ ମାତ୍ର ୨.୫ କିମି ରାସ୍ତାରେ ଷ୍ଟ୍ରିଟଲାଇଟ ସଂଯୋଗ ହୋଇଛି। ବାକି ୧୪୯.୩୨ କିମି ରାସ୍ତାରେ ଷ୍ଟ୍ରିଟଲାଇଟ ସଂଯୋଗର ଆବଶ୍ୟକତା ରହିଥିବାବେଳେ ୨୯ଟି ପ୍ରକଳ୍ପ ନିର୍ମାଣାଧିନ ଅବସ୍ଥାରେ ରହିଥିବା ସୂଚନା ମିଳିଛି। ସେହିପରି ଜିଲାରେ ୧୩୯ଟି ଛକ ମଧ୍ୟରୁ ୪୭ଟି ମୁଖ୍ୟ(ମେଜର) ଓ ୯୨ଟି ମାଇନର ଛକ ରହିଛି। ଏଥିରୁ ୧୪ଟି ଛକ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ସମୁଦାୟ ଛକ ମଧ୍ୟରୁ ୧୮ଟି ଛକରେ ଷ୍ଟ୍ରିଟଲାଇଟ ସୁବିଧା ରହିଛି। ଅନ୍ୟପକ୍ଷେ ୩୪ଟି ଛକରେ ଷ୍ଟ୍ରିଟଲାଇଟ ସୁବିଧା ଯୋଗାଇ ଦେବାକୁ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ରହିଛି ବୋଲି ସୂଚନା ମିଳିଛି। ଏହାବାଦ ଜିଲାର ପ୍ରମୁଖ ସହର ଯାଜପୁରରୋଡର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ, ଜନବସତି ଅଞ୍ଚଳ ଓ ୱାର୍ଡମାନଙ୍କରେ ଏଯାଏ ଷ୍ଟ୍ରିଟଲାଇଟ ସୁବିଧା ହୋଇପାରି ନାହିଁ। ଧବଳଗିରି, ମୁଣ୍ଡୋମାଳ, ଗୋଶାଳା ଛକ, ଯୋଡାବର ରାସ୍ତା, ନଟପଡା, ପାଇକରାପୁର ଆଦି ସ୍ଥାନରେ ଷ୍ଟ୍ରିଟଲାଇଟ ସୁବିଧା ନାହିଁ। ଜାତୀୟ ରାଜପଥର ପାଣିକୋଇଲି, ଜାରକା, କୁଆଖିଆ, ବେଣାପୁର, ଚଣ୍ଡିଖୋଲ ଆଦି ଗୁରୁତ୍ୱପୂର୍ଣ୍ଣ ଛକରେ ମଧ ସମ୍ପୂର୍ଣ୍ଣ ମାତ୍ରାରେ ଷ୍ଟ୍ରିଟଲାଇଟ ସୁବିଧା ହୋଇପାରି ନାହିଁ। ଏହାବାଦ ଯାଜପୁର ସହର କେତେକ ଛକ ସମେତ ଗ୍ରାମାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ମଧ ଷ୍ଟ୍ରିଟଲାଇଟ ସୁବିଧା ହୋଇ ପାରି ନ ଥିବାରୁ ଦୁର୍ଘଟଣା ବଢୁଥିବା ଅନ୍ୟଏକ କାରଣ ବୋଲି ମତପ୍ରକାଶ ପାଇଛି। ୨୦୧୭-୧୮ ବର୍ଷରେ ଯାଜପୁର ଜିଲାରେ ରାସ୍ତା ଦୁର୍ଘଟଣାରେ ୨୦୯ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାବାଦ ୪୧୧ ଜଣ ଆହତ ହୋଇଥିଲେ। ସେହିପରି ୨୦୧୮-୧୯ ବର୍ଷରେ ୨୪୧ ଜଣଙ୍କର ମୃତ୍ୟୁ ହୋଇଛି। ଚଳିତ ୨୦୧୯-୨୦ ବର୍ଷର ଏପ୍ରିଲରୁ ଅକ୍ଟୋବର ପର୍ଯ୍ୟନ୍ତ ୨୭୧ଟି ଦୁର୍ଘଟଣା ଘଟିଥିବାବେଳେ ୧୨୯ ଜଣଙ୍କର ମୃତ୍ୟୁ ହୋଇଛି। ଏହାବାଦ ୧୪୮ ଜଣ ଗୁରୁତର ଆହତ ଓ ୨୦ ଜଣ ସାମାନ୍ୟ ଆହତ ହୋଇଛନ୍ତି। ନୂତନ ଟ୍ରାଫିକ ଆଇନ ଲାଗୁ ହେବା ପରେ ଦୁର୍ଘଟଣା ହ୍ରାସ ପାଇଥିବା ମନେ ହୋଇଛି। ଏ ସଂକ୍ରାନ୍ତରେ ଡିପିଆଇ ଆଣ୍ଡ ରୋଡ ବିଭାଗର ଚିଫ ଇଞ୍ଜିନିୟର ଆଦିତ୍ୟ କୁମାର ରାୟ ସମସ୍ତ ମହତ୍ତ୍ୱପୂର୍ଣ୍ଣ ଛକ, ଜନବସତି ଓ ଗ୍ରାମାଞ୍ଚଳ ଛକଗୁଡ଼ିକରେ ଷ୍ଟ୍ରିଟଲାଇଟ ଲଗାଇବା ଅପରିହାର୍ଯ୍ୟ ବୋଲି ଦର୍ଶାଇଛନ୍ତି।

**ଯାଜପୁର ଜିଲା**



- ୧୩୯ରୁ ୧୮ ଛକରେ ରହିଛି ଷ୍ଟ୍ରିଟଲାଇଟ
- ଦୁର୍ଘଟଣା ରୋକିବାକୁ ଷ୍ଟ୍ରିଟଲାଇଟ ପ୍ରକଳ୍ପ ଦିଗହରା
- ଦୁର୍ଘଟଣାରେ ୩ ବର୍ଷରେ ମଲେଣି ୫୭୯

## ଆଳୁ ଉତ୍ପାଦନ ହ୍ରାସ ପାଇବା ଆଶଙ୍କା

ଧର୍ମଶାଳା,୧୩।୧୨(ଡି.ଏନ୍.ଏ.)

ଚଳିତ ବର୍ଷ ଏପର୍ଯ୍ୟନ୍ତ ସ୍ୱାଭାବିକ ସ୍ତରର ଶୀତ ଅନୁଭୂତ ହୋଇପାରିଲା ନାହିଁ। ଫଳରେ କମ୍ ଶୀତ ଯୋଗୁ ଆଳୁଚାଷ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୧୫ଶହ ହେକ୍ଟର ଜମିରେ ଆଳୁଚାଷ କରାଯାଇଥିବା କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥର ବିଳମ୍ବ ସମୟ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଆଳୁଚାଷ ବିଳମ୍ବ ହୋଇଥିଲା। ବିଶେଷକରି ସାମୁଦ୍ରିକ ଝଡ ବୁଲବୁଲ ଯୋଗୁ ବର୍ଷା ଲାଗି ରହିବାରୁ ଚାଷକାମ ବିଳମ୍ବ ହୋଇଥିଲା। ମାତ୍ର ବର୍ଷା ପରିମାଣ ଠିକ ରହିଥିବାରୁ ଆଳୁଚାଷ ଭଲହେବ ବୋଲି ଆଶା କରାଯାଉଥିଲା। ଏପରି କି ଗତବର୍ଷ ୨ହଜାର ହେକ୍ଟର ଜମିରେ ଆଳୁ ଚାଷ ହୋଇଥିବାବେଳେ ଚଳିତ ଥର ୫ଶହ ହେକ୍ଟର କମ୍ ଜମିରେ ଆଳୁ ଚାଷ କରାଯାଇଛି। ହେଲେ ଏବେ ଡିସେମ୍ବର ମାସ ଅଧା ହେବାକୁ ଯାଉଥିବା ବେଳେ ଶୀତ କମ୍ ହେଉଥିବା ଫଳରେ ଆଳୁ ଉତ୍ପାଦନ ହ୍ରାସ ପାଇବା ନେଇ ଆଶଙ୍କା ଦେଖାଦେଇଛି।

## ଚାଷୀଙ୍କୁ ଭେଟିଲେ ଜିଲା ଜଳସମ୍ପଦ ଅଧିକାରୀ

ଦଶରଥପୁର,୧୩।୧୨(ଡିଏନ୍ଏ)

ଚାଷୀଙ୍କ ଉନ୍ନତି ପାଇଁ କୃଷି ଓ ଜଳସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାର ସହ କାମ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାପରେ ଚାଷୀଙ୍କ ବିବିଧ ଅଭିଯୋଗର ତତ୍କାଳ ସମାଧାନ ପାଇଁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ କରିଛି ଜିଲା ଜଳସମ୍ପଦ ବିଭାଗ। ବିଭାଗର ଜିଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ ଦଶରଥପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିବା ସହ ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚି ତଥ୍ୟ ଓ ମତାମତ ସଂଗ୍ରହ କରିଛନ୍ତି। ଜିଲା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରାଙ୍କ ନେତୃତ୍ୱରେ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ଉପଖଣ୍ଡ ଅଧିକାରୀ ପ୍ରଫୁଲ କୁମାର କର, କନିଷ୍ଠଯନ୍ତ୍ରୀ ଚୈତନ୍ୟ ଯେନା ପ୍ରମୁଖ ଖଣ୍ଡରା, ଅକରପଡ଼ା, ଚିତାଳୋ, ପଞ୍ଚାୟତ ସମେତ ଯାଜପୁର ବ୍ଲକ୍ ଅଧୀନ ସାନସୁଆର ପଞ୍ଚାୟତ ବିଭିନ୍ନ ଗ୍ରାମର ଚାଷୀଙ୍କୁ ଭେଟିବା ସହ ଚାଷ କାର୍ଯ୍ୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ବହୁ ଚାଷୀଙ୍କ ମୋବାଇଲ ଓ ଆଧାର ନମ୍ବର ସଂଗ୍ରହ କରାଯାଇଥିଲା। ଚାଷୀଙ୍କ ତରଫରୁ ଶ୍ରୀକାନ୍ତ ବେହୁରିଆ, ତପନ ଯେନା, ଶ୍ରୀନିବାସ ପରିଡ଼ା, ସ୍ୱଦେଶ ଜେନା, ଦଶରଥ ସାହୁ, ନିଳମଣୀ ପାଣିଗ୍ରାହୀ, ମନୋଜ ଦାସ, ପ୍ରଦୀପ ବେହୁରିଆ, ଅଦ୍ୱୈତ ପ୍ରସାଦ ସାହୁ , ପ୍ରଫୁଲ୍ଲ ସାହୁ, ସମୀର ଜେନା, ମନୋଜ ଜେନଙ୍କ ସମେତ ବହୁ ଚାଷୀ ପାଣି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ତତ୍କାଳ ଭାବେ ଏହାର ସମାଧାନ କରିବାକୁ ଅନୁରୋଧ କରିଥିଲେ। ଖୁବ୍ଶୀଘ୍ର ସେମାନଙ୍କ ସହ ମୁଖ୍ୟମନ୍ତ୍ରୀ ଓ ବିଭାଗର ସର୍ବୋଚ୍ଚ ଅଧିକାରୀ ସିଧାସଳଖ ଆଲୋଚନା କରି ସମସ୍ୟାର ସମାଧାନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଯାଜପୁର ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ବରିଷ୍ଠ କର୍ମଚାରୀ ବୈକୁଣ୍ଠନାଥ ସାହୁ, କମଳାକାନ୍ତ ସିଂହଓ ରଂଜନ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥିଲେ।



ଜଳସମ୍ପଦ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ବ୍ରାହ୍ମଣୀ ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

ବରୀ/ରତ୍ନଗିରି,୧୩।୧୨(ସ୍ୱ.ପ୍ର./ ଡି.ଏନ.ଏ.)

ବରୀ ବ୍ଲକ ଅଧିନ ରାମଚନ୍ଦ୍ରପୁର-ଚନ୍ଦନପୁର ବ୍ରାହ୍ମଣୀ ନଦୀଘାଟ ନିକଟରେ ଜୈନେକ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏନେଇ ବରୀ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୦୧୯) ରୁଜୁ କରାଯିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁକ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମିଳିଥିବା ସୂଚନା ଅନୁସାରେ ଅନ୍ୟାସୀପୁର ଗ୍ରାମର ବିଦ୍ୟାଧର ସାହୁଙ୍କ ପୁଅ ରାଜ କିଶୋର (୨୯) ଶୁକ୍ରବାର ବ୍ରାହ୍ମଣୀ ନଦୀର ଚନ୍ଦନପୁର ଘାଟ ନିକଟକୁ ଶୌଚ ହେବାକୁ ଆସିଥିଲେ। ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକେ ପହଞ୍ଚି ରାଜ କିଶୋରଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ରାଜ କିଶୋରଙ୍କୁ ମୃତ ଘୋଷଣା କରିଥିଲେ।

**ଝିଅଙ୍କୁ ହତ୍ୟା କରି ନିଖୋଜ କରିଦେଇଥିବା ଅଭିଯୋଗ**

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

ବିଞ୍ଝାରପୁର/ବରୀ,୧୩।୧୨ (ଡି.ଏନ.ଏ/ସ୍ୱପ୍ର)

ବିଞ୍ଝାରପୁର ଥାନା ରତଳାଙ୍ଗ ପଞ୍ଚାୟତ ମଠସାହିର ଜଣେ ବଧୂ ବୁଧବାରଠାରୁ ନିଖୋଜ ହୋଇଯାଇଥିବାବେଳେ ଯୌତୁକ ପାଇଁ ତାଙ୍କୁ ଶାଶୁଘର ଲୋକେ ହତ୍ୟା କରି କେଉଁଠାରେ ଲୁଚାଇ ଦେଇଥିବା ନେଇ ବୁଧବାର ବଧୂଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳେ ପୋଲିସ ବଧୂଙ୍କ ମୃତଦେହକୁ ସ୍ଥାନୀୟ ଏକ ପୋଖରୀରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ପ୍ରକାଶ ଯେ, ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତର ଚୈତନ୍ୟ ବରାଳଙ୍କ ଝିଅ କବିତା ବିଞ୍ଝାରପୁର ଥାନା ରତଳାଙ୍ଗ ମଠସାହି ଗ୍ରାମର ବାମଦେବ ସାମଲଙ୍କ ପୁଅ ଲକ୍ଷ୍ମୀଧର ସାମଲଙ୍କୁ ଗତ ୩ବର୍ଷ ତଳେ ବୈଦିକରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ପକ୍ଷରୁ ୧ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରାଯିବା ସହ କବିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ଗତ ୧୦ତାରିଖ ରାତିରେ କବିତା ନିଜ ମା' ଜ୍ୟୋତ୍ସ୍ନାରାଣୀଙ୍କୁ ଫୋନ କରି ଜଣାଇଥିଲେ। ଏହା ସହିତ ଯୌତୁକ ବାବଦରେ ତୁରନ୍ତ ୧ଲକ୍ଷ ଟଙ୍କା ଦିଅ ନଚେତ୍ ଶାଶୁଘର ଲୋକେ ମାରିଦେବାକୁ ଧମକ୍ ଦେଉଛନ୍ତି ବୋଲି କବିତା ମା'ଙ୍କୁ ଜଣାଇଥିଲେ। ପରଦିନ ଅର୍ଥାତ ବୁଧବାର ସକାଳେ କବିତାଙ୍କ ବାପଘର ଲୋକେ ଝିଅ ଶାଶୁଘରେ ପହଞ୍ଚି ଥିଲେ। ସେଠାରେ ଝିଅକୁ ନ ପାଇ ପଚାରିବାରୁ ମଙ୍ଗଳବାର ରାତିରେ କବିତା କୁଆଡ଼େ ଚାଲିଯାଇଛନ୍ତି ବୋଲି ଶାଶୁଘର ଲୋକେ ସଫେଇ ଦେଇଥିଲେ। ଏହି ଘଣାରେ କବିତାଙ୍କ ମା' ଜ୍ୟୋତ୍ସ୍ନାରାଣୀ ତାଙ୍କ ଝିଅକୁ ଶାଶୁଘର ଲୋକେ ଯୌତୁକ ଦାବିରେ ମାରିଦେଇ ନିଖୋଜ କରିଦେଇଥିବା ସନ୍ଦେହ ପ୍ରକଟ କରି ସେହିଦନ ସନ୍ଧ୍ୟାରେ ବିଞ୍ଝାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (୩୫୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଶୁକ୍ରବାର ସକାଳେ କବିତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କବିତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ମୃତା କବିତାଙ୍କ ସ୍ୱାମୀ ଲକ୍ଷ୍ମୀଧରଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜଣାପଡ଼ିଛି ।

## ମିର୍ଜାପୁରରେ ବାଣ ଫୁଟି ୭ ଶିଶୁ ଆହତ

ରସୁଲପୁର, ୧୩।୧୨(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଅଫୁଟା ବାଣ ଫୁଟି ୭ଜଣ ଶିଶୁ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଲତାନ ଖାଁ (୧୨), ସେକ ହବିବ(୧୦) ଓ ଅଜମତ ଖାଁ (୧୨)। ସେମାନଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ୪ ଜଣ ହେଲେ ସେକ ଜାନି ବାବୁ, ସେକ ସୁଲଜ, ସେକ ଚାନ୍ଦ ଓ ସେକ ଜମିଲଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକତ୍ସା କରାଯାଇ ଘରକୁ ଅଣାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ସେହି ଗ୍ରାମ ରାସ୍ତା ଦେଇ ଏକ ବାହାଘର ବରଯାତ୍ରୀ ଦଳ ପ୍ରୋସେସନ କରି ଯାଇଥିଲେ। ଫଳରେ କେତେକ ଅଫୁଟା ବାଣ ରହିଯାଇଥିଲା। ସକାଳୁ ସେହି ଅଫୁଟା ବାଣକୁ ଗୋଟାଇ ଏକାସହ ନିଆଁ ଲଗାଇବାରୁ ଶିଶୁମାନେ ଆହତ ହୋଇଥିବା ଜଣାପଡିଛି।

## କଳିଙ୍ଗନଗର ମହୋତ୍ସବ ଉଦ୍ଯାପିତ

କଳିଙ୍ଗନଗର,୧୩।୧୨(ଡି.ଏନ.ଏ)

କଳିଙ୍ଗନଗର ମହୋତ୍ସବ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଯୋଗଦେଇ ଦିବସକୁ ଉଦ୍ଯାପନ କରିଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଯୋଗଦେଇ ଯାଜପୁର ଜିଲା କଳକାରଖାନାଗୁଡିକୁ ଆଗେଇ ନେବାରେ ସାହାଯ୍ୟ କରିବାର ସୁଯୋଗ ପାଇଛି। ଭାରତର ୯୨ଭାଗ କ୍ରୋମାଇଟ ୫୨ଭାଗ ଗ୍ରାଫାଇଟ ଏହି ସୁକିନ୍ଦା ଅଞ୍ଚଳରେ ଭର୍ତ୍ତି ହୋଇରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଦାନଗଦୀ ତହସିଲଦାର ବୁଲବୁଲ ବେହେରା, ମଙ୍ଗଳପୁର ସରପଞ୍ଚ ବିଳାସିନି ମଳିକ ଓ ସମିତିସଭ୍ୟା ମଞ୍ଜୁଲତା ମଳିକ, ଯାଜପୁର ଜିଲା ଦିବ୍ୟାଙ୍ଗ ସଭାପତି ମଣ୍ଟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଉଦ୍ଯାପନୀ ଉତ୍ସବରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

**କୁଆଖିଆ ଗଜ ଉଦ୍ଧାରଣ ଉତ୍ସବ ପାଇଁ ପ୍ରସ୍ତୁତି ଜୋରଦାର**

## ୨୦ଦିନ ଧରି ଉତ୍ସବମୁଖର ହେବ ବଜାର

ରସୁଲପୁର,୧୩।୧୨(ଡିଏନଏ)

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାରରେ ଦୀର୍ଘ ୬୪ବର୍ଷ ଧରି ଗଜ ଉଦ୍ଧାରଣ ପୂଜା ଧୁମଧାମର ସହ ପାଳିତ ହୋଇଆସୁଛି। ଚଳିତବର୍ଷ ମଧ ଗଜ ଉଦ୍ଧାରଣ ଉତ୍ସବ ପାଳନ ହେବାକୁ ଯାଉଛି। ଯାହାକି ଲକ୍ଷ୍ମୀ ନାରାୟଣ ପୂଜା ଭାବରେ ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏହି ବଜାରରେ ଉତ୍ସବ ପାଳିତ ହେଉଛି। ଏହି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରାଯାଉଛି। ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କମିଟି ସଭାପତି ବନୋଜ କୁମାର ସ୍ୱାଇଁ, ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି।

୧୬ ଡିସେମ୍ବର ଧନୁ ସଂକ୍ରାନ୍ତି ଦିନ ଶୁଭ କଳସ ସ୍ଥାପନ କରାଯିବ। ଏହି ଦିନରୁ ଗଜଉଦ୍ଧାରଣ ଉତ୍ସବ ଆରମ୍ଭ ହୋଇ ୨୦ଦିନ ଧରି ଚାଲିବ। ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମରେ ଉତ୍ସବକୁ ଲୋକପର୍ବ ଭାବେ ପାଳନ କରାଯାଉଛି। ବର୍ଷକରେ ଥରେ ଏହି ପର୍ବର ପ୍ରଭାବ ଲୋକଙ୍କ ଘରେ ଘରେ ଅନୁଭୂତ ହେଉଥିଲା। ଏବେ ବି ଆଧୁନିକତାର ଚାକଚକ୍ୟ ଭିତରେ ଉତ୍ସବ ନିଜ ମୌଳିକତାକୁ ବଜାୟ ରଖିବାରେ ସକ୍ଷମ ହୋଇପାରିଛି। ଏହି ସ୍ୱତନ୍ତ୍ରତାକୁ ବଜାୟ ରଖିବା ଉପରେ ସର୍ବଦା କମିଟି ଗୁରୁତ୍ୱ ଦେଇଆସୁଛି। ପୁରୁଣା ଲୋକକଳାକୁ ବଞ୍ଚାଇବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ବ୍ଲକ ଅଧୀନ କୁଲୁଗାଁ ଅଞ୍ଚଳର ମୂର୍ତ୍ତି କାରିଗର ରବି ସାହୁ, ଏବଂ କେନ୍ଦୁଝର ଜିଲା ବାନ୍ଦଗଡା ଅଞ୍ଚଳର ଶିଳ୍ପୀକାର ହରେକୃଷ୍ଣ ମହାରଣାଙ୍କ ମିଳିତ ଉଦ୍ୟମରେ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ଓ ପାର୍ଶ୍ୱ ଦେବୀଦେବତାଙ୍କ ମୂର୍ତ୍ତି ଗଢା କାର୍ଯ୍ୟ ସରି ଆସିଲାଣି। ତୋରଣ ସାଜସଜ୍ଜାରେ କାରିଗରମାନେ ଶେଷସ୍ପର୍ଶ ଦେଉଛନ୍ତି। ପୂଜା ଆରମ୍ଭରୁ ସାଂସ୍କୃତିକ ମଞ୍ଚରେ ଦୁଇଦିନ ଧରି ଜିଲାର ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ କୀର୍ତ୍ତନ ପରିବେଷଣ କରାଯିବ। ୧୯ରୁ ୨୪ ଡିସେମ୍ବର ପର୍ଯ୍ୟନ୍ତ ବାଦିପାଲା ଓ ଦାସକାଠିଆ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଉଭୟ ମହିଳା ଓ ପୁରୁଷ ପାଲ ପରିବେଶଣକାରୀ ଦଳ ଅଂଶଗ୍ରହଣ କରିବେ। ୨୫ ଡିସେମ୍ବରରେ ପ୍ରବଚନ ଓ ଶିଶୁ ସୈନିକ ବିଦ୍ୟାଳୟର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ବାକି ୨୬ରୁ ୩୧ତାରିଖ ପର୍ଯ୍ୟନ୍ତ ମେଲୋଡି, ପାରମ୍ପରିକ ନୃତ୍ୟକଳା ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ୧ରୁ ୫ ଜାନୁଆରୀ ପର୍ଯ୍ୟନ୍ତ ଆଞ୍ଚଳିକ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ଯଥାକ୍ରମେ ମା' ବୁଢି ବାସୁଳାଇ-ଓରାଳି, ନେହେରୁ ନାଟ୍ୟ ସଂସଦ-ରସୁଲପୁର, ମା ଲକ୍ଷ୍ମୀ ନାଟ୍ୟ ସଂସଦ-ପାଳସାହି(ଚଣ୍ଡିପୁର), ଫମା ଥାନପତି ଡ୍ରାମାଟିକ୍ କ୍ଲବ-ସାରଙ୍ଗପୁର ଓ ମା କ୍ଷେତ୍ରପାଳିନୀ ନାଟ୍ୟ ସଂସଦ-କୋଳଥଳ ପକ୍ଷରୁ ଯାତ୍ରା ପରିବେଷଣ କରାଯିବ। ୬ ଜାନୁଆରୀରେ ଭସାଣି ହେବ। ଏହି ଉତ୍ସବକୁ ଅଧିକ ମନୋରମ କରିବା ପାଇଁ ୧୨ବର୍ଷ ଧରି କୁଆଖିଆ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ସାରଙ୍ଗପୁର ମେଲଣ ପଡିଆରେ ଏହି ମହୋତ୍ସବ ହେଉଛି। ମହୋତ୍ସବ ମଞ୍ଚ ଆଞ୍ଚଳିକ ପ୍ରତିଭାଙ୍କ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେଉଛି। ଏ ସବୁକୁ ନେଇ ଚଳିତବର୍ଷ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଓ ମହୋତ୍ସବ ଅଧିକ ଅକର୍ଷଣୀୟ ହେବ ବୋଲି ଆଶା କରାଯାଉଛି। ପୂଜା ଆଗମନରେ ସହର ଚଳଚଞ୍ଚଳ ହୋଇଉଠିଛି।



ଲକ୍ଷ୍ମୀନାରାୟଣ ଓ ପାର୍ଶ୍ୱ ଦେବୀଦେବତାଙ୍କ ମୂର୍ତ୍ତି ଗଢା କାର୍ଯ୍ୟ ଚାଲିଛି।

## କେଡିଏମ କ୍ରିକେଟ୍: କମାଗଡ଼, ରାଇଛଡ଼ା ବିଜୟୀ

ଧର୍ମଶାଳା,୧୩।୧୨(ଡି.ଏନ୍.ଏ.): କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ମଧୁପୁରଗଡ଼ ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ କମାଗଡ଼ ଓ ରାଇଛଡ଼ା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସାହାଣୀଡିହ ଟିମ୍‌କୁ ୭୧ରନ୍‌ରେ ପରାସ୍ତ କରି କମାଗଡ଼ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ସମ୍ବାରୁ ଟିମ୍‌କୁ ୯ ୱିକେଟରେ ପରାସ୍ତ କରି ରାଇଛଡ଼ା ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ କମାଗଡ଼ ଟିମ୍ ବ୍ୟାଟିଂ କରି ୧୫ ଓଭରରେ ୪ ୱିକେଟ୍ ହରାଇ ୨୪୮ ରନ ସଂଗ୍ରହ କରିଥିଲା। ଜବାବରେ ସାହାଣୀଡିହ ଦଳ ବ୍ୟାଟିଂ କରି ୧୨.୩ ଓଭରରେ ସମସ୍ତ ୱିକେଟ ହରାଇ ୧୭୭ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ସମ୍ବାରୁ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ରାଇଛଡ଼ା ଦଳ ବ୍ୟାଟିଂ କରି ୮.୨ ଓଭରରେ ୧ ୱିକେଟ୍ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚକୁ ମହେଶ୍ୱର ସ୍ୱାଇଁ, ସିଦ୍ଧାର୍ଥ ସ୍ୱୟଂପ୍ରଭା ମାହାନ୍ତି ପ୍ରମୁଖ ପରିଚାଳନା କରିଥିବାବେଳେ ସ୍କୋରରେ ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସହାୟତା କରିଥିଲେ। ଶନିବାର ଅଞ୍ଜିରା ସହିତ ବଡ଼ଧଉଡ଼ା ଓ ଟେରିଆ ସହିତ ପୁରୁଣା ବଉଳମାଳ ପଞ୍ଚାୟତ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ପରିଚାଳନା କମିଟି ଗଠନରେ ଚଞ୍ଚକତା ଅଭିଯୋଗ

**ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ**

ରସୁଲପୁର,୧୩।୧୨(ଡିଏନ୍ଏ)

ରସୁଲପୁର ବ୍ଲକ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଥିବା ନେଇ ଅଭିଭାବକଙ୍କ ପକ୍ଷରୁ ଗୁରୁବାର ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। କମିଟି ଗଠନରେ ଚଞ୍ଚକତା କରାଯାଇଛି ବୋଲି ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ମଲିକ, ଗଣେଶ୍ୱର ସାହୁ, ମମତା ରଣା, ଅନିତା ରଥ ପ୍ରମୁଖ ଅଭିଯୋଗ କରିବା ସହ ଉକ୍ତ ଘଟଣାର ତଦନ୍ତ କରାଯାଇ ଅନିୟମିତତାରେ ସମ୍ପୃକ୍ତ ଶିକ୍ଷକ ଓ ସିଆରସିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ବିଦ୍ୟାଳୟରେ ପଢୁଥିବା ସମୁଦାୟ ୨୫୯ଜଣ ବିଦ୍ୟାର୍ଥୀଙ୍କ ମା'ବାପା ଛାତ୍ରାଭିଭାବକ କମିଟିର ସଦସ୍ୟ ଅଛନ୍ତି। ସେଣୁ ହାରାହାରି ୪୯୦ଜଣ ଅଭିଭାବକ କମିଟିର ସଦସ୍ୟ ଅଛନ୍ତି। ନିୟମାନୁଯାୟୀ, ୪୦ଶତକଡା ଅଭିଭାବକ ପରିଚାଳନା କମିଟି ଗଠନ ବୈଠକରେ ଉପସ୍ଥିତ ରହିଲେ କମିଟି ଗଠନ ହୋଇପାରିବ। ତେବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ରୁବେନ୍ଦ୍ର କୁମାର ସାହୁଙ୍କ ଚିଠି ମୁତାବକ ପରିଚାଳନା କମିଟି ଗଠନ ପାଇଁ ଛାତ୍ରାଭିଭାବକ ବୈଠକ ଗତ ୧୦ତାରିଖରେ ବସିଥିଲା। ଉକ୍ତ ବୈଠକରେ ୧୨୨ଜଣ ଅଭିଭାବକ ଉପସ୍ଥିତ ଥିଲେ। ଯାହାକି କୋରମ ପାଇଁ ଆବଶ୍ୟକ ବୈଠକଠାରୁ ୭୪ଜଣ କମ୍ ଥିଲା। କୋରମ ନ ହେବାରୁ କମିଟି ଗଠନ ପ୍ରକ୍ରିୟାକୁ ବାତିଲ କରିବାକୁ ଅଭିଭାବକମାନେ ମତ ରଖିଥିଲେ। ମାତ୍ର ସେମାନଙ୍କର ପ୍ରସ୍ତାବକୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ଅଭିଭାବକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପ୍ରଧାନ ଶିକ୍ଷକଙ୍କୁ ସମର୍ଥନ କରୁଥିବା ଅଭିଭାବକ ଓ ଅନ୍ୟ ଅଭିଭାବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ଅଶାନ୍ତ ହେବାରୁ ସିଆରସିସି ଅଶ୍ୱିନୀ ଦ୍ୱିବେଦୀ ବୈଠକ ଛାଡି ପଳାଇ ଯାଇଥିଲେ। ଏହାପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଠକରେ ୨୦୨ଜଣ ଅଭିଭାବକ ଉପସ୍ଥିତ ଥିବା ଦର୍ଶାଇ ପରିଚାଳନା କମିଟିର ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ଭାବରେ ଚୟନ କରାଯାଇଥିଲା। କମିଟି ଗଠନ ଓ ସଭାପତି ଚୟନ ହୋଇଥିବା ଓ ଉଭୟ ତଦ ନିର୍ବାଚିତ ସଭାପତି, ପ୍ରଧାନ ଶିକ୍ଷକ ଦସ୍ତଖତ ଥିବା ଦର୍ଶାଇ ସିଆରସିସି ଦ୍ୱିବେଦୀଙ୍କୁ ଦସ୍ତଖତ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏହାଜାଣି ପରିଚାଳନା କମିଟିର ସଦସ୍ୟମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଘଟଣାର ସତ୍ୟାସତ୍ୟକୁ ନେଇ ତଦନ୍ତ କରିବେ ବୋଲି ବିଡିଓ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ସିଆରସିସି ଦ୍ୱିବେଦୀଙ୍କୁ ପଚାରିବାରୁ ସେ ପୂର୍ଣ୍ଣାଙ୍ଗ କମିଟି ଗଠନ ସମୟରେ ବିଦ୍ୟାଳୟରେ ଉପସ୍ଥିତ ନଥିଲେ। ଗଣ୍ଡଗୋଳ ସୃଷ୍ଟି ଉପୁଜିବାରୁ ସେ ସ୍ଥାନ ଛାଡି ପଳାଇ ଆସିଥିଲେ। ମାତ୍ର ସନ୍ଧ୍ୟାରେ ପ୍ରଧାନ ଶିକ୍ଷକ କମିଟି ଗଠନ ହୋଇଗଲା ବୋଲି କହିବାରୁ ସେ ରେଜିଷ୍ଟରରେ ଦସ୍ତଖତ କରିଦେଇଥିଲେ ବୋଲି ପ୍ରକାଶ କରିଛନ୍ତି। ତେବେ ସେ ଥିବା ବେଳେ ପ୍ରାୟତଃ ୧୨୫ ରୁ ୧୩୦ଜଣ ଅଭିଭାବକ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୨୨ଜଣ ଦସ୍ତଖତ କରିଥିଲେ। ସେ ଆସିବା ପରେ କ'ଣ ହୋଇଛି କହିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ। ତେବେ ପରିଚାଳନା କମିଟି ଗଠନକୁ ନେଇ ଘଟିଥିବା ଗଣ୍ଡଗୋଳକୁ ନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଘଟଣା ଦିନ ପ୍ରଧାନ ଶିକ୍ଷକଙ୍କ ଭାଇ ଗାଳିଗୁଲଜ କରିଥିବା ନେଇ ଜଣେ ମହିଳା ଅଭିଭାବକ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା (ନଂ. ୩୫୪/୧୯) ରୁଜୁ କରାଯାଇଥିବା ବେଳେ ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କ ଭାଇଙ୍କ ଗୋଷ୍ଠୀ ପକ୍ଷରୁ ଜଣେ ଅଭିଭାବକ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ଧାନମଣ୍ଡି ଉଦ୍‌ଘାଟିତ



ଧାନମଣ୍ଡି ଉଦ୍‌ଘାଟନୀ ଅବସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଭ୍ୟ ଓ ଅନ୍ୟମାନେ।

କୋରେଇ,୧୩।୧୨(ସ୍ୱ.ପ୍ର): କୋରେଇ ବ୍ଲକ କନ୍ତୋର ପ୍ରାଥମିକ କୃଷି ସେବା ସମବାୟ ସମିତି ପୂର୍ବକୋଟସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମିତି ସଭାପତି ହିମାଂଶୁ ଶେଖର ବରାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରାଳଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ଧାନ କିଣା କମିଟିର ୩୦ଜଣ ସଦସ୍ୟ ଓ ସମିତି ସଦସ୍ୟଙ୍କର ଧାନ କିଣା ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ଧାନ କିଣା ପାଇଁ ହୋଇଥିବା ନୂତନ ନିୟମ ଓ ଟୋକନ ବ୍ୟବସ୍ଥା ସମ୍ପର୍କରେ ସମ୍ପାଦକ ଶ୍ରୀକାନ୍ତ ରାଉତ ସୂଚନା ଦେଇଥିଲେ। ଆସନ୍ତା ୧୬ ତାରିଖରୁ ଧାନ କିଣା ଆରମ୍ଭ ହେବ ଓ ସପ୍ତାହର ଗୁରୁବାର, ରବିବାର ଓ ଛୁଟିଦିନକୁ ବାଦ ଦେଇ ଅନ୍ୟ ଦିନରେ ଧାନ କିଣାଯିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ପ୍ରକୃତ ଚାଷୀଙ୍କ ନିକଟରୁ ମେସେଜ ମାଧ୍ୟମରେ ଏହା କଣାଯିବ ବୋଲି ସଭାପତି ବରାଳ ସୂଚନା ଦେଇଥିଲେ। ଧାନକିଣା କମିଟିର ସଭ୍ୟ ଗୌରୀ ଶଙ୍କର ମହାପାତ୍ର, ଅଭିମନ୍ୟୁ ମହାପାତ୍ର, ପୁରୁଷୋତ୍ତମ ପାତ୍ର, ନାରାୟଣ ଦେଓ, ଇନ୍ଦ୍ରମଣି ନାୟକ, ହରିହର ସେନାପତି ପ୍ରମୁଖଙ୍କ ସମେତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। ସହ ସମ୍ପାଦକ କୃଷ୍ଣମଣି ଜେନା ପରିଚାଳନାରେ ସହଯୋଗ କରିଥିଲେ।

## ଉପୁଳାଇ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

କୋରେଇ,୧୩।୧୨(ସ୍ୱ.ପ୍ର): କୋରେଇ ଶିକ୍ଷା ମଣ୍ଡଳ ତଳସ୍ଥ ସାଧନ କେନ୍ଦ୍ର ଉପୁଳାଇ ଯୁକ୍ତିସିଂହ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଥିବାବେଳେ ଏହା ଦୁଇଦିନ ଧରି ଚାଲିବ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳୀ ଆଚାର୍ଯ୍ୟ କ୍ରୀଡ଼ା ପତାକା ଉତ୍ତୋଳନ କରି ଆନୁଷ୍ଠାନିକଭାବେ ଏହାର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ସ୍କୁଲ ପରିସରରୁ ଛାତ୍ରୀଛାତ୍ର ଏକ ମଶାଲ ଶୋଭାଯାତ୍ରାରେ ବାହାରି ଖେଳ ପଡ଼ିଆ ପରିକ୍ରମା କରିଥିଲେ। ପରେ ପ୍ରଧାନଶିକ୍ଷକ ଶୁକଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଆଚାର୍ଯ୍ୟ, ମୁଖ୍ୟବକ୍ତାଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହରିହର ଦଳାଇ, ସମ୍ମାନିତ ଅତିଥି ସ୍ଥାନୀୟ ସିଆରସିସି ଚିରଞ୍ଜନ ନନ୍ଦ, ସମିତିସଭ୍ୟ ମନ୍ମଥ କୁମାର ଜେନା, ଖବରଦାତା ପବିତ୍ର ମୋହନ ରାଉତରାୟ ଓ ପରିଚାଳନା କମିଟି ଅଧ୍ୟକ୍ଷ କାଳନ୍ଦୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମଧୁସୂଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ବୋଝେଇ ୫ ଟ୍ରାକ୍ଟର ଜବତ

ଚଣ୍ଡିଖୋଲ,୧୩।୧୨(ଡି.ଏନ.ଏ): ବିଭିନ୍ନ ବେଆଇନ ବାଲିଘାଟରୁ ବାଲି ଚାଲାଣ କରୁଥିବା ଅବସ୍ଥାରେ ଦର୍ପଣ ତହସିଲଦାର ଶୁକ୍ରବାର ଅଚାନକ ଚଢ଼ାଉ କରି ୫ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ବାଲିଘାଟରୁ ବାଲି ବୋଝେଇ କରି ଯାଉଥିବା ୩ଟି ଟ୍ରାକ୍ଟରକୁ ଗଜେନ୍ଦ୍ରପୁର ନିକଟରେ ଜବତ କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଜିମା ଦେଇଥିଲେ। ସେହିଭଳି ବାଇସି ମୌଜା ଘାଟରୁ ବାଲି ଅଣାଯାଉଥିବା ଅବସ୍ଥାରେ ଏକ ଟ୍ରାକ୍ଟରକୁ ବଡ଼ଚଣା ଛକ ନିକଟରେ ଧରିଥିବାବେଳେ ଛଡିଆ ଚମ୍ପାପୁର ରାସ୍ତାରୁ ଆଉ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାର ବରେନ୍ଦ୍ର ମହାନ୍ତି ଜବତ କରିଛନ୍ତି। ସେହିଭଳି ଗୋଟିଏ ଟ୍ରାକ୍ଟରକୁ ଛଡିଆ ବିଟ ହାଉସ ଜିମା ଦେଇଥିବାବେଳେ ଅନ୍ୟ ଟ୍ରାକ୍ଟରକୁ ତହସିଲ କାର୍ଯ୍ୟାଳୟରେ ରଖିଛନ୍ତି। ସେମାନେ ବେଆଇନ ବାଲି ଉଠାଉଥିବାରୁ ସରକାରଙ୍କ ନିୟମ ମୁତାବକ ଜୋରିମାନା ଦେବେ। ଯଦି ନ ଦିଅନ୍ତି ମାଲିକଙ୍କ ନାମରେ ମାମଲା ରୁଜୁ ହେବ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

## ସଂଘବଦ୍ଧ ଆକ୍ରମଣରେ କଲେଜ ଛାତ୍ର ଗୁରୁତର

ଯାଜପୁର ଟାଉନ,୧୩।୧୨(ଡିଏନ୍ଏ): ଜଣେ କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣରେ ଯୁବକଜଣକ ଗୁରୁତର ହୋଇଛନ୍ତି। ଏନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଛି। ତେବେ ଏହି ମାମଲାକୁ ରଫାଦଫା କରିବା ପାଇଁ ଜୋରଦାର ଉଦ୍ୟମ କରାଯାଉଥିବା ବେଳେ ଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ଶୁକ୍ରବାର ଚିତାଲୋ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ପରୀକ୍ଷା ଦେଉଥାଇ ନିଜ ସମ୍ପର୍କୀୟ ଦାଦାଙ୍କ ସହ ଯାଉଥିଲେ। ଗୋଖରା ଛକ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା ୧୫ରୁ ଅଧିକ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଦାଦା ଓ ପୁତୁରାଙ୍କୁ ମାଡ ମାରି ମୋବାଇଲ ଓ ଗାଡି ଛଡାଇ ନେଇଥିଲେ। ଯାଜପୁର ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚିବା ସମୟରେ ଅଭିଯୁକ୍ତ ଦାଦା ୨ ଜଣଙ୍କୁ କାବୁ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଖସି ଯାଇଥିବାବେଳେ ହନୁମାନ ଛକଠାରେ କୋଚିଂ ସେଣ୍ଟର କରିଥିବା ଜଣେ ଶିକ୍ଷକ ଧରା ପଡ଼ିଥିଲେ। ପୋଲିସ ଆହତ ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଆହତ ଛାତ୍ରଙ୍କ ବୟାନ ଅନୁଯାୟୀ କୋଚିଂ ସେଣ୍ଟରରେ ଟ୍ୟୁସନ୍ ଦେଉଥିବା ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ମାତ୍ର ସେହି ସେଣ୍ଟରର ଟ୍ୟୁସନ୍ ଶିକ୍ଷକ ଉକ୍ତ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିବାବେଳେ ଛାତ୍ରୀଙ୍କଠାରୁ ଦୂରେଇ ରହିବାକୁ ଶୁକ୍ରବାର ଶିକ୍ଷକ ଜଣକ ପୂର୍ବରୁ ଛାତ୍ରଙ୍କୁ ଟେଲିଫୋନ୍‌ରେ ଧମକ ଦେଇଥିଲେ। ଏ ସମ୍ପର୍କରେ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଏତଲା ଦିଆଯାଇଥିଲେ। ତେବେକ ପ୍ରଭାବଶାଳୀ ବ୍ୟକ୍ତି ଏହି ଘଟଣାକୁ ରଫାଦଫା କରି ଆପୋଷ ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି।


## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଫାଇଲ ସଂ: DRM/Engg/KUR/19-20/E-Tender/44 ତା.10.12.2019

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-297-2019, ତା.04.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର [illegible] (FOB) ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 180.89 ଲକ୍ଷ, EMD (ଟଙ୍କାରେ): 2,40,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-300-2019, ତା.04.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର [illegible] 4.28 ଲି.ମି. [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 184.68 ଲକ୍ଷ, EMD (ଟଙ୍କାରେ): 2,42,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-301-2019, ତା.05.12.2019ରିଖ
ବିବରଣୀ : 26,600 [illegible] 50mm [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 332.79 ଲକ୍ଷ, EMD (ଟଙ୍କାରେ): 3,16,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 12 (ବାର) ମାସ।

(4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-eastkur-302-2019, ତା.05.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର [illegible] (Low Level) [illegible] (High Level) [illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 880.44 ଲକ୍ଷ, EMD (ଟଙ୍କାରେ): 5,90,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.12.2019 ରିଖ 1500 ଘଣ୍ଟାରେ [illegible]
[illegible] http://www.ireps.gov.in [illegible]

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-581/K/19-20



## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୟାପଲ୍ଲୀ ଶାଖା**
୩/୧୯, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨/୫୨୩

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ସମ୍ପୂର୍ଣ୍ଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ବାସନ୍ତି ସ୍ୱାଇଁ,** ସ୍ୱାମୀ: ବିଜୟ ପ୍ରସାଦ ସ୍ୱାଇଁ, ବାସସ୍ଥାନ ଠିକଣା- ସା/ପୋ: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୨୦୬୦ | ଟ.୫୬,୫୮,୦୫୪/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ବାସନ୍ତି ସ୍ୱାଇଁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୭, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୬, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ସୁଜିତ କୁମାର ହାଜରା,** ପିତା: ରଞ୍ଜିତ କୁମାର ହାଜରା, ବାସସ୍ଥାନ ଠିକଣା- ସା: ଇ-୭୫, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଶିବ ମନ୍ଦିର ନିକଟ, ଭୁବନେଶ୍ୱର-୭୫୧୦୦୩ | ଟ.୩୪,୭୦,୧୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଜିତ କୁମାର ହାଜରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୭, ପ୍ଲଟ୍ ନଂ.: ୭୭/୨୩୨୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୦.୯୯ଡିସିମିଲି (ଯାହାକି ୧୩୫୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୧, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୩। |
| **ଋଣଗ୍ରହୀତା: ଶ୍ରୀ ଜୟଦେବ ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଥାନା: ଲିଙ୍ଗରାଜ, ଭୁବନେଶ୍ୱର | ଟ.୭୩,୪୫,୫୮୪/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜୟଦେବ ପଣ୍ଡାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୨, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୯, ପୂର୍ବ: ସବ୍ ପ୍ଲଟ୍ ନଂ. ୨୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ବଟକୃଷ୍ଣ ବେହେରା,** ପିତା: ବଳରାମ ବେହେରା, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୭୨, ଗୌତମ ନଗର, ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪ | ଟ.୩୪,୦୪,୭୯୨/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବଟକୃଷ୍ଣ ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୧୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୬, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧୨। |
| **ଋଣଗ୍ରହୀତା: ଶ୍ରୀ ସୁଶାନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ମଙ୍ଗଳପୁର, ସୁହାଗପୁର, ପୁରୀ-୭୫୨୧୦୪ | ଟ.୫୨,୦୮,୯୫୧/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଶାନ୍ତ କୁମାର ପାତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୯ଡିସିମିଲି (ଯାହାକି ୧୩୦୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୫, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ,** ସ୍ୱାମୀ: ଅଜୟ କୁମାର ପ୍ରଧାନ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ଇଏ/୩୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ଟ.୫୨,୨୨,୪୧୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସରସ୍ୱତୀ ପ୍ରଧାନଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୧, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୭ଡିସିମିଲି (ଯାହାକି ୧୬୧୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୩୬, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୪। |
| **ଋଣଗ୍ରହୀତା: ଶ୍ରୀ ବିନୟ କୁମାର ସୁଆର,** ପିତା: ମୁରଲୀଧର ସୁଆର, ବାସସ୍ଥାନ ଠିକଣା- ସା/ପୋ: ଭିଲ୍ଲିଗ୍ରାମ, ଭାୟା: ନିମାପଡା, ପୁରୀ-୭୫୨୧୦୬ | ଟ.୫୧,୩୫,୭୧୨/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବିନୟ କୁମାର ସୁଆରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୯.୩୯ଡିସିମିଲି (ଯାହାକି ୧୨୮୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪। |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ଭାଗିରଥି ଦାସ, ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୫୬୪, ନିକୋ ପାର୍କ ରୋଡ଼, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୦,୪୯,୫୩୦/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀ କରୁଣାକର ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୬୨,୩୭୬/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କରୁଣାକର ପଣ୍ଡାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୮୪ଡିସିମିଲି (ଯାହାକି ୧୩୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀ ଶ୍ରୀମନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୧,୬୦,୭୭୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶ୍ରୀମନ୍ତ କୁମାର ପାତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୫.୩ଡିସିମିଲି (ଯାହାକି ୧୧୦୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୬/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୭୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୦୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୭୭। |
| **ଋଣଗ୍ରହୀତା: ଶ୍ରୀ ଅର୍ଜୁନ ପଣ୍ଡା,** ପିତା: ବିଷ୍ଣୁ ପଣ୍ଡା, ବାସସ୍ଥାନ ଠିକଣା- ସା: ଜଗନ୍ନାଥପୁର ପାଟଣା, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୮୧,୧୫୦/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅର୍ଜୁନ ପଣ୍ଡାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୬.୧୭ଡିସିମିଲି (ଯାହାକି ୧୧୪୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୦, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୨, ପୂର୍ବ: ପ୍ଲଟ୍ ନଂ. ୭୭ର ଅବଶିଷ୍ଟ ଅଂଶ, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀମତୀ ନନ୍ଦିନୀ ଲେଙ୍କା,** ସ୍ୱାମୀ: ଛବି ଲେଙ୍କା, ବାସସ୍ଥାନ ଠିକଣା- ସା: ଦଣ୍ଡିରୀ, ପୋ: ରାସୋଳ, ଢେଙ୍କାନାଳ-୭୫୯୦୨୧ | ଟ.୫୧,୭୨,୪୮୯/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ନନ୍ଦିନୀ ଲେଙ୍କାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୯/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୩୯ର ଅବଶିଷ୍ଟ ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧। |
| **ଋଣଗ୍ରହୀତା: ଶ୍ରୀ ଅମିତ ସାହୁ,** ପିତା: ବ୍ରଜ କିଶୋର ସାହୁ, ବାସସ୍ଥାନ ଠିକଣା- ସା: ମଝିହରା, ବାଲିପାଟଣା, ଖୋର୍ଦ୍ଧା-୭୫୨୧୦୩ | ଟ.୫୭,୮୯,୩୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅମିତ ସାହୁଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୯୩, ପ୍ଲଟ୍ ନଂ.: ୭୭/୨୩୬୦, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୮୨ଡିସିମିଲି (ଯାହାକି ୧୨୫୬ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୪୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ କୃଷ୍ଣଦେବ ସିଂହ,** ପିତା: ତ୍ରିବେଣୀ ସିଂହ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୯୯୨, ତ୍ରିନାଥ ମନ୍ଦିର ପଛପାର୍ଶ୍ୱ, ବୁଦ୍ଧେଶ୍ୱରୀ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ଟ.୫୧,୨୭,୧୫୩/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କୃଷ୍ଣଦେବ ସିଂହଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା ଏବଂ ସବ୍ ପ୍ଲଟ୍ ନଂ. ୩୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୩, ପୂର୍ବ: ସବ୍ ପ୍ଲଟ୍ ନଂ. ୩୮, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୯। |
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ମହାରଣା,** ପିତା: ଉଦୟନାଥ ମହାରଣା, ବାସସ୍ଥାନ ଠିକଣା- ସା: ରୁପଦେଇପୁର, ଭାୟା: ସାତଶଙ୍ଖ, ପୁରୀ-୭୫୨୧୦୫ | ଟ.୫୫,୫୬,୯୩୯/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ରବିନ୍ଦ୍ର କୁମାର ମହାରଣାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୬, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୪୫.୯୧ଡିସିମିଲି (ଯାହାକି ୨୦୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୮, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୯, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ନରେନ୍ଦ୍ର ରଣା,** ପିତା: ରାଜୀବ ରଣା, ବାସସ୍ଥାନ ଠିକଣା- ସା: ଛାମୁଣ୍ଡିଆ, ବେଣ୍ଟପଡ଼ା, ନୟାଗଡ-୭୫୨୦୮୫ | ଟ.୫୬,୧୭,୯୬୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ନରେନ୍ଦ୍ର ରଣାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୧, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୪୪, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହ,** ପିତା: କୃପାସିନ୍ଧୁ ପାତାଳସିଂହ, ବାସସ୍ଥାନ ଠିକଣା- ସା: କଣ୍ଟାବଣିଆ, ପୋ: ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୬୦ | ଟ.୫୧,୮୧,୯୦୩/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୮ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୭, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୨। |
| **ଋଣଗ୍ରହୀତା: ଶ୍ରୀ ସୁରେଶ ଭଞ୍ଜ,** ପିତା: କୁମାର ଭଞ୍ଜ, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୪୮,୦୫,୩୨୮/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁରେଶ ଭଞ୍ଜଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୪ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ବି, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୯/ଏ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୮/ଏ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧ ଏବଂ ୩୨। |
| **ଋଣଗ୍ରହୀତା: ଶ୍ରୀମତୀ ମାମୁନି ଭଞ୍ଜ,** ସ୍ୱାମୀ: ସୁରେଶ ଭଞ୍ଜ, ବାସସ୍ଥାନ ଠିକଣା- ସା: ଗୋବିନ୍ଦପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୫୬,୩୮,୨୬୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମାମୁନି ଭଞ୍ଜଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୬.୭୩ଡିସିମିଲି (ଯାହାକି ୧୬୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୭, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮। |
| **ଋଣଗ୍ରହୀତା: ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀ,** ସ୍ୱାମୀ: ଅଜିତ କୁମାର ବାରିକ, ବାସସ୍ଥାନ ଠିକଣା- ସା: ଏଲଆଇଜି-୧୬୩, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୬,୬୬,୭୫୯/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୫, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୬୩ଡିସିମିଲି (ଯାହାକି ୧୨୯୧ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୨, ପୂର୍ବ: ସବ୍ ପ୍ଲଟ୍ ନଂ. ୩୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୦। |
| **ଋଣଗ୍ରହୀତା: ଶ୍ରୀ ହିଟଲର ରାଉତରାୟ,** ପିତା: ସୁବାଷ ଚନ୍ଦ୍ର ରାଉତରାୟ, ବାସସ୍ଥାନ ଠିକଣା- ସା: କଣ୍ଟାବଣିଆ, ଗଡ଼ସାନପୁଟ, ଥାନା: ସତ୍ୟବାଦୀ, ପୁରୀ-୭୫୨୦୬୦ | ଟ.୫୬,୬୩,୧୭୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ହିଟଲର ରାଉତରାୟଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୫, ଦକ୍ଷିଣ: ରାସ୍ତା, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪୨। |
| **ଋଣଗ୍ରହୀତା: ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ମଙ୍ଗରାଜ, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ପୁରୀ-୭୫୨୦୬୦ | ଟ.୫୬,୧୩,୫୨୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୪୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୫, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା |
| **ଋଣଗ୍ରହୀତା: ଶ୍ରୀମତୀ ମୀନା ସୁବୁଦ୍ଧି,** ସ୍ୱାମୀ: ନକୁଳ ସୁବୁଦ୍ଧି, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୦୨ | ଟ.୫୫,୧୧,୧୯୪/- (+ ସୁଧ) | ୧୦.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମୀନା ସୁବୁଦ୍ଧିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୧.୮୬୯ଡିସିମିଲିରୁ ଏକର୦.୦୩୦ଡିସିମିଲି (ଯାହାକି ୧୩୦୭ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୬। |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ହର ଦାସ, ବାସସ୍ଥାନ ଠିକଣା- ସା: ଶିମିଳିସାହି, ଗୋଡ଼ିବିଡା, ନୟାଗଡ-୭୫୨୦୯୧ | ଟ.୫୬,୬୧,୦୮୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ସଂଶୋଧିତ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୧୨ଡିସିମିଲି (ଯାହାକି ୯୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୧, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ଚନ୍ଦନ ପୁରୀ,** ପିତା: ସୁଧାକର ପୁରୀ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୧୫୧୩, ଫେଜ୍-୧, ଭୀମଟାଙ୍ଗି ଏଚ୍.ବି. କଲୋନୀ, ଭୁବନେଶ୍ୱର-୭୫୧୦୦୨ | ଟ.୪୨,୦୬,୧୪୨/- (+ ସୁଧ) | ୧୮.୦୫.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଚନ୍ଦନ ପୁରୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୧.୫୪ଡିସିମିଲି (ଯାହାକି ୧୩୭୪ ବର୍ଗଫୁଟ), ସବ୍ ପ୍ଲଟ୍ ନଂ. ୨୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ. ୨୨, ପଶ୍ଚିମ: ରାସ୍ତା, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୦ |

**ତାରିଖ: ୧୩.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଡିସେମ୍ବର, ୨୦୧୯



# ଆମ୍ବୁଲାନ୍ସ ଧକ୍କାରେ ୩ ଗୁରୁତର



ଓଲଟି ପଡ଼ିଥିବା ଆମ୍ବୁଲାନ୍ସ।



ଗାଲୁପଡ଼ା ଛକରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

■ଗାଲୁପଡ଼ା ଛକରେ ଟାୟାର ଜାଳି ରାସ୍ତାରୋକୋ
■ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଥିବା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୩।୧୨**

ଜଗତ୍‌ସିଂହପୁର ବ୍ଲକ ଅଧୀନ ଗାଲୁପଡ଼ା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ (ନଂ. ଓଡି–୩୩–ଡବ୍ଲ୍ୟୁ–୩୬୬୭) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ଆହତ ହୋଇଛନ୍ତି। ସେମାନେ ହେଲେ ଯଶୋବନ୍ତପୁରର ୮ମ ଶ୍ରେଣୀ ଛାତ୍ର ଦେବାଶିଷ ପଲେଇ (୧୨), ନିଆଳି ଥାନା ସିଠାଲୋର ପ୍ରତାପ ଚନ୍ଦ୍ର ସ୍ୱାଇଁ (୫୨) ଏବଂ ଗାଲୁପଡ଼ାର କୁମର ପ୍ରଧାନ (୬୦)। ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ। ଆହତ ଅବସ୍ଥାରେ ୨ଜଣଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ କୁମର ଓ ପ୍ରତାପଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡ୍ରାଇଭର ନିଶାଶକ୍ତ ଅବସ୍ଥାରେ ଥିବାରୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗାଲୁପଡ଼ା ପୋଲ ନିକଟରେ ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଜଗତ୍‌ସିଂହପୁର–ଆଳିପିଙ୍ଗଳ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଏ ସମ୍ପର୍କରେ ପ୍ରତାପ କହିଛନ୍ତି, ଅପରାହ୍ନରେ ଆମ୍ବୁଲାନ୍ସଟି ଆଳିପିଙ୍ଗଳ ପଟୁ ଜଗତ୍‌ସିଂହପୁର ଆଡ଼କୁ କ୍ଷିପ୍ର ଗତିରେ ଆସୁଥିବା ଦେଖି ଲୋକମାନେ ଭୟରେ ରାସ୍ତାରୁ ଦୌଡ଼ି ପଳାଇଥିଲେ। ତେବେ ସେ କୌଣସି କାର୍ଯ୍ୟରେ ଜଗତ୍‌ସିଂହପୁର ଯାଇ ସ୍କୁଟିରେ ଫେରୁଥିବା ବେଳେ ଅତାମଳା ଛକ ନିକଟରେ ଆମ୍ବୁଲାନ୍ସଟି ତାଙ୍କୁ ଧକ୍କା ଦେଇଥିଲା। କିଛି ସମୟ ପରେ ତାଙ୍କ ଚେତା ଫେରିବା ବେଳକୁ ସେ ଜଗତ୍‌ସିଂହପୁର ମେଡିକାଲରେ ଥିବା ଜାଣିପାରିଥିଲେ। ପ୍ରତାପଙ୍କ ଗୋଡ଼, ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହାପରେ ଉଦାସ ଆଶ୍ରମ ଆଗରେ ଠିଆ ହୋଇଥିବା ଛାତ୍ର ଦେବାଶିଷଙ୍କୁ ଆମ୍ବୁଲାନ୍ସଟି ଧକ୍କା ଦେଇଥିଲା। ଏହାପରେ ଗାଲୁପଡ଼ା ଛକଠାରେ ଥିବା ଏକ ଦୋକାନରେ ଚା' ପିଉଥିବା ବେଳେ ଆମ୍ବୁଲାନ୍ସଟି କୁମରଙ୍କୁ ଧକ୍କା ଦେଇଥିଲା। ଏହାପରେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯିବା ଯୋଗୁ ଗାଡ଼ିଟି ଅଟକି ଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। କୁମରଙ୍କ ନାକରୁ ରକ୍ତସ୍ରାବ ହେଉଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରିଦିଆଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ଡ୍ରାଇଭର ଜଣକ ଆହତ ଅବସ୍ଥାରେ ମେଡିକାଲରେ ପଡ଼ିଥିବା ବେଳେ ସେ ନିଜ ନାଁ ଓ ଠିକଣା ବାରମ୍ବାର ବଦଳାଉଥିବାରୁ ତାଙ୍କର ପ୍ରକୃତ ପରିଚୟ ମିଳିପାରିନାହିଁ। ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏ ନେଇ ୪୫୧/୧୯ ନଂ. ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ପୋଲିସ ଜବତ କରିଛି ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଆମ୍ବୁଲାନ୍ସ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର ହୋଇ ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଜ୍ଞାନ, ଗଣିତ ଓ ପରିବେଶ ମେଳା

**ଏରସମା, ୧୩।୧୨ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମସ୍ଥିତ ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜବାହରଲାଲ ନେହେରୁ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏରସମା ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋଲେଖ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ପରିଡା, ବିଜୟ କୁମାର ସେନାପତି, ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ନାରଦିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ସେନାପତି, ସ୍ଥାନୀୟ ସରପଞ୍ଚ ବେବି ଗୋଚ୍ଛାୟତ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶିକ୍ଷକ ଲୋକନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମେଳାରେ ମୋଟ ୮୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଏରସମା ହାଇସ୍କୁଲର ଶୁଭମ୍ ଦାସ, ଅମ୍ବିକାଇ ହାଇସ୍କୁଲର ସତ୍ୟରଞ୍ଜନ ଦାସ, ଢିଙ୍କିଆ ହାଇସ୍କୁଲର ଭାଗ୍ୟଲକ୍ଷ୍ମୀ ମହାପତ୍ର, କେଜି ହାଇସ୍କୁଲର ରଶ୍ମିତା ମଣ୍ଡଳ, ପଞ୍ଚାୟତ ହାଇସ୍କୁଲର ଭକ୍ତିମିତା ଜେନାଙ୍କ ପ୍ରକଳ୍ପ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୫ ପ୍ରକଳ୍ପ ଜିଲାସ୍ତରୀୟ ମେଳାରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

**ତିର୍ତ୍ତୋଲ, ୧୩।୧୨ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ କିଲିପାଳସ୍ଥିତ ବାନାମ୍ବର ମହାଦେବ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଅଗ୍ରହଣ ତ୍ରୟୋଦଶୀଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞ ଉପଲକ୍ଷେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ସିଦ୍ଧ ବାନାମ୍ବରଙ୍କ ଅଭିଷେକ, ସନ୍ଧ୍ୟା ଆଳତି ଦର୍ଶନ, ଯଜ୍ଞକର୍ମ, ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କିଲିପାଳ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ ସମ୍ପର୍କରେ ପ୍ରଶିକ୍ଷଣ

**ରଘୁନାଥପୁର, ୧୩।୧୨ (ଡି.ଏନ୍.ଏ)**

ରଘୁନାଥପୁର ବ୍ଲକ ରେଡୁଆ ନୂଆଗଡସ୍ଥିତ ଗୋରଖନାଥ କୃଷକ ମହାସଂଘ ପ୍ଲାଣ୍ଟକୁ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅଞ୍ଚଳର ୨୦ ଚାଷୀ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଗୁଣାତ୍ମକ ବିହନ ଉତ୍ପାଦନ ସମ୍ପର୍କରେ ପ୍ରାକ୍ତନ ଡିଏଓ (ଜିଲା କୃଷି ଅଧିକାରୀ) ରମେଶ ଚନ୍ଦ୍ର ଦାଶ, ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧାନ ସମେତ ଅନ୍ୟ ବିହନର ପ୍ରାକ୍ ପ୍ରସ୍ତୁତି, ଉତ୍ପାଦନ ପ୍ରକ୍ରିୟା ଓ ଏହାର ସଂରକ୍ଷଣ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନେ ମଧ୍ୟ ଅଧିକ ଜ୍ଞାନ ଆହରଣ ପାଇଁ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ନାବାର୍ଡର ଡିଡିଏମ୍ (ଡିଷ୍ଟ୍ରିକ୍ଟ ଡେଭଲପ୍‌ମେଣ୍ଟ ମ୍ୟାନେଜର) ବିଶ୍ୱଭୂଷଣ ମହାନ୍ତି ଚାଷୀଙ୍କୁ ଡିଜିଟାଇଜେଶନ୍ ପଦ୍ଧତିରେ ଉନ୍ନତ ଜ୍ଞାନ କୌଶଳ ଚାଷକୁ ସହଜ କରେ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅଧିକ ଆଲୋଚନା କରି ଦକ୍ଷିଣ ଭାରତର ଚାଷୀମାନେ ଏହାକୁ ଆପଣାଇ ସାରିଲେଣି ବୋଲି ସୂଚନା ଦେଇଥିଲେ।



ବୈଠକରେ କୃଷି ଅଧିକାରୀ ଓ ଅନ୍ୟମାନେ।

ରାଜ୍ୟର ଚାଷୀମାନେ ଡିଜିଟାଇଜେଶନ୍ ଇଣ୍ଟରନେଟ୍ ଅଫ୍ ଥଙ୍ଗସ୍ ଆପ୍ ଦ୍ୱାରା ଜମିରେ କରିଥିବା ଧାନ ଫସଲର ଖାଦ୍ୟସାର ଓ କ୍ଷେତରେ ପାଣି ଅଛି କି ନାହିଁ କିପରି ଘରେ ବସି ଜାଣିପାରୁଛନ୍ତି ସେ ସମ୍ପର୍କରେ ତଥ୍ୟ ରଖିଥିଲେ। ତେବେ ଚାଷୀମାନେ ଏଥିପ୍ରତି ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ଡିଡିଏମ୍ ମହାନ୍ତି ଆହ୍ୱାନ ଦେଇଥିଲେ। ସଂଘର ଦୁଇ ସମ୍ପାଦକ କ୍ଷେତ୍ରମୋହନ ବେହେରା, ସୁଧୀର ରଞ୍ଜନ ବାରିକ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ କ୍ଷେତକୁ ନେଇ ବ୍ଲାକ୍ ରାଇସ୍ ଫିଲ୍ଡ ବୁଲାଇ ଦେଖାଇଥିଲେ। ଯେଉଁ ଧାନ କି ମଧୁମେହ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସୂଚନା ଦିଆଯାଇଥିଲା। ତେବେ ଚାଷୀମାନେ ଉକ୍ତ ବିହନକୁ ନିଜ ଅଞ୍ଚଳରେ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଚାଷୀମାନଙ୍କ ସହ ଆତ୍ମାର ପୂର୍ବତନ ଅଧକ୍ଷ କିଶୋର କୁମାର ଜେନା ଓ ବିଟିଏମ୍ (ବ୍ଲକ ଟେକ୍‌ନିକାଲ ମ୍ୟାନେଜର) ସଞ୍ଜୀବ କେତନ ସାହୁ ଉପସ୍ଥିତ ଥିଲେ। ମହାସଂଘ ପକ୍ଷରୁ ଅବନୀ ବେହେରା, ଅଶୋକ ବାରିକ ଚାଷୀମାନଙ୍କୁ ପ୍ଲାଣ୍ଟ ଓ କ୍ଷେତ୍ର ପରିଦର୍ଶନରେ ସହଯୋଗ କରିଥିଲେ।

## ବିଜ୍ଞାନମେଳାରେ ୮୪ ପ୍ରକଳ୍ପ ପ୍ରଦର୍ଶିତ
## ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ବିରିଡ଼ି/ବାଲିଆ, ୧୩।୧୨ (ଡି.ଏନ୍.ଏ.)**

ବିରିଡି ମଣ୍ଡଳସ୍ତରୀୟ ବିଜ୍ଞାନମେଳା ସ୍ଥାନୀୟ ଶ୍ରୀଲୋକନାଥ ବାଣୀ ନିକେତନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଇଓ ଶଚୀନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ କନକଲତା ଦାଶ ମୁଖ୍ୟବକ୍ତା, ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ସାହୁ, ଅରଣା ସରପଞ୍ଚ ସୁଦେଷ୍ଣା ପଟ୍ଟନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ସିଂ, ଲୋକନାଥ ବାଣୀ ନିକେତନର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ବଡ଼ୁଆ, ଇନ୍ଦ୍ରମଣି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଖୁଣ୍ଟିଆ, ଇନ୍ଦ୍ରମଣି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ମେଳା ସମ୍ପାଦକ ଅଶୋକ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ବିରିଡି ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଇଓ ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ଭୁବନେଶ୍ୱରସ୍ଥିତ ନାଇଜରର ରେଜିଷ୍ଟ୍ରାର ଡ. ଅଭୟ ନାୟକ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା, ଏବିଇଓ ବିଜୟ ଦ୍ୱିବେଦୀ, ସଚ୍ଚିଦାନନ୍ଦ ବେହେରା, ଭବାନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପରୁ ୧୦ଟି ଜିଲାସ୍ତରକୁ ମନୋନୀତ ହୋଇଥିଲା। ଶିକ୍ଷକ ପ୍ରତାପ କେଶରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବେଲବଣ ଏସ୍‌ଏଚ୍‌ଜିକୁ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ ଦାବି

**ନାଉଗାଁ, ୧୩।୧୨ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତର ବେଲବଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପୁନର୍ବାର ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ କରିବାକୁ ଅଲଣା–୧ ଓ ରୋହିଆ ପଞ୍ଚାୟତର ହିତାଧିକାରୀମାନେ ଗତ ୧୧ ତାରିଖରେ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଏ ନେଇ ଶତାଧିକ ହିତାଧିକାରୀଙ୍କ ସ୍ୱାକ୍ଷର ଥିବା ଏକ ଦାବିପତ୍ର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରର ନକଲ ଜଗତ୍‌ସିଂହପୁର ବିଧାୟକଙ୍କ ସମେତ ଉପ–ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ, ନାଉଗାଁ ବିଡିଓ, ବ୍ଲକ ଯୋଗାଣ ଅଧିକାରୀ ଓ ଯୋଗାଣ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିବା ଅଭିଯୋଗକାରୀମାନେ କହିଛନ୍ତି।

ହିତାଧିକାରୀଙ୍କ କହିବାନୁସାରେ, ବେଲବଣ ସହାୟକ ଗୋଷ୍ଠୀ ପକ୍ଷରୁ ଦୀର୍ଘ ବର୍ଷ ହେବ ସୁଚାରୁ ରୂପେ ବଣ୍ଟନ ସାମଗ୍ରୀ ବଣ୍ଟନ କରାଯାଉଛି। ତିତ୍‌ଲି ବାତ୍ୟା ସମୟରେ ଅଲଣା ପଂଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା କରିବାରୁ ତତ୍କାଳୀନ ବିଡିଓ ବେଲବଣ ଏସ୍‌ଏଚ୍‌ଜିକୁ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ କରିଥିଲେ। ତେଣୁ ଖାଉଟି ସାମଗ୍ରୀ ବଣ୍ଟନ କାର୍ଯ୍ୟ ଉକ୍ତ ଗୋଷ୍ଠୀ ପକ୍ଷରୁ ସୁଚାରୁ ଭାବେ କରାଯାଉଥିବାରୁ ପୁନର୍ବାର ବେଲବଣ ଗୋଷ୍ଠୀକୁ ସେହି ଦାୟିତ୍ୱ ପ୍ରଦାନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରଶ୍ମିତା ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ସ୍ଥାନୀୟ ବେଣାପଡ଼ା ଗ୍ରାମର ରବୀନ୍ଦ୍ର ଓଝାଙ୍କ ବାପା ସ୍ୱର୍ଗତ ସିଦ୍ଧେଶ୍ୱର ଓଝାଙ୍କ ନାମରେ ଥିବା ଅନ୍ତ୍ୟୋଦୟ ଚାଉଳ ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ପରେ ବେଲବଣ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦାୟିତ୍ୱରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି।

# କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜେଏସ୍‌ଡବ୍ଲ୍ୟୁର ଚିକିତ୍ସା ଉପକରଣ ପ୍ରଦାନ



ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁର କର୍ତ୍ତୃପକ୍ଷ ଓ ଅନ୍ୟମାନେ।

**ପାରାଦୀପ, ୧୩।୧୨ (ସ୍ୱ.ପ୍ର.)**

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ଶୁକ୍ରବାର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କେତେକ ଚିକିତ୍ସା ଉପକରଣ ପ୍ରଦାନ କରାଯାଇଛି। ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ଦାନ୍ତରୋଗୀଙ୍କ ପାଇଁ ଚୌକି, ଏକ୍ସରେ ମେଶିନ୍ ପରିଚାଳନା ପାଇଁ କେତେକ ଆନୁସଙ୍ଗିକ ଉପକରଣ ଏଥିରେ ରହିଛି। ଏହି ଉପକରଣ ବଣ୍ଟନ ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟା ପଣ୍ଡା, ଉପମୁଖ୍ୟ ଚିକିତ୍ସାଧିକାରୀ ଡା.ବସନ୍ତ ବାରିକ, ସାମାଜିକ କର୍ମୀ ଅମୃତ ଦାସ, କମ୍ପାନୀ ପକ୍ଷରୁ ବରିଷ୍ଠ ଅଧିକାରୀ ବ୍ରଜକିଙ୍କର ଦାସ, ମିତ୍ର ଭାନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗତ ସପ୍ତାହରେ କମ୍ପାନୀ ପକ୍ଷରୁ ସମାନ ଧରଣର ଉପକରଣ ବିଜୁ ମେମୋରିଆଲ ହସ୍ପିଟାଲକୁ ପ୍ରଦାନ କରାଯାଇଥିଲା।



ରଘୁନାଥପୁର ବ୍ଲକ ଅଧୀନ ରାଢ଼ଙ୍ଗରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

# ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

**ତିର୍ତ୍ତୋଲ, ୧୩।୧୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ତରଜଙ୍ଗା ପଞ୍ଚାୟତ ତରଜଙ୍ଗା (ଗଣ୍ଡକୁଳ)ଠାରୁ ହାଜିପୁର ଢଳାଇ ରାସ୍ତା କାମ ଚାଲୁରହିଛି। ହେଲେ ବିଭାଗୀୟ ଯନ୍ତ୍ରୀ କିମ୍ବା ଦାୟିତ୍ୱରେ ଥିବା ଅନ୍ୟ କୌଣସି କର୍ମଚାରୀ ରାସ୍ତା କାର୍ଯ୍ୟ ସମୟରେ ଉପସ୍ଥିତ ରହୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଶୁକ୍ରବାର ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣକୁ ନେଇ ଜଗତ୍‌ସିଂହପୁର ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତରେ ସିଏସ୍ ନଂ. ୧୨୧/୨୦୦୮ ମାମଲା ବିଚାରାଧୀନ ରହିଛି। ଏଥିଛଡ଼ା ଏହି ରାସ୍ତା ନିର୍ମାଣକୁ ନେଇ ତରଜଙ୍ଗା ଗ୍ରାମର ସିଂଘବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମାମଲା ଦାଏର ହୋଇଛି। ଉକ୍ତ ମାମଲାର ବିଚାର ପାଇଁ ୧୭/୧/୨୦୨୦ କୁ ତାରିଖ ଧାର୍ଯ୍ୟ ରହିଛି। ଏହାସତ୍ତ୍ୱେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇ ଅନୁଦାନ ଅର୍ଥ ୩୦ ଲକ୍ଷ ଟଙ୍କା ହଡ଼ପ କରିବା ପାଇଁ ମସୁଧା କରାଯାଉଥିବା ସିଂଘବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ତିର୍ତ୍ତୋଲ ବିଡିଓ ରଞ୍ଜନ ପରିଡ଼ାଙ୍କୁ ପଚାରିବାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଗୋ ଚିକିତ୍ସା, ସଚେତନତା ଶିବିର

**ରଘୁନାଥପୁର, ୧୩।୧୨ (ଡି.ଏନ୍.ଏ)**

ରଘୁନାଥପୁର ବ୍ଲକ ତରିକୁଣ୍ଡ ପଞ୍ଚାୟତ ବେରହିମପୁର ଗାଁର ଉତ୍ତରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଇଫ୍‌କୋ ଓ ଆଇଏଫଏଫଡିସି (ଇଣ୍ଡିଆ ଫାର୍ମ ଫରେଷ୍ଟ୍ରି ଡେଭଲପମେଣ୍ଟ କୋ–ଅପରେଟିଭ) ପକ୍ଷରୁ ଏକ ଗୋ ଚିକିତ୍ସା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରାଧିକାରୀ ଅଜୟ କୁମାର ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ରଘୁନାଥପୁର ବିଭିଓ ଗଗନ ଚନ୍ଦ୍ର ନାୟକ ଓ ଏଲଆଇ ସୁକାନ୍ତ କୁମାର ମଲ୍ଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଗୃହପାଳିତ ପଶୁଙ୍କ ଚିକିତ୍ସା କରିଥିଲେ। ୧୭୪ ଗାଈ, ଛେଳିଙ୍କୁ କୃମିନାଶକ ବଟିକା, ମିନେରାଲ ପାଉଡର, ଭିଟାମିନ ଇଞ୍ଜେକଶନ ଓ ଗୋବସନ୍ତ ପାଇଁ ମେଡିସିନ ମାଗଣାରେ ପ୍ରଦାନ କରାଯାଇଥିଲା। ଏଥିସହ ଫାଟୁଆ ଭ୍ୟାକସିନ୍‌କୁ ନେଇ ୧୨ ପ୍ରକାର ଇଞ୍ଜେକଶନ ଦିଆଯାଇଥିଲା। ଅନ୍ୟପକ୍ଷରେ ଗୋ ଚାଷୀଙ୍କୁ ଗୁହାଳ ପରିଷ୍କାର ରଖିବା, ଶୀତଦିନରେ ଗୃହପାଳିତ ପଶୁଙ୍କୁ କିପରି ଯତ୍ନ ନେବା ଏବଂ ଗାଈଙ୍କ ଦୁଗ୍ଧ ବୃଦ୍ଧି ସମ୍ପର୍କରେ ବିଭିଓ ନାୟକ ସଚେତନ କରିଥିଲେ। ଏହାଛଡ଼ା ହଠାତ୍ ଗାଈଛେଳିଙ୍କୁ ବିଭିନ୍ନ ପ୍ରକାର ଜୀବାଣୁଙ୍କ ଦ୍ୱାରା ରୋଗ ବ୍ୟାପୁଥିବାରୁ ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନେବା ପାଇଁ କୁହାଯାଇଥିଲା। ଅପରାହ୍ନ ୧ଟାରେ ଶିବିର ଶେଷ ହୋଇଥିଲା।

# ପାଣି ପଞ୍ଚାୟତ କରନାଳ କମିଟି ନିର୍ବାଚନ
# ପ୍ରକାଶ ସଭାପତି, ଗୌରାଙ୍ଗ ସମ୍ପାଦକ ନିର୍ବାଚିତ

**ବାଲିକୁଦା, ୧୩।୧୨ (ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଜଳ ସେଚନ ଉପଖଣ୍ଡ ଅଧୀନ ୧୫ଟି ପାଣି ପଞ୍ଚାୟତକୁ ନେଇ ଗଠିତ କରନାଳ କମିଟି ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାଲିକୁଦା ଜଳ ସମ୍ପଦ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କିଶୋର ସାହୁ, ସହଯୋଗୀ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍‌ସର ଖାଁ, କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସନ୍ନ ମିଶ୍ର, ଅନିଲ ରାଉତରାୟ, ବରିଷ୍ଠ କିରାଣି ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନ ପରେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରକାଶ ରାୟ, ଗୌରାଙ୍ଗ ଚରଣ ଦାସ, ଅଜିତ ରାୟ, ଅମୂଲ୍ୟ ସେନାପତି, ବୀରବର ସାହୁ, ଗଗନ ବିହାରି ଦାସ, ସରୋଜ ମହାପାତ୍ର, ଆଲୋକ ସ୍ୱାଇଁ, ଅକ୍ଷୟ ସ୍ୱାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ପ୍ରକାଶ ରାୟ, ସମ୍ପାଦକ ଗୌରାଙ୍ଗ ଚରଣ ଦାସ, କୋଷାଧକ୍ଷ ଭାବେ ଅଜିତ୍ ରାୟ ନାମାଙ୍କନ ଦାଖଲ କରିଥିବା ବେଳେ ଏମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ କେହି ନାମାଙ୍କନ ଦାଖଲ କରି ନ ଥିଲେ। ଫଳରେ ଅଧିକାରୀ ସାହୁ ସମ୍ପୃକ୍ତ ତିନି ଜଣଙ୍କୁ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାହୁ, ରାଖାଲ ଚନ୍ଦ୍ର ଦାସ, ପାଣି ପଞ୍ଚାୟତ ମହାସଂଘ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ସନ୍ତୋଷ ରାୟ, ଶୁଭେନ୍ଦୁ ଦାଶ, ତୁଷାର ପରିଡ଼ା, ରାମଚନ୍ଦ୍ର ସ୍ୱାଇଁ, ହେମନ୍ତ ସେଠୀ, କେଳୁଚରଣ ସାହୁ, ରାଜେନ୍ଦ୍ର ପରିଡା, ଚିତ୍ତରଞ୍ଜନ ମିଶ୍ର, ଭୀମସେନ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।



ନବନିର୍ବାଚିତ ପ୍ରତିନିଧି ଓ ଅନ୍ୟମାନେ।

# ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍

**ବାଲିକୁଦା, ୧୩।୧୨ (ସ୍ୱ.ପ୍ର.)**

ବାଲିକୁଦା ହାଇସ୍କୁଲ ପଡ଼ିଆରେ ୩୩ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କ୍ରୀଡା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ବିପ୍ଳବ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିକୁଦା–ଏରସମା ବିଧାୟକ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଆସୋସିଏଶନର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ଶାରଦା ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିନ୍ଦଲର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସତ୍ୟ କୁମାର ମଲ୍ଲିକ, ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ, ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲା କ୍ରୀଡ଼ାଧିକାରିଣୀ ବିଜୟିନୀ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ପ୍ରିୟନାଥ ରାୟ ଓ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ସୟଦ ମକବୁଲ ଅଲ୍ଲୀ କ୍ରୀଡାବିତ୍‌ମାନଙ୍କୁ ଶୃଙ୍ଖଳାର ସହ କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ପ୍ରଫୁଲ ଦାସ ପ୍ରମୁଖ ଉପସ୍ଥିତଥିଲେ। ଶେଷରେ ବାଲିକୁଦା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନର ଶିଳାନ୍ୟାସ

ରାଜନଗର, ୧୩।୧୨(ଡି.ଏନ.ଏ.): ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗର୍ଜ୍ଜନପୁର ମୌଜାରେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିମନ୍ତେ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ଉପସ୍ଥିତିରେ କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି ଏହାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ମନ୍ଦରଧର ମହାଳିକ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି , ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ସରପଞ୍ଚ ପ୍ରଭାତି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଉଦ୍ୟାନ ନିର୍ମାଣ କରାଯିବ। ପାର୍କ ପାର୍ଶ୍ୱ ନଦୀ ପଟରେ ତାରଜାଲି ଦିଆଯିବ। ନଦୀର ଦୁଇପଟରେ ଲାଇଟ ଲାଗିବ। ନଦୀ ପାଖରେ ବେଞ୍ଚ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଭିତରକନିକା ମହୋତ୍ସବ ସମୟରେ ପାର୍କ ଉଦ୍‌ଘାଟନ କରାଯିବ। ଶିଳାନ୍ୟାସ ପରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଛି। ଉକ୍ତ ସ୍ଥାନରେ ଥିବା ବିଜୁ ସ୍ମୃତି ସଂସଦ କାର୍ଯ୍ୟାଳୟକୁ ଭାଙ୍ଗି ଦିଆଯାଇଛି। ସୂଚନାଯୋଗ୍ୟ ଯେ, ନିକଟରେ ସ୍ମୃତି ସଂସଦ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲା। ଫଳରେ ସେଠାରେ ଶିଶୁ ଉଦ୍ୟାନ ହେବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆକାଶ ମେଘାଚ୍ଛନ୍ନ ଯୋଗୁ ଆଶଙ୍କାରେ ଚାଷୀ

ମହାକାଳପଡା, ୧୩।୧୨ (ଡି.ଏନ୍.ଏ.)


ଫସଲ ଅମଳ ପାଇଁ ଚାଷ ଜମିରେ ପିଲାମାନେ କାମରେ ଲାଗି ପଡିଛନ୍ତି।

■ଧାନ ଅମଳ ପାଇଁ ବ୍ୟସ୍ତ
■ପିଲାମାନେ ଧାନକଟାରେ ସାମିଲ

ମହାକାଳପଡା ଅଞ୍ଚଳରେ ଗତ ଦୁଇ ଦିନ ହେଲା କୋହଲା ପାଗ ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହିବା ଦେଖି ଚାଷୀମାନେ ଫସଲ ଅମଳ ପାଇଁ ଲାଗି ପଡିଛନ୍ତି । ବର୍ଷା ହେବା ଭୟରେ ସ୍ଥାନୀୟ ଚାଷୀମାନେ ଧାନ କାଟି ନିଜ ନିଜ ଖଳାକୁ ବୋହି ନେଉଥିବା ଦେଖିବାକୁ ମିଳିଛି। ବ୍ଲକର ଖରିନାସୀ, ରାମନଗର, ଜମ୍ବୁ, ସୁନୀତି, ଗଗୁଆ, ନାଞ୍ଜୁରା, ବଉଳକଣି, ବାରଡାଙ୍ଗ, ବଡିହି, କଂସାର ବଡଦାଣ୍ଡୁଆ, ମହାକାଳପଡା, ମଙ୍ଗଳପୁର, ବରକନ୍ଧା, ପେଟ୍‌ଛେଲା ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ଚାଷ ଜମିରେ ଧାନ କଟା ଜୋରସୋରରେ ଚାଲିଛି । କେତେକ ଜମିରେ କଟଡା ପଡି ରହିଥିବା ବେଳେ ବର୍ଷା ହେବ ବୋଲି ପାଣିପାଗ ସୂଚନା ମିଳିବା ପରେ ଚାଷୀମାନେ ଫସଲ ଅମଳ ପାଇଁ ପରିବାରର ସଦସ୍ୟମାନଙ୍କୁ କାମରେ ଲଗାଇ ଦେଇଛନ୍ତି । ଏଥିରୁ ଛୋଟ ଛୋଟ ସ୍କୁଲ ପିଲା ମଧ୍ୟ ବାଦ ପଡିନାହାନ୍ତି । ଖରିନାସୀ ଗ୍ରାମର ଚାଷୀ ସୁବାସ ବିଶ୍ୱାସ ଆକାଶରେ ମେଘ ଦେଖି ଧାନ କାଟିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି । ପାଚିଲା ଧାନ ଫସଲ କାଟି ଖଳାରେ ଗଦା ମାଡୁଥିବା ଦେଖିବାକୁ ମିଳିଛି। ସେହିପରି ବରକନ୍ଧା ପଞ୍ଚାୟତର ସ୍ଥାନୀୟ ମହାନଦୀ ପାର୍ଶ୍ୱ ଧାନକ୍ଷେତରୁ ଚାଷୀମାନେ ପାଚିଲା ଧାନକୁ ଘରକୁ ନେଉଥିବା ଦେଖିବାକୁ ମିଳିଛି। ପେଟଛେଲା ପଞ୍ଚାୟତର ଶବରପଡା ଗ୍ରାମର ଛୋଟ ଛୋଟ ପିଲାମାନେ ନିଜ ଚାଷ ଜମିରେ ଧାନ କାଟୁଥିବା ଦେଖିବାକୁ ମିଳିଛି। ପାଠ ପଢୁଥିବା ଏହି ପିଲାମାନେ ପରିବାର ଲୋକଙ୍କୁ ସାହାଯ୍ୟ କରୁଥିବା ପ୍ରକାଶ କରିଛନ୍ତି। ବୁଲ୍‌ବୁଲ ବାତ୍ୟାରେ ମହାକାଳପଡା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ବର୍ଷା ଦେଖି ଚାଷୀମାନେ ଆତଙ୍କିତ ହୋଇ ପଡିଛନ୍ତି ।

# ଜିଆରଏସ ଅଭାବରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଡେରାବିଶ, ୧୩।୧୨(ସ୍ୱ.ପ୍ର.)

**ଡେରାବିଶ ବ୍ଲକ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସହ ଅନ୍ୟାନ୍ୟ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏ ଜିଆରଏସ (ଗ୍ରାମ ରୋଜଗାର ସେବକ)ଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକୁ ଅନ୍‌ଲାଇନ ଯୋଗେ ଜାଣିବା ପରେ ସେମାନେ ଜନସାଧାରଣଙ୍କୁ ଅବଗତ କରାଇଥାନ୍ତି ।

ମାତ୍ର ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତ ମଧ୍ୟରୁ ୮ ପଞ୍ଚାୟତରେ ଜିଆରଏସ୍ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବ୍ଲକ ଅଧୀନ ହରିଅଙ୍କ, ଇନ୍ଦାଳୋ, ପଲେଇ, ଖମୋଳ, ନରସିଂହପୁର, ବାଲିଆ, ଏଣ୍ଡର ଓ ଗୋଲାହାତ ପଞ୍ଚାୟତରେ ଜିଆରଏସ ନାହାନ୍ତି । ଅନ୍ୟ ୧୮ ପଞ୍ଚାୟତର ଜିଆରଏସଙ୍କ ମଧ୍ୟରୁ କେତେଜଣଙ୍କୁ ଅନ୍ୟ ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାରୁ ସରକାରୀ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେବା କଷ୍ଟକର ହୋଇପଡିଛି। କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ଗୃହ ଯୋଜନା ଆଦି ପଞ୍ଚାୟତଗୁଡିକରେ କାର୍ଯ୍ୟକାରୀ କରିବା ପାଇଁ ଜିଆରଏସମାନଙ୍କ ମୁଖ୍ୟ ଭୂମିକା ରହିଛି । ଏହି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ପଞ୍ଚାୟତଗୁଡିକରେ ସରକାରୀ ଯୋଜନା କାର୍ଯ୍ୟକାରୀ ହେବା ନେଇ ଅନିଶ୍ଚିତତା ଲାଗି ରହିଛି । ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡାଙ୍କୁ ଯୋଗା ଯୋଗ କରିବାରୁ ସେ କହିଲେ ଏହି ସମସ୍ୟା ବିଭିନ୍ନ ବ୍ଲକରେ ରହିଛି । ତେବେ ଜିଲାର ବିଭିନ୍ନ ବ୍ଲକ ପାଇଁ ୨୯ ଜଣ ନୂତନ ଜିଆରଏସଙ୍କୁ ମନୋନୀତ କରାଯାଇଛି । ସପ୍ତାହକ ମଧ୍ୟରେ ଖାଲି ପଡିଥିବା ପଞ୍ଚାୟତରେ ଜିଆରଏସ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ନିଆଯାଉଛି।

# ସୁଧ ଟଙ୍କା ପାଇଁ ଯୁବକଙ୍କୁ ଘରେ ପୂରାଇ ମାଡ଼, ସାହୁକାର ଗିରଫ

ରାଜନଗର, ୧୩।୧୨(ଡି.ଏନ.ଏ.)

ସୁଧ ଟଙ୍କା ପାଇଁ ଜଣେ ଯୁବକଙ୍କୁ ମାଡ ମାରିବା ଘଟଣାରେ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଧାମାଳୀପୁର ଗାଁର ସାହୁକାର ତପନ ମଣ୍ଡଳଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି।


ପ୍ରକାଶ ଯେ, ତପନଙ୍କ ଠାରୁ ସେହି ଗାଁର ବାବୁଲାଲ ମଣ୍ଡଳ ୩ ଲକ୍ଷ ୫୦ ହଜାର ଟଙ୍କା ସୁଧରେ ନେଇଥିଲେ। ସୁଧ ମୂଳ ସହ ୪ଲକ୍ଷ ୬୦ହଜାର ଟଙ୍କା ଫେରାଇ ସାରିଛନ୍ତି। ତେବେ ଆଉ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଦାବି କରି ଆସୁଥିଲେ ତପନ। ଶୁକ୍ରବାର ବାବୁଲାଲ ତାଙ୍କ ସ୍ତ୍ରୀ ମାଳତୀଙ୍କ ସହିତ ତାଳଚୁଆ ଆସୁଥିଲେ। ତପନ ତାଙ୍କ ଘର ନିକଟରେ ବାବୁଲାଲଙ୍କ ମୋଟରସାଇକେଲ ଅଟକାଇ ଥିଲେ। ବାବୁଲାଲ ଅଟକିବା ପରେ ମୋଟର ସାଇକେଲ ଛଡାଇ ନେଇ ମାଡ ମାରିଥିଲେ। ଏଥିସହ ତାଙ୍କ ପକେଟରେ ଥିବା ଟଙ୍କା ଓ ସୁନାଚେନକୁ ଛଡାଇ ନେଇଥିଲେ। ଏପରି କି ପରିବାର ଲୋକଙ୍କ ସହ ମିଶି ବାବୁବାଲଙ୍କୁ ବାନ୍ଧି ଘର ଭିତରେ ପୁରାଇ ତାଲା ପକାଇ ଦେଇଥିଲେ। ବାବୁଲାଲଙ୍କ ସ୍ତ୍ରୀ ସେଠାରୁ ଖସିଆସି ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ କରିଥିଲେ। ତାଳଚୁଆ ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସଦଳବଳେ ସେଠାରେ ପହଞ୍ଚି ଥିଲେ। ପୋଲିସ ବାବୁଲାଲଙ୍କୁ ଉଦ୍ଧାର କରି ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ତାଳଚୁଆ ଥାନାରେ ମାମଲା ରୁଜୁ କରାଯାଇ ତପନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ବିଦ୍ୟୁତ୍ ବିଭାଗର ବିଲ୍ ସଂଶୋଧନ ଶିବିର

ଡେରାବିଶ, ୧୩।୧୨(ସ୍ୱ.ପ୍ର.)

ଚାନ୍ଦୋଳସ୍ଥିତ ଏନ୍‌ଜେନ୍ କାର୍ଯ୍ୟାଳୟ ପରିସରରେ ଇତିମଧ୍ୟରେ ସେସୁ ଓ ଏନ୍‌ଜେନ୍ ପକ୍ଷରୁ ମିଳିତ ଭାବେ ବିଦ୍ୟୁତ୍ ବିଲ୍ ସଂଶୋଧନ ଓ ବକେୟା ବିଲ୍ ଆଦାୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେସୁର ଏଏଫ୍‌ଏମ୍ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଭ୍ୟା ଅବନ୍ତୀ ବେହେରା, ସେସୁ ଏସ୍‌ଡିଓ ଶୁଭେନ୍ଦୁ କୁମାର ପ୍ରଧାନ, ସଭ୍ୟ ଯୁଧିଷ୍ଠିର ବିଶ୍ୱାଳ, ବାବୁରାମ ସେଠୀ ଏବଂ ଏନ୍‌ଜେନ୍‌ର ଏଏଫ୍‌ଏମ୍ ସାଗରଜ୍ୟୋତି ବିଶ୍ୱାଳ, ଏକାଉଣ୍ଟାଣ୍ଟ ଗୌରାଙ୍ଗ ଛତ୍ରା, ଏସ୍‌ଡିଓ ସତ୍ୟରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ବିକାଶ ଦାସ ଓ ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଅଞ୍ଚଳର ୩୩ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ସଂଶୋଧନ କରିଥିଲେ । ସଂଶୋଧନ ପରେ ଏହି ଉପଭୋକ୍ତାଙ୍କ ଠାରୁ ୮୨ ହଜାର ଟଙ୍କା ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରାଯାଇଥିଲା ।

# ଭିତରକନିକା ମହୋତ୍ସବ ଘୁଞ୍ଚାଇବା ଦାବି


ଜିଲାପାଳଙ୍କୁ ସମିତି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡା ଅଫିସ, ୧୩।୧୨

ପ୍ରଥମେ ଜାତୀୟ ଉଦ୍ୟାନର ପରିବେଶକୁ ସୁରକ୍ଷା ଦିଆଯାଉ । ପରେ ଭିତରକନିକା ମହୋତ୍ସବ ହେଉ । ଏହି ଦାବି କରିଛି ଗହୀରମଥା ସାମୁଦ୍ରିକ କଇଁଛ ସୁରକ୍ଷା ଓ ହେନ୍ତାଳ ବନ ସୁରକ୍ଷା ସମିତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଶୁକ୍ରବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଭିତରକନିକା ଜୈବ ବିବିଧତା, ଲୁଣା କୁମ୍ଭୀର, ବିରଳ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ସ୍ଥଳୀ ଭାବେ ଚର୍ଚ୍ଚାରେ ଅଛି । ଜାତୀୟ ଉଦ୍ୟାନ ମାନ୍ୟତା ପାଇବାର ଇତିମଧ୍ୟରେ ୨୦ ବର୍ଷ ବିତିଥିଲେ ମଧ୍ୟ ମହୋତ୍ସବ ହୋଇ ନ ଥିଲା । ଏହି ମହୋତ୍ସବ ହେଲେ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ହୋଇପାରିବ । ତେବେ ଏହି ପର୍ଯ୍ୟଟନ କ୍ଷେତ୍ରର ପରିବେଶ ଏବେ ବିଭିନ୍ନ କାରଣରୁ ନଷ୍ଟ ହେବାକୁ ବସିଛି । ଏଠାରେ ଥିବା ଚିଙ୍ଗୁଡି ଘେରି ବନାଞ୍ଚଳ ଧ୍ୱଂସ କରିବା ସହ ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପକାଉଛି। ଦେଶୀୟ ପକ୍ଷୀଙ୍କ ବାରମ୍ବାର ବାସସ୍ଥାନ ପରିବର୍ତ୍ତନ ଏହାର ଉଦାହରଣ ହୋଇଥିବା ବେଳେ ବିଭିନ୍ନ ସମୟରେ ନିଷିଦ୍ଧାଞ୍ଚଳ ମଧ୍ୟରେ ଚଳାଚଳ କରୁଥିବା ବୋଟ୍‌କୁ ଜବତ କରାଯିବା ଘଟଣାକୁ ଅନୁଧ୍ୟାନ କରିବା ଆବଶ୍ୟକ ହୋଇପଡିଛି । ଅପରପକ୍ଷରେ ଜିଲା ପ୍ରଶାସନ ହାଇକୋର୍ଟରେ ଦେଇଥିବା ସତ୍ୟପାଠରେ ୨୬ ହଜାର ଏକର ଜମିର ଚିଙ୍ଗୁଡି ଘେରି ଭଙ୍ଗା ଯାଇଥିବା ନେଇ ତଦନ୍ତ ହେବା ଦରକାର । ଏହି ଚିଙ୍ଗୁଡି ଘେରି ପାଇଁ ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ହୋଇଛି । ଚିଙ୍ଗୁଡି ଘେରିକୁ ଉଚ୍ଛେଦ କରାଯାଇ ଆସନ୍ତା ଜାନୁଆରୀ ପରିବର୍ତ୍ତେ ଏପ୍ରିଲ ମାସରେ ଭିତରକନିକା ମହୋତ୍ସବ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ସମ୍ପାଦକ ରାଉତ ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସମିତିର ସଭାପତି ସତ୍ୟପ୍ରକାଶ ମହାନ୍ତି, ଅଶୋକ ସ୍ୱାଇଁ, ଗୟାଧର ଧଳ, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଧାୟିକାଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ


ବିଧାୟିକା ସାବିତ୍ରୀ ଅଗ୍ରୱାଲ ଶିଙ୍ଗିଟିଆଠାରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ହେବାକୁ ଥିବା ରାସ୍ତା ପାଇଁ ଶିଳାନ୍ୟାସ କରୁଛନ୍ତି ।

ପାଟକୁରା, ୧୩।୧୨(ଡି.ଏନ୍.ଏ)

ଶୁକ୍ରବାର ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଗରଦପୁର ବ୍ଲକ ଅଧୀନ ନୈନ୍ଦିପୁରଠାରୁ ଶିଙ୍ଗିଟିଆ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଛନ୍ତି । ଏହି ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୧ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବ । ବିଧାୟିକାଙ୍କ ସହିତ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ବିଧାୟିକାଙ୍କ ବ୍ଲକ ପ୍ରତିନିଧି ନାରାୟଣ ସ୍ୱାଇଁ, ଗ୍ରାମ ଉନ୍ନୟନ ବିଭାଗର ବରିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସନ୍ଧିବିଗ୍ରହ, ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ପାଟକୁରା ସରପଞ୍ଚ ସୂର୍ଯ୍ୟମଣି ସେଠୀ, ସମିତି ସଭ୍ୟା ମମତା ମଲ୍ଲିକ, ପାଖଡ ସରପଞ୍ଚ ଗୌରାଙ୍ଗ ଚରଣ ପରିଡା, ପଦ୍ମପୁର ସରପଞ୍ଚ ସ୍ୱର୍ଣ୍ଣଲତା ରାଉତ, ଅଶୋକ ଜେନା, ପ୍ରହଲ୍ଲାଦ ସାହୁ ଓ ଆର.ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଛାମୁଆ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ । ଏହି ରାସ୍ତା ନିର୍ମାଣ ହେଲେ ନୈନ୍ଦିପୁର, ଶିଙ୍ଗିଟିଆ, ଲେଖନପଡା, କୋଡପଲ୍ଲା, ପଣସୁଆପଡା ଓ ଚାନ୍ଦପଲ୍ଲାର ଜନସାଧାରଣ ବିଶେଷ ଉପକୃତ ହେବେ । ସେମାନେ ଏହି ରାସ୍ତା ଦେଇ ବ୍ଲକ ସଦରମହକୁମା ଓ ଜିଲା ସଦର ମହକୁମା କେନ୍ଦ୍ରାପଡାକୁ ଯାଇପାରିବେ । ଗରଦପୁର ତହସିଲ ଅଫିସ୍, ସବ୍‌ରେଜିଷ୍ଟ୍ରି ଅଫିସ୍, ସେସୁ କାର୍ଯ୍ୟାଳୟ, କ୍ରେଡିଟ୍ କୋ-ଅପରେଟିଭ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଗରଦପୁର ହାଟ, ଗରଦପୁର ହାଇସ୍କୁଲ, ସିଦ୍ଧ ହାଇସ୍କୁଲ, କୋରୁଆଠାରେ ଥିବା ତିନିଗୋଟି ମହାବିଦ୍ୟାଳୟ ସମେତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ କୋରୁଆ ଷ୍ଟେଟ୍ ବ୍ୟାଙ୍କକୁ ମଧ୍ୟ ଯାଇପାରିବେ । ବିଧାୟିକା ଅଗ୍ରୱାଲ ଗରଦପୁର ପଞ୍ଚାୟତର ଗୋବରା ଛକଠାରୁ ଚାଉଳିଆ ବାମରା ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ । ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କରାଯିବ । ଏଥିରେ ୧କୋଟି ୮୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବାର ବ୍ୟବସ୍ଥା ଅଛି ବୋଲି ବରିଷ୍ଠ ଯନ୍ତ୍ରୀ ସନ୍ଧିବିଗ୍ରହ ସୂଚନା ଦେଇଥିଲେ । ଏହି ୫ କିଲୋମିଟର ରାସ୍ତା ନିର୍ମାଣ ହେଲେ ଗରଦପୁର ବ୍ରହ୍ମପୁର, ମେଳକ, ଡିମିରିଆ, ଚାଉଳିଆ, ବାମରା ଗ୍ରାମର ଜନସାଧାରଣ ଉପକୃତ ହୋଇପାରିବେ । ଏହି ରାସ୍ତା ଦେଇ ସମ୍ପୃକ୍ତ ଗ୍ରାମର ଜନସାଧାରଣ ଗରଦପୁର ବ୍ଲକର ସଦର ମହକୁମାକୁ ଯାତାୟାତ କରିପାରିବେ ବୋଲି ସରପଞ୍ଚ ଗୌରାଙ୍ଗ ପରିଡା ସୂଚନା ଦେଇଛନ୍ତି ।




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୧୯

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମି.   ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା – **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ – **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920   DADLS-68



"ବାଲାକୋଟ ଏୟାର ଷ୍ଟ୍ରାଇକ୍‌କୁ ନେଇ କରୁଥିବା ଫିଲ୍ମଟି ଦେଶଭକ୍ତି ଉପରେ ଆଧାରିତ। ଏହି ଦେଶ ପ୍ରେମର ନିଦର୍ଶନ ବିଶ୍ୱବାସୀଙ୍କୁ ପ୍ରେରଣା ଦେବା।
-ସଞ୍ଜୟ ଲୀଲା ଭଂସାଲି,
ବଲିଉଡ୍ ଫିଲ୍ମ ନିର୍ମାତା

# କ୍ୟାନ୍‌ସର ଦୂରକରେ ଚା

## ଅନ୍ତର୍ଜାତୀୟ ଚା' ଦିବସ

**ନୂଆଦିଲ୍ଲୀ:** ଶୀତଦିନେ ଚା'ର ମଜା ନିଆରା। ଏମିତିକି ଭାରତରେ ଲୋକମାନେ କପେ ଚା'କୁ ଅନେକ ଗୁଡ଼ିଏ ସମସ୍ୟାର ସମାଧାନ ବୋଲି ଭାବନ୍ତି। ଥକାପଣ ମେଣ୍ଟାଇବା, ଥଣ୍ଡା ଆଦି ସମସ୍ୟା ଦୂରେଇବା ଏପରିକି ଅନେକେ ମୁଣ୍ଡବିନ୍ଧା ହେଲେ ପ୍ରଥମେ ଚା ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି। ଚା'ରେ ତୁଳସୀପତ୍ର ପକାଇ କାଢ଼ା ତିଆରି କରାଯାଏ, ଏହାକୁ ସବୁ ରୋଗର ଔଷଧ ବା ମହୌଷଧି କୁହନ୍ତି। ୧୫ ଡିସେମ୍ବରକୁ ଅନ୍ତର୍ଜାତୀୟ ଚା ଦିବସ ପାଳନ କରାଯାଉଛି। ଚା ପିଇବାକୁ



ନେଇ ଡାକ୍ତର କୁହନ୍ତି, ଚା'ରେ ଆଣ୍ଟି ଅକ୍ସିଡେଣ୍ଟ ପଲିଫେନଲ ରହିଛି, ଯାହା ଶୀଘ୍ର ପ୍ରଭାବିତ ହେଉଥିବା ଜୀବାଣୁଙ୍କ ସହ ଲଢ଼େଇ କରିଥାଏ। ଚା ଶରୀରରୁ କ୍ୟାଲୋରୀ ଖର୍ଚ୍ଚ ବଢ଼ାଇବା ସହ ମୋଟାପଣ କମାଇଥାଏ। ଏହାଛଡ଼ା ଚା ଶରୀରରେ ବ୍ରାଉନ୍ ଫ୍ୟାଟ୍ ବଢ଼ାଇବାରେ ସହାଯ୍ୟ କରିଥାଏ। ଏଥିରେ ହ୍ୱାଇଟ୍ ଫ୍ୟାଟ୍ ଅପେକ୍ଷା ମାଇଟୋକଣ୍ଡ୍ରିଆ ଅଧିକ ମାତ୍ରାରେ ରହିଥାଏ। ଫଳରେ ବ୍ରାଉନ୍ ଫ୍ୟାଟ୍ ଶରୀରରୁ କ୍ୟାଲୋରୀ ବର୍ନ କରିବା ସହ ପଚନକ୍ରିୟା ବଢ଼ାଇବାରେ ସହାୟ ହୋଇଥାଏ। ଭିନ୍ନ ଭିନ୍ନ ୧୫ଟି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦିନକୁ ୨ରୁ ୬କପ୍ ଗ୍ରୀନ୍ ଟି ପିଉଥିବା ଜଣେ ବ୍ୟକ୍ତି ୧୨ ସପ୍ତାହ ମଧ୍ୟରେ ଅନ୍ୟମାନଙ୍କ ଅପେକ୍ଷା ଶରୀରରୁ ଅଧିକ ଓଜନ ହଟାଇପାରିବେ। ୪୦ହଜାରରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତିଦିନ ଚା ପିଇବା ଦ୍ୱାରା ହାର୍ଟ ଡିଜିଜ୍, ଷ୍ଟ୍ରୋକ୍ ଓ କେତେକପ୍ରକାର କ୍ୟାନସର୍ ହେବାର ସମ୍ଭାବନା କମ୍ କରିଥାଏ। ଯେଉଁମାନେ ଦିନକୁ ୫କପ୍ ଗ୍ରୀନ୍ ଟି ପିଇଥାନ୍ତି ସେମାନଙ୍କୁ ହାର୍ଟ ଆଟାକ୍ ହେବାର ଆଶଙ୍କା ୧୬% କମ୍ ଦେଖାଯାଇଥାଏ। ଏଥିସହ ଡାଇବେଟିସ୍ କମ୍ କରିବାରେ ମଧ ଗ୍ରୀନ୍ ଟି ବିଶେଷ ଭାବେ କାର୍ଯ୍ୟ କରେ।

# ପ୍ରଥମ ସାମୁଦ୍ରିକ କବରଖାନା

**କୋଝିକୋଡ:** ସମୁଦ୍ରର ଅଥଳ ଜଳରାଶିଠାରୁ ଆରମ୍ଭ କରି ଏଭେରଷ୍ଟ, ଆମାଜନର ଘଞ୍ଚ ଜଙ୍ଗଲରୁ ସାହାରାର ବିସ୍ତୀର୍ଣ୍ଣ ମରୁପ୍ରାନ୍ତ ଯାଏ ସବୁଠି ମନୁଷ୍ୟକୃତ ଆବର୍ଜନାର ପାହାଡ଼। ଜାଣତ କିମ୍ବା ଅଜାଣତରେ ପ୍ରାକୃତିକ ପରିବେଶରେ ଏପରି ହସ୍ତକ୍ଷେପ ଏବେ ମଣିଷ ଜାତି ପାଇଁ ବୁମେରାଂ ପାଲଟିଛି। ଏହାଦ୍ୱାରା ଯେ କେବଳ ମାନବ ସଭ୍ୟତା ଧ୍ୱଂସ ପାଇବା ଆଶଙ୍କା ରହିଛି ତାହା ନୁହେଁ, ବରଂ ଏହା ଅନ୍ୟ ପ୍ରାଣୀଙ୍କୁ ମଧ ବିଲୁପ୍ତ ଅବସ୍ଥାକୁ ଟାଣିନେଲାଣି। ବଢୁଥିବା କଂକ୍ରିଟ ଜଙ୍ଗଲ ଏବଂ କମୁଥିବା ସବୁଜ ବନାନୀ ପାଇଁ ଅନେକ ଜୀବଜନ୍ତୁ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ଏପରି ସ୍ଥିତିରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ କେରଳର କୋଝିକୋଡ଼ରେ ନିର୍ମାଣ କରାଯାଉଛି ପୃଥିବୀର ପ୍ରଥମ ସାମୁଦ୍ରିକ କବରଖାନା। ବିଲୁପ୍ତ ହୋଇସାରିଥିବା ମାଛମାନଙ୍କ ପାଇଁ ଏହାକୁ ଉତ୍ସର୍ଗ କରାଯାଇଛି।

ବିଷାକ୍ତ ହେବାରେ ଲାଗିଛି ପରିବେଶ। ଜଳ, ବାୟୁ ଭଳି ପ୍ରାକୃତିକ ତତ୍ତ୍ୱ ଉପରେ ମନୁଷ୍ୟର ଅଯଥା ହସ୍ତକ୍ଷେପ ଜୀବନଚକ୍ରକୁ ପ୍ରଭାବିତ କରୁଛି। ଏଥିରେ ସର୍ବାଧିକ ପ୍ରଭାବିତ ହେଉଛି ସମୁଦ୍ର। ସବୁଜଗ୍ରହ ପୃଥିବୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସମୁଦ୍ର ଏବେ ଆବର୍ଜନାକୁଣ୍ଡରେ ପରିଣତ ହେଲାଣି। ଏହାଦ୍ୱାରା କେତେ ଯେ ସାମୁଦ୍ରିକ ଜୀବ ବିଲୁପ୍ତ ହୋଇସାରିଲେଣି ତାହା କଳିବା ଅସମ୍ଭବ। ଖାସ୍ ଏହି କଥାକୁ ଜନମାନସରେ ପ୍ରଚାର କରିବାକୁ ସେଠାକାର ଜିଲା ପ୍ରଶାସନ ଆରମ୍ଭ କରିଛି 'କ୍ଲିନ ବିଚ୍ ମିଶନ'। ଏଥିସହ ପ୍ରଶାସନ, ବେପୋର ପୋର୍ଟ ଏବଂ ଜେଲିଫିସ୍ ୱାଟରସ୍ପୋର୍ଟ୍ସର ମିଳିତ ସହଯୋଗରେ ନିର୍ମାଣ କରାଯାଉଛି ଏହି ସାମୁଦ୍ରିକ କବରସ୍ଥାନ। ସବୁଠାରୁ ମଜାକଥା ହେଉଛି, ଏହାର ଢାଞ୍ଚା ତିଆରି ହେଉଛି ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ୍‌ରେ। ଏହାକୁ ବିଲୁପ୍ତ ହୋଇସାରିଥିବା ୮ ପ୍ରଜାତିର ସାମୁଦ୍ରିକ ମାଛଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। ଏଥିରେ ରହିଛି ସି-ହର୍ସ, ପ୍ୟାରଟ ଫିସ, ଇଗଲରେସ୍, କଇଁଛ, ଜେବ୍ରା ସାର୍କ, ହାମରହେଡ୍ ଭଳି ବିଲୁପ୍ତ ପ୍ରଜାତିର ସାମୁଦ୍ରିକ ଜୀବ। କେବଳ ଏତିକି ନୁହେଁ, ସ୍ଥାନୀୟ ମଧୁର ଜଳ ମାଛ 'ମିସ୍ କେରଳ'ର ସ୍ମାରକୀ ମଧ ଏଠାରେ ସ୍ଥାନ ପାଇଛି। ମିଶନ ସମ୍ପର୍କରେ ପୋର୍ଟ ଅଫିସର କ୍ୟାପ୍‌ଟେନ୍ ଅଶ୍ୱିନୀ ପ୍ରତାପ କୁହନ୍ତି, ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକରୁ ବଢୁଥିବା ପ୍ରଦୂଷଣ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହା ହେଉଛି ଏକ ପ୍ରତୀକାତ୍ମକ ସ୍ମାରକ। ମଣିଷ ସବୁବେଳେ ଅନ୍ୟ ଜୀବଙ୍କ ଆବାସସ୍ଥଳୀରେ ହସ୍ତକ୍ଷେପ କରୁଛି। ସମୁଦ୍ର, ନଦୀରେ ପ୍ଲାଷ୍ଟିକ ଭଳି ବିପଜ୍ଜନକ ଆବର୍ଜନା ଫିଙ୍ଗିବା ଫଳରେ ଅନେକ ଜୀବ ବିଲୁପ୍ତ ଅବସ୍ଥାକୁ ଆସିଗଲେଣି। ଏହି ସ୍ମାରକ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାରର ସାଂଘାତିକ ପରିଣାମ ବିଷୟରେ ଅବଗତ କରାଇବ। ଏକ ରିପୋର୍ଟ ଅନୁଯାୟୀ ପାଣି ଓ ପବନରେ ବଢୁଥିବା ପ୍ରଦୂଷଣ ଯୋଗୁ ପୃଥିବୀର ୭୦୦ ପ୍ରଜାତିର ଜୀବ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି।



# ବିକଳ୍ପ ଶକ୍ତି ଭବିଷ୍ୟତର ଭରସା

**ଜାତିସଂଘ:** ବିଶ୍ୱରେ ୧୪ ଡିସେମ୍ବରରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଶକ୍ତି କ୍ଷୟ ରୋକିବା ଓ ଏହାର ବିନିଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଏହି ଦିବସ। ଦୈନନ୍ଦିନ ଜୀବନରେ ଶକ୍ତିର ଉପଯୋଗ ଓ ପରିବେଶ ଉପରେ ଏହାର ପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଏ। ଶକ୍ତିର ଅଭାବ ଯୋଗୁ ଆଗାମୀ ପିଢି ପାଇଁ ଉପୁଜିବାକୁ ଯାଉଥିବା ସମସ୍ୟା ଉପରେ ସମୀକ୍ଷା କରାଯିବା ସହ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଶକ୍ତିର ଆବଶ୍ୟକତା ଉପରେ ତତ୍‌କଳ ଭାବନା ଜାଗ୍ରତ କରିବାରେ ଏହି ଦିବସ ପ୍ରମୁଖ ଭୂମିକା ନେଇଥାଏ। ଶକ୍ତି ସଂରକ୍ଷଣର ଆବଶ୍ୟକତା ଓ ଶକ୍ତି ଉପଯୋଗରେ ମିତବ୍ୟୟିତା ପ୍ରତି ସଚେତନ କରିବା ଏହି ଦିବସର ଲକ୍ଷ୍ୟ।

ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ମଧ ସାଂଘାତିକ ଭାବେ ପାରମ୍ପରିକ ଶକ୍ତିର ଉତ୍ସ କ୍ଷୟ ହେବାରେ ଲାଗିଛି। ଏହାର ମୁକାବିଲା କରି ଶକ୍ତି ସଂରକ୍ଷଣ କରିବା ଲାଗି ଆହ୍ୱାନ ଦିଏ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ। ଅନ୍ୟ ପକ୍ଷରେ ଶକ୍ତିର ଅପବ୍ୟବହାର ବିଶ୍ୱତାପନ ବୃଦ୍ଧି କରୁଛି ଯଦ୍ୱାରା ବିଶ୍ୱ ଜୀବନ ଶୂନ୍ୟ ହେବାର ଆଶଙ୍କା ଉପୁଜିଛି। ଏହାସହ ପାରମ୍ପରିକ ଶକ୍ତିକୁ ଧରି ରଖିଥିବା ସବୁ ଉତ୍ସ ମଧ ନଷ୍ଟ ହେବାରେ ଲାଗିଛି। ମାନବ ଆଧୁନିକ ଜୀବନ ଲାଗି ଶକ୍ତିକୁ ବେଖାତିର ଭାବେ ଉପଯୋଗ କରିବାରେ ଲାଗିଛି। ଏହି ଉତ୍ସ ବାସ୍ତବରେ ସମାଜର ବିକାଶ ଲାଗି ଉଦ୍ଦିଷ୍ଟ। ଖାଦ୍ୟ ,ଆଶ୍ରୟ, ପୋଷାକ, ପାଣି, ପରିମଳ, ଔଷଧ,ପରିବହନ, ଶିଳ୍ପ,ତଥ୍ୟ ହାସଲ କରିବାରେ ବି ଶକ୍ତିକୁ ବିପଜ୍ଜନକ ଭାବେ ବ୍ୟବହାର କରାଯାଉଛି। କୋଇଲା, ପେଟ୍ରୋଲ, ଆଣବିକ ଶକ୍ତି ନିର୍ଦ୍ଦିଷ୍ଟ ପରିମାଣରେ ଏକ ସୀମିତ ସମୟ ଲାଗି ରହିଛି। ଏବେ ଗଚ୍ଛିତ ରହିଥିବା ଜୀବାଶ୍ମ ଇନ୍ଧନ ୪୫ ବର୍ଷ, ଗ୍ୟାସ୍ ୬୫ ବର୍ଷ, କୋଇଲା ୨୦୦ ବର୍ଷ ରହିବ ବୋଲି ଷ୍ଟାଟିଷ୍ଟିକାଲ ରିଭ୍ୟୁ ଅଫ୍ ୱାର୍ଲ୍ଡ ଏନର୍ଜି ପକ୍ଷରୁ ୨୦୧୦ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଥିଲା। ଏଣୁ ଆଗାମୀ ପିଢି ଲାଗି ବିକଳ୍ପ ଶକ୍ତି ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି। ଏହା ହିଁ ଭବିଷ୍ୟତର ଭରସା।ଏବେ ବ୍ୟବହାର କରାଯାଉଥିବା ମୋଟ ଶକ୍ତିର ମାତ୍ର ୫.୫ ପ୍ରତିଶତ ଜଳବିଦ୍ୟୁତ। ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି ପାଉଥିଲେ ବି ଏହା ବିଶ୍ୱରେ ଆବଶ୍ୟକ ହେଉଥିବା ଶକ୍ତି ୫.୨ ପ୍ରତିଶତ ଯୋଗାଇ ଦେବାକୁ ସମର୍ଥ ହୋଇପାରିବ। ଯେତେଯାହା କଲେ ବି କୌଣସି ଗୋଟିଏ ଶକ୍ତିର ଉତ୍ସ ଜୀବାଶ୍ମ ଇନ୍ଧନର ସ୍ଥାନ ପୂରଣ କରିପାରିବନାହିଁ। ଏହାକୁ ସଂରକ୍ଷଣ କରିବା ବି ସହଜ ନୁହେଁ, କିନ୍ତୁ ବିକଳ୍ପ ଖୋଜାଯିବାର ଆବଶ୍ୟତା ରହିଛି ; ଯେହେତୁ ପ୍ରତିବର୍ଷ ବିଶ୍ୱର ଜନସଂଖ୍ୟା ଦ୍ରୁତ ଗତିରେ (୧.୬ ପ୍ରତିଶତ)ବୃଦ୍ଧି ପାଇବାରେ ଲାଗିଛି। ଶକ୍ତିର ସବୁ ଉତ୍ସକୁ ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ।




## ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ

# ପ୍ରଦୂଷିତ ହେଉଛି ମହାକାଶ

**ଲଣ୍ଡନ:** ଗତ ୬୦ ବର୍ଷ ମଧ୍ୟରେ ମହାକାଶରେ ସାଢ଼େ ୩ ହଜାରରୁ ଅଧିକ ଅଚଳ ଉପଗ୍ରହ ଜମା ହୋଇ ରହିଛି। ଏଠାରେ ସାଢ଼େ ୭ ଲକ୍ଷରୁ ଅଧିକ ଛୋଟ ଛୋଟ ଭଙ୍ଗାରୁଜା ଅଂଶ ମଧ ରହିଛି। ଫଳରେ ମହାକାଶ ପ୍ରଦୂଷିତ ହେବାରେ ଲାଗିଛି। ଘଣ୍ଟାପ୍ରତି ୨୦ ହଜାର କିମି ବେଗରେ ଏହି ଅଚଳ ଉପଗ୍ରହ ଗୁଡ଼ିକ ପୃଥିବୀର ପରିକ୍ରମା କରୁଛନ୍ତି। ଏହା ଦ୍ୱାରା ଭବିଷ୍ୟତରେ ମହାକାଶକୁ ଉପଗ୍ରହ ପଠାଇବାରେ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ୟୁରୋପିଆନ୍ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ୨୦୨୫ଠାରୁ ଏସବୁ ଅଚଳ ଉପଗ୍ରହ ଏବଂ ଭଙ୍ଗାରୁଜା ଟୁକୁଡ଼ାକୁ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯିବା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରଥମ 'ସ୍ପେସ୍ ଜଙ୍କ କଲେକ୍ଟର' ଅଭିଯାନକୁ କ୍ଲିୟର ସ୍ପେସ୍-୧ ଭାବେ ନାମିତ କରାଯାଇଛି। ସୁଇଜରଲାଣ୍ଡର ଏକ ଷ୍ଟାର୍ଟ୍ ଅପ୍ ଦ୍ୱାରା ଏହା କରାଯିବ। ଏଥି ପାଇଁ ୯୪୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଉଛି। ବ୍ରିଟେନ୍ ଏହି ଅଭିଯାନ ପାଇଁ ଶହେ କୋଟି ଟଙ୍କାର ସହାୟତା ଯୋଗାଇ ଦେବ ବୋଲି କହିଛି। ଏବେ ମହାକାଶରେ ପ୍ରାୟ ୨ ହଜାର ଚଳନକ୍ଷମ ଉପଗ୍ରହ ରହିଛି। ତେବେ ମହାକାଶକୁ ପରିଷ୍କାର ରଖିବା ପ୍ରତିଟି ବିକଶିତ ଦେଶର ପ୍ରଥମ କର୍ତ୍ତବ୍ୟ ବୋଲି ୟୁରୋପିଆନ୍ ମହାକାଶ ଗବେଷଣା ସଂସ୍ଥାର ମହାନିର୍ଦ୍ଦେଶକ ଜୈନ୍ ବୋର୍ନର କହିଛନ୍ତି। ଏନେଇ ନୂଆ ନିୟମ ପ୍ରଣୟନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ପୃଥିବୀକୁ ଫେରାଇ ଅଣାଯିବ ଅଚଳ ଉପଗ୍ରହ



**ମୁମ୍ବାଇ:** ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ଓ ବଲିଉଡ୍ ବେବୋ କରୀନା କପୁର ଖାଁ ତାଙ୍କ ଅପ୍ କମିଙ୍ଗ ଫିଲ୍ମ ଗୁଡ୍ ନ୍ୟୁଜର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏବେ ଏମାନଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଏମାନେ କାର୍ ଭିତରେ ଫିଲ୍ମର ପ୍ରମୋଶନ କରୁଥିବା ଦେଖାଯାଇଛି। ନିକଟରେ ଅକ୍ଷୟ, କରୀନା, ଦିଲ୍‌ଜିତ ଦୋସାଂଝ ଓ କିୟାରା ଆଡଭାନୀ ଫିଲ୍ମର ପ୍ରମୋଶନ ପାଇଁ ଯିବା ସମୟରେ ଟାଇମ୍ ୱେଷ୍ଟ ନ କରି ରାସ୍ତାରେ ଯିବାବେଳେ ଏକ ଭିଡିଓ ଶୁଟ୍ କରିଥିଲେ। ପରେ ଅକ୍ଷୟ ଏହାକୁ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏବେ ଏହା ଭାଇରାଲ ହୋଇଛି। ଭିଡିଓଟି ଅକ୍ଷୟଙ୍କ ପାଖରୁ ଆରମ୍ଭ ହେଉଥିବା ବେଳେ ସେ ଫିଲ୍ମର ଗୀତ ମାନା ଦିଲ୍ ଗାଉଛନ୍ତି। ଅନ୍ୟ କଳାକାରମାନେ ତାଙ୍କ ନିକଟକୁ ଆସିଛନ୍ତି। ଫିଲ୍ମଟି ଚଳିତ ମାସ ୨୭ରେ ରିଲିଜ୍ ହେବାର ଯୋଜନା ରହିଛି।

# କାରରେ ଗୁଡ୍ ନ୍ୟୁଜ୍ ପ୍ରମୋଶନ



**ମୁମ୍ବାଇ:** ବଲିଉଡ୍ ଭର୍ସାଟାଇଲ୍ ଅଭିନେତ୍ରୀ ବିଦ୍ୟା ବଲାନ୍ ନିଜ ଦମ୍‌ଦାର ଅଭିନୟ ଜରିଆରେ ଦର୍ଶକଙ୍କ ହୃଦୟରେ ରାଜ୍ କରିଥାନ୍ତି। ନିକଟରେ ସେ ନିଜ୍ ଅପକମିଂ ଫିଲ୍ମ 'ଶକୁନ୍ତଳା ଦେବୀ'ର ଶୁଟିଂ ଶେଷ କରିଛନ୍ତି। ତେବେ ଆଜିକାଲି ଡିଜିଟାଲ ଯୁଗ ହୋଇଥିବାରୁ ବିଦ୍ୟା ବି ନିଜ ଫିଲ୍ମର ସମସ୍ତ ଅପ୍‌ଡେଟ୍ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଏହାରି ଭିତରେ ସେ ଫିଲ୍ମକୁ ନେଇ ଅନେକ ଫଟୋ, ଭିଡିଓ ନିଜ ଫ୍ୟାନ୍‌ମାନଙ୍କ ସହ ଶେୟାର କରିଛନ୍ତି। ଯେପରି ସମସ୍ତେ ଜାଣିଛନ୍ତି, ବିଦ୍ୟା ନିଜର ପ୍ରତ୍ୟେକ ଫିଲ୍ମରେ ଭିନ୍ନ ଭିନ୍ନ ଗେଟ୍‌ଅପ୍ ସାଙ୍ଗକୁ ଭିନ୍ନ ସ୍ୱାଦର ଅଭିନୟ ନେଇ ଆସିଥାନ୍ତି। ଫିଲ୍ମ 'ଶକୁନ୍ତଳା ଦେବୀ'ରେ ମଧ ସେ ଟିକେ ହଟ୍‌କେ ନଜରକୁ ଆସିବେ, ଯାହାର ଝଲକ୍ ସାମ୍ନାକୁ ଆସିଯାଇଛି। ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ ଘୋଷଣା କରାଯାଇଛି, ଯାହାକୁ ନିଜେ ବିଦ୍ୟା ସୋସିଆଲ ମିଡିଆରେ ଜଣାଇଛନ୍ତି।

ଫିଲ୍ମର କାହାଣୀ ଦିବଂଗତ ବିଶିଷ୍ଟ ଗଣିତଜ୍ଞ ଶକୁନ୍ତଳା ଦେବୀଙ୍କ ଜୀବନୀ ଉପରେ ଆଧାରିତ। ଏଣୁ ବିଦ୍ୟା ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ସୋସିଆଲ ମିଡିଆରେ ଅପ୍‌କମିଂ ଫିଲ୍ମ 'ଶକୁନ୍ତଳା ଦେବୀ'ର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଅନେକଥର କନ୍‌ଫ୍ୟୁଜ୍ କରିବା ପରେ ଶେଷରେ ବିଦ୍ୟା ଫିଲ୍ମର ରିଲିଜ୍ ଡେଟ୍ ସ୍ପଷ୍ଟ ଓ ସିଧା ସିଧା କହିଛନ୍ତି। ପ୍ରକୃତରେ ବିଦ୍ୟା ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଫିଲ୍ମର ରିଲିଜ୍ ଡେଟ୍‌କୁ ଗଣିତ ସହ ଯୋଡ଼ି ଦର୍ଶକଙ୍କୁ କିଛି ପ୍ରଶ୍ନ ପଚାରିଛନ୍ତି ଏବଂ ଏହାର ସମାଧାନ କରିବାକୁ କହିଛନ୍ତି। ପ୍ରଶ୍ନଗୁଡ଼ିକ ଏତେ ଜଟିଳ ଯେ, ଜଣେ ସହଜରେ ବୁଝିପାରିବେ ନାହିଁ ବା ଉତ୍ତର ଦେଇପାରିବେ ନାହିଁ।

ଭିଡିଓରେ ବିଦ୍ୟା ପୁଣି କହିଛନ୍ତି, ହିସାବ କରିପାରୁ ନାହାନ୍ତି କି? କ'ଣ ଭାବିଥିଲେ! ମୁଁ ଶକୁନ୍ତଳା ଦେବୀ, ଏତେ ସହଜରେ କହିଦେବି? ପୁଣିଥରେ ଚେଷ୍ଟା କରନ୍ତୁ କହି ବିଦ୍ୟା ଇମୋଜି ମାଧ୍ୟମରେ ଫିଲ୍ମର ରିଲିଜ୍ ଡେଟ୍ ଜଣାଇଛନ୍ତି। ଏହା ମଧ ବୁଝିବା ସହଜ ନ ଥିଲା। ଶେଷରେ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି ନ କରି ବିଦ୍ୟା ସିଧା ସିଧା ସବୁ ପ୍ରଶ୍ନର ସମାଧାନ କରି ଜଣାଇଛନ୍ତି ଯେ, ଫିଲ୍ମ 'ଶକୁନ୍ତଳା ଦେବୀ' ୨୦୨୦ ମେ' ୮ରେ ରିଲିଜ୍ ହେବ।



ବିଦ୍ୟା ବଲାନ୍

# ବିଦ୍ୟା ଗଣିତ ସୂତ୍ରରେ ବୁଝାଇଲେ ଫିଲ୍ମର ରିଲିଜ୍ ଡେଟ୍

## ଆଜିଠାରୁ 'ଇକୋ ରିଟ୍ରିଟ୍'

# ଗ୍ଲାମର୍ସ କ୍ୟାମ୍ପିଂ-ଫୁଡ୍-ଫନ୍



- ରାମଚଣ୍ଡୀ ବିଚ୍‌ରେ ୪୯ ଦିନର କାର୍ଯ୍ୟକ୍ରମ
- ୫୦ ଲକ୍‌ଜ୍ୟୁରି କଟେଜ୍, ଆଡ୍‌ଭେଞ୍ଚର୍ ସ୍ପୋର୍ଟସ, ମ୍ୟୁଜିକାଲ ନାଇଟ୍
- ଆଜି ପରିବେଷଣ କରିବ 'ୟୁଫୋରିଆ' ବ୍ୟାଣ୍ଡ୍
- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ଲକ୍‌ଜ୍ୟୁରି କଟେଜ୍, ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ବିଚ୍ ଭଲିବଲ୍, ଥେରାପ୍ୟୁଟିକ୍ ୱାକ, ବିଚ୍ ସ୍ପା, ସେଲିବ୍ରିଟି ଡିଜେ, ଖ୍ୟାତନାମା ବ୍ୟାଣ୍ଡ୍ ଓ ମନପସନ୍ଦର ଖାଦ୍ୟ। ଗୋଟିଏ ସ୍ଥାନରେ ସବୁକିଛିର ଅନୁଭବ ନେଇପାରିବେ ପର୍ଯ୍ୟଟକ। ଏଥିପାଇଁ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'। ବିଶ୍ୱ ଦରବାରରେ ଓଡ଼ିଶା ପର୍ଯ୍ୟଟନର ସ୍ୱତନ୍ତ୍ରତାକୁ ଦର୍ଶାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଆକର୍ଷଣୀୟ ପଦକ୍ଷେପ ନିଆଯାଇଛି। ଏଥିରେ ଦେଶ ବିଦେଶର ପର୍ଯ୍ୟଟକ ପ୍ରଥମଥର ପାଇଁ ଓଡ଼ିଶାରେ 'ଗ୍ଲାମର୍ସ କ୍ୟାମ୍ପିଂ' ବା ଗ୍ଲାମ୍ପିଂର ମଜା ନେଇପାରିବେ। ବିଶ୍ୱପ୍ରସିଦ୍ଧ କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଆୟୋଜିତ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ଉତ୍ସବକୁ ଶନିବାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଗୁଜରାଟର କଚ୍ଛ ରାନ୍ ଉତ୍ସବ ଢାଞ୍ଚାରେ କରାଯାଉଥିବା ଏହି ଉତ୍ସବ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ୫୦ଟି ଲକ୍‌ଜ୍ୟୁରି କଟେଜ୍‌ରେ ପର୍ଯ୍ୟଟକମାନେ ରହିବା ସହ ସୁସ୍ୱାଦୁ ଖାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇପାରିବେ। ଏଥିସହ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟାଭ୍ୟାସକୁ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ ବୋଲି ଶୁକ୍ରବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ କହିଥିଲେ। ୪.୮୨ କୋଟି ଟଙ୍କା ବଜେଟରେ ହେଉଥିବା ଏହି ୪୯ ଦିନିଆ ଉତ୍ସବ ଉଭୟ ସାଧାରଣ ଲୋକ ଏବଂ ଇନ୍‌ହାଉସ୍ ପର୍ଯ୍ୟଟକଙ୍କ ପାଇଁ ଖୋଲାରହିବ। ଉତ୍ସବକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ କେବଳ ପବ୍ଲିକ୍ ଏରିଆକୁ ସାଧାରଣ ଲୋକଙ୍କୁ ଛଡାଯିବ। ସେହିଭଳି ଇନ୍‌ହାଉସ୍ ଏରିଆରେ କଟେଜ୍ ବୁକିଂ କରିଥିବା ପର୍ଯ୍ୟଟକମାନେ ରହିପାରିବେ। ସ୍ୱତନ୍ତ୍ର ଷ୍ଟେଜ୍ ଏରିଆରେ ପ୍ରତି ସନ୍ଧ୍ୟାରେ ଓଡ଼ିଶାର ଲୋକକଳା, ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ। ପ୍ରତି ଶନିବାର ସନ୍ଧ୍ୟାରେ 'ୟୁଫୋରିଆ', ଇଣ୍ଡିଆନ୍ ଓସେନ୍' ଭଳି ବ୍ୟାଣ୍ଡ୍ ସହ ହର୍ଷଦୀପ କୌର, ବେନି ଦୟାଲ, ମାମେ ଖାନ୍, ସଲିମ ସୁଲେମାନ୍ ଓ କ୍ରିଷ୍ଣା ବେଉରାଙ୍କ ଭଳି ଖ୍ୟାତନାମା କଣ୍ଠଶିଳ୍ପୀମାନେ ଲାଇଭ୍ ମ୍ୟୁଜିକ୍ ପରିବେଷଣ କରିବେ। ଏଥିପାଇଁ ପ୍ରବେଶ ଶୁଳ୍କ ଅତିକମ୍‌ରେ ୫୦ଟଙ୍କା ରହିବ। ଅସ୍ଥାୟୀଭାବେ ନିର୍ମିତ ୪ଟି ରେଷ୍ଟୁରାଣ୍ଟ ପାରମ୍ପରିକ ଓଡ଼ିଆ ଖାଦ୍ୟରୁ ଆରମ୍ଭକରି ସମସ୍ତ ପ୍ରକାର ଦେଶୀ ବିଦେଶୀ ଖାଦ୍ୟ ପରିବେଷଣ କରିବେ।

ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ଖୋଲିବାକୁ ଥିବାବେଳେ ବାଲୁଖଣ୍ଡ ଅଭୟାରଣ୍ୟରେ ନେଚର ଟ୍ରେଲ୍ ସହ ଟେମ୍ପୁଲ୍ ଟୁର୍ ଏବଂ ଇକୋଲୋଜିକାଲ ଟୁର୍ ହେବ। ସେହିଭଳି ଆଡ୍‌ଭେଞ୍ଚର ସ୍ପୋର୍ଟସରେ 'ଜେଟ୍-ସ୍କି', 'ସ୍ପିଡ୍ ବୋଟିଂ', 'ପାରାସେଲିଂ', 'ଏଟିଭି', 'ଆର୍ଚେରୀ', 'ରାଇଫଲ୍ ଶୁଟିଂ', 'ବିଚ୍ ଭଲିବଲ୍', 'ୱାଟର୍ ରୋଲର୍' ଆଦି ରହିବ। 'ମାଇସ୍ ଟୁରିଜିମ୍'କୁ ନଜରରେ ରଖି ଏଠାରେ ସ୍ୱତନ୍ତ୍ର କନ୍‌ଫରେନ୍ସ ହଲ୍ କରାଯାଇଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର କର୍ପୋରେଟ୍ ପ୍ୟାକେଜ୍ ରହିଛି। ଏହାବ୍ୟତୀତ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ ଓ ବିଚ୍ ମାର୍କେଟ୍‌ର ମଜା ସାଧାରଣ ଲୋକ ନେଇପାରିବେ। ପର୍ଯ୍ୟଟକମାନେ https://ecoretreat.odishatourism.gov.in/ ଏବଂ ecoretreat@panthanivas.com ଜରିଆରେ ବୁକିଂ କରିପାରିବେ ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ କହିଛନ୍ତି।

## ଜିଲ୍ଲା ଚିଠି



### ସୁନ୍ଦରଗଡ଼

## ସେବା ଆଳରେ ଶୋଷଣ

ଶିଶୁ ଅଧିକାର ଆଇନକୁ କଡ଼ାକଡ଼ି କରାଯାଇଛି। ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହାୟତାରେ ପରିଚାଳିତ ହେଉଥିବା ଅଧିକାଂଶ ଶିଶୁଯତ୍ନ ଅନୁଷ୍ଠାନରେ ଶିଶୁମାନେ ଅସୁରକ୍ଷିତ ରହୁଥିବା ଅଭିଯୋଗ ହୋଇଛି। ଜିଲାରେ ୧୬ଟି ଶିଶୁ ଯତ୍ନ ଅନୁଷ୍ଠାନ ରହିଛି। ବିଭିନ୍ନ ସ୍ଥାନରୁ ଉଦ୍ଧାର ଶିଶୁ, ନାବାଳିକା, ନାବାଳକମାନଙ୍କୁ ସେଠାରେ ରଖାଯାଇଛି। ସରକାରଙ୍କ ତରଫରୁ ସେମାନଙ୍କ ଖାଦ୍ୟ,ପାନୀୟ ବ୍ୟବସ୍ଥା କରାଯିବା ସହିତ ପାଠପଢ଼ା ପାଇଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଉଛି। ଏହି ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟରୁ ୧୪ଟି ବିଭିନ୍ନ ସାମାଜିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଛି। ଏହି ସବୁ ଅନୁଷ୍ଠାନରେ ଶିଶୁ ସୁରକ୍ଷା ଆଇନ୍ ଅନୁଯାୟୀ ସୁବିଧା, ସୁଯୋଗ ନାହିଁ। ପରିଚାଳନା ଦାୟିତ୍ୱରେ ଥିବା ଉପରୋକ୍ତ ଅନୁଷ୍ଠାନର କର୍ମକର୍ତ୍ତା ସେବା ଆଳରେ ପିଲାମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏପରି କି ପିଲାମାନଙ୍କ ପାଇଁ ଆସୁଥିବା ଅନୁଦାନକୁ ହରିଲୁଟ କରାଯାଉଛି। ଏହାକୁ ଅର୍ଥ ରୋଜଗାରର ଏକ ଉତ୍ତମ ମାଧ୍ୟମ ବୋଲି କର୍ମକର୍ତ୍ତାମାନେ ଧରି ନେଇଛନ୍ତି। ଉପଯୁକ୍ତ ତଦାରଖ ଅଭାବ ହେଉ କିମ୍ବା ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଚାପରେ ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲୁଛି। ନିକଟରେ ଜିଲା ପ୍ରଶାସନର ତଦାରଖ କମିଟି ସେହି ଭଳି ଏକ ଅନୁଷ୍ଠାନ ପରିଦର୍ଶନ କରିଥିଲା। ସେତେବେଳେ ନାନା ଅବ୍ୟବସ୍ଥା ସାମ୍ନାକୁ ଆସିଥିଲା। ପରେ ସେହି ଅନୁଷ୍ଠାନରେ ଥିବା ୭ଜଣ ଶିଶୁଙ୍କୁ ଅନ୍ୟ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିଲା। ଏପରି କି ଆଉ କେତେକ ଅନୁଷ୍ଠାନକୁ କେତେଜଣ ସରକାରୀ କର୍ମଚାରୀ ପରିଚାଳନା କରୁଛନ୍ତି ବୋଲି ଜଣାପଡିଛି। ପରିଚାଳନା କମିଟିରେ ସେମାନଙ୍କ ପରିବାର ଓ ସମ୍ପର୍କୀୟ ଲୋକଙ୍କୁ ରଖାଯାଇଛି। ଏହାଦ୍ୱାରା ଆସୁଥିବା ସରକାରୀ ଅର୍ଥକୁ ଆତ୍ମସାତ କରିବାକୁ ସୁବିଧା ହେଉଛି। ଅବ୍ୟବସ୍ଥାକୁ ଲୁଚାଇବା ପାଇଁ ଏହି ସାମାଜିକ ଅନୁଷ୍ଠାନଗୁଡ଼ିକ ପ୍ରଶାସନ ଉପରେ ନାନା ଚାପ ପକାଇବାକୁ ମଧ୍ୟ ପଛାଉ ନାହାନ୍ତି। ଏଭଳି ସ୍ଥିତିରେ ଉପରୋକ୍ତ ଅନୁଷ୍ଠାନରେ ରଖାଯାଇଥିବା ଶିଶୁମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। କେତେକ ଅନୁଷ୍ଠାନରେ ଶିଶୁମାନଙ୍କୁ ଘରୋଇ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଉଛି। ଏଣୁ ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଗୁରୁତ୍ୱାରୋପ କରାଯାଇଛି।

– ଜୟନାରାୟଣ ମେଣ୍ଡୁଲି

### ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ପଛରେ ପିଟିହେଲା ବାଇକ୍

## ଶାଳକ ଭିଶୋଇ ସମେତ ୩ ମୃତ

**ସବ୍‌ଡେଗା, ୧୩।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ୨୪ନଂ. ରାଜ୍ୟ ରାଜପଥର ସବ୍‌ଡେଗା ଗ୍ରାମ କୁଲିହାଯୋରଠାରେ ଗୁରୁବାର ରାତି ୧୧ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାଗ୍ରସ୍ତ ହୋଇ ଛିଡ଼ା ହୋଇଥିବା ଟ୍ରକ ପଛପଟେ ବାଇକ୍ ପିଟି ହେବାରୁ ଶାଳକ ଭିଶୋଇଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଲିଶଙ୍କରା ବ୍ଲକ ସଉନାମୁରା ଗ୍ରାମର କ୍ରିଷ୍ଣା ନାଏକ (୩୩), ତାଙ୍କ ଶାଳକ ତଥା ସବ୍‌ଡେଗା ଗ୍ରାମର ଲିଙ୍ଗରାଜ ଭୋଇ (୨୫) ଓ କୁରେଇ ଗ୍ରାମର ଲୋକନାଥ ପ୍ରଧାନ (୨୬)। ବୁଧବାର ରାତିରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ଟ୍ରକ ରାସ୍ତା ଉପରେ ଓ ଅନ୍ୟଟି ବିଲ ଭିତରେ ପଶି ଯାଇ ପଡି ରହିଥିଲା। ରାସ୍ତା ଉପରରେ ପଡି ରହିଥିବା ଟ୍ରକକୁ ପୋଲିସ ଉଠାଇ ନ ଥିଲା। ଗୁରୁବାର ରାତିରେ ଏକ ବାଇକ୍‌ରେ କ୍ରିଷ୍ଣା, ଲୋକନାଥ, ଲିଙ୍ଗରାଜ ସବ୍‌ଡେଗାକୁ ଆସୁଥିଲେ। ଘନକୁହୁଡି ଯୋଗୁ ବାଇକ୍ ଚାଳକ ରାସ୍ତା ଉପରେ ପଡିଥିବା ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଦେଖି ପାରି ନ ଥିଲେ। ବାଇକ୍‌ଟି ଦ୍ରୁତଗତିରେ ପଛପଟକୁ ଧକ୍କା ଦେଇ ଟ୍ରକ ତଳେ ପଶିଯାଇଥିଲା। ୩ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଟ୍ରକ ତଳେ ପଶି ଯାଇଥିଲେ। ଗ୍ରାମବାସୀ, ପୋଲିସ ଏବଂ ଦମକଳବାହିନୀ ସମସ୍ତଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ।

## କେନ୍ଦ୍ରୀୟ ଡେପୁଟେଶନରେ ନୀତେନ, ଶ୍ରୀନିବାସ

### ରାଜେଶ ବର୍ମା କୃଷି ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ନୀତେନ ଚନ୍ଦ୍ର କେନ୍ଦ୍ରୀୟ ସୂଚନା କମିଶନଙ୍କ ନୂଆ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେହି ବ୍ୟାଚ୍‌ର ଜି.ଶ୍ରୀନିବାସ ମଧ କେନ୍ଦ୍ରୀୟ ଡେପୁଟେଶନରେ ଅବସ୍ଥାପିତ ହୋଇଛନ୍ତି। ସେ ବର୍ତ୍ତମାନ କେନ୍ଦ୍ରୀୟ ଖାଦ୍ୟ ଯୋଗାଣ, ଉପଭୋକ୍ତା ବ୍ୟାପାର ଏବଂ ପିଡିଏସ୍ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୂପେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ୟୁପି କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଦେବାଶିଷ ପଣ୍ଡା(୧୯୮୭) କେନ୍ଦ୍ରୀୟ ଅର୍ଥ ସେବାର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ପାଇଛନ୍ତି। ୧୯୮୭ ବ୍ୟାଚ୍‌ର ରାଜେଶ ବର୍ମା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବଭାବେ କାର୍ଯ୍ୟ କରିବେ। ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ଦୁଇ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ରାଜ୍ୟରେ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି।


**ODISHA STATE SEEDS CORPORATION LIMITED**

(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, PBX - 2340170, Fax – 2340096

No. CAD-685:-

**TENDER CALL NOTICE**

No- OSSC/ Engg- 57/2019

The Managing Director, Odisha State Seeds Corporation Ltd invites *Percentage Rate Tenders* through ONLINE MODE only for the **works "INSTALLATION OF POWER SUPPLY TO SEED PROCESSING PLANT BARGAON, SUNDARGARH** from eligible contractors as specified through e-tender site of Govt of Odisha (www.tenderodisha.gov.in).

The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is dt. 25.12.2019

*Sd/- Sri JR Mishra OAS-S,* Managing Director.

01045/11/0025/1920



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା: **29404**/ ଭୁ.ଉ.କ., ଭୁବନେଶ୍ୱର ତା୦୬।୧୨।୨୦୧୯ରିଖ
SRC-427/88

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର MIG ପ୍ଲଟ୍ ନଂ.-K9A-219କୁ ଶ୍ରୀମତୀ ନିର୍ମଳା ଦେଇ, ସ୍ୱାମୀ- ରାମଚନ୍ଦ୍ର ପ୍ରଧାନ, ଗ୍ରାମ- ମନ୍ତପଡ଼ା, ପୋଷ୍ଟ- ହରିଡ଼ାପଦର, ଥାନା- ଆସ୍କା, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ନିର୍ମଳା ଦେଇ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଜତିକା ପାତ୍ର, ସ୍ୱାମୀ- ଏ. ସିମାଦ୍ରୀ ପାତ୍ରୋ, ଗ୍ରାମ/ପୋଷ୍ଟ- ଶାସନ ଆମ୍ବଗାଁ, ଭାୟା- କଞ୍ଜୁରୁ, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପର ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



**DISTRICT RURAL DEVELOPMENT AGENCY, BALANGIR**

Order No.4257 **AUCTION SALE NOTICE** Date: 13.12.19

Sealed tenders in plain papers (in separate envelopes) are invited towards auction of vehicle bearing registration No.OR-03-8242 (Jeep) of BDO, Belpada so as to reach the office of BDO, Belpada on or before Dt.31.12.2019, 3.00 P.M. The base price Base Price of the vehicles OR-03-8242 (Jeep) is Rs.35,000/- Written tender alongwith Bank Draft of Rs.1000/- (Rupees One thousand) only for vehicle in favour of BDO, Belpada be attached with. The tender will be opened on Dt.31.12.2019 at 4.00 P.M. at the office of the BDO, Belpada in presence of the bidders or their authorized representatives. The details of the tender is available at www.balangir.nic.in

Sd./- Project Director, DRDA Balangir



**ସୁନ୍ଦରଗଡ଼ ଜିଲ୍ଲାରୁ ହରଡ଼ ଓ ମାଣ୍ଡିଆ ସରକାର କିଣିବେ**

ଏତଦ୍ୱାରା ସମସ୍ତ ହରଡ଼ ଓ ମାଣ୍ଡିଆ ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ବର୍ଷ ୨୦୧୯-୨୦ରେ ସରକାରୀ ଦରରେ ହରଡ କିଲୋ ପ୍ରତି ଟ.୫୮.୦୦ ଓ ମାଣ୍ଡିଆ ପ୍ରତି ଟ.୩୧.୫୦ ଦରରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସମବାୟ ସମିତି ଜରିଆରେ ସରକାର କିଣିବେ। କୁତ୍ରା, ରାଜଗାଙ୍ଗପୁର, କୁଆରମୁଣ୍ଡ, ନୂଆଗାଁ ଓ ଲାଠିକଟା ବ୍ଲକରୁ ହରଡ ଏବଂ କୁତ୍ରା, ରାଜଗାଙ୍ଗପୁର, କୁଆରମୁଣ୍ଡ, ନୂଆଗାଁ ଓ ସଦର ବ୍ଲକରୁ ମାଣ୍ଡିଆ କିଣାଯିବାର ସ୍ଥିର କରାଯାଇଛି। ତେଣୁ ଚାଷୀମାନଙ୍କୁ ଅନୁରୋଧ, ଚାଷ କରିଥିବା ହରଡ ଓ ମାଣ୍ଡିଆ କ୍ଷେତର ପଞ୍ଜୀକୃତ କରିବେ ଓ ସଫାସୁତୁରା, ସୁଖା ହରଡ ଓ ମାଣ୍ଡିଆକୁ ନିର୍ଦ୍ଧାରିତ ତାରିଖରେ ନିକଟସ୍ଥ ସମବାୟ ସମିତିରେ ବିକ୍ରି କରନ୍ତୁ। ପଞ୍ଜୀକରଣ ପାଇଁ ଜମିର ପଟ୍ଟା, ଭୋଟର ପରିଚୟ ପତ୍ର/ଆଧାରକାର୍ଡ ଓ ଜାତୀୟ କରଣ ବ୍ୟାଙ୍କ ପାସବୁକ୍‌ର ପ୍ରଥମ ପୃଷ୍ଠାର ନକଲ ସାଥିରେ ଆଣିବାକୁ ବିଶେଷ ଅନୁରୋଧ। ହରଡ ଫେବୃଆରୀ ୧୫ତାରିଖଠାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଓ ମାଣ୍ଡିଆ ଡିସେମ୍ବର ୧୨ତାରିଖଠାରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ନିର୍ଦ୍ଧାରିତ ତାରିଖରେ ନିକଟସ୍ଥ ସମବାୟ ସମିତିରେ କିଣାଯିବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ମୁଖ୍ୟ
ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼



**OFFICE OF THE VYASANAGAR MUNICIPALITY, VYASANAGAR, JAJPUR**

Email_Id: vyasanagarmunicipality@gmail.com
Website: ulbodisha.gov.in, Ph. No.-06726-220207

Letter No.2775 **QUOTATION CALL NOTICE** Date: 13.12.2019

1. The Executive Officer, Vyasanagar Municipality invites quotation in sealed cover from the intending firms / agencies / individuals having experience in same nature of works for execution of following works "wall painting" in different places under this Municipality. 2. Quotations must be accompany with EMD of Rs.2000/- (Rupees Two thousand) only in shape of DD / Cash in favour of "The Executive Officer, Vyasanagar Municipality, Jajpur Road" which is refundable to unsuccessful bidder on demand. Copies of valid Registration Certificate from competent authority (if any) ITCC/Pan Card/Aadhaar Card required which may be annexed with the Quotation. 3. The Sealed Quotations shall be reached before the undersigned on or before dated 19.12.19 & the same shall be opened on 20.12.19 P.M. in the presence of quotationer or their authorized agent if any. 4. The details of Quotation Call Notice can be viewed from the District website i.e www.jajpur.nic.in.

Sd./- Executive Officer, Vyasanagar Municipality



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR** B-421

E-mail seec.bbsr2010@gmail.com
Bid Identification No.S.E.E.C (R&B) 06/2019-20.
No.____2153______/Date___09.12.2019______/

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Construction & Renovation of Modular OT E.I. works to be received in online bidding, double cover system as detailed in:https://tendersorissa.gov.in. The details of bid documents will be available in the above website from 10.00 A.M. of 19.12.2019 to 5:00 P.M. of 02.01.2020. The bidders must possess compatible Digital Signature Certificate of Class II or III. Bids received online shall be opened at 11:30 A.M. of 03.01.2020 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer
Electrical Circle (R&B)
Odisha, BBSR

34107/11/0006/1920



**ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ**
ପ୍ଲଟ୍ ନଂ.୨, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬

**ରାଜ୍ୟ ପଣ୍ୟାଗାର ନିଗମ ଦୀର୍ଘ ଛଅ ଦଶନ୍ଧି ଧରି ରାଜ୍ୟରେ ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣ ସେବାରେ ନିୟୋଜିତ**

- ରାଜ୍ୟର ସମସ୍ତ ଜିଲ୍ଲାରେ ୬୭ଟି ସ୍ଥାନରେ ୫.୧୫ ଲକ୍ଷ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଗୋଦାମ ଘର ଉପଯୋଗ କରି ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ବିହନ, ସାର, ସିମେଣ୍ଟ, କପା, କାଗଜ ରିଲ, ରିଲିଫ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ବିଜ୍ଞାପିତ ସାମଗ୍ରୀର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣର ସୁବିଧା ପ୍ରଦାନ କରୁଅଛି।
- ପଣ୍ୟାଗାରରେ ଜମାକାରୀଙ୍କର ଗଚ୍ଛିତ ସାମଗ୍ରୀ ବନ୍ୟା, ବାତ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ତଥା ନିଆଁ ଓ ଚୋରିଜନିତ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ବୀମାଭୁକ୍ତ ଅଟେ।
- ଜମାକାରୀମାନଙ୍କର ସାମଗ୍ରୀ ଦେଣନେଣ ଓ ପରିବହନ ପାଇଁ ଠିକାଦାରମାନଙ୍କ ମାଧ୍ୟମରେ ଉଚିତ ଦରରେ ସେବା ପ୍ରଦାନ।
- ପଣ୍ୟାଗାର ପରିସରରେ ବିଭିନ୍ନ ସାମଗ୍ରୀ ମହଜୁଦ ରଖିବା ପାଇଁ ଖୋଲା ସ୍ଥାନ ଉପଲବ୍ଧ।
- କୃଷକ ଓ ସମବାୟ ସଂସ୍ଥାମାନଙ୍କୁ ପଣ୍ୟାଗାରରେ ସ୍ଥାନ ଉପଯୋଗ ପାଇଁ ଗୋଦାମ ଭଡ଼ାରେ ରିହାତି ବ୍ୟବସ୍ଥା।
- ବିଭିନ୍ନ ସଂସ୍ଥାର କୃଷିଜାତ ଦ୍ରବ୍ୟ ପାଇଁ କୀଟ ନିୟନ୍ତ୍ରଣ ନିମନ୍ତେ ସୁଲଭ ମୂଲ୍ୟରେ ସେବା ପ୍ରଦାନ।
- ଅନୁଗୁଳ ଜିଲ୍ଲାର ବଇଣ୍ଡା (ବଡ଼ହୁଲ୍ଲା)ଠାରେ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ନୂତନ ଭାବେ ୫୦୦୦ ମେଟ୍ରିକ୍‌ଟନ କ୍ଷମତା ବିଶିଷ୍ଟ ଗୋଦାମଘର କାର୍ଯ୍ୟକ୍ଷମ ହେବାକୁ ଯାଉଛି।

**A grain saved is a grain produced**
ଏକ ଶସ୍ୟଦାନା ସଂରକ୍ଷଣ, ଏକ ଶସ୍ୟଦାନା ଉତ୍ପାଦନ ସଙ୍ଗେ ସମାନ



**NOTIFICATION**

**No. MM-108:-** This is for information of all concerned that the following Forest roads of Keonjhar Forest Division in Keonjhar District will remain closed to Traffic on 30th December, 2019 from "0" (Zero) hour to 24 hours in accordance with Rule-284 with Orissa Forest Department Code 1979. The movement of Traffic on the date as specified above will be violation of Section-26 of Orissa Forest Act and hence will be liable for prosecution.

| Sl. No. | Name of the Range | Name of Forest Road | Length (in Km.) |
|---|---|---|---|
| 1 | 2 | 3 | 4 |
| 1 | Barbil | Harmatha - Nadidiha | 6 |
| 2 | Barbil | Murga - Karo | 3 |
| 3 | Ghatgaon | Kadabahali - Baiganpal | 17 |
| 4 | Ghatgaon/ Patna | Baiganpal to Bhimkund | 20 |
| 5 | Ghatgaon | Melan - Mahisagotha | 8 |
| 6 | Ghatgaon | Melan - Musal | 5.29 |
| 7 | Ghatgaon | Murgapahadi - Mahisigotha | 11 |
| 8 | Patna | Banamahuldiha -Tando | 5 |
| 9 | Ghatgaon | Sunariposi - Khuntaposi | 18 |
| 10 | Keonjhar | Badkhaman - Janghira | 12 |
| 11 | Telkoi | Badakhaman - Similipal | 10 |
| 12 | Telkoi | Ahigola - Sankoi | 10 |
| 13 | Telkoi | S.N. Pur Goda - Talpada | 7 |
| 14 | Telkoi | Sankoi - Similipal | 7 |
| 15 | Telkoi | Talpada - Pithagola | 7 |
| 16 | Telkoi | Ranibeda - Karamangi | 7.59 |
| | Total | | 153.88 |

*Sd./- Divisional Forest Officer*
*Keonjhar Division*

08042/11/0002/1920



No. O-619:-

Government of Odisha
Office of the Executive Engineer,
**Rural Works Division, Dhenkanal**

E-Mail: eerwdkl@yahoo.co.in

**e-procurement Notice No. 10 / Road Work / 2019-20.**

1. Name of the work : Road Works
2. Total No. of Works : 12(Twelve) Nos.
3. Estimated Cost : Rs. 10.62 lakh to 53.98lakh(approx.)
4. Class Contractor : "D","C" ,"B","A"Class
5. Period of Completion : 2(Two) months.
6. Availability of Tender online for bidding : 23.12.19 at 11.00 A.M to 02.01.2020 up to 5.00 P.M
7. Last Date & Time of seeking tender clarification : 31.12.2019 upto 4.00 PM
8. Date & Time of opening of tender (Technical Bid) : 04.01.2020 at 11.00AM
9. Date & Time of opening of tender (Financial Bid) : 06.01.2020 at 11.00AM

Other Details can be seen from the website http://tendersorissa.gov.in.

Executive Engineer
R.W.Division, Dhenkanal

25101/11/0003/1920



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡ଼ା**

ପତ୍ର ସଂଖ୍ୟା: ୫୭୪୮ ବିଜ୍ଞାପନ ତାରିଖ: ୧୩।୧୨।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାକାଳପଡ଼ା ପଞ୍ଚାୟତ ସମିତି ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷର ଅପ୍ରେଲ ୦୧ ତାରିଖ ୨୦୧୯ଠାରୁ ୩୦ ସେପ୍ଟେମ୍ବର ୨୦୧୯ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ତଥା ବିଜୁ ପକ୍କାଘର ଯୋଜନା ଓ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ମଷ୍ଟର ରୋଲ ଯାଞ୍ଚ, କାର୍ଯ୍ୟସ୍ଥଳୀ ପରିଦର୍ଶନ ଓ ଯାଞ୍ଚ କରାଯିବା ସହିତ ଉକ୍ତ ଯୋଜନାର ସାମାଜିକ ସମୀକ୍ଷା ତଥା ବାର୍ଷିକ ତନଖି କରାଯିବା ସହିତ ଜାତୀୟ ସାମାଜିକ ସହାୟତା (NSAP)ର ସମସ୍ତ ରେକର୍ଡ ଯାଞ୍ଚ ସହିତ ପେନ୍‌ସନ୍ ହିତାଧିକାରୀଙ୍କ ପେନ୍‌ସନ୍ ଖାତା ଯାଞ୍ଚ କାର୍ଯ୍ୟକ୍ରମ ନିମ୍ନ କାର୍ଯ୍ୟସୂଚୀ ମୁତାବକ କରାଯିବା ସହିତ ଗ୍ରାମପଞ୍ଚାୟତର ସଦର ମହକୁମାଗୁଡ଼ିକରେ (ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ) ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍.ଜି.ଓ. (NGO), ଗ୍ରାମପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ ଓ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସହିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଯୋଜନା ଅଧୀନରେ ଆସୁଥିବା ସମସ୍ତ ହିତାଧିକାରୀ, ସମସ୍ତ ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଉକ୍ତ ସାମାଜିକ ସମୀକ୍ଷାରେ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିବା ସହିତ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ସରପଞ୍ଚ, ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜି.ଆର୍.ଏସ୍. (GRS), ମେଟ୍ (MATE) ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରକାରୀ ରେକର୍ଡ ଉପସ୍ଥାପନ କରାଇବେ।

**କାର୍ଯ୍ୟସୂଚୀ:- ଗ୍ରାମ ସଭା ହେବାର ସ୍ଥାନ, ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୧୧.୦୦ ଘଟିକା**

| କ୍ର.ନଂ | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମ ପଞ୍ଚାୟତ ଜନ ଶୁଣାଣି/ ସାମାଜିକ ସମୀକ୍ଷା ଗ୍ରାମସଭା | ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଶିବିର | ଉପସ୍ଥିତ ମଣ୍ଡଳ ସ୍ତରୀୟ ଅଧିକାରୀ |
|---|---|---|---|---|---|---|
| ୧ | ଅମେଇପାଳ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | ୨୦।୦୩।୨୦୨୦ | ଏ.ପି.ଓ. |
| ୨ | ତିଖିରୀ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ଏସ୍.ଡି.ସି. |
| ୩ | ଖୁରୁସିଆ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ବି.ଏଲ୍.ସି. |
| ୪ | ଟିକରପଙ୍ଗା | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ବି.ଏଲ୍.ସି. |
| ୫ | ଗଡ଼ରୋମିତ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ଜେ.ଏଫ୍.ଟି. (୧) |
| ୬ | ତେର ଗାଁ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ବି.ପି.ଏମ୍. |
| ୭ | ଯଦୁପୁର | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ବି.ଏସ୍.ଏସ୍.ଓ. |
| ୮ | ବଡ଼କୁଳ | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ଜେ.ଏଫ୍.ଟି. (୨) |
| ୯ | କରଞ୍ଜି | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ଡବ୍ଲ୍ୟୁ.ଇ.ଓ. |
| ୧୦ | ମହାକାଳପଡ଼ା | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ଜି.ପି.ଇ.ଓ. |
| ୧୧ | ମଙ୍ଗଳପୁର | ୨୪।୧୨।୧୯ | ୦୩।୦୧।୨୦ | ୦୩।୦୧।୨୦ | | ସି.ଇ.ଓ. |
| ୧୨ | ପାଟଳିପଙ୍କ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ଏଲ୍.ସି. |
| ୧୩ | ଜୟଚନ୍ଦ୍ରପୁର | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ପି.ଏମ୍. |
| ୧୪ | ଦେଓଳିପଡ଼ା | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ଏଲ୍.ସି. |
| ୧୫ | ଅଳାଇଲୋ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ଏଲ୍.ସି. |
| ୧୬ | ରାଜଗଡ଼ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ଡବ୍ଲ୍ୟୁ.ଇ.ଓ. |
| ୧୭ | ବଡ଼ିହି | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ଜେ.ଏଫ୍.ଟି.-୧ |
| ୧୮ | ବଳିପାଳ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ଏସ୍.ଡି.ସି. |
| ୧୯ | ବିଜୟନଗର | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ଏସ୍.ଏସ୍.ଓ. |
| ୨୦ | ବାରଡ଼ାଙ୍ଗ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ଏ.ପି.ଓ. |
| ୨୧ | ବଉଳକଣୀ | ୦୬।୦୧।୨୦ | ୧୬।୦୧।୨୦ | ୧୬।୦୧।୨୦ | | ବି.ଏଲ୍.ସି. |
| ୨୨ | ବରକନ୍ଧା | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ବି.ଏଲ୍.ସି. |
| ୨୩ | ପେଟଛେଲା | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ସି.ଇ.ଓ. |
| ୨୪ | ଗଗୁଆ | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ଏସ୍.ଡି.ସି. |
| ୨୫ | ନାଞ୍ଜୁରା | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ବି.ଏଲ୍.ସି. |
| ୨୬ | ରାମନଗର | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ବି.ପି.ଏମ୍. |
| ୨୭ | ସୁନିତୀ | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ଏ.ପି.ଓ. |
| ୨୮ | କେ.ବି. ଦାଣ୍ଡୁଆ | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ଜେ.ଏଫ.ଟି.(୨) |
| ୨୯ | ଜମ୍ବୁ | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ବି.ଏସ୍.ଏସ୍.ଓ. |
| ୩୦ | ବଟୀଘର | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ଜେ.ଏଫ.ଟି.(୧) |
| ୩୧ | ଖରିନାସୀ | ୨୧।୦୧।୨୦ | ୩୧।୦୧।୨୦ | ୩୧।୦୧।୨୦ | | ବି.ଏଲ୍.ସି. |

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ମହାକାଳପଡ଼ା

## ସଂକ୍ଷେପରେ

### ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଶାଙ୍କୁଚ ଉଦ୍ଧାର



**ନିଆଳି, ୧୩।୧୨(ଡି.ଏନ୍.ଏ.):** କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ବିଲାସୁଣୀ ନିକଟସ୍ଥ କନ୍ଦଳ ନଦୀରୁ ଶୁକ୍ରବାର ସକାଳେ ଏକ ବିରାଟକାୟ ଶାଙ୍କୁଚ ଉଦ୍ଧାର କରାଯାଇଛି। ଏହାର ଓଜନ ପ୍ରାୟ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଲମ୍ବ ୧୩ଫୁଟ ଏବଂ ଓସାର ୭ଫୁଟ ବୋଲି ଜଣାପଡ଼ିଛି। ଖବରପାଇ ଫୁଲନଖରା ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏହି ଶାଙ୍କୁଚକୁ ଗଭୀର ନଦୀଜଳରେ ଛାଡିଦେଇଛନ୍ତି। ସୂଚନା ଅନୁଯାୟୀ, କନ୍ଦଳ ନଦୀର କୁଣ୍ଡେଇ ମୁହଁ ନିକଟରେ ଦୀର୍ଘଦିନ ହେବ ଜଣେ ବ୍ୟକ୍ତି ବେଆଇନଭାବେ ବାଡ ବସାଇ ମାଛ ମାରୁଥିଲେ। ଶୁକ୍ରବାର ସକାଳେ ବାଡ଼ ବସାଇଥିବା ଜାଲରେ ଏକ ବିରାଟକାୟ ଶାଙ୍କୁଚ ପଡିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଶାଙ୍କଚକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

### ଜେଲ ପାଚେରି ଡେଇଁ କଏଦୀ ଫେରାର

**ଢେଙ୍କାନାଳ ଅଫିସ, ୧୩।୧୨:** ଢେଙ୍କାନାଳ ଜିଲା କାରାଗାର ପାଚେରି ଡେଇଁ ଶୁକ୍ରବାର ଅପରାହ୍ନ ୫ଟା ୪୫ରେ ଜଣେ ବିଚାରାଧୀନ କଏଦୀ ଫେରାର ହୋଇଯାଇଛନ୍ତି। ସେ ହେଲେ ଶିବ ମୁଣ୍ଡା (୩୨)। କଡ଼ା ସୁରକ୍ଷା ବଳୟ ଭେଦି ଜଣେ କଏଦୀ ଜେଲ ହତାରୁ ଛୁ' ମାରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୁକ୍ତ ଶିବଙ୍କ ଘର ଭୁବନ ଥାନା କାଞ୍ଚନବାହାଲିରେ। ଏକ ନାବାଳିକା ବଳାତ୍କାର ମାମଲାରେ ସେ ଦୁଇ ସପ୍ତାହ ତଳେ ଗିରଫ ହୋଇ ଜେଲକୁ ଆସିଥିଲେ। ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କ ମାମଲା ପରିଚାଳନା କରାଯାଇଥିଲା। ଅପରାହ୍ନରେ ସେ କୌଶଳକ୍ରମେ ଲୁଙ୍ଗି ସହାୟତାରେ ପାଚେରି ଚଢ଼ି ଖସି ପଳାଇବାକୁ ସକ୍ଷମ ହୋଇଛନ୍ତି। ଘଟଣା ଜଣାପଡ଼ିବା ପରେ ଜେଲ କର୍ତ୍ତୃପକ୍ଷ ଶିବଙ୍କୁ ଧରିବାକୁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିବାବେଳେ ଜେଲ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକ

# ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାରକୁ ଯିବ ବାଲୁଖଣ୍ଡ କାଠ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ବାତ୍ୟା 'ଫନୀ'ରେ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟାରେ ନଷ୍ଟ ହୋଇଥିବା ପ୍ରାୟ ୨୦ ଲକ୍ଷ ବୃକ୍ଷରୁ ମାତ୍ର ୨ ଲକ୍ଷ ଗଛ ଏ ପର୍ଯ୍ୟନ୍ତ ସଫା ହୋଇପାରିଛି। ଏହା ଦ୍ୱାରା ହରିଣମାନଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେବାସହ ସେମାନଙ୍କ ପାଇଁ ନୂତନ ଚାରଣ ଭୂମି ସୃଷ୍ଟି କରିବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାଛଡ଼ା ପଡ଼ି ରହିଥିବା ଗଛ ଓ ଡାଳଗୁଡ଼ିକରେ ଆସନ୍ତା ଗ୍ରୀଷ୍ମ ଋତୁରେ ନିଆଁ ଲାଗିଯିବାର ଆଶଙ୍କା ରହିଛି। ତେଣୁ ଉପୁଡ଼ି ପଡ଼ିଥିବା ଓ ଭାଙ୍ଗି ଯାଇଥିବା ଗଛଗୁଡ଼ିକର ଅପସାରଣ ନିମନ୍ତେ ପଦକ୍ଷେପ ନିଆଯିବ। ବାଲୁଖଣ୍ଡ ଅଭୟାରଣ୍ୟରେ ପଡ଼ି ରହିଥିବା ଭଙ୍ଗା ଗଛ ଡାଳ ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଅଭୟାରଣ୍ୟ ନିକଟସ୍ଥ ୨୮ଟି ସ୍ଥାନୀୟ ପରିବେଶ ବିକାଶ ସମିତିକୁ ସେମାନଙ୍କ ଦୈନନ୍ଦିନ ବ୍ୟବହାର ନିମନ୍ତେ ହସ୍ତାନ୍ତର କରାଯିବ। ବଳକା କାଠଗୁଡ଼ିକୁ ବିନା ମୂଲ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସ୍ୱର୍ଗଦ୍ୱାରକୁ ପ୍ରଦାନ କରାଯିବ। କାଠ କାଟିବା ଓ ପରିବହନ ବାବଦକୁ ଖର୍ଚ୍ଚ ମନ୍ଦିର ପ୍ରଶାସନକୁ ବହନ କରିବାକୁ ହେବ ବୋଲି ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ହୋଇଛି।




ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ନନ୍ଦନକାନନ 'ରୋପ୍ ୱେ' ନିର୍ମାଣ ପାଇଁ ପ୍ରସ୍ତାବ**

ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟିର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲୁଖଣ୍ଡ ଅଭୟାରଣ୍ୟ ବିଷୟ ସହ ନନ୍ଦନକାନନ 'ରୋପ୍-ୱେ' ନିର୍ମାଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ 'ରୋପ୍-ୱେ' ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ପ୍ରମୁଖ ଆକର୍ଷଣ। କିନ୍ତୁ ଏହା ଅଚଳ ଅବସ୍ଥାରେ ରହିଛି। ପ୍ରସ୍ତାବିତ ୬୨୪ ମିଟର ଦୈର୍ଘ୍ୟ ବିଶିଷ୍ଟ ନୂତନ 'ରୋପ୍-ୱେ' ନିର୍ମାଣ ଲାଗି ନନ୍ଦନକାନନ ମଧ୍ୟରେ ଛୋଟ ଏବଂ ମଧ୍ୟମ ଧରଣର ପ୍ରାୟ ୩୬ଟି ବୃକ୍ଷ ଛେଦନ କରିବାର ଆବଶ୍ୟକତା ରହିଛି। ଏଥିଲାଗି ଆବଶ୍ୟକ ପ୍ରସ୍ତାବକୁ ବନ୍ୟପ୍ରାଣୀ ବୋର୍ଡ ଅନୁମୋଦନ କରିବା ପରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମୋନା ଶର୍ମା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକ କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନ ବନସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟ ତତ୍ତ୍ୱାବଧାରକ ଡ. ହରିଶଙ୍କର ଉପାଧ୍ୟାୟ ସବିଶେଷ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ, ନନ୍ଦନକାନନର ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶଶି ପଲ୍ଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଷ୍ଟାଣ୍ଡିଂ କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ସତ୍ୟଙ୍କ ରେକର୍ଡ ନିଶା

# ପୁଣି କଲେ ବିଶ୍ୱ ରେକର୍ଡ

**ବ୍ରହ୍ମପୁର ଅଫିସ, ୧୩।୧୨**

ନିଆରା କଳାକୃତି କରି ରେକର୍ଡ କରିବାର ନିଶା ତାଙ୍କୁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପୂର୍ବରୁ ବହୁବାର ଚକ, କାଠ, ସାବୁନରେ ନିଆରା କ୍ଷୁଦ୍ର କଳାକୃତି କରି ବିଶ୍ୱସ୍ତରରେ ରେକର୍ଡ ସୃଷ୍ଟି କରିଥିବା ବେଳେ ଏବେ କାଠରେ ବିଶ୍ୱର ସବୁଠାରୁ କ୍ଷୁଦ୍ର ଗଣେଶ ନିର୍ମାଣ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ସୋରଡାରେ ଜନ୍ମିତ ତଥା ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା।କାଠରେ ବିଶ୍ୱର ସବୁଠୁ କ୍ଷୁଦ୍ର ଗଣେଶ କରି ସେ ଏକା ସମୟରେ ଦୁଇଟି ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ଗମ୍ଭାରୀ କାଠରେ ୧.୯ ଇଞ୍ଚ ଉଚ୍ଚତା ଓ ୧ ଇଞ୍ଚ ଓସାରର ନିର୍ମିତ ଏହି କ୍ଷୁଦ୍ର କାଠ ଗଣେଶ ମୂର୍ତ୍ତିଟି ଏକା ସମୟରେ ୟୁନିଭର୍ସାଲ ବୁକ ଅଫ ରେକର୍ଡ ଓ କାଲାମ ବୁକ ଅଫ ରେକର୍ଡରେ ସ୍ଥାନୀତ ହୋଇଛି।

ସୂଚନାଯୋଗ୍ୟ, ନିକଟରେ ରଥଯାତ୍ରା ଉପଲକ୍ଷେ ୧.୪ ଇଞ୍ଚ ଉଚ୍ଚତାର ବିଶ୍ୱର ସବୁଠାରୁ କ୍ଷୁଦ୍ର ରଥ ନିର୍ମାଣ କରି ଅଗଷ୍ଟରେ ଏସିଆ ବୁକ ଅଫ ରେକର୍ଡରେ ନିଜ ନାମକୁ ସ୍ଥାନିତ କରିଥିଲେ। ଏଥିପାଇଁ ସେ ଏସିଆ ବୁକ ଅଫ ରେକର୍ଡ ପକ୍ଷରୁ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ।

**ୟୁନିଭର୍ସାଲ, କଲାମ ବୁକ ଅଫ ରେକର୍ଡରେ ୧.୯ ଇଞ୍ଚର ଗଣେଶ**



କ୍ଷୁଦ୍ର ଗଣେଶ ସହ ଶିଳ୍ପୀ ସତ୍ୟ ମହାରଣା

# ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ପାଇଁ ୪ ପୁରସ୍କୃତ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ହେଲ୍ଥ ଆଣ୍ଡ୍ ୱେଲନେସ୍ ସେଣ୍ଟରରେ ଉତ୍ସର୍ଗୀକୃତ ସେବା ପ୍ରଦାନ ଲାଗି କେନ୍ଦ୍ରାପଡ଼ା ଜିଲାର ୪ଜଣ ପୁରସ୍କୃତ ହୋଇଛନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କୃତ ବ୍ୟକ୍ତିମାନେ ହେଲେ କେନ୍ଦ୍ରାପଡ଼ା ଓଲାଭର ହେଲ୍ଥ ଆଣ୍ଡ୍ ୱେଲନେସ୍ ସେଣ୍ଟରର ମେଡିକାଲ ଅଫିସର ଡା. ସୌମ୍ୟରଞ୍ଜନ ନାୟକ, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଜମ୍ବୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିତା ସାମଲ, ଏଏନ୍ଏମ୍ ସଚି ମିଶ୍ର ଏବଂ ଆଶାକର୍ମୀ ରଞ୍ଜିତା ମଣ୍ଡଳ।

ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ପରାମର୍ଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଅଣସଂକ୍ରମିତ ରୋଗ ନିୟନ୍ତ୍ରଣ ନିମନ୍ତେ ୩୦ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରୋଗ ଚିହ୍ନଟ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୧୮-୧୯ ବର୍ଷରେ ରାଜ୍ୟର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଯାଇଥିଲା। ୨୦୧୯-୨୦ ବର୍ଷରେ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, ମନ୍ତ୍ରଣାଳୟର ସଚିବ ପ୍ରୀତି ସୁଦାନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ବନ୍ଦନା ଗୁର୍ନାନୀ ପ୍ରମୁଖ ଉପସ୍ଥିତ ଥିଲେ।




# ଅଣ୍ଡା ପାଇଁ ଛାତ୍ରୀଙ୍କୁ ମାଡ଼

**ଲଙ୍ଗଳେଶ୍ୱର, ୧୩।୧୨**

ସାମାନ୍ୟ ଅଣ୍ଡା ପାଇଁ ବାଲିଆପାଳ ବ୍ଲକର ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ହୃଦ୍‌ରୋଗ ଆକ୍ରାନ୍ତ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରିବାରୁ ସେ ଅସୁସ୍ଥ ହେବା ସହ ଅଚେତ୍ ହୋଇପଡିଥିଲେ। ଏନେଇ ଛାତ୍ରୀଙ୍କ ପିତା ସିଂଲା ଥାନା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉକ୍ତ ଛାତ୍ରୀ ସିଝା ଅଣ୍ଡା ବଦଳରେ କଞ୍ଚା ଅଣ୍ଡା ଦେବା ପାଇଁ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ କଞ୍ଚା ଅଣ୍ଡା ଦେବାର ନିୟମ ନ ଥିବା କହି ଶିକ୍ଷୟିତ୍ରୀ ତାଙ୍କୁ ଗାଳିଗୁଲଜ କରି ଅଣ୍ଡା ଦେଇ ନ ଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ଜେଜେମା' ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀଜଣକ ଅଭିଯୋଗ ସମ୍ପର୍କରେ ଜାଣିବା ପରେ ଗତ ୬ ତାରିଖରେ ବିଦ୍ୟାଳୟରେ ଛାତ୍ରୀଙ୍କୁ ପଚରାଉଚୁରା କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ପରେ ଛାତ୍ରୀଜଣକ ଘରେ ପହଞ୍ଚି ଅଚେତ୍ ହୋଇପଡ଼ିଥିବା ଘଟଣା ଜାଣିବା ପରେ ପରିବାର ଲୋକେ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଏନେଇ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସଙ୍କୁ ଏ ବିଷୟରେ ପଚାରିବାରୁ ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କହିଛନ୍ତି ଛାତ୍ରୀଙ୍କୁ ମାଡ଼ ନୁହେଁ କେବଳ ତାଗିଦ୍ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଘଟଣାକୁ ଅସ୍ୱୀକାର କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଭିଡିଓ ଭାଇରାଲ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡ

- ସହଯୋଗୀଙ୍କୁ ୨ବର୍ଷ ଜେଲ
- ଅନ୍ୟଜଣେ ନିର୍ଦ୍ଦୋଷରେ ଖଲାସ

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ଜିଲା ଭୁବନ ଥାନା ମାର୍ଥାପୁର ଅଞ୍ଚଳର ଜନୈକ ନାବାଳିକାଙ୍କୁ ବଳାତ୍କାର ଏବଂ ଘଟଣାର ଭିଡିଓ ଭାଇରାଲ ମାମଲାର ରାୟ ଶୁକ୍ରବାର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ରାଜକିଶୋର ମହାପାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଶତ୍ରୁଘ୍ନ ସାହୁ ଓରଫ୍ ବଛିଆ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଶେଷଦେବ ବାରିକ (୨୫)ଙ୍କୁ ୨ବର୍ଷ ଜେଲଦଣ୍ଡ ଶୁଣାଇଥିବାବେଳେ ପ୍ରମାଣ ଅଭାବରୁ ଗୋବିନ୍ଦ ମିଶ୍ର (୨୭)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜୁଲାଇରେ ସମ୍ପୃକ୍ତା ୧୫ବର୍ଷୀୟା ନାବାଳିକାଙ୍କୁ ମାର୍ଥାପୁର ଗ୍ରାମର ଶତ୍ରୁଘ୍ନ ପ୍ରେମକରି ବିବାହର ପ୍ରଲୋଭନ ଦେଖାଇ ହାଇସ୍କୁଲ ବାରଣ୍ଡାରେ ବଳାତ୍କାର କରିଥିଲେ। ଏହାର ଦୃଶ୍ୟକୁ ଶେଷଦେବ ବାରିକ ଏବଂ ଗୋବିନ୍ଦ ମିଶ୍ର ମୋବାଇଲରେ ରେକର୍ଡିଂ କରି ଭାଇରାଲ କରିଦେଇଥିଲେ। ୨୦୧୫ ଜୁଲାଇ ୮ରେ ଘଟଣା ପ୍ରଘଟ ହୋଇଥିଲା। ଏ ନେଇ ଜୁଲାଇ ୨୦ରେ ଭୁବନ ଥାନାରେ ଅଭିଯୋଗ ହେବାପରେ ନଂ. ୧୧୯/୧୫, ଦଫା ୩୭୬ (୨) (ଏନ୍), ୧୨୦(ବି), ୫୦୯, ୩୫୪ ଏଡି, ଆଇଟି ଆକ୍ଟ-୬୭(ଏ), ୬୭(ବି) ଏବଂ ପୋକ୍‌ସୋ ଆକ୍ଟ ୬, ୧୨, ୧୪(୧)ରେ ମାମଲା ରୁଜୁ କରାଯାଇଥିଲା। ୩ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ. ୨୩/୧୫ର ବିଚାର କରି କୋର୍ଟ ଏହି ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଶତ୍ରୁଘ୍ନଙ୍କୁ ଦଫା-୩୭୬ ଏବଂ ୬ ପୋକ୍‌ସୋ ଆକ୍ଟରେ ୨୦ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ। ଏଥିସହ ୨୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ବର୍ଷେ ଅଧିକ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ଶେଷଦେବଙ୍କୁ ୨ଟି ଦଫାରେ ୨ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏହା ମଧ୍ୟ ସମାନ୍ତରାଳ ଭାବେ ଚାଲିବ। ଅନ୍ୟତମ ଅଭିଯୁକ୍ତ ଆଦିପୁରା ଗ୍ରାମର ଗୋବିନ୍ଦ ମିଶ୍ର ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାନ୍ ପରିଚାଳନା କରିଥିଲେ।

## ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣା

# ଏସ୍‌ଆଇଟି ତଦନ୍ତ, ସୂଚନାଧିକାର କର୍ମୀଙ୍କୁ ସୁରକ୍ଷା ଦାବି

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

କନ୍ଧମାଳ ଜିଲାର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କ ହତ୍ୟା ଘଟଣାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହି ଘଟଣା ଏକ ଷଡ଼ଯନ୍ତ୍ର ବୋଲି ଅଭିଯାନ ଅଭିଯୋଗ ଆଣିବା ସହ ଏ ନେଇ ଏସ୍‌ଆଇଟି ତଦନ୍ତ ଦାବି କରିଛି।

ଶୁକ୍ରବାର ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଅଭିଯୋଗ କରିଛନ୍ତି, ଗତ ୧୦ ତାରିଖରେ ଅଭିମନ୍ୟୁଙ୍କୁ କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ଦୁଇଜଣ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ତେବେ ଏହା ଏକ ସୁପରିକଳ୍ପିତ ରାଜନୈତିକ ହତ୍ୟାକାଣ୍ଡ ଓ ଏହା ପଛରେ ବଡ ଧରଣର ଷଡ଼ଯନ୍ତ୍ର ରହିଛି। ଅଭିମନ୍ୟୁଙ୍କ ଘରେ ଥିବା ଆର୍‌ଟିଆଇ ଫାଇଲ୍‌ରୁ ଏ ନେଇ ସୁରାକ ମିଳିଥିବାବେଳେ ପରିବାର ବର୍ଗ ସମାନ ଅଭିଯୋଗ ଆଣିଛନ୍ତି। ଗତ ୧୧ତାରିଖରେ 'ଓଡ଼ିଶା ସୂଚନା ଅଧିକାର ଅଭିଯାନ'ର ୫ଜଣିଆ ପ୍ରତିନିଧି ଦଳ ବାଲିଗୁଡ଼ା ଯାଇ ପରିବାରବର୍ଗଙ୍କୁ ଭେଟି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହି ଅଞ୍ଚଳରେ ସରକାରୀ ଯୋଜନାରେ ହୋଇଥିବା ଦୁର୍ନୀତିକୁ ଅଭିମନ୍ୟୁ ଲୋକଲୋଚନକୁ ଆଣିଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିବ୍ରତ ଓ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ତେଣୁ ସେମାନେ ହିଁ ସଂଘବଦ୍ଧ ଭାବେ ଚକ୍ରାନ୍ତ କରି ଅଭିମନ୍ୟୁଙ୍କୁ ହତ୍ୟା କରିଛନ୍ତି। ଘଟଣାକୁ ୩ଦିନ ବିତିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରି ନାହିଁ। ତେଣୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା (ଏସ୍‌ଆଇଟି) ଦ୍ୱାରା ଏହାର ତଦନ୍ତ କରାଇବା ସହ ତୁରନ୍ତ ଥାନାଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରିବା ଏବଂ ଅଭିମନ୍ୟୁଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପ୍ରଧାନ ଦାବି କରିଛନ୍ତି। ସେହିପରି ରାଜ୍ୟରେ ସୂଚନା ଅଧିକାର କର୍ମୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ସେମାନଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ଡିଜିପିକୁ ସେ ନିବେଦନ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସଂଯୁକ୍ତା ପାଣିଗ୍ରାହୀ, ସର୍ବେଶ୍ୱର ବେଉରା, ଶ୍ରୀକାନ୍ତ ପାକଳ, ସଞ୍ଜୟ ସାହୁ, ଶ୍ରୀ ଅଖଣ୍ଡ ଓ ସୁଧୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୧୮୦୦୦ + ରୁମ୍। ବୟସ: ୨୨-୪୫ । ହାଉସକିପିଂ ବଏ / ଚାକର / ଘରୋଇ ରୋଷେୟା / ଅଫିସ୍ ଆସିଷ୍ଟାଣ୍ଟ।
ଯୋଗାଯୋଗ: ଅଗରୱାଲ- 9884761210

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

Hard Working Sales Professionals Require for National Sales :
- National Sales Manager/ Executive.
- Sales Co-ordinator/ Tele Caller (Female).
Package for both : Starting from 20K to 60K + Incentives.
Ph: 9437009824, Email : info@orlia.in

SECURITY JOB
Operation Manager - 2 Nos. Qul - +3 Pass, Height - 5'.7", Age - 30 to 50, Exp - Minimum 3 years (All Odisha), Security Supervisor - 10 Nos. Qul - 12th Pass, Height - 5'.6", Age - 25 to 45, Exp - Minimum 3 years (All Odisha)
Contact : GISS SECURITY SERVICES Pvt. Ltd., Gopalpur, Cuttack
9861744455

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705, 6372600373

OFFICIALLYJOB
Qualification 10th above Salary up to Rs. 25,000/- For BBSR, Cuttack, Puri, Berhampur.
M-9938699963

ଭୁବନେଶ୍ୱର, କଟକ, ପୁରୀ ଏବଂ ଜଗତସିଂହପୁରରେ Bridge, Well, Pile and Raft Foundation work ପାଇଁ Experience Engineer, Project Manager, Manager, Supervisor, Official & Coocker ଆବଶ୍ୟକ। Minimum Experience 3 years to 10 years
ଯୋଗାଯୋଗ- 9937499625, 9937199625, 9937000661

WANTED
GOP COLLEGE, GOP, PURI-752110
Applications are invited from the intending candidates to fill up the following posts :
1. Lecturer in Odia - 01 (One) 55% marks at P.G. Level
2. Librarian - 02 (Two) Degree with B. Library Science
3. Jr. Clerk - 01(One) Degree with Computer knowledge
4. Library Attendant - 01 (One) +2 or Equivalent
The application along with copy of all Certificates (Self attested) should reach in the College Office either in person or through Registered Post or Online on or before Dt.21.12.2019 at 03.00 P.M. No. applications will be accepted after the schedule date and time.
Interview for the above posts will be held on Dt.29.12.2019 at 10.00 A.M. in the College. No intimation letter will be issued. Candidates are directed to attend the interview with all Original Certificates on the schedule date & time.
Since the institution is managed by the Governing Body, Salary for the above posts shall be fixed by the Governing Body.
Sd./-
Principal-cum-Secretary
Gop College, Gop
Email Id : gopcollege@gmail.com Pin-752110

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact: 9871421149 / 8144146705

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ।
Contact Immediately
7978427621

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY
on Every
Tuesday and Friday

OFFICE OF THE PRINCIPAL
DR. HAREKRUSHNA MAHATAB DEGREE COLLEGE
NAAC ACCREDITED B+
At/PO: Kupari, Dist: Balasore, Odisha, Pin: 756059, Ph: 06788-231140,
E-mail: hkmcollege@rediffmail.com/ hkmcollegekupari@gmail.com,
Website: www.drhkmcollegekupari.org
A walk in interview will be held on 20.12.2019 in the Office of the Principal, Dr. H.K. Mahatab College, Kupari, Balasore. For the post of D.E.O. +2 & WATCHMAN on contractual basis. Desire candidates are attend the interview on the schedule date. Salary is negotiable.
Sd./- Principal, Dr. H.K. Mahatab College, Kupari, Dist-Balasore, Odisha



“ ଆବେଦନକାରୀ ଆବଶ୍ୟକୀୟ ଦସ୍ତାବିଜ ପ୍ରଦାନ କରିବାକୁ ସକ୍ଷମ ହେଉ ନ ଥିବାରୁ ଆଇଜିଏସ୍‌ଟି ବାବଦ ରିଫଣ୍ଡ ପ୍ରଦାନରେ ବିଳମ୍ବ ହେଉଛି।
– ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ



“ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ବେତନ ପ୍ରଦାନ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ସହ ନେଉଛନ୍ତି।
– ସଞ୍ଜୟ ଧୋତ୍ରେ, କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ର ମନ୍ତ୍ରୀ

## ସଂକ୍ଷେପରେ

### ଟ୍ରେଡ୍ ଡିଲ୍ ଲାଗି ଆମେରିକା-ଚାଇନାର ସହମତି

**ନୂଆଦିଲ୍ଲୀ,୧୩-୧୨:** ପ୍ରଥମ ପର୍ଯ୍ୟାୟ ଟ୍ରେଡ ଡିଲ ଲାଗି ଆମେରିକା ଏବଂ ଚାଇନା ସହମତି ପ୍ରକାଶ କରିଛନ୍ତି। ଏହି ଚୁକ୍ତି ସମ୍ପାଦିତ ହେଲେ ଗତ ୧୭ ମାସ ଧରି ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧର ଅନ୍ତ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଡିଲ୍ ମୁତାବକ ଚଳିତ ମାସ ୧୫ରୁ ୧୬୦ ବିଲିୟନ ଡଲାର ମୂଲ୍ୟର ଚାଇନା ସାମଗ୍ରୀ ଉପରେ ଆମେରିକା ଲାଗୁ କରିବାକୁ ଥିବା ଟାରିଫ୍ କାର୍ଯ୍ୟକାରୀ ହେବ ନାହିଁ। ସେହିଭଳି ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ଲାଗୁ ହେଉଥିବା ଟାରିଫ ମଧ୍ୟ ୫୦% ହ୍ରାସ ହେବ। ଆସନ୍ତା ବର୍ଷ ଚାଇନା ଆମେରିକାଠାରୁ ୫୦ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ମଧ୍ୟ କ୍ରୟ କରିବା ନେଇ ସବୁଜ ସଙ୍କେତ ଦେଇଛି। ଏହି ଚୁକ୍ତି ଦ୍ୱାରା ଆମେରିକାର କୃଷି ଉତ୍ପାଦ ସାମଗ୍ରୀ ରପ୍ତାନି ବଢିବ। ଟ୍ରେଡ ୱାର ଯୋଗୁ ଚାଇନା ଆମେରିକାଠାରୁ ଏହି ସାମଗ୍ରୀ କିଣିବା ବନ୍ଦ କରି ଦେଇଥିଲା। ଫଳରେ ଆମେରିକା କୃଷିଜାତ ସାମଗ୍ରୀ ରପ୍ତାନି ୭୨% ହ୍ରାସ ଘଟିଥିଲା। ସେହିଭଳି ଟାରିଫ ୱାର ଯୋଗୁ ଚାଇନାର ସେପ୍ଟେମ୍ବର ତ୍ରୈମାସ ଜିଡ଼ିପି ଅଭିବୃଦ୍ଧି ୨୭ ବର୍ଷର ସର୍ବନିମ୍ନ ସ୍ତର ୬%କୁ ଖସିଛି। ଚୁକ୍ତି ଦ୍ୱାରା ଆମେରିକା କମ୍ପାନୀଗୁଡିକ ପ୍ରତିମାସ ୨.୫ ବିଲିୟନ ଡଲାର ସଞ୍ଚୟ କରିପାରିବେ ବୋଲି ଆକଳନ କରାଯାଇଛି।

# ଅଭିବୃଦ୍ଧି ପାଇଁ ଚାହିଦା ବୃଦ୍ଧି ଉପରେ ଫୋକସ

**ନୂଆଦିଲ୍ଲୀ,୧୩-୧୨**



ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଜିଡ଼ିପି ଅଭିବୃଦ୍ଧି ସେପ୍ଟେମ୍ବର ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଏଭଳି ସ୍ଥିତିରେ ଘରୋଇ ବଜାରରେ ଚାହିଦାକୁ ବଢାଇବା ଲାଗି କେନ୍ଦ୍ର ସରକାର ଫୋକସ ରଖିଥିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଶୁକ୍ରବାର କହିଛନ୍ତି। ସରକାର ଏବେ ଯାଏ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ପ୍ରଥମେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶ ମଧ୍ୟରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକର ରିସ୍କ ରିଟର୍ନରେ ଉନ୍ନତି ଆଣିବା ଲାଗି କର୍ପୋରେଟ ଟିକସ ହ୍ରାସ କରାଯାଇଛି। ଏହାବାଦ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜିଯୋଗାଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଧାପନ୍ତରିଆ ହୋଇ ପଡି ରହିଥିବା ରିୟଲ ଇଷ୍ଟେଟ ପ୍ରକଳ୍ପଗୁଡିକର କାର୍ଯ୍ୟ ଆଗକୁ ବଢାଇବା ଲାଗି ପାଣ୍ଠି ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିଲାଗି ହାଉସିଂ ଏବଂ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକୁ ସହାୟତା କରିବା ଲାଗି ୪.୪୭ ଲକ୍ଷ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଦ୍ୱାରା ସେମାନେ ଋଣ ଯୋଗାଣ ଧାରାକୁ ତ୍ୱରାନ୍ୱିତ କରିପାରିବେ ବୋଲି ସେ ମତ ରଖିଛନ୍ତି।

ଏହାବାଦ ସେ କହିଛନ୍ତି, ଆଂଶିକ କ୍ରେଡିଟ ଗ୍ୟାରେଣ୍ଟି ଯୋଜନାରେ ୧୭ ପ୍ରସ୍ତାବ ଲାଗି ୭,୬୫୭ କୋଟି ଟଙ୍କା ମଞ୍ଜୁର ହୋଇଛି। ବଜେଟରେ ଧାର୍ଯ୍ୟ ହୋଇଥିବା ୩.୩୮ ଲକ୍ଷ କୋଟି ଖର୍ଚ୍ଚ ଯୋଜନା ହାତକୁ ନିଆଯାଇଛି। ରେଳ ଏବଂ ରାଜପଥ ମନ୍ତ୍ରଣାଳୟ ୨.୪୬ ଲକ୍ଷ କୋଟି ଖର୍ଚ୍ଚ ଯୋଜନାକୁ କାର୍ଯ୍ୟକାରୀ କରାଉଛନ୍ତି। ଚଳିତ ବର୍ଷ ନଭେମ୍ବର ୨୭ ସୁଦ୍ଧା ୮ ଲକ୍ଷରୁ ଊର୍ଦ୍ଧ୍ୱ ରେପୋ ସଂଯୋଗୀ ଋଣ ବାବଦ ୭୦,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୬୦,୩୧୪ କୋଟି ଟଙ୍କାର ପୁଞ୍ଜି ଯୋଗାଣ ହୋଇଛି। ଏହାବାଦ ବ୍ୟାଙ୍କଗୁଡିକ କର୍ପୋରେଟ ସଂସ୍ଥାଗୁଡିକୁ ୨.୨ ଲକ୍ଷ କୋଟି ଏବଂ ଏମ୍‌ଏସ୍‌ଏମ୍‌ଇଗୁଡିକୁ ୭୨,୯୮୫ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି।

## ଜିଡିପି ପୂର୍ବାନୁମାନ କମାଇଲେ ମୁଡିସ୍, ଡିବିଏସ୍

**ନୂଆଦିଲ୍ଲୀ,୧୩-୧୨**

ମୁଡିସ ଇନଭେଷ୍ଟର୍ସ ସର୍ଭିସ ଶୁକ୍ରବାର ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଜିଡ଼ିପି ଅଭିବୃଦ୍ଧି ପୂର୍ବାନୁମାନକୁ ୫.୬%କୁ ଖସାଇଛି। ନିବେଶ ଏବଂ ନିଯୁକ୍ତି ହାର ମନ୍ଥରକୁ ନେଇ ମୁଡିସ ଆକଳନକୁ ଖସାଇଥିବା ଜଣାପଡିଛି। ୨୦୨୦ ଏବଂ ୨୦୨୧ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ଯଥାକ୍ରମେ ୬.୬% ଏବଂ ୬.୭% ରହିବ ବୋଲି ଏହା କହିଛି। ପୂର୍ବର ଅଭିବୃଦ୍ଧି ତୁଳନାରେ ଆକଳନ ହୋଇଥିବା ଅଭିବୃଦ୍ଧି ହାର କମ୍ ବୋଲି ଏହା ସ୍ପଷ୍ଟ କରିଛି। ୨୦୧୯ ଲାଗି ବିକାଶ ଅନୁମାନ ୫.୬%କୁ ହ୍ରାସ କରାଯାଇଛି। ଏହା ୨୦୧୮ର ୭.୪% ଅଭିବୃଦ୍ଧି ତୁଳନାରେ କମ୍ ବୋଲି ମୁଡିସ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହାବାଦ ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ଭାରତର ବିକାଶ ହାରକୁ ଅନୁମାନକୁ ୫%କୁ ଖସାଇଛି। ଚଳିତ ଆର୍ଥିକ ବର୍ଷ ଭାରତର ଅଭିବୃଦ୍ଧି ୫.୫% ରହିବ ବୋଲି ଏହା ପୂର୍ବରୁ କହିଥିଲା ମାତ୍ର ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରିଥିବା ଜଣାପଡିଛି।

# ଆଦିତ୍ୟ ହ୍ୟୁଣ୍ଡାଇରେ ମାଗଣା କାର୍ କେୟାର କ୍ଲିନିକ



**ଭୁବନେଶ୍ୱର,୧୩-୧୨**

ଆଦିତ୍ୟ ହ୍ୟୁଣ୍ଡାଇରେ ୨୯ତମ ମାଗଣା କାର କେୟାର କ୍ଲିନିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଶିବିର ଚଳିତ ମାସ ୧୫ ତାରିଖ ଯାଏ ଚାଲିବ। ଏହାକୁ ଆଦିତ୍ୟ ହ୍ୟୁଣ୍ଡାଇର ସର୍ଭିସ ଜେନେରାଲ ମ୍ୟାନେଜର ଅଜିତ କୁମାର ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କମ୍ପାନୀର ଗ୍ରାହକ, ସର୍ଭିସ ମ୍ୟାନେଜର ଏବଂ କଷ୍ଟମର କେୟାର ମ୍ୟାନେଜର ଉପସ୍ଥିତ ଥିଲେ। ଏହି ଶିବିରରେ ଗ୍ରାହକମାନେ କାରର ୫୦% ପଏଣ୍ଟ ଚେକ୍ ଅପ୍ ମାଗଣା କରାଇ ପାରିବେ। ଶ୍ରମ ଉପରେ ୨୫% ଯାଏ ରିହାତି, ଯନ୍ତ୍ରାଂଶ ଉପରେ ୫% ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ରିହାତି ରହିଥିବା ଶୋ'ରୁମ ପକ୍ଷରୁ କୁହାଯାଇଛି।

# ଆଇସିସି ମହିଳା ଉଦ୍ୟମିତା କମିଟିର ଶୁଭାରମ୍ଭ




**ଭୁବନେଶ୍ୱର,୧୩-୧୨**

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ମହିଳାଙ୍କ ନୂଆ ଉଦ୍ୟମିତା କମିଟି (ଆଇଡବ୍ଲ୍ୟୁଇସି)ର ଶୁଭାରମ୍ଭ ସମ୍ପର୍କରେ ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଦେଶର କୌଣସି ଶିଳ୍ପ ସଂଘରେ ପ୍ରଥମ ଥର ଲାଗି ଏଭଳି ମହିଳା ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ରାଜ୍ୟ ମଧ୍ୟରେ ମହିଳା ଉଦ୍ୟୋଗୀଙ୍କ ସମସ୍ୟା ସମାଧାନ ଲକ୍ଷ୍ୟରେ ଏହାର ଆରମ୍ଭ ହୋଇଥିବା କୁହାଯାଇଛି। ଜାତୀୟ ସ୍ତରରେ ରହିଥିବା ପ୍ରସଙ୍ଗ ଉପରେ ଏହି କମିଟି ନିୟମିତ ବିଚାରବିମର୍ଷ କରିବ। ସଶକ୍ତୀକରଣ, ଶିକ୍ଷା, କୌଶଳ ବିକାଶ, ନିଯୁକ୍ତି ଉଦ୍ୟମିତା ଓ ବ୍ୟବସାୟ ବିକାଶ ଭଳି ଲକ୍ଷ୍ୟ ନେଇ କମିଟି ଅଗ୍ରସର ହେବ। ୨୦୨୦ ଜାନୁୟାରୀ ୧୧ରେ ଭୁବନେଶ୍ୱରରେ ଏକ ଲିଡରଶିପ ସମ୍ମିଳନୀ ଆୟୋଜନ କରାଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

### ଜାନୁୟାରୀରେ ମହିଳା ଲିଡରଶିପ ସମ୍ମିଳନୀ

ଏହି ଅବସରରେ ମହିଳା ଉଦ୍ୟମିତା କମିଟିର ଆନୁଷ୍ଠାନିକ ଉଦଘାଟନ ହେବ। ବ୍ଲୁଜମ କୋଚର ଗ୍ରୁପର ପରିଚାଳନା ନିର୍ଦ୍ଦେଶିକା ସମନ୍ତା କୋଚର ମୁଖ୍ୟ ଅତିଥି, ବିୟୁଟି ଇକ୍ସେସ୍ ମିଡିଆ ପ୍ରାଇଭେଟ ଲିମିଟେଡର ମୁଖ୍ୟ ସମ୍ପାଦିକା ରିତୁ ଝା, ବଲିଉଡ ଅଭିନେତ୍ରୀ ମୁଗ୍ଧା ଗୋଡ୍‌ସେ ପ୍ରମୁଖ ଏଥିରେ ଯୋଗଦେବେ। ଉଦ୍ୟମିତା କମିଟି ପକ୍ଷରୁ ଆଗାମୀ ଦିନଗୁଡିକରେ ମହିଳା ଉଦ୍ୟୋଗୀଙ୍କ ଲାଗି ବିଜନେସ ମେଳା, ଜାତୀୟ ଓ ଅନ୍ତର୍ଜାତୀୟ ସେମିନାର ଆୟୋଜନ କରାଯିବାକୁ ଲକ୍ଷ୍ୟ ରହିଥିବା ଆଇସିସି ଓଡିଶାର ସହ ଅଧ୍ୟକ୍ଷ ଜେ.ବି. ପାଣି କହିଛନ୍ତି। ଏହି କମିଟି ଜରିଆରେ ମହିଳାଙ୍କ ସାମଗ୍ରିକ ନେତୃତ୍ୱକୁ ବ୍ୟବହାର କରି ବ୍ୟବସାୟ ଆହ୍ୱାନଗୁଡିକର ସମାଧାନ ଏବଂ ସମାଜରେ ଉଲ୍ଲେଖନୀୟ ପରିବର୍ତ୍ତନ ଦିଗରେ ଯୋଗଦାନ ରହିବ ବୋଲି ଆଇଡବ୍ଲ୍ୟୁଇସିର ସଂଯୋଜିକା ସୁକୀର୍ତ୍ତି ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ସହ ସଂଯୋଜିକା ଚିଦାତ୍ମିକା ଖଟୁଆ, ସଦସ୍ୟା ତନୟା ପଟ୍ଟନାୟକ, ଡ. ମୋନାଲିସା ବଳ, ଡ. ପୁନମ ବଳିଆରସିଂ, ସୁନୀତା ମହାନ୍ତି, ଶାଳିନୀ କୋଠାକୋଣ୍ଡା, ସୁପ୍ରୀତ ମିଶ୍ର, ପ୍ରିୟଙ୍କା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସିପେଟ୍ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ

**ଭୁବନେଶ୍ୱର,୧୩-୧୨**

ସିପେଟ ସିଏସ୍‌ଟିଏସ୍ ଭୁବନେଶ୍ୱର ଏନ୍‌ଏସ୍‌ପିସିଏଲ୍ ଭିଲାଇର ମିଳିତ ଆନୁକୂଲ୍ୟରେ ୫୦ ଜଣ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏମାନଙ୍କୁ ୭ ମାସିଆ ମାଗଣା ଦକ୍ଷତା ତାଲିମ ପ୍ରଦାନ ପରେ ଚାକିରି ପ୍ରଦାନ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ପ୍ରଥମ ୨ଟି ବ୍ୟାଚ୍ ମେଶିନ ଅପରେଟର ଟୁଲ ରୁମ, ମେଶିନ ଅପରେଟର ପ୍ଲାଷ୍ଟିକ ପ୍ରୋସେସିଂ ଟ୍ରେଡରେ ତାଲିମ ଦିଆଯାଇଛି। ଏନ୍‌ଏସ୍‌ପିସିଏଲ୍ ଭିଲାଇର ଜେନେରାଲ ମ୍ୟାନେଜର ଭି.ଏମ୍.ରାଜନ ଏବଂ ବିଜ୍‌ନେସ ୟୁନିଟ ହେଡ ଏ.ୱାଶିମ୍ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସିପେଟକୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ସିପେଟର ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ରାଜନ କହିଛନ୍ତି। ସିପେଟର ଡେପୁଟି ଡାଇରେକ୍ଟର ଏବଂ ମୁଖ୍ୟ ସୁଶ୍ରୀ ନିହାରିକା ପରିଡା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏଥିରେ ଆଡମିନିଷ୍ଟ୍ରେଟର ଜୟନ୍ତ କୁମାର ଦାସ ପରିଚାଳନା କରିଥିଲେ।

# ଯାନ ଦର ବଢାଇବ ହିରୋ ମୋଟୋକର୍ପ

**ନୂଆଦିଲ୍ଲୀ,୧୩-୧୨**

ଆସନ୍ତା ଜାନୁୟାରୀରୁ ଯାନ ଦର ବଢାଇବା ନେଇ ହିରୋମୋଟୋକର୍ପ ପକ୍ଷରୁ ଘୋଷଣା କରାଯାଇଛି। ଏହା ଦ୍ୱାରା କମ୍ପାନୀର ବିଭିନ୍ନ ମଡେଲଗୁଡିକ ପ୍ରାୟ ୨୦୦୦ ଟଙ୍କାର ମହଙ୍ଗା ହେବ। ଜାନୁୟାରୀ ପହିଲାରୁ କମ୍ପାନୀର ବିଭିନ୍ନ ସ୍କୁଟର ଏବଂ ଟୁହ୍ୱିଲର୍ସ ମଡେଲ ରେଞ୍ଜରେ ଏହା ଲାଗୁ ହେବ। ବିଭିନ୍ନ ବଜାର ଓ ମଡେଲ ଉପରେ ଏହି ମୂଲ୍ୟ କାର୍ଯ୍ୟକାରୀ ହେଲେ ଦରରେ କିଛିଟା ପରିବର୍ତ୍ତନ ଆସିବ। ଚଳିତ ବର୍ଷ ନଭେମ୍ବରରେ କମ୍ପାନୀ ବିଏସ୍-୬ ମାନକଯୁକ୍ତ ଟୁହ୍ୱିଲର୍ସ ନୂଆ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟ ବଜାରକୁ ଛାଡିଛି। ଏହାର ବଜାର ଦର ୬୪,୯୦୦ ଟଙ୍କା ରହିଛି। କମ୍ପାନୀ ଅଧିକ ବିଏସ୍-୬ ମଡେଲ ଆଣିବା ଲାଗି ପ୍ରସ୍ତୁତି ଜାରି ରଖିଛି।

# ଭିଏଲ୍‌ସିସିର ନୂଆ ୱେଲ୍‌ନେସ ସେଣ୍ଟର




**ଭୁବନେଶ୍ୱର,୧୩-୧୨**

ପ୍ରମୁଖ ବିୟୁଟି ଏବଂ ୱେଲନେସ ବ୍ରାଣ୍ଡ ଭିଏଲ୍‌ସିସି ପକ୍ଷରୁ ଭୁବନେଶ୍ୱରରେ ଏହାର ଦ୍ୱିତୀୟ ସେଣ୍ଟର ଶହୀଦନଗରରେ ଶୁଭାରମ୍ଭ ହୋଇଛି। ରାଜଧାନୀରେ ଥିବା ଏହାର ପ୍ରଥମ ସେଣ୍ଟରକୁ ପଟିଆ, କିଟ ଛକରେ ଉନ୍ମୋଚନ କରାଯାଇଛି। ସେଣ୍ଟରଗୁଡିକୁ ଭିଏଲ୍‌ସିସି ପ୍ରତିଷ୍ଠାତା ବନ୍ଦନା ଲୁଥ୍‌ରା ଶୁଭାରମ୍ଭ କରିଛନ୍ତି। ଭିଏଲ୍‌ସିସି ବର୍ତ୍ତମାନ ରାଜ୍ୟରେ ୭ଟି ୱେଲ୍‌ନେସ ଓ ବିୟୁଟି ସେଣ୍ଟର ସହ ୩ଟି କୌଶଳ ବିକାଶ ସଂସ୍ଥା ସହ କାର୍ଯ୍ୟ କରୁଛି। ଉଭୟ ସେଣ୍ଟରରେ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଓଜନ ପରିଚାଳନା ସମାଧାନ, ସ୍କିନ ଓ ହେୟାର ଟ୍ରିଟମେଣ୍ଟ, ଲେଜର ଓ ଆଏସ୍ଥେଟିକ୍ ଟ୍ରିଟ୍‌ମେଣ୍ଟର ସଦ୍ୟତମ କୌଶଳ ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାତା ଲୁଥରା କହିଛନ୍ତି।

## ■ ଫୋର୍ବସ ପ୍ରଭାବଶାଳୀ ମହିଳା ତାଲିକା
# ୩୪ତମ ସ୍ଥାନରେ ସୀତାରାମନ

**ରୋଶନୀ ନାଦାର ମାଲହୋତ୍ରାଙ୍କୁ ୫୪ତମ, କିରନ ମଜୁମଦାର ଶ ୬୫ତମ ସ୍ଥାନ**



**ନୂଆଦିଲ୍ଲୀ,୧୩-୧୨**

ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱର ୧୦୦ ସବୁଠାରୁ ପ୍ରଭାବଶାଳୀ ମହିଳା ତାଲିକାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୩୪ତମ ସ୍ଥାନରେ ରହିଛନ୍ତି। ସେହିଭଳି ଅନ୍ୟ ଭାରତୀୟ ମହିଳାଙ୍କ ମଧ୍ୟରେ ଏଚ୍‌ସିଏଲ୍ କର୍ପୋରେଶନର ସିଇଓ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋଶନୀ ନାଦାର ମାଲହୋତ୍ରା, ବାୟୋକନ ପ୍ରତିଷ୍ଠାତା କିରନ ମଜୁମଦାର ଶ ଏହି ତାଲିକାରେ ଯଥାକ୍ରମେ ୫୪ ଏବଂ ୬୫ତମ ସ୍ଥାନରେ ରହିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଜର୍ମାନୀର ଚାନସେଲର ଆଞ୍ଜେଲା ମାର୍କେଲ ଏବଂ ଦ୍ୱିତୀୟରେ ୟୁରୋପିୟାନ ସେଣ୍ଟ୍ରାଲ ବ୍ୟାଙ୍କର ସଭାପତି ଥିବା କ୍ରିଷ୍ଟିନ ଲାଗାର୍ଡେ ରହିଛନ୍ତି। ତୃତୀୟରେ ଆମେରିକା ହାଉସ ଅଫ୍ ରିପ୍ରେଜେଣ୍ଟେଟିଭର ବାଚସ୍ପତି ନାନସି ପେଲୋସି ଅଛନ୍ତି। ୨୯ତମ ସ୍ଥାନରେ ବାଂଲାଦେଶ ରାଷ୍ଟ୍ରପତି ସେଖ ହାସିନା ସ୍ଥାନିତ ହୋଇଛନ୍ତି। ତାଲିକାରେ ପ୍ରଥମଥର ଲାଗି ସ୍ଥାନ ପାଇଥିବା ନିର୍ମଳା ଏବେ ଭାରତର ଅର୍ଥମନ୍ତ୍ରୀ ଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଛନ୍ତି। ତାଲିକାର ୬ଷ୍ଠ ସ୍ଥାନରେ ବିଲ ଆଣ୍ଡ ମିଲିଣ୍ଡ ଗେଟ୍‌ସ ଫାଉଣ୍ଡେଶନ କୋ ଚେୟାର ମିଲିଣ୍ଡା ଗେଟ୍‌ସ, ୯ମରେ ଆଇବିଏମ୍ ସିଇଓ ଗିନି ରୋମେଟି, ୧୮ତମରେ ଫେସବୁକ ସିଓଓ ସେର୍ଲି ସ୍ୟାଣ୍ଡବର୍ଗ, ୩୮ତମ ସ୍ଥାନରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍ଡେନ, ୪୨ତମ ସ୍ଥାନରେ ଇଭାଙ୍କା ଟ୍ରମ୍ପ, ୬୧ତମରେ ଗାୟିକା ରିହାନା, ୬୬ତମ ସ୍ଥାନରେ ବେୟୋନ୍ସ, ୭୧ତମରେ ଟେଲର ସ୍ୱିଫ୍ଟ, ୮୧ ତମରେ ଟେନିସ ଷ୍ଟାର ସେରେନା ୱିଲିୟମ୍ସ ଏବଂ ୧୦ତମ ସ୍ଥାନରେ ପରିବେଶ କର୍ମୀ ଗ୍ରେଟା ଥନବର୍ଗ ରହିଛନ୍ତି।

### ଜିଏସ୍‌ଟି ବୃଦ୍ଧି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଲେ

ଜିଏସ୍‌ଟି କାଉନସିଲ ବୈଠକ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅର୍ଥମନ୍ତ୍ରୀ ସୀତାରାମନ ଜିଏସ୍‌ଟି ବୃଦ୍ଧି ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ମୋ କାର୍ଯ୍ୟାଳୟକୁ ଛାଡି ଦେଲେ ଅନ୍ୟ ସବୁଆଡେ ଜିଏସ୍‌ଟି ବଢିବ ବୋଲି ଆଲୋଚନା ହେଉଛି। ରାଜସ୍ୱ ହ୍ରାସ ହେଉଥିବାରୁ ସରକାର ବିଭିନ୍ନ ଜିଏସ୍‌ଟି ହାରରେ ପରିବର୍ତ୍ତନ କରି ରାଜସ୍ୱ ଭରଣା କରିବାକୁ ଚାହୁଁଥିବା ଏକ ପ୍ରଶ୍ନର ଉତ୍ତର ରଖି ନିର୍ମଳା ଏଭଳି ମନ୍ତବ୍ୟ ଦେଇଛନ୍ତି। ମାତ୍ର ଜିଏସ୍‌ଟି ନ ବଢିବା ନେଇ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଏବେ ଯାଏ ଅର୍ଥ ମନ୍ତ୍ରଣାଳୟ ଏହି ପ୍ରସଙ୍ଗ ଉପରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରି ନ ଥିବା ସେ କହିଛନ୍ତି।

# ଜିଭାର ମାଗଣା ପରାମର୍ଶ ଶିବିର

**ଭୁବନେଶ୍ୱର,୧୩-୧୨:** ଜିଭା ଆୟୁର୍ବେଦ ପକ୍ଷରୁ ଜାତୀୟ ସ୍ତରର ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ସାରା ଦେଶରେ ଆୟୋଜନ କରାଯାଉଛି। ଜିଭାର ଏହି ସ୍ୱାସ୍ଥ୍ୟ ସପ୍ତାହ ଚଳିତ ମାସ ୨୨ ଯାଏ ଚାଲିବ। ଶୀତଋତୁରେ ନିଃଶ୍ୱାସ ପ୍ରଶ୍ୱାସ ଏବଂ ଗଣ୍ଠିବାତ ସମସ୍ୟା ଭୋଗୁଥିବା ଲୋକମାନେ ଏହି ଶିବିର ଦ୍ୱାରା ଲାଭବାନ ହୋଇ ପାରିବେ ବୋଲି ଜିଭା ପକ୍ଷରୁ ସୂଚନା ରହିଛି। ସାରା ଦେଶରେ ଥିବା ଜିଭାର ୮୦ କ୍ଲିନିକରେ ଲୋକମାନେ ହର୍ବାଲ ଔଷଧ, ଖାଦ୍ୟ ପରାମର୍ଶ, ଜୀବନଶୈଳୀ ଯୋଜନା ଏବଂ ବ୍ୟକ୍ତିଗତ ସୁହାଇବା ଭଳି ଚିକିତ୍ସା ସୁବିଧା ପାଇପାରିବେ। ନିକଟସ୍ଥ କ୍ଲିନିକ ସହ ସମ୍ପର୍କ କରି ଏହାର ଲାଭ ନେବାକୁ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.), E.H.T. (O&M) DIVISION, JODA
P.O.- Boneikala, Dist.- Keonjhar, Pin- 758038 (Odisha), Phone No.- 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553

Letter No. 929 (2) Dated 13.12.2019

**TENDER CALL NOTICE NO.-10/2019-2020**

Sealed tenders are invited from the Civil having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/GST registration for the Work of "Supply & fixing of concertina coil on the existing boundary wall of main road & 33KV S/Y side of Grid s/s Joda" under EHT(O&M) Division, Joda. Estimate cost of work= Rs. 493815/- (Including GST). Cost of Tender paper Rs. 2240/-, EMD= Rs. 5000/-. Sale of tender documents from dt:- 23.12.2019 to 07.01.2020. Last Date of submission of tender: 08.01.2020 upto 1.00 PM. Date of opening of tender:- 08.01.2020 at 3.00 PM. For details visit our website:- **www.optcl.co.in**.
Corrigendum if any will be published in the OPTCL website only.
**Sd./- Dy. General Manager (Elect), EHT(O&M) Division, Joda**

**OFFICE OF THE C.D.M. & PHO CUM DISTRICT MISSION DIRECTOR, JAJPUR**
**TENDER CALL NOTICE**
No.2899 Date: 12.12.2019

Sealed tenders are invited by the Zilla Swasthya Samiti, Jajpur from reputed parties / firms / Dealers / suppliers dealing in specific goods / items for empanelment and supply of different items to the office of undersigned for the current financial year 2019-20 as and when required within a stipulated time frame as per the supply order.

**Types of Work** :- **1. Fooding, 2. Office Stationery and 3. Printing.**

The detail regarding bidding format, terms and conditions may be download from District website i.e. www.jajpur.nic.in. The tenders should reach the office of the undersigned by 24.12.2019 (till 12.30 P.M.) through Speed Post or registered Post only. The date of opening of tenders is as mentioned in the terms & condition. The undersigned is not responsible for any kind of postal delay and reserves all right to cancel any or all the tender at any stage of selection / finalization process without assigning any reason thereof. Any typographical error may be exempted

**Sd./- C.D.M. & PHO cum**
**District Mission Director, Jajpur**

**BHUBANESWAR MUNICIPAL CORPORATION**
**No : 33578 Dt.27.11.2019**
**E-PROCUREMENT NOTICE**

1. Bid reference No: BMC-EED-II-04(EL.)/2019-20 Dt.27.11.19
2. Tender Call Notice No : No.33578, Dt.27.11.2019
3. No. of work : 1 No.
4. Bid Value : Rs. 20,85,372.00
5. Period of completion : 1 Year

Date and time of schedule

| Start | End | Opening |
|---|---|---|
| 11.00 A.M of 16.12.19 | 5 P.M of 26.12.19 | 11.00 A.M.of 30.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,Div-II
Bhubaneswar Municipal Corporation
Progress Through Partnership for a Better Bhubaneswar

**BHUBANESWAR MUNICIPAL CORPORATION**
**No : 35368 Dt.13.12.2019**
**E-PROCUREMENT NOTICE**

1. Bid reference No : BMC-EED-II-17/2019-20 Dt.13.12.19
2. Tender Call Notice No : No.35368, Dt.13.12.2019
3. No. of work : 11 Nos.
4. Bid Value : Rs.11,06,972/- to Rs. 40,80,033/-
5. Period of completion : 60 Days

Date and time of schedule

| Start | End | Opening |
|---|---|---|
| 11.00 A.M of 16.12.19 | 5 P.M of 26.12.19 | 11.00 A.M.of 27.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,
BMC, Division No.II
Progress Through Partnership for a Better Bhubaneswar

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
**ଇ-ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି**
ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର, ଭୁବନେଶ୍ୱର ତରଫରୁ NDTB-T1 ଭିତରେ "ଖାଦ୍ୟ ଏବଂ ପେୟ ସୁବିଧାର ବିକାଶ, ବଜାର ସ୍ଥାପନ, ସଂଚାଳନ, ରକ୍ଷଣାବେକ୍ଷଣ ଏବଂ ପ୍ରବନ୍ଧନ ନିମନ୍ତେ ଆର.ଏଫ୍.ପି. ଆମନ୍ତ୍ରଣ କରୁଛି। ଏମ୍.ଆର.ଏଲ.ଏଫ୍: ଟ.73,80,000/-ଙ୍କା ପ୍ରତି ମାସ। ଟେଣ୍ଡର ଆଇ.ଡି ସଂଖ୍ୟା: 2019_AAI_38040_1 ସିପିପି ପୋର୍ଟାଲ https://etenders.gov.in ମାଧ୍ୟମରେ ଟେଣ୍ଡର ଜମା କରାଯିବାର ଶେଷ ତାରିଖ: ତା.03.01.2020ରିଖ 06.00 PM ପର୍ଯ୍ୟନ୍ତ ଅଟେ। ବିସ୍ତୃତ ବିବରଣୀ ନିମନ୍ତେ www.aai.aero କିମ୍ବା https://etenders.gov.in ରେ ଲଗ୍ ଅନ୍ କରନ୍ତୁ। ଏ ସମ୍ପର୍କରେ ଯଦି କୌଣସି ସଂଶୋଧନ/ଶୁଦ୍ଧିପତ୍ର ଥାଏ, ତେବେ ତାହା କେବଳ https://etenders.gov.in କିମ୍ବା www.aai.aero ରେ ଅପଲୋଡ୍ କରାଯିବ।

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

**1-NIT No. OMC-5137**
**Name of the work:** Packaging of Wire Rod Coils (9.5mm / 12 mm wire rods)

**2-NIT No. OMC-5142**
**Name of the work:** Maintenance Jobs for Instruments Installed at various location of Cast House - A &B. **DGM (Mech.)-T&C**

**3-NIT No. OMC-5144**
**Name of the work:** A.T Welding of 52 KG Rail at Budhapank Exchange Yard & Smelter in Plant Yard. **AGM (Mech.)-T&C**

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in

> ଲିଓନେଲ ମେସି ବିଶ୍ୱକପ୍ ଜିତି ନ ଥିଲେ ମଧ୍ୟ ପେଲେ ଓ ଡିଏଗୋ ମାରାଡୋନାଙ୍କ ଭଳି ମହାନ୍ ଫୁଟ୍‌ବଲ ଖେଳାଳି ବିବେଚିତ ହେବେ।
> – ହର୍ନାନ କ୍ରେସ୍ପୋ, ଆର୍ଜେଣ୍ଟିନାର ପୂର୍ବତନ ଷ୍ଟାର ଷ୍ଟ୍ରାଇକର



> ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ଶ୍ରେୟାସ ଆୟାରଙ୍କୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ଦିଆଯିବା ଉଚିତ।
> ଅନିଲ କୁମ୍ବଲେ ପୂର୍ବତନ ଅଧିନାୟକ, ସ୍ପିନ କିମ୍ବଦନ୍ତୀ



## ସଂକ୍ଷେପରେ

### ସନ୍ଦେହରେ ବୋଲରଙ୍କ ନୋ ବଲ

**ଢାକା,୧୩।୧୨:** ଚଳିତ ବାଂଲାଦେଶ ପ୍ରିମିୟର ଲିଗ୍ (ପିବିଏଲ)ରେ ବାଂଲାଦେଶ ବୋଲରଙ୍କ ପ୍ରଦର୍ଶନ ଉପରେ ପ୍ରଶଂସକ ମ୍ୟାଚ୍ ଫିକ୍ସିଂ ହୋଇଥିବା ଅଭିଯୋଗ ଆଣିଛନ୍ତି। ଚାଟଗ୍ରାମ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସିଲହଟ ଥଣ୍ଡର୍ସ ପେସର କ୍ରିଶମାର ସାଣ୍ଟୋକିଙ୍କ ଦୁଇଟି ବଲ ଫିଲ୍ଡ ଅମ୍ପାୟର ଓ ସାଥୀ ଖେଳାଳିଙ୍କ ଚକିତ କରିଦେଇଥିଲା। ତାଙ୍କର ଏକ ବଲ ଏତେ ୱାଇଡ୍ ଥିଲା ଯେ, ଉଇକେଟକିପରଙ୍କୁ ବଲକୁ ରୋକିବା ପାଇଁ ବଡ଼ ଡ୍ରାଇଭ ମାରିବାକୁ ପଡ଼ିଥିଲା। ସେହି ଓଭରର ଆଉ ଏକ ବଲ ସାଣ୍ଟୋକି ନୋ ବଲ ପାଇଁ ଧାର୍ଯ୍ୟ ସୀମାଠାରୁ ଏକ ମିଟର ଆଗରେ ବଲ ପକାଇ ଥିଲେ। ଏହାକୁ ଭାଷ୍ୟକାର ବିଶ୍ୱାସ କରିପାରି ନ ଥିଲେ। କେଉଁଭଳି ଜଣେ ବୋଲର ଲାଇନକୁ ଏତେ ମାତ୍ରାରେ ଅତିକ୍ରମ କରିପାରିବେ ବୋଲି ଜଣେ ଭାଷ୍ୟକାର ପ୍ରଶ୍ନ କରିଥିଲେ। ଦୁଇ ବଲର ଭିଡିଓ ସୋସିଆଲ ମିଡିଆରେ ଛାଇ ହୋଇଯିବା ପରେ ପ୍ରଶଂସକମାନେ ସାଣ୍ଟୋକିଙ୍କୁ ସମାଲୋଚନା କରିଛନ୍ତି। ଏପରି କି ଜଣେ ଫ୍ୟାନ ଲେଖିଛନ୍ତି, ଏଥିନେଇ ସାଣ୍ଟୋକିଙ୍କୁ ଜବାବ ଦେବାକୁ ପଡ଼ିବ। ପୂର୍ବତନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ ଡିନ ଜୋନ୍ସ ବୋଲରଙ୍କ ପ୍ରଦର୍ଶନ ଉପରେ ପ୍ରଶ୍ନ କରି ଟୁଇଟ କରିଛନ୍ତି ସତରେ ଏଭଳି ସମ୍ଭବ? କିଛି ପ୍ରଶଂସକ ମ୍ୟାଚ୍ ଫିକ୍ସିଂ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ଏ ଘଟଣା ସମ୍ପର୍କରେ ଉକ୍ତ ବାଂଲାଦେଶ ବୋଲର ପ୍ରତିକ୍ରିୟା ରଖି ନାହାନ୍ତି। ଉଲ୍ଲେଖଥାଉ କି, ୨୦୧୦ରେ ପାକିସ୍ତାନ ପେସର ମହମ୍ମଦ ଆମିର କ୍ରମାଗତ ଦୁଇ ବଡ଼ ନୋ ବଲ ପକାଇଥିଲେ। ଏଥିପାଇଁ ତାଙ୍କୁ ୫ ବର୍ଷ ବାସନ୍ଦ କରାଯାଇଥିଲା।

### ଫାଇନାଲରେ କିସ୍-ସିଡ଼ିଏ ଡିଏଭି

**କଟକ ଅଫିସ,୧୩।୧୨:** ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କିସ୍ ଓ ସିଡ଼ିଏ ଡିଏଭି ମଧ୍ୟରେ ଖେଳାଯିବ। ସିଡ଼ିଏ ପୂର୍ବରୁ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଶୁକ୍ରବାର ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲକୁ ହରାଇ କିସ୍ ଫାଇନାଲରେ ପ୍ରବେଶ କରିଛି। ଏହି ଦୁଇ ଦଳ ଲଗାତାର ଭାବେ ଉକ୍ତ ଟୁର୍ନାମେଣ୍ଟର ଫାଇନାଲରେ ସାମ୍ନାସାମ୍ନି ହେଉଛନ୍ତି। ଯୋବ୍ରା ମ୍ୟୁନିସିପାଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ସମସ୍ତ ଉଇକେଟ ହରାଇ ମାତ୍ର ୭୩ରନ କରିଥିଲା। ଦିଲ୍ଲୀପ ବେହେରା ସର୍ବାଧିକ ୧୯ରନ କରିଥିଲେ। ରମେଶ ମେଲେକା କିସ୍ ପକ୍ଷରୁ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ରମେଶଙ୍କ ୨୬ରନର ଇନିଂସ ବଳରେ କିସ୍ ବିଜୟ ଲକ୍ଷ୍ୟ ହାସଲ କରିଛି। ଯୋବ୍ରା ପକ୍ଷରୁ ମହେଶ୍ୱର ନାଏଡୁ ୪ଟି ଉଇକେଟ ଦଖଲ କରିଛନ୍ତି। ଅଲରାଉଣ୍ଡର ମ୍ୟାଚ ବିଜୟୀ ଇନିଂସ ଯୋଗୁ ରମେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

### ସିନ୍ଧୁଙ୍କ ସାନ୍ତ୍ୱନାମୂଳକ ବିଜୟ

**ଗୁଆଙ୍ଗଝୋ, ୧୩।୧୨ (ପି.ଟି.):** ବର୍ଷ ଶେଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ ଟୁର୍ନାମେଣ୍ଟରୁ ଆଉଟ୍ ହୋଇଯାଇଥିଲେ ହେଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛନ୍ତି। ଗ୍ରୁପ୍ ଏ'ର ତୃତୀୟ ମ୍ୟାଚରେ ସେ ଚାଇନାର ହି ବିଙ୍ଗ୍‌ଜିଓଙ୍କୁ ୨୧-୧୯, ୨୧-୧୯ରେ ପରାସ୍ତ କରିଛନ୍ତି। ସିନ୍ଧୁ ତାଙ୍କ ପ୍ରଥମ ଦୁଇଟି ମ୍ୟାଚରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ଆଉଟ୍ ହୋଇସାରିଥିଲେ। ଚାଇନାର ଏହି ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ କ୍ରମାଗତ ଚତୁର୍ଥ ପରାଜୟ ପରେ ପ୍ରଥମ ବିଜୟ। ସିନ୍ଧୁଙ୍କୁ ପରେ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଦେଖିବାକୁ ମିଳିବ।

### ବିବିଏଲ ପାଇଁ ଏନ୍‌ଓସି ଦେଲା ନାହିଁ ପିସିବି

**କରାଚୀ,୧୩।୧୨:** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଲରାଉଣ୍ଡର ଫହିମ ଅଶରଫ ଓ ପେସର ଉସମାନ ଶିନୱାରିଙ୍କୁ ଅଷ୍ଟ୍ରେଲିଆର ବିଗ୍ ବାଶ ଲିଗ୍ (ବିବିଏଲ)ରେ ଖେଳିବାକୁ ଏନ୍‌ଓସି ଦେବାକୁ ମନା କରିଦେଇଛି। ନିକଟରେ ଉଭୟ କ୍ରିକେଟରଙ୍କ ସହ ବିବିଏଲ ଚୁକ୍ତି କରାଯାଇଥିଲା। ଚୂଡ଼ାନ୍ତ ବିଶ୍ୱକପ ଦଳରୁ ବାଦ୍ ପଡ଼ିବା ପରେ ଅଶରଫ ଏପର୍ଯ୍ୟନ୍ତ ଜାତୀୟ ଦଳ ପାଇଁ ଖେଳି ନାହାନ୍ତି। ସେ ମେଲବୋର୍ନ ରେନେଗାଡେସ ପାଇଁ ଖେଳିଥାନ୍ତେ। ଶିନୱାରିଙ୍କ ସମାନ ଦଳ ପ୍ରଥମ ୫ ମ୍ୟାଚ୍ ପାଇଁ ଚୁକ୍ତି କରିଥିଲା। ପିସିବି ସୂତ୍ରରୁ ଜଣାପଡ଼ିଛି, ଅଶରଫଙ୍କୁ ଘରୋଇ କ୍ରିକେଟରେ ଧ୍ୟାନ ଦେବାକୁ କୁହାଯାଇଥିବାବେଳେ ସିନିୱାରିଙ୍କୁ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଡାକରା ଦିଆଯାଇଛି।

# ପର୍ଥ ଟେଷ୍ଟ: ଦୃଢ଼ ସ୍ଥିତିରେ ଅଷ୍ଟ୍ରେଲିଆ

**ପର୍ଥ, ୧୩।୧୨**

ସ୍ଥାନୀୟ ପର୍ଥ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ମଜଭୁତ ସ୍ଥିତିରେ ରହିଛି। ମାର୍ନସ ଲାବୁସେନଙ୍କ ଶତକପରେ ଶେଷଭାଗ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଅବଦାନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୧୬ ରନ କରିଛି। ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଦଳ ୧୦୯ ରନରେ ନ୍ୟୁଜିଲାଣ୍ଡର ୫ ଉଇକେଟ ଅକ୍ତିଆର କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛି। ନ୍ୟୁଜିଲାଣ୍ଡ ହାତରେ ଆଉ ୫ ଉଇକେଟ ଥିବାବେଳେ ଅଷ୍ଟ୍ରେଲିଆ ଆହୁରି ୩୦୭ ରନରେ ଅଗ୍ରଣୀ ରହିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୮/୪ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସରେ ମଧ୍ୟ ଆକର୍ଷଣୀୟ ବ୍ୟାଟିଂ କରିଥିଲା। ୫ମ ଉଇକେଟରେ ୭୬ ରନ ଯୋଗ ହେବାପରେ ଲାବୁସେନ ବ୍ୟକ୍ତିଗତ ୧୪୩ ରନ କରି ଆଉଟ ହୋଇଥିଲେ। ସେ ୨୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୮ ଚୌକା ଓ ୧ ଛକା ମାରିଥିଲେ। ତାଙ୍କ ପାର୍ଟନର ଟ୍ରାଭିସ ହେଡ୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୯୭ଟି ବଲ୍ ଖେଳି ୧୦ ଚୌକା ସହ ୫୬ ରନ କରିଥିଲେ। ଏହି ଯୋଡ଼ି ଭାଙ୍ଗିବାପରେ ମଧ୍ୟ ନ୍ୟୁଜିଲାଣ୍ଡ ବୋଲରଙ୍କୁ ବିଶେଷ ସଫଳତା ମିଳି ନ ଥିଲା। ଅଧିନାୟକ ଟିମ୍ ପେନ୍ ୩୯(୧୦୫ ବଲ, ୨ ଚୌକା), ପ୍ୟାଟ୍ କୁମିନ୍ସ ୨୦(୮୫ ବଲ, ୨ ଚୌକା) ଓ ମିଚେଲ ଷ୍ଟାର୍କ ୩୦(୪୧ ବଲ, ୩ ଚୌକା, ୧ ଛକା) ରନ କରି ଅଷ୍ଟ୍ରେଲିଆ ସ୍କୋରକୁ ୪୦୦ ଅତିକ୍ରମ କରାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ଓ ନେଲ ୱାଗନର ୪ଟି ଲେଖାଏ ଏବଂ କଲିନ ଡି' ଗ୍ରାଣ୍ଡହୋମ ଓ ଜୀତ୍ ରାଭାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସ ଆରମ୍ଭରୁ ହିଁ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଟମ୍ ଲଥାମ ଖାତା ଖୋଲିବା ପୂର୍ବରୁ ଏବଂ ଦ୍ୱିତୀୟ ଓଭରରେ ଜୀତ ରାଭାଲ ମାତ୍ର ୧ ରନ କରି ଆଉଟ ହୋଇଥିଲେ। ଫଳରେ ୧ ରନରେ ୨ ଓପନରଙ୍କୁ ହରାଇ ନ୍ୟୁଜିଲାଣ୍ଡ ବିପଦରେ ପଡ଼ିଥିଲା। ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଅଧିନାୟକ କେନ୍ ୱିଲିୟମସନ ଓ ରସ୍ ଟେଲର ସତର୍କତାର ସହିତ ଖେଳି ଦଳକୁ ବିପଦରୁ ବାହାର କରିଥିଲେ। ତେବେ ତୃତୀୟ ଉଇକେଟ ଯୋଡ଼ିରେ ୭୬ ରନ ଯୋଗ ହେବାପରେ ୱିଲିୟମସନଙ୍କୁ ଆଉଟ କରି ପୁଣି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ ଷ୍ଟାର୍କ। ୭୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱିଲିୟମସନ ୭ ଚୌକା ସହାୟତାରେ ୩୪ ରନ କରିଥିବାବେଳେ ଦ୍ୱିତୀୟ ସ୍ଲିପ୍‌ରେ ଷ୍ଟିଭ୍ ସ୍ମିଥଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ପରେ ହେନରି ନିକୋଲାସ(୭) ଓ ନେଲ୍ ୱାଗନର(୦)ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲେ ଷ୍ଟାର୍କ। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଟେଲର ୬୬(୮୬ ବଲ, ୮ ଚୌକା) ଓ ବି.ଜେ. ୱାଟଲିଙ୍ଗ୍ କୌଣସି ରନ ନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆର ଷ୍ଟାର୍କ ୩୧ ରନରେ ୪ଟି ଏବଂ ଜୋଶ୍ ହାଜଲେଉଡ୍ ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ମିଚେଲ ଷ୍ଟାର୍କ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୧୬/ଅଲଆଉଟ (ଲାବୁସେନ-୧୪୩, ହେଡ୍-୫୬, ସ୍ମିଥ-୪୩, ୱାର୍ନର-୪୩, ପେନ୍-୩୯, ଷ୍ଟାର୍କ-୩୦, ୱାଗନର-୪/୯୨, ସୌଦୀ-୪/୯୩, ଗ୍ରାଣ୍ଡହୋମ-୧/୩୭, ଜୀତ ରାଭାଲ-୧/୩୩)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୦୯/୫(ଟେଲର-୬୬*, ୱିଲିୟମସନ-୩୪, ଷ୍ଟାର୍କ-୪/୩୧, ହାଜଲେଉଡ-୧/୦)।

## ୨୦୨୩ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ

**ମେଲବୋର୍ନ,୧୩।୧୨(ଏଏଫ୍‌ପି)**

ଆଗାମୀ ୨୦୨୩ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଲାଗି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଶୁକ୍ରବାର ମିଳିତ ଭାବେ ବିଡ୍ ଦାଖଲ କରିଛନ୍ତି। ଇଭେଣ୍ଟ ଆୟୋଜନ ଦ୍ୱାରା ଦୁଇ ଦେଶରେ ମହିଳା ଫୁଟବଲର ଗୁରୁତ୍ୱ ବୃଦ୍ଧି ପାଇବ। ଫିଫା ବିଶ୍ୱକପ୍ ଇଭେଣ୍ଟରେ ଅଂଶଗ୍ରହଣକାରୀ ଦଳର ସଂଖ୍ୟା ୨୪ରୁ ୩୨କୁ ବୃଦ୍ଧି କରିବାକୁ ଯୋଜନା କରୁଛି। ଚଳିତବର୍ଷ ଫ୍ରାନ୍ସରେ ଅନୁଷ୍ଠିତ ଇଭେଣ୍ଟରେ ୨୪ ଦଳ ଭାଗ ନେଇଥିଲେ। ଦୁଇ ଦେଶ ଆୟୋଜନ ଅଧିକାର ହାତେଇବା ଦ୍ୱାରା ଅଧିକରୁ ଅଧିକ ମ୍ୟାଚ୍ ଖେଳାଯାଇପାରିବ। ଉଭୟ ଦେଶର ବଡ଼ ଅନ୍ତର୍ଜାତୀୟ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଆୟୋଜନ କରିସାରିଛନ୍ତି। ଆମ ନିକଟରେ ଭିତ୍ତିଭୂମି, ଅଭିଜ୍ଞତା ଓ ୨୦୨୩ ମହିଳା ବିଶ୍ୱକପ୍ ଆୟୋଜନ କରିବା ଲାଗି ଉତ୍ସାହ ଥିବା ଅଷ୍ଟ୍ରେଲିଆର କ୍ରୀଡ଼ାମନ୍ତ୍ରୀ ରିଚାର୍ଡ କୋଲବେକ କହିଛନ୍ତି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ସମେତ ୮ ଦେଶ ଏହି ଇଭେଣ୍ଟ ଆୟୋଜନ ଅଧିକାର ହାତେଇବା ପାଇଁ ବିଡ୍ ଦାଖଲ କରିଛନ୍ତି। ଏଥିରେ ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଜାପାନ, ଦକ୍ଷିଣ କୋରିଆ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି।



ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ କ୍ରିକେଟ ପୂର୍ବରୁ ବାରବାଟୀ ଷ୍ଟାଡିୟମ ପଡ଼ିଆରେ ରାସାୟନିକ ସାର ସିଞ୍ଚନ କରାଯାଉଛି।



ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି କାର୍ଯ୍ୟ।

## ପ୍ରସ୍ତୁତି ଅନୁଧ୍ୟାନ କଲେ ମନ୍ତ୍ରୀ

### ବାରବାଟୀ ଦିନିକିଆ: ଆଉ ୮ ଦିନ

**କଟକ ଅଫିସ,୧୩।୧୨**

ଡିସେମ୍ବର ୨୨ରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ମ୍ୟାଚ୍ ଏବେ ରାଜ୍ୟରେ ସବୁଠାରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମେତ ରାଜ୍ୟ ସରକାର, ଜିଲା ପ୍ରଶାସନ ମ୍ୟାଚ୍‌କୁ ସୁଚାରୁରୂପେ ଆୟୋଜନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତି ରାଜ, ପାନୀୟ ଜଳ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା ସହ ମ୍ୟାଚ୍ ନେଇ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ବିଶେଷକରି ଦର୍ଶକମାନଙ୍କ ନିମନ୍ତେ ଉପଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ଯଥା ପାନୀୟଜଳ, ଆମ୍ବୁଲାନ୍ସ, ଖାଦ୍ୟ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଷ୍ଟାଡିୟମ ଭିତରକୁ ପାଣି ବୋତଲ ମନା ଥିବା ବେଳେ ଦର୍ଶକଙ୍କୁ କିପରି ପାନୀୟ ଜଳ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଓସିଏ ପକ୍ଷରୁ ମନ୍ତ୍ରୀ ଜେନାଙ୍କୁ ଅବଗତ କରାଯାଇଥିଲା।



ବାରବାଟୀ ଷ୍ଟାଡିୟମ ପରିଦର୍ଶନ ଅବସରରେ ମନ୍ତ୍ରୀ ପ୍ରତାପ ଜେନା (ମଝି) ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସହ।

### ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍

## ସ୍ୱିଡେନଠାରୁ ହାରିଲା ଭାରତ

**ମୁମ୍ବାଇ, ୧୩।୧୨ (ପି.ଟି.)-** ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୭ ବର୍ଷରୁ କମ୍ ମହିଳା ତ୍ରିରାଷ୍ଟ୍ରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚରେ ପରାସ୍ତ ହୋଇଛି। ସ୍ୱିଡେନଠାରୁ ଦଳ ୦-୩ ଗୋଲରେ ହାରିଯାଇଛି। ଭାରତର ରକ୍ଷଣଭାଗ ଖେଳାଳିଙ୍କ ଦୁର୍ବଳତାର ସୁଯୋଗ ନେଇ ବିଜୟୀ ଦଳ ପକ୍ଷରୁ ମାଲ୍‌ଟିଡା ଭିନ୍‌ବର୍ଗ (୪ର୍ଥ ମିନିଟ୍), ଇଡା ୱିଡେନ୍‌ବର୍ଗ (୨୫ତମ) ଏବଂ ମୋନିକା ଜୋଶୁ ବାଃ (୯୦+୧ ମିନିଟ୍) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଷ୍ଟ୍ରାଇକର ଏସ୍. ଲିଣ୍ଡାକମ୍ ୧୧ତମ ୨୧ତମ ମିନିଟ୍‌ରେ ଭାରତ ପାଇଁ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ସାଥୀ ଖେଳାଳିଙ୍କ ସହାୟତା ଅଭାବରୁ ସେ ଅସଫଳ ରହିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ସ୍ୱିଡେନ ୨-୦ରେ ଅଗ୍ରଣୀ ରହିଥିଲା। ଭାରତ ଆହୁରି ମଧ୍ୟ ଦ୍ୱିତୀୟାର୍ଦ୍ଧ ଖେଳର ୬୪ତମ ଏବଂ ୭୫ତମ ମିନିଟ୍‌ରେ ଗୋଲ ଦେବା ସୁଯୋଗ ପାଇ ମଧ୍ୟ ଅସଫଳ ରହିଥିଲା। ଦଳ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଥାଇଲାଣ୍ଡ ବିପକ୍ଷରେ ଖେଳିବ।

# ସାହାଣୀ କପ୍ ଫୁଟବଲ: ସୁନ୍ଦରଗଡ଼ ଚାମ୍ପିୟନ

**ବରଗଡ଼ ଅଫିସ୍,୧୩।୧୨**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଶୁକ୍ରବାର ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ୨-୦ ଗୋଲରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ଼ର ମୁକେଶ ମିଞ୍ଜ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ସୁନ୍ଦରଗଡ଼ର ସ୍ୱାଧୀନ ଲଢ଼େଇ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ବାରମ୍ବାର ସୁଯୋଗ ମିଳିବା ସତ୍ତ୍ୱେ ମ୍ୟାଚ ଶେଷସୁଦ୍ଧା ରାଉରକେଲା ଖେଳାଳିମାନେ ଗୋଲ ସ୍କୋର କରିପାରି ନ ଥିଲେ। ରେଫେରି ଆଶୀର୍ବାଦ କାନୁନଗୋ, ଦେବାଶିଷ ବାଗ, ରମଣୀ ଝା ପ୍ରମୁଖ ମ୍ୟାଚ ପରିଚାଳନା କରିଥିବାବେଳେ ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱରେ ରହିଥିଲେ।




ଚାମ୍ପିୟନ ସୁନ୍ଦରଗଡ଼ ଦଳ ଅତିଥିଙ୍କ ଗହଣରେ।

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଉପସଭାପତି ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଉଦଯାପନୀ ସମାରୋହ ହୋଇଥିଲା। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ସୁନ୍ଦରଗଡ଼ର ମହେଶ ପ୍ରଧାନ ମ୍ୟାନ ଅଫ ଦି ଫାଇନାଲ, ମୁକେଶ ମିଞ୍ଜ ଶ୍ରେଷ୍ଠ ଖେଳାଳି, ସ୍ୱାଧୀନ ବଢ଼େଇ ଶ୍ରେଷ୍ଠ ସ୍କୋରର ଏବଂ ବରଗଡ଼ର ବୀରେନ ମହାକୁଡ଼ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ଫାଓର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ପର୍ଯ୍ୟବେକ୍ଷକ ରବୀନ୍ଦ୍ର ମହାପାତ୍ର, ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଝାରି, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର, ହରଦୀପ ସିଂ, ଶ୍ୟାମସୁନ୍ଦର ଅଦାବର, ଶୁଭ୍ରାଂଶୁ ଶେଖର ମହାପାତ୍ର, ସୁରେଶ ଦାଶ, ଜ୍ଞାନରଞ୍ଜନ ପୂଜାରୀ, ଶେଖ ସବଦର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଅତିଥି, ଆୟୋଜକ ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରବାଟୀରେ ହୋଇପାରେ ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ

**କଟକ ଅଫିସ,୧୩।୧୨**

ବାରବାଟୀ ଷ୍ଟାଡିୟମରେ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବାର ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଆସନ୍ତା ମାର୍ଚ୍ଚରେ ଏଠାରେ ଭାରତ-ଦକ୍ଷିଣଆଫ୍ରିକା ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପ୍ରଚେଷ୍ଟା ଆରମ୍ଭ କରିଛି। ଏ ନେଇ ଓସିଏ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ମଧ୍ୟ ଚଳାଇଛି। ଆସନ୍ତା ୨୨ରେ ଏଠାରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ କ୍ଷମତାଶାଳୀ କ୍ରୀଡ଼ା ସଙ୍ଗଠକଙ୍କ ଉପସ୍ଥିତି ପରେ ବାରବାଟୀରେ ଟେଷ୍ଟ ମ୍ୟାଚ ଆୟୋଜନ ନେଇ ସ୍ପଷ୍ଟ ସୂଚନା ମିଳିବ ବୋଲି ଓସିଏର ଜଣେ ଅଧିକାରୀ କହିଛନ୍ତି।

ଆସନ୍ତା ମାର୍ଚ୍ଚରେ ଦକ୍ଷିଣଆଫ୍ରିକା ଭାରତ ଗସ୍ତରେ ଆସି ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଦକ୍ଷିଣଆଫ୍ରିକାର ଉକ୍ତ ଗସ୍ତରେ ଟେଷ୍ଟ ସିରିଜ ଯୋଡ଼ାଯିବାକୁ ଯୋଜନା ଚାଲିଛି। ଯାହାଦ୍ୱାରା ବାରବାଟୀରେ ଗୋଟିଏ ମ୍ୟାଚ୍ ଆୟୋଜନ କରାଯିବାକୁ ପ୍ରସ୍ତୁତ ହେଉଛି ଓସିଏ। ବାରବାଟୀରେ ମୋଟ୍ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ୧୯୮୭ରେ ଶ୍ରୀଲଙ୍କା ବିପକ୍ଷରେ ଓ ୧୯୯୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ଟେଷ୍ଟ ମ୍ୟାଚ ବାରବାଟୀରେ ଖେଳିଛି। ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ବାରବାଟୀରେ ପୁଣି ଥରେ ଟେଷ୍ଟ ମ୍ୟାଚ ଦେଖିବାକୁ ମିଳିବ। ଯାହା ରାଜ୍ୟର ଅଗଣିତ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର।


**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଶୁଭଲକ୍ଷ୍ମୀ ପୃଷ୍ଟି (ଖୁସୀ)**
ରଞ୍ଜାଗୋଳ, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନର ଚଲାପଥ କୁସୁମିତ ହେଉ ଏତିକି କାମନା।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା', ଅଜା, ଆଇ, ରୀନାଅପା, ମାମୁନି, ବର୍ଷା, ଜିଲୁଭାଇ, ଚିଣ୍ଟୁ।
ଧ-୧୫୫୦୬

**୯ମ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ ନନ୍ଦ**
ବଲାଙ୍ଗୀର, ପାଟଣାଗଡ, ଲୁରିଆ
ଆଜି ତୋର ୯ମ ଜନ୍ମଦିନ ଅବସରରେ ପ୍ରଭୁ ଦେବ ଦେବ ମହାଦେବଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ। ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା' ଆମବାପା, ଆମମମି ବାପା, ମା' ବଡ଼ଅପା, ବଡ଼ମାମୁ, ସାନଅପା, କୁମ୍ଭାର ଆଜ୍ଞା, ରୋଜି, ରାକ୍ଷୀ, ମୁନା, ଲୁନା, ଟିନା, ମୁକେଶ, ବସୁମତି, ରେଖା, ରିମା, ପାପୁନି, ଲକ୍ଷ୍ମୀ, ରାଜା, ଦୀପା, ଶକ୍ତି ଓ ପରିବାରବର୍ଗ।
ଧ-୧୫୬୪୩

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**




**ସାସ୍ୱାତ ରଞ୍ଜନ କେତକି (ସ୍ୱାଗତ)**
ପିତା: ରତନ କେତକି
ମାତା: ସନ୍ଧ୍ୟାରାଣୀ କେତକି
ବିଶିକଲୋନୀ, ନୂଆପଡ଼ା
ତୋର ଚତୁର୍ଥ ଜନ୍ମ ଦିବସ ଅବସରରେ ଭଗବାନଙ୍କ ନିକଟରେ ତୋର ଚଲାପଥ କୁସୁମିତ ହେଉ। ଭଗବାନ ତୁମକୁ ବୁଦ୍ଧିବିଦ୍ୟା ପ୍ରଦାନ କରିବା ସହ ଦୀର୍ଘାୟୁ କାମନା କରୁଛୁ।
ଶୁଭେଚ୍ଛା ସହ:
ଟିକେଲାଲ୍, ସଂଯୁକ୍ତା, ଯୁଧିଷ୍ଠିର, ସନାତନ, ଉମାକାନ୍ତୀ, ଚନ୍ଦନ, ଅରୁଣ, ଚୂଡ଼ାମଣୀ, ପିତାମ, ସୀମା, ସ୍ମୃତୀ, ସବିତା, କୁନୁ, କୁନାଲ୍, ସୋମ୍, ତନ୍ମୟ, ଶୁଭମ୍, କ୍ଷୀତେଶ, ଜେଜେମା', ଜେଜେବାପା, ଅଜା, ଆଇ ସହ କେତକୀ ପରିବାର ଓ ବନ୍ଧୁବର୍ଗ।
ଧ-୧୫୭୧୬


## ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ୍
# ତସନିମ୍ ବିଜୟୀ

**ସୁରାବାୟା (ଇଣ୍ଡୋନେସିଆ), ୧୩।୧୨ (ପି.ଟି.):** ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ତସନିମ୍ ମୀର୍ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ବରୁଣ କାପୁର ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗୁଜରାଟର ମୀର ଗତ କିଛି ମାସ ହେଲା ବିଭିନ୍ନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ସେପ୍ଟେମ୍ବରରେ ଦୁବାଇ ଜୁନିୟର ଇଣ୍ଟରନ୍ୟାଶନାଲ ସିରିଜ ଟାଇଟଲ ଜିତି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏଠାରେ ସେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ମାଲେସିଆର ୱେନ୍ ତିସ୍ ଚାନ୍‌ଙ୍କୁ ୨୧-୬, ୨୧-୧୬ରେ ହରାଇ ଦେଇଛନ୍ତି। ମ୍ୟାଚ ଜିତିବା ଲାଗି ସେ ମାତ୍ର ୨୦ମିନିଟ୍ ସମୟ ନେଇଥିଲେ। ମୀର୍ ବର୍ତ୍ତମାନ ଜାପାନର ମାୟା ତାଗୁଚିଙ୍କୁ ଭେଟିବେ। ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମହାରାଷ୍ଟ୍ରର ବରୁଣ କାପୁର ଲଢୁଆ ପ୍ରଦର୍ଶନ କରିଥିଲେ ସୁଦ୍ଧା ଇଣ୍ଡୋନେସିଆର ରେନାଲ୍ଡି ଓକ୍ଟାଭିଏନୁରଙ୍କଠାରୁ ୧୯-୨୧, ୨୧-୨୩ରେ ପରାସ୍ତ ହୋଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୫୦ ମିନିଟ୍ ଧରି ଚାଲିଥିଲା। ୧୫ ବର୍ଷରୁ କମ୍ ବିଭାଗରେ ଏଠାରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଆସାମର ତନ୍ମୟ ବିକାଶ ବରୁଆ ତାଙ୍କ ଓପନିଂ ଗେମ୍‌ରେ ୧୩ ତମ ସିଡ୍ ଡେନମାର୍କର ଫାରେଲ ସାଟିରାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା।

## ନାଲ୍‌କୋ ଓପନ ଟେନିସ ଆରମ୍ଭ
# ଅନମ, ଋତୁପର୍ଣ୍ଣା ସେମିଫାଇନାଲରେ




ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ୟଅତିଥି ଏବଂ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୧୩।୧୨ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଜିଲା ଟେନିସ୍ ଆସୋସିଏଶନ (ବିଡିଟିଏ) ଆନୁକୂଲ୍ୟରେ ୨୧ ତମ ଅଲ ଓଡ଼ିଶା ନାଲ୍‌କୋ ଓପନ୍ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ସିନିୟର ମହିଳା ବିଭାଗରେ ଅନମ ଆଲମାସ ଓ ପୁରୁଷରେ ଅଂଶୁକୁମାର ଭୂୟାଁ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ଡବଲ ବିଜୟ ସହ ଅନମ ଓ ଦ୍ୱିତୀୟ ସିଡ୍ ଋତୁପର୍ଣ୍ଣା ଚୌଧୁରୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଅନମ ଅଣସିଡେଡ ସିମରନ ଏକ୍କାଙ୍କୁ ଭେଟିବେ। ସେହିପରି ଋତୁପର୍ଣ୍ଣା ସେମିରେ ଅଣସିଡେଡ ଦୀକ୍ଷା ରାଉତଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ଅଂଶୁ ପ୍ରଥମ ରାଉଣ୍ଡରେ ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିବାବେଳେ କମଲେଶ ରଥ, ସପ୍ତପୂର୍ଣ୍ଣ ଜେନା, ଅକ୍ଷତ ବେଉରିଆ, ବିଶ୍ୱ ବିସ୍ମିତ ପ୍ରଧାନ, ଦିଶାନ୍ତ ମହାନ୍ତି, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ, ଅଂଶୁମାନ ଆଚାର୍ଯ୍ୟ, ଲଳିତ ଟୁଡୁ ପ୍ରମୁଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି, ବିଡିଟିଏ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଡ. ସରୋଜ କୁମାର ଦାସ ମଜୁମଦାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ୨୦୨୦ରେ ଏଫ୍‌ଆଇଏଚ୍ ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ସିଷ୍ଟମ ଆରମ୍ଭ କରିବ

**ଲାଉସାନେ,୧୩।୧୨(ପି.ଟି.)**

୨୦୨୦ ବର୍ଷ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଶୁକ୍ରବାର ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ଆରମ୍ଭ କରିବ। ଏହି ର୍‍ୟାଙ୍କିଙ୍ଗ୍ ମ୍ୟାଚ୍ ଉପରେ ପର୍ଯ୍ୟବସିତ ହେବ। ପୂର୍ବରୁ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହେଉଥିଲା। ଏହା ଦ୍ୱାରା ଦଳଗୁଡ଼ିକର ସଦ୍ୟ ପ୍ରଦର୍ଶନକୁ ଭିତ୍ତିକରି ର୍‍ୟାଙ୍କିଙ୍ଗ୍ ସ୍ଥିରୀକୃତ ହେବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି।

ଆସନ୍ତା ଜାନୁୟାରୀ ୨ରୁ ଏହି ନୂଆ ପ୍ରଣାଳୀ ଲାଗୁ ହେବ। ଗତ ୧୨ ମାସର ନିରବଚ୍ଛିନ୍ନ କଷ୍ଟସାଧ ରିସର୍ଚ୍ଚ, ଆନାଲିସିସ୍ ଓ ଟେଷ୍ଟିଂ ପରେ ଯାଇ ଏହି ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ଲାଗୁ ହେବ ବୋଲି ଏଫ୍‌ଆଇଏଚ୍ କହିଛି। ଚଳିତ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ୨୦୦୩ରୁ ଲାଗୁ ହୋଇ ଆସୁଥିଲା। ବିଭିନ୍ନ ଟୁର୍ନାମେଣ୍ଟ ପରେ ଯାଇ ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହେଉଥିଲା। ଫଳରେ ଗୋଟିଏ ବର୍ଷରେ ଦେଶ ତଥା ଦଳଗୁଡ଼ିକ ଦୁଇ କିମ୍ବା ୩ଥର ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରୁଥିଲେ। ର୍‍ୟାଙ୍କିଙ୍ଗ୍ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ଏକାଧିକ ପ୍ରତିବନ୍ଧ ରଖାଯାଇଛି ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ପୁରୁଣା ନିୟମରେ ଲୋ ର୍‍ୟାଙ୍କ୍‌ର ଦଳଗୁଡ଼ିକ ପଏଣ୍ଟ ହାସଲ କରିବାରେ ସୀମିତ ସୁଯୋଗ ରହୁଥିଲା। ପ୍ରକୃତରେ ୬୦ ପ୍ରତିଶତ ହକି ମ୍ୟାଚ୍‌ର କୌଣସି ର୍‍ୟାଙ୍କିଙ୍ଗ୍ ପଏଣ୍ଟ ନ ଥିଲା। ଏବେ କିନ୍ତୁ ଏଥିରେ ପରିବର୍ତ୍ତନ ଆସିବ ବୋଲି ଏଫ୍‌ଆଇଏଚ୍ କହିଛି। ନୂଆ ପ୍ରଣାଳୀରେ ଦୁଇ ଦଳ ମଧ୍ୟରେ ଏଫ୍‌ଆଇଏଚ୍ ସ୍ୱୀକୃତିପ୍ରାପ୍ତ ଯେକୌଣସି ମ୍ୟାଚ୍‌ରେ ପଏଣ୍ଟ ଅଦଳବଦଳ ହେବାର ବ୍ୟବସ୍ଥା ରହିଛି। ପଏଣ୍ଟ ଅଦଳବଦଳରେ ୩ଟି ଜିନିଷ ଯଥା ମ୍ୟାଚର ଫଳାଫଳ, ଦଳଗୁଡ଼ିକର ତୁଳନାତ୍ମକ ର୍‍ୟାଙ୍କିଙ୍ଗ୍ ଓ ମ୍ୟାଚ୍ ଗୁରୁତ୍ୱକୁ ଦୃଷ୍ଟିରେ ରଖାଯିବ। ଗୋଟିଏ ବର୍ଷର ଲମ୍ବା ଟ୍ରାଏଲ ପରେ ଏହି ନୂଆ ର୍‍ୟାଙ୍କିଙ୍ଗ୍ ସିଷ୍ଟମ ଲାଗୁ ହେବାକୁ ଯାଉଛି। ତେବେ ଲାଗୁ ହେବାକୁ ଥିବା ନୂଆ ସିଷ୍ଟମରେ ଦଳଗୁଡ଼ିକ ଅଧିକାର କରିଥିବା ଏବେକାର ସ୍ଥାନରେ କୌଣସି ପରିବର୍ତ୍ତନ ହେବ ନାହିଁ। ଅର୍ଥାତ ୨୦୧୯ ଶେଷରେ ଦଳଗୁଡ଼ିକ ହାସଲ କରିଥିବା ର୍‍ୟାଙ୍କିଙ୍ଗ୍ ପଏଣ୍ଟରୁ ନୂଆ ପ୍ରଣାଳୀ ଆରମ୍ଭ ହେବ। ନୂଆ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀରେ ଏଫ୍‌ଆଇଏଚ୍‌ର ସଭ୍ୟ ଦେଶଗୁଡ଼ିକୁ ନୂଆ ସୁଯୋଗ ଦେବାକୁ ଆମର ପ୍ରୟାସ ସବୁବେଳେ ଜାରି ରହିବ ବୋଲି ଏଫ୍‌ଆଇଏଚ୍ ସ୍ପୋର୍ଟ୍ସ ଆଣ୍ଡ ଡେଭଲପମେଣ୍ଟ ଡାଇରେକ୍ଟର ଜନ ୱାଟ୍ କହିଛନ୍ତି।

# କିଟ୍‌ରେ ୨ରୁ ଜାତୀୟ ପୁରୁଷ ଭଲିବଲ୍ କୋଚିଂ କ୍ୟାମ୍ପ୍

**ଭୁବନେଶ୍ୱର,୧୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚାଇନାର ଜିଆଙ୍ଗମେନ୍‌ଠାରେ ଜାନୁୟାରୀ ୭ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ଏସିଆ ପୁରୁଷ ଟୋକିଓ ଭଲିବଲ୍ କ୍ୱାଲିଫିକେଶନ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏହି ମେଗା ଇଭେଣ୍ଟ ସକାଶେ ଭାରତୀୟ ପୁରୁଷ ଦଳ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ କୋଚିଂ କ୍ୟାମ୍ପ ଆୟୋଜନ କରାଯିବ। ଏହା ୨ରୁ ଆରମ୍ଭ ହୋଇ ୪ ତାରିଖରେ ଶେଷ ହେବ। ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ଏହି କୋଚିଂ କ୍ୟାମ୍ପ ଆୟୋଜନ କରିବାକୁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)କୁ ଦାୟିତ୍ୱ ଦେଇଛି। କ୍ୟାମ୍ପ ସରିବା ପରେ ଭାରତୀୟ ଦଳ ସିଧା ଚାଇନାର ଜିଆଙ୍ଗ୍‌ମେନ ଯାତ୍ରା କରିବ। ଭାରତୀୟ ଦଳରେ ୧୪ ଖେଳାଳି ସାମିଲ ହୋଇଛନ୍ତି। ଦଳ ସହ ୩ କୋଚ୍, ଜଣେ ଫିଜିଓଥେରାପିଷ୍ଟ, ଜଣେ ମ୍ୟାନେଜର ଓ ଜଣେ ରେଫରି ମଧ୍ୟ ଯାତ୍ରା କରିବେ।

## ଇଷ୍ଟ୍ ଇଣ୍ଡିଆ ଓପନ ସ୍ନୁକର
# ପ୍ରି-କ୍ୱାର୍ଟରରେ ସୁବ୍ରତ





**ଭୁବନେଶ୍ୱର,୧୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ପାଟଣାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁବ୍ରତ ଦାସ ରାଉଣ୍ଡ ଅଫ୍ ୧୬ ବା ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପାଟଣାର ଆଡିକ୍ସନ ସ୍ନୁକର ସେଣ୍ଟରରେ ଚାଲିଥିବା ଏହି ପ୍ରତିଯୋଗିତାରେ ସୁବ୍ରତ ୩-୦ରେ ପୂର୍ବତନ ବିହାର ଜୁନିୟର ଚାମ୍ପିୟନ ଉତ୍କର୍ଷ ସିଂଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ୪ ଦିନଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଥିବା ସୁବ୍ରତଙ୍କ ସମେତ ପୂର୍ବ ଭାରତର ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହି ଚାମ୍ପିୟନଶିପ୍‌ରେ ସୁବ୍ରତଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଜାତୀୟ ସର୍କିଟରେ ସୁବ୍ରତ ଶ୍ରେଷ୍ଠ ୩୨ରେ ସ୍ଥାନ ପାଇଛନ୍ତି।

## ରାୱଲପିଣ୍ଡି ଟେଷ୍ଟ
# ତୃତୀୟ ଦିବସରେ ୫.୨ ଓଭର ଖେଳ

**ରାୱଲପିଣ୍ଡି, ୧୩।୧୨**

ଏଠାରେ ଚାଲିଥିବା ପାକିସ୍ତାନ-ଶ୍ରୀଲଙ୍କା ପ୍ରଥମ କ୍ରିକେଟ ଟେଷ୍ଟ ବର୍ଷା ଯୋଗୁ କ୍ରମାଗତ ତୃତୀୟ ଦିବସ ପାଇଁ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ତୃତୀୟ ଦିବସରେ ମାତ୍ର ୫.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏହି ସମୟ ମଧ୍ୟରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୯ ରନ ସଂଗ୍ରହ କରିଛି। ଆଲୋକ କମିଯିବାରୁ ଶୀଘ୍ର ଷ୍ଟମ୍ପ ପାଇଁ ଅମ୍ପାୟର ନିଷ୍ପତ୍ତି ନେଇଥିଲେ। ସେତେବେଳକୁ ଶ୍ରୀଲଙ୍କା ୬ ଉଇକେଟ ବିନିମୟରେ ୨୮୨ ରନ ସଂଗ୍ରହ କରିଥିଲା। ଧନଞ୍ଜୟ ଡି'ସିଲଭା ୮୭ ଓ ଦିଲରୁୱାନ ପେରେରା ୬ ରନ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୮୨/୬(ଧନଞ୍ଜୟ-୮୭*, ଦିମୁଥ କରୁଣାରତ୍ନେ-୫୯, ଓଶାଡା ଫର୍ନାଣ୍ଡୋ-୪୦, ଡିକ୍‌ୱେଲା-୩୩, ଆଞ୍ଜେଲୋ ମାଥ୍ୟୁସ-୩୧, ଶାହିନ ଆଫ୍ରିଦୀ-୨/୫୮, ନସିମ ଶାହ-୨/୮୩, ଉସମାନ ଶିନ୍‌ୱାରି-୧/୫୪, ମହମ୍ମଦ ଆବାସ-୧/୫୬)।



ପ୍ରଶଂସକଙ୍କ ସହ ସେଲ୍‌ଫି ନେଉଛନ୍ତି ପାକିସ୍ତାନ କ୍ରିକେଟର ବାବର ଆଜମ୍।

# ନେଟ୍ସରେ ବୋଲିଂ କରିବେ ବୁମ୍‌ରା

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ଆହତ ହୋଇଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ରିହାବିଲିଟେଶନରେ ରହିଥିବା ବେଳେ ଏବେ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏଥିପାଇଁ ତାଙ୍କୁ ଫିଟ୍‌ନେସର ପ୍ରମାଣ ଦେବାକୁ ହେବ। ଫଳରେ ୧୮ ତାରିଖରେ ବିଶାଖାପାଟଣାରେ ଖେଳାଯିବାକୁଥିବା ଦ୍ୱିତୀୟ ଦିନିକିଆ ପୂର୍ବରୁ ତାଙ୍କୁ ନେଟ୍ସରେ ବୋଲିଂ କରିବା ସହ ଭାରତୀୟ ଦଳ ସହ ସମୟ ବିତାଇବାକୁ ହେବ। ଏହା ପରେ ତାଙ୍କ ଫିଟ୍‌ନେସ ନେଇ ଆକଳନ କରାଯିବ। ଏଥି ସହିତ ସେ ଦଳକୁ କେବେ ପ୍ରତ୍ୟାବର୍ତ୍ତନ କରିବେ ସେ ନେଇ ମଧ୍ୟ ସ୍ଥିତି ସ୍ପଷ୍ଟ ହେବ। ୧୫ ତାରିଖରେ ଚେନ୍ନାଇରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ।

ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ ବୁମ୍‌ରା ଷ୍ଟ୍ରେସ୍ ଫ୍ରାକ୍‌ଚର ଯୋଗୁ ଆହତ ହୋଇଥିଲେ ମଧ୍ୟ ସମୟକ୍ରମେ ସୁସ୍ଥତା ଲାଭ କରିଛନ୍ତି। ଆସନ୍ତାବର୍ଷ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ଏବେ ସେ ନିୟମ ଅନୁସାରେ ଭାରତୀୟ ଦଳ ସହ ନେଟ୍ ସେସନରେ ସାମିଲ ହେବେ। ନୂଆ ନିୟମ ଅନୁସାରେ ଯେକୌଣସି ଆଘାତପ୍ରାପ୍ତ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ପ୍ରଥମେ ରିହାବିଲିଟେଶନ ପ୍ରୋଗ୍ରାମ୍‌ରେ ସାମିଲ ହେବା ଜରୁରୀ। ଏହାପୂର୍ବରୁ ଅନ୍ୟତମ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଫିଟ୍‌ନେସ ନେଇ ବାଂଲାଦେଶ ବିପକ୍ଷ ଟେଷ୍ଟ ପୂର୍ବରୁ ଇନ୍ଦୋରରେ ଟେଷ୍ଟ କରାଯାଇଥିଲା। ଯଦିଓ ସେ ସେତେବେଳେ ଦଳରେ ନ ଥିଲେ।

ବୁମ୍‌ରାଙ୍କ ଭଳି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ରିହାବିଲିଟେଶନରେ ରହିଛନ୍ତି। ତେବେ ୨୬ ବର୍ଷୀୟ ବୁମ୍‌ରା ଆଗାମୀ ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର ସିରିଜ ପୂର୍ବରୁ ଦଳକୁ ଫେରିବାର ସମ୍ଭାବନା କମ୍ ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହେବା ପୂର୍ବରୁ ସେ ଗୋଟିଏ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ବୁମ୍‌ରା ପ୍ରଥମେ ଭାରତ ଏ' ଦଳ ପାଇଁ ଖେଳିବାର ସମ୍ଭାବନା ରହିଛି। ଉଲ୍ଲେଖଥାଉ କି, ବୁମ୍‌ରା ଏପର୍ଯ୍ୟନ୍ତ ୧୨ ଟେଷ୍ଟ ଖେଳି ୬୨, ୫୮ ଦିନିକିଆ ଖେଳି ୧୦୩ ଓ ୪୨ ଟି୨୦ ଖେଳି ୫୧ଟି ଉଇକେଟ ହାସଲ କରିଛନ୍ତି।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ଶ୍ରୀଯୁକ୍ତ ଅର୍ଜ୍ଜୁନ ମିଶ୍ର**
ଶାସନ ଦାମୋଦରପୁର, ପୁରୀ
ଆବିର୍ଭାବ: ୨୩।୧୦।୩୪
ତିରୋଧାନ: ୦୫।୧୨।୧୯
ଆପଣଙ୍କର ହଠାତ୍ ବିୟୋଗରେ ଆମ୍ଭେ ସ୍ତବ୍ଧ ଓ ମର୍ମାହତ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର: ମକୁନ୍ଦ, ମନମୋହନ, ପୁତ୍ରବଧୂ: ମନି, ରିନି, ଝିଅ: ବିଲୁ, ପୁନି, ପିଙ୍କି, ଲକି, ନାତି: ଗୋବିନ୍ଦ, ନାତୁଣୀ: ଖୁସି, ଲୁସି, ଆୟୁଷୀ, ପାରସୀ, କୁନୁଲୁ, ଜ୍ୱାଇଁ: ଅଲୁ, ରାମ, ଲକ୍ଷ୍ମୀଧର, ପୁତୁରା, ଝିଆରୀ ଓ ମିଶ୍ର ପରିବାର।
ଧ-୬୮୮୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଛୋଟରାୟ**
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୫।୧୯୨୩
ତିରୋଧାନ: ୧୬।୧୨।୨୦୧୬
ଏହା ଭିତରେ ତିନିବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ
ପୁତ୍ର: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୭୨୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତା ବିଦ୍ୟୁଲତା ଛୋଟରାୟ**
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୧୪।୧୨।୨୦୧୫
ଏହା ଭିତରେ ଚାରିବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପୁଅ: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୭୨୫

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଯମୁନା ବେହେରା**
ବାଲୁଅ, ରାମକୃଷ୍ଣପୁର, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୦୪।୧୨।୨୦୧୯
ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ହରିଶ୍, ରବୀନ୍ଦ୍ର, ଖଗେଶ୍ୱର, ରିଆ, ସାଇପ୍ରିୟା, ସୁନା, ସତ୍ୟ,ସିଧୁ, ଶିବା, ସରୋଜ, ମନୋଜ।
ଧ-୧୫୭୧୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଯୁଗଳ କିଶୋର ଦାସ**
ଦତ୍ତତୋଟା, ପୁରୀ
ଆବିର୍ଭାବ- ୧୦.୧୦.୧୯୩୧
ତିରୋଧାନ- ୨୪.୧୨.୨୦୧୮
ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମରାତ୍ମା ଚିରକାଳ ଶାନ୍ତିରେ ବିଚରଣ କରୁ।
ଶୋକସନ୍ତପ୍ତ:
ପତ୍ନୀ,ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଏବଂ ବନ୍ଧୁବର୍ଗ।
ଧ-୬୮୯୨୬




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ଟ୍ରେନ୍‌ଲାଇନ୍ କଡ଼ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା**

# ପରିବାରକୁ ଭେଟିଲେ ମହିଳା କମିଶନ ଅଧ୍ୟକ୍ଷା

ପାରାଦୀପ,୧୩।୧୨(ସ୍ୱ.ପ୍ର.)


ନଭେମ୍ବର ୧୦ ତାରିଖରେ କଟକ-ପାରାଦୀପ ରେଳପଥର ବନ୍ଧବାଟି ନିକଟରୁ କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ଓଝାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉକ୍ତ ଘଟଣାରେ ପରିବାର ଲୋକେ ତାଙ୍କର ଦୁଇ ସହପାଠୀଙ୍କ ନାଁରେ ହତ୍ୟା ଅଭିଯୋଗ କରିଥିଲେ। ଜିଆରପି ପ୍ରଥମେ ଅପମୃତ୍ୟୁ ଓ ପରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଏହି ଘଟଣା ବିଧାନସଭାଠାରୁ ଆରମ୍ଭ କରି ମହିଳା କମିଶନ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ପହଞ୍ଚିଲାଣି। ଘଟଣାର ମାସକ ପରେ ଅର୍ଥାତ ଶୁକ୍ରବାର ମହିଳା କମିଶନ ଅଧ୍ୟକ୍ଷା ନମିତା ବେହେରା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଚୁନବେଲାରୀସ୍ଥ ଶୁଭଲକ୍ଷ୍ମୀଙ୍କ ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହିତ ସମଗ୍ର ଘଟଣା ସମ୍ପର୍କରେ ଛାତ୍ରୀଙ୍କ ମା'ବାପାଙ୍କଠାରୁ ପଚାରି ବୁଝିଛନ୍ତି। ଅପରପକ୍ଷେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଛାତ୍ରୀଙ୍କ ବାପା ରମେଶ ଓଝା ଏହି ମାସକ ମଧ୍ୟରେ ଏକାଧିକ ଶାସକ-ପ୍ରଶାସକଙ୍କୁ ଭେଟି ସାରିଲେଣି। ସବୁଆଡୁ ନିରାଶ ହେବା ପରେ ସେ ଓ ତାଙ୍କ ଗ୍ରାମବାସୀ ଆସନ୍ତା ୧୮ରେ ଗ୍ରାମ ସୀମା ବଗଦିଆ ଷ୍ଟେଶନଠାରେ ରେଳରୋକୋ କରିବେ ବୋଲି ୪ ଦିନ ହେଲା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏହି ଡାକରା ପରେ ଶୁକ୍ରବାର



ମହିଳା କମିଶନ ଅଧ୍ୟକ୍ଷା ଚୁନବେଲାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**୧୮ରେ ରେଳରୋକୋ ପାଇଁ ଦାବିପତ୍ର**

ଆରପିଏଫ୍ ଇନ୍ସପେକ୍ଟର ପି.କୁମାର ସୂଚନା ଦେଇଛନ୍ତି ଯେ, ୧୮ ତାରିଖରେ ଡାକରା ଦିଆଯାଇଥିବା ରେଳରୋକୋକୁ ପ୍ରତ୍ୟାହାର କରାଯାଉ। ଏହା ନହେଲେ ରେଳ ଅଧିନିୟମ ଧାରା ୧୭୪ (ଏ) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରମେଶଙ୍କ ଅଭିଯୋଗ ଆଧାରରେ ଜିଆରପି ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ସେ ଦର୍ଶାଇଛନ୍ତି। ଅପରପକ୍ଷେ ଛାତ୍ରୀଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଦୁର୍ଘଟଣା ବୋଲି ଦର୍ଶାଯାଇଛି।









ସର୍ବଦା ପ୍ରାର୍ଥନା କର, ଯେପରି ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



# ବିପର୍ଯ୍ୟସ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

- କେଉଁଠି ଆରମ୍ଭରୁ ବନ୍ଦ ତ ଆଉ କେଉଁଠି ନିଅଣ୍ଟ
- ବହୁ ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ

**ଗଣିଆ, ୧୩।୧୨(ଡି.ଏନ.ଏ.)**

ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏ ନେଇ ପାନୀୟ ଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରତିବର୍ଷ ନୂତନ ପ୍ରକଳ୍ପ ଓ ମରାମତି ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ନୟାଗଡ ଜିଲା ଗଣିଆ ବ୍ଲକରେ ଜଳ ଯୋଗାଣ ପ୍ରକଳ୍ପଗୁଡିକ ମଧ୍ୟରୁ ବହୁ ପ୍ରକଳ୍ପ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। କେଉଁଠି ନୂତନ ପ୍ରକଳ୍ପ ଆରମ୍ଭରୁ ଅଚଳ ହୋଇ ବହୁ ଦିନ ଧରି ପଡିରହିଥିବା ବେଳେ ଅଧିକାଂଶ ପ୍ରକଳ୍ପ ବାରମ୍ବାର ମରାମତି କଲାପରେ ବି ଲୋକଙ୍କୁ ଆବଶ୍ୟକ ପରିମାଣର ପିଇବା ପାଣି ଯୋଗାଇ ଦିଆଯାଉନାହିଁ । ତେବେ ପ୍ରତିବର୍ଷ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମରାମତି ଓ ରଙ୍ଗ ଦେବା ନାମରେ ଖର୍ଚ୍ଚ କରାଯାଉଥିବା ଅର୍ଥକୁ ନେଇ ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଏହି ବ୍ଲକର ଛାମୁଣ୍ଡିଆ ପଞ୍ଚାୟତର ହରିପୁର ଗ୍ରାମ ପାଇଁ ନିର୍ମିତ



ଆରମ୍ଭରୁ ଅଚଳ ହୋଇ ପଡିଥିବା ହରିପୁର ପାନୀୟଜଳ ଯୋଗାଣ ପ୍ରକଳ୍ପ।

ଜଳ ଯୋଗାଣ ପ୍ରକଳ୍ପଟି ଗତ ୧୦ବର୍ଷ ଧରି ଆରମ୍ଭରୁ ଅଚଳାବସ୍ଥାରେ ପଡିରହିଛି। ତେବେ ପ୍ରକଳ୍ପଟିକୁ ମରାମତି କରା ନ ଯାଇ ପ୍ରତିବର୍ଷ ପମ୍ପ ହାଉସଟିକୁ କେବଳ ରଙ୍ଗ କରାଯାଇ ବିଲ କରାଯାଉଛି। ଏହି ପ୍ରକଳ୍ପ ଉପରେ ହରିପୁର, ଗୋପୀନାଥପୁର ଓ ଛାମୁଣ୍ଡିଆ ଗ୍ରାମର ୨ଟି ସାହି ବାସିନ୍ଦା ପିଇବା ପାଣି ପାଇଁ ନିର୍ଭର କରିଥାନ୍ତି । ଗ୍ରାମବାସୀଙ୍କ ତରଫରୁ ବହୁବାର ସ୍ଥାନୀୟ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲିଖିତ ଓ ମୌଖିକ ଭାବେ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ ବୋଲି ହରିପୁର ଗ୍ରାମର ଦୁଆରି ବେହେରା କୁହନ୍ତି । ସେହିପରି ଏହି ପଞ୍ଚାୟତର ବେଣ୍ଟପଡା, ବଡମୂଳ, ବେଠିଆସାହି ଓ ମହୁକଣ ଆଦି ଗ୍ରାମରେ ଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଫଳରେ ବେଣ୍ଟପଡା ଓ ବଡମୂଳ ମାଳିସାହି ଗ୍ରାମର ମହିଳାମାନେ ମହାନଦୀରୁ ଓ ମହୁକଣ, ଛାଡମୂଳ ଗ୍ରାମର ଲୋକମାନେ ବୃଉଙ୍ଗ ନଦୀରୁ ପିଇବା ପାଣି ସଂଗ୍ରହ କରୁଛନ୍ତି । ସେହିପରି ବେଲପଡାପାଟଣା ପଞ୍ଚାୟତର ରାଉତପଡା ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି । ଏହି ଅଚଳ ପ୍ରକଳ୍ପ ମରାମତି ପାଇଁ ଗ୍ରାମବାସୀଙ୍କ ତରଫରୁ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଗୁହାରି କଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବ୍ଲକର ଏହି କେତୋଟି ଗ୍ରାମ ସହ ଅନେକ ଗ୍ରାମର ବାସିନ୍ଦା ପାନୀୟ ଜଳ କଷ୍ଟ ଭୋଗୁଛନ୍ତି। ତେବେ ପାନୀୟ ଜଳ ସମସ୍ୟାର ସୁଧାର ପାଇଁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଦିନକୁ ଦିନ ଏହି ସମସ୍ୟା ବ୍ଲକର ବିଭିନ୍ନ ଗ୍ରାମରେ ଉତ୍କଟ ହେବାକୁ ଲାଗିଛି। ଅପରପକ୍ଷେ ବିଶୁଦ୍ଧ ପାନୀୟ ଜଳ ବଦଳରେ ନଳକୂପ, କୂଅ, ପୋଖରୀ ଓ ନଦୀର ଗୋଳିଆ ପାଣି ପିଇବା ଦ୍ୱାରା ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗଣିଆ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ (୨) ଶୁଭ୍ରାଂଶୁ ଶେଖର ରଣାଙ୍କୁ ପଚାରିବାରୁ ପାଇଖାନା ନିର୍ମାଣ ପାଇଁ ବ୍ୟସ୍ତ ରହିଛି, କାର୍ଯ୍ୟାଳୟକୁ ଆସିଥିବା ଅଭିଯୋଗ ପତ୍ର ଦେଖିଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## କୁମ୍ଭକାର ନିଯୋଗ ସାଧାରଣ ସଭା
## ୧୫ରେ ହାଣ୍ଡିକୁଡୁଆ ଗଢା ଅନୁକୂଳ

**ପୁରୀ ଅଫିସ, ୧୩।୧୨**

ଆସନ୍ତା ୧୫ ତାରିଖ ରବିବାର ସୂର୍ଯ୍ୟୋଦୟଠାରୁ ସକାଳ ୭ଟା ୧୯ ମିନିଟ୍ ମଧ୍ୟରେ ଆଗାମୀ ବର୍ଷ ନିମନ୍ତେ ହାଣ୍ଡିକୁଡୁଆ ଗଢିବା କାର୍ଯ୍ୟର ଅନୁକୂଳ କରାଯିବ। ଚଳିତ ପୌଷ ମାସ କୃଷ୍ଣପକ୍ଷ ତୃତୀୟା ତିଥି ଜୟା ଅର୍କବାସରେ ରବି ପୁଷ୍ୟା ଯୋଗରେ ପଣ୍ଡିତଙ୍କ ବିଚାର କ୍ରମେ ଏହି ଶୁଭ ଅନୁକୂଳ ସମୟ ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ଶରଧାବାଲିସ୍ଥିତ କୁମ୍ଭକାର ନିଯୋଗ କାର୍ଯ୍ୟାଳୟ ପରିସରରେ ନିଯୋଗର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପରୋକ୍ତ ସମୟ ସ୍ଥିର କରାଯାଇଛି। ଆସନ୍ତା ରବିବାର ସକାଳ ୭ଟା ୧୯ ମିନିଟ୍ ମଧ୍ୟରେ ସମସ୍ତ କୁମ୍ଭକାର ଏକକାଳୀନ ହାଣ୍ଡିକୁଡୁଆ ଗଢା କାମ ଆରମ୍ଭ କରିବା ପାଇଁ ଘୋଷଣା କରାଯାଇଥିଲା। ସମ୍ପାଦକ ମହେନ୍ଦ୍ର ବିଶୋଇ ବିବରଣୀ ପାଠ କରିଥିଲେ। ପୁରୀ ସହରର କୁମ୍ଭାରପଡ଼ା, ଟିକରପଡ଼ା, ଜେନାପୁର, ନୂଆସାହି ଅଞ୍ଚଳରେ ନିଯୋଗ ସଦସ୍ୟମାନେ ନିର୍ଦ୍ଧାରିତ ଶୁଭ ସମୟରେ ହାଣ୍ଡିଗଢା ଅନୁକୂଳ କରିବା ପାଇଁ ଜଣାଇ ଦିଆଯାଇଛି।

## ସଂକ୍ଷେପରେ

### ସୂଚନା କେନ୍ଦ୍ର ପାଲଟିଛି ଜୋତା ଷ୍ଟାଣ୍ଡ

**ପୁରୀ ଅଫିସ, ୧୩।୧୨:** ଶ୍ରୀମନ୍ଦିର ସୁରକ୍ଷା ଲାଗି ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ସିଂହଦ୍ୱାର ନିକଟରେ ଥିବା ସୂଚନାକେନ୍ଦ୍ର ମଧ ବାଦ ପଡ଼ିନି। ପରେ ପ୍ରଶାସନ ପକ୍ଷରୁ ଏକ କଣ୍ଟେନରରେ ଅସ୍ଥାୟୀ ଭାବେ ଏହି କେନ୍ଦ୍ର ଚାଲିଛି। ତେବେ ସୂଚନା କେନ୍ଦ୍ର ଏବେ ଜୋତା ଷ୍ଟାଣ୍ଡ ପାଲଟିଛି। ଶୁକ୍ରବାର ସୂଚନା କେନ୍ଦ୍ରରେ ମାଲ ମାଲ ଚପଲ ଏବଂ ବ୍ୟାଗ ରହିଥିବା ବେଳେ କେନ୍ଦ୍ର ପରିସରରେ କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ। ସୂଚନା ଲାଗି କେନ୍ଦ୍ର ନିକଟକୁ ଯାଇଥିବା କେତେଜଣ ଭକ୍ତ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ କେତେଜଣ ଭକ୍ତ ଗଣମାଧମ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ନେବାରେ ଜଣାପଡିଥିଲା ଯେ, କୋଣାର୍କରେ ଚାଲିଥିବା ଡାକ୍ତରଙ୍କ କର୍ମଶାଳାରେ ଯୋଗଦାନ କରିଥିବା ଏକାଧିକ ଡାକ୍ତର ଶୁକ୍ରବାର ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିଲେ। ସେମାନେ ନିଜ ଜୋତା ଏବଂ ସାଥିରେ ଧରିଥିବା ବ୍ୟାଗ ସୂଚନା କେନ୍ଦ୍ରରେ ରଖି ଶ୍ରୀମନ୍ଦିର ଯାଇଥିଲେ। ଅସ୍ଥାୟୀ କଣ୍ଟେନରରେ ଅଧିକାଂଶ ସମୟ କର୍ମଚାରୀମାନେ ରହୁ ନ ଥିବା କେତେଜଣ ଭକ୍ତ ଗଣମାଧମକୁ କହିଛନ୍ତି। ଶ୍ରୀମନ୍ଦିରକୁ ଦର୍ଶନ ଲାଗି ଆସୁଥିବା ଭକ୍ତଙ୍କ ସୁବିଧା ସକାଶେ ଏହି ସୂଚନା କେନ୍ଦ୍ରର ବ୍ୟବସ୍ଥା ରହିଥିବାବେଳେ ଏହା କାମରେ ନ ଆସିବା ଯୋଗୁ ଭକ୍ତମାନେ ଅସୁବିଧା ଭୋଗୁଛନ୍ତି।

### ଜାନକୀ ପାଢୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବୋଲଗଡ, ୧୩।୧୨(ଡି.ଏନ.ଏ.)-** ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମରେ ଶୁକ୍ରବାର ଜାନକୀ ପାଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ବୋଲଗଡ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଫୁଟବଲ ଟିମ ଅଂଶଗ୍ରହଣ କରିବେ। ମୁଖ୍ୟ ଅତିଥି ଭାବେ କଳିଙ୍ଗ ଭାରତୀ ରେସିଡେନ୍‌ସିଆଲ କଲେଜର ଚେୟାର ପର୍ସନ ଲୁସି ମହାପାତ୍ର ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡା, ସାମାଜିକ କର୍ମୀ କୃଷ୍ଣ ମୋହନ ପାଲଟାସିଂହ, ପ୍ରଧାନ ଶିକ୍ଷକ ମାଗୁଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ଦିବସର ମ୍ୟାଚ ବ୍ରହ୍ମପୁରର ପତିତପାବନ କ୍ଲବ ଏବଂ ନୟାଗଡର ଆରକେ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି ମ୍ୟାଚରେ ନୟାଗଡ ଟିମ ଟାଇବ୍ରେକର ୩-୨ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି । ମ୍ୟାଚ ପ୍ରଥମାର୍ଦ୍ଧର ୨୩ ତମ ମିନିଟରେ ବ୍ରହ୍ମପୁର ଟିମର ୭ ଜର୍ସି ଖେଳାଳି ବିଜୟ ଗୋଟିଏ ଗୋଲ ସ୍କୋର କରିଥିଲେ । ମାତ୍ର ଦ୍ୱିତୀୟାର୍ଦ୍ଧର ୩୪ତମ ମିନିଟରେ ନୟାଗଡର ୪ନଂ ଜର୍ସି ଖେଳାଳି ଦିପୁ ଗୋଟିଏ ଗୋଲ ସ୍କୋର କରିବା ଫଳରେ ମ୍ୟାଚ ବରାବର ସ୍ଥିତିକୁ ଆସିଥିଲା । ପରେ ଟାଇବ୍ରେକର ସହାୟତାରେ ନୟାଗଡ ଟିମ ବିଜୟୀ ହୋଇଥିଲା । ସୁଶାନ୍ତ କୁମାର ମିଶ୍ର ଖେଳ ପରିଚାଳନା କରିଥିଲା ବେଳେ ରବିନାରାୟଣ ରଣା, ସୁକାନ୍ତ ପ୍ରଧାନ ଲାଇନ୍ସରେ ସହାୟତା କରିଥିଲେ । ଭଞ୍ଜ କିଶୋର ଯତି ୪ର୍ଥ ରେଫରି ଭାବେ କାର୍ଯ୍ୟ ତୁଲାଇଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ନୟାଗଡ଼ ଅଫିସ, ୧୩।୧୨-**ନୟାଗଡ଼ ଜିଲାର ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ପଟ୍ଟନାୟକଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିବା ବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର ନିକଟରେ ଥିବା ତାଙ୍କ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଜିଲାର ବିଭିନ୍ନ ବିଦ୍ୟାଳୟରେ ଇଂରାଜୀ ଓ ସାହିତ୍ୟ ବିଷୟରେ ଶିକ୍ଷାଦାନ କରୁଥିଲେ। ବହୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ମଧ ସେ ଦାୟିତ୍ୱ ତୁଲାଇଲେ। ଖାଲି ଶିକ୍ଷାଦାନ ନୁହେଁ ଅଭିନୟ ଓ ସାହିତ୍ୟ କ୍ଷେତ୍ରରେ ମଧ ଫକୀରଙ୍କ ଅବଦାନ ରହିଥିଲା। ବିଭିନ୍ନ ନାଟକରେ ସେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ମଧ ଦେଇଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

- ନିର୍ବାହୀତ୍‌ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଘଟଣା

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପେଣ୍ଠସ୍ଥଳୀ ନୟାଗଡ଼: କଂଗ୍ରେସ

**ନୟାଗଡ଼ ଅଫିସ, ୧୩।୧୨**

ନୟାଗଡ ଜିଲା ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି। ନୟାଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ-୧ ର ନିର୍ବାହୀ ଯନ୍ତ୍ରୀ ଶିଶିର ରଞ୍ଜନ ପୃଷ୍ଟି ଗୁରୁବାର ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରିପ୍ରେକ୍ଷୀରେ ଏହି ସମ୍ମିଳନୀ କରାଯାଇଥିଲା। ଏଭଳି ଘଟଣାକୁ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରଶ୍ରୟ ଦେଉଥିବା କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହିତ ଆଗାମୀ ଦିନରେ ଜିଲା କଂଗ୍ରେସ କମିଟି ରାଜ୍ୟ ସରକାରଙ୍କ '୫ଟି' ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନଙ୍କୁ ଭେଟିବ ବୋଲି ପୂର୍ବତନ ସଭାପତି ରଣଜିତ ଦାଶ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରଣଜିତଙ୍କ ସୂଚନା ଅନୁସାରେ ଗତ ୮ ମାସ ମଧ୍ୟରେ ଜିଲାରେ ୩ ଜଣ ନିର୍ବାହୀ ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି। ପ୍ରଥମେ ଗ୍ରାମ୍ୟ ନିର୍ମାଣ ବିଭାଗ-୨ର ଯନ୍ତ୍ରୀ ପ୍ରାଣକୃଷ୍ଣ ପ୍ରସାଦ ବିଲ୍ କରାଇଦେବା ପାଇଁ ଏକ ଠିକାସଂସ୍ଥାଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ସେହିଭଳି କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ବର୍ତ୍ତମାନ ଗ୍ରାମ୍ୟ ନିର୍ମାଣ ବିଭାଗ-୧ ର ନିର୍ବାହୀ ଯନ୍ତ୍ରୀ ଶିଶିର ରଞ୍ଜନ ପୃଷ୍ଟି ଅନୈତିକ ଉପାୟରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ରାଜ୍ୟରେ ନବୀନ ସରକାର ସ୍ୱଚ୍ଛତା ପାଇଁ ୫ଟିକୁ ଆପଣାଇଥିବା ବେଳେ ଜିଲାରେ କିନ୍ତୁ ଏହା ପ୍ରଭାବହୀନ ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷେ ବୁଧବାର ଓଡ଼ଗାଁରେ ଅନୁଷ୍ଠିତ ଏକ ସଭାରେ ନିର୍ବାହୀ ଯନ୍ତ୍ରୀ ଶିଶିର ଓ ମନ୍ତ୍ରୀ ସାହୁଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାର ଏକ ଅନ୍ତରଙ୍ଗ ମୁହୂର୍ତ୍ତ ଦୃଶ୍ୟକୁ ନେଇ କଂଗ୍ରେସ କଟାକ୍ଷ କରି ଦିନବେଳା ଯନ୍ତ୍ରୀଙ୍କୁ ଫୁଲମାଳ ଓ ରାତିରେ ହାତକଡା ବୋଲି କହିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ହୁସେନ ଖାଁ, କମଳ ଚରଣ ସାହୁଙ୍କ ସମେତ ଅନ୍ୟ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ।

## 'ସମାଜ, ରାଷ୍ଟ୍ରର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅ'

**ପୁରୀ ଅଫିସ, ୧୨।୧୨**

ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତି ମାନବୀୟ ମୂଲ୍ୟବୋଧର ପରିଚୟ ବହନ କରିଛି। ଜୀବନ ମୂଲ୍ୟଭିତ୍ତିକ ଶିକ୍ଷା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ। ସମାଜ ପ୍ରତି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ଓ ସମାଜର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅନ୍ତୁ। ସେବା ଓ ସମର୍ପିତ ଭାବ ନେଇ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ ବୋଲି ଆରଏସ୍‌ଏସ୍‌ର ଓଡ଼ିଶା ପୂର୍ବର ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ କହିଛନ୍ତି। ଶୁକ୍ରବାର ଶରଧାବାଲିଠାରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଜ୍ଞାନ ମନ୍ଦିର (ଯୁକ୍ତ୨-ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ)ର ବାର୍ଷିକୋତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶ୍ୱାଳ ଜ୍ଞାନ, ଚରିତ୍ର, ସଂସ୍କୃତି, ରାଷ୍ଟ୍ରୀୟତା ଓ ସଂସ୍କାର ଯୁକ୍ତ ଶିକ୍ଷା ହିଁ ସମାଜ ଲାଗି ଆବଶ୍ୟକ ରହିଛି ବୋଲି ସେ କହିଥିଲେ। ପରିଚାଳନା ସଭାପତି ଡ.ସୁନୀଲ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଶିଶୁମନ୍ଦିର ସମ୍ପାଦକ ପ୍ରିୟରଞ୍ଜନ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ ଓ ଜ୍ଞାନମନ୍ଦିର ପ୍ରଧାନାଚାର୍ଯ୍ୟ ରଙ୍ଗଲତା ସାହୁ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ।

## ସନ୍ତାନଙ୍କ ଶୁଭ କାମନାରେ ଦାଣ୍ଡପହଁରା ଓଷା



ମହିଳାମାନେ ଦାଣ୍ଡପହଁରା ଓଷା ପାଳନ କରୁଛନ୍ତି।

**ଖଣ୍ଡପଡା, ୧୩।୧୨(ସ୍ୱ.ପ୍ର.)**

ସନ୍ତାନମାନଙ୍କ ଶୁଭ କାମନା କରି ଶୁକ୍ରବାର କଣ୍ଟିଲୋ, ଖଣ୍ଡପଡା ଓ ଏହାର ଆଖପାଖ ବଳରାମପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ଧାନଚେଙ୍ଗଡା, ପଥରଚକଡା ଆଦି ଅଞ୍ଚଳରେ ପାରମ୍ପରିକ ଦାଣ୍ଡପହଁରା ବା ବାଟଓଷା ପାଳିତ ହୋଇଯାଇଛି । ମହିଳାମାନେ ସନ୍ଧ୍ୟାରେ ଅପମାରଙ୍ଗ ଗଛରେ ପହଁରା ପ୍ରସ୍ତୁତ କରି ଆୟୋଜିତ ଓଷା ସ୍ଥଳକୁ ଓଳାଇଥିଲେ। ପରେ ବାଲିରେ ମୂର୍ତ୍ତି ସ୍ଥାପନ କରି ନୈବେଦ୍ୟ ଦେଇ ପୂଜା କରିଥିଲେ ।

ଏହି ଓଷା ପାଳନ କରିବା ସମ୍ପର୍କରେ ପୁରାଣରୁ ଜଣାଯାଏ ଯେ, ପୂର୍ବେ ଜଣେ ସାଧବ ବୋହୂ କେତେକ ପିଲାଙ୍କୁ ଛେନା ଗୁଡ ବାଣ୍ଟୁଥିବା ବେଳେ ଅନ୍ୟ ଜଣେ ପିଲା ଏହାକୁ ମାଗିଥିଲା । ସାଧବ ବୋହୂ ଉକ୍ତ ପିଲାକୁ ଛେନା ଗୁଡ ପରିବର୍ତ୍ତେ ପାଖରେ ପଡିଥିବା ଏକ ଭଙ୍ଗା ଖପରା ଦେଇ ଭଣ୍ଡାଇଥିଲେ । ଫଳରେ ସେହି ପିଲା ଅସନ୍ତୋଷ ପ୍ରକାଶ କରି ତାଙ୍କୁ ଅଭିଶାପ ଦେଇଥିଲା । ଏଥିପାଇଁ ସାଧବ ବୋହୂଙ୍କର ପରବର୍ତ୍ତୀ ସମୟରେ ଥର ଥର କରି ୭ଟି ସନ୍ତାନ ଜନ୍ମ ହୋଇଥିଲେ ମଧ ସମସ୍ତେ ଅକାଳ ମୃତ୍ୟୁବରଣ କରିଥିଲେ। ମାତ୍ର ଜନୈକ ସାଧୁଙ୍କ ପରାମର୍ଶ କ୍ରମେ ସାଧବ ବୋହୂ ଦାଣ୍ଡ ପହଁରା ଓଷା ପାଳନ କରିବା ପରେ ପିଲାମାନଙ୍କୁ ଫେରି ପାଇଥିଲେ ବୋଲି ଲୋକକଥା ରହିଛି। ଏହାକୁ ବିଶ୍ୱାସ କରି ଏବେ ବି ଓଡିଶାର ପୁରପଲ୍ଲୀର ମହିଳାମାନେ ପିଲାମାନଙ୍କ ମଙ୍ଗଳ ପାଇଁ ଦାଣ୍ଡପହଁରା ଓଷା ପାଳନ କରୁଛନ୍ତି । ଏହି ଦିନ ଗର୍ଭବତୀ ମହିଳାଙ୍କ ଇଚ୍ଛାନୁସାରେ ତାଙ୍କୁ ଖାଇବାକୁ ଦିଆ ଯାଇଥାଏ। ପିଲାମାନେ ଯାହା ଅଳି କରନ୍ତି ତାହା ତାଙ୍କୁ ଦିଆଯାଏ।

## ଚୋରା କାଠ ସହ ଅଟୋ ଜବତ: ୨ ଗିରଫ

**ଦଶପଲ୍ଲା, ୧୩।୧୨(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକର ପୃଥକ ପୃଥକ ସ୍ଥାନରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଚୋରା କାଠ ସହ ଏକ ଅଟୋ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁଦାମ ବେହେରା ଏବଂ ବିନୋଦ ନାୟକ।

ସୁଦାମ ଓଆର୨୫ଏ ୫୭୭୩ ନମ୍ବର ବିଶିଷ୍ଟ ଏକ ଅଟୋରେ ୧୦ ଖଣ୍ଡ ଶାଳ ଲଗ୍ ଧରି ଆସୁଥିବା ବେଳେ ଜାତୀୟ ରାଜପଥର ନେଳିଗୁଡ଼ାଠାରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଅଟୋ ସହ କାଠଗୁଡ଼ିକୁ ଜବତ କରାଯାଇଥିଲା। ଜବତ କାଠର ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ ତରଫରୁ ଜଣାଯାଇଛି।



ଜବତ କାଠ।

କାଠ ଜବତ ବେଳେ ଫରେଷ୍ଟ ବିଭାଗର ସ୍କାଡ ଅଶ୍ୱିନୀ ବେହେରା ଆହତ ହୋଇଥିବା ଜଣାଯାଇଛି। ସୁଦାମଙ୍କୁ ଗିରଫ କରାଯାଇଛି।

ସେହିପରି ମସାବାରୀ ଗ୍ରାମ ନିକଟ ନଦୀତଟରୁ ୫ଟି ଶାଳ ଲଗ୍ ଜବତ କରାଯିବା ସହ ବିନୋଦଙ୍କୁ ଗିରଫ କରାଯାଇଥିଲା। ଜବତ କାଠର ମୂଲ୍ୟ ୩୦ ହଜାର ଟଙ୍କା ହେବ। ଫରେଷ୍ଟର ମନୋଜ ପ୍ରଭାକର ସାହୁ, ଫରେଷ୍ଟ ଗାର୍ଡ ନାରାୟଣ ମହାରଣା, ସନ୍ତୋଷ ଦୋରା ପ୍ରମୁଖ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ସୋମନାଥ ନାୟକଙ୍କ ସୂତ୍ରରୁ ପ୍ରକାଶ।

## କାଳିଆପଲ୍ଲୀରେ ଧନୁ ପୂଜା ମହୋତ୍ସବ ପାଇଁ କଳସ ଯାତ୍ରା

**ଖଣ୍ଡପଡା, ୧୩।୧୨(ସ୍ୱ.ପ୍ର.)**

ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ ଅନ୍ତର୍ଗତ କାଳିଆ ପଲ୍ଲୀ ଗ୍ରାମରେ ଶୁକ୍ରବାରଠାରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଧନୁପୂଜା ମହୋତ୍ସବ ଅନୁଷ୍ଠିତ ହେବ । ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଅଧିବାସ ଉପଲକ୍ଷେ ଏକ ପାଇକ ଯାତ୍ରା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମର ମହିଳା ଓ ପୁରୁଷ ଶ୍ରୀନୀଳମାଧବ ପୀଠ ମହାନଦୀ ଘାଟରୁ କଳସରେ ଜଳ ଆଣି ପାଇକ ନୃତ୍ୟ ସହ ଶବର ଶବରୁଣୀ ନୃତ୍ୟରେ କଣ୍ଟିଲୋ ଗ୍ରାମ ପରିକ୍ରମା କରି କାଳିଆପଲ୍ଲୀ ଗ୍ରାମସ୍ଥିତ ଲଳିତା ମାଧବ ପୀଠକୁ ଯାତ୍ରା କରିଥିଲେ । ଗ୍ରାମ ପରିକ୍ରମା ସମୟରେ ଲୋକମାନେ ସଂପୃକ୍ତ ଗ୍ରାମବାସୀଙ୍କ ପାଇକ ଖେଳ ତଥା ବିଭିନ୍ନ ରଣ କୌଶଳ ଦେଖିବାକୁ ସମାଗମ ହୋଇଥିଲେ।

## ଗୋଟିଏ ଦିନରେ ୪ଜଣଙ୍କ ପରଲୋକରେ ଶୋକ

**ଖଣ୍ଡପଡା, ୧୩।୧୨(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଅଞ୍ଚଳରେ ଗୋଟିଏ ଦିନରେ ପୃଥକ ସ୍ଥାନରେ ୪ଜଣଙ୍କ ପରଲୋକ ହୋଇଛି। ସେମାନଙ୍କ ମଧ୍ୟରେ ୩ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଶିକ୍ଷକ ହୋଇଥିବାବେଳେ ଜଣେ ଯୁବ ବ୍ୟବସାୟୀ ଅଛନ୍ତି।

ସେମାନେ ହେଲେ କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ଗୋବିନ୍ଦ ମହାରଣା(୬୫), ହାଟମୁଣ୍ଡ ପାଟଣା ଗ୍ରାମର ଜନୈକ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପ୍ରଫୁଲ୍ଲ କୁମାର ବେହେରା (୭୦), ଯୁବ ବ୍ୟବସାୟୀ ବଂଶୀଧର ସାଥୁଆ(୩୫) ଓ ଶିକ୍ଷକ ଉତ୍ସବ ସାମଲ(୮୫)। ମହାରଣା ଓ ବେହେରା ଦୀର୍ଘ ଦିନରୁ ଅସୁସ୍ଥ ଥିବା ବେଳେ ସାଥୁଆଙ୍କର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି ।

ସେହିପରି ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଓ କଣ୍ଟିଲୋ ଭଗବାନ ମଧ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଶିକ୍ଷକ ଉତ୍ସବ ସାମଲ ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଶୁକ୍ରବାର ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ହାତକଟା ଗ୍ରାମସ୍ଥିତ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ । ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର ଛାତ୍ରମାନେ ଗଭୀର ଶୋକ ପ୍ରକାଶ କରିଚନ୍ତି। ସେ ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ ଓ ଅମାୟିକ ବ୍ୟକ୍ତି ଥିଲେ । ସାମଲଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

- ଟ୍ରାଫିକ୍ ଛକରେ ପରିବା ବେପାରୀଙ୍କ ମନମୁଖି କାର୍ଯ୍ୟ

## ଜରିମାନା ଆଦାୟ, ଅସନ୍ତୋଷ ଜାହିର

**ନୟାଗଡ଼ ଅଫିସ, ୧୩।୧୨**

ନୟାଗଡ଼ ଟ୍ରାଫିକ୍ ଛକଠାରେ ପରିବା ଦୋକାନୀମାନଙ୍କ ମନମୁଖି କାର୍ଯ୍ୟକୁ ସଜାଡ଼ିବା ପାଇଁ ଶୁକ୍ରବାର ପୌରପାଳିକା ଆଖିଦୃଷ୍ଟିଆ ପଦକ୍ଷେପ ନେଇଛି। ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ପରିବା ଦୋକାନୀମାନେ କଥା ଶୁଣୁ ନ ଥିବା ବେଳେ ଶୁକ୍ରବାର ପୌରପାଳିକା ସମସ୍ତଙ୍କଠାରୁ ଜରିମାନା ଆଦାୟ କରିଛି, ଯାହାକୁ ନେଇ ପରିବା ବେପାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ପ୍ରକାଶ ଯେ, ଟ୍ରାଫିକ୍ ଛକଠାରେ ପୂର୍ବରୁ ଗୋଦାମ ଥିବାରୁ ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ଫଳରେ ପ୍ରାୟ ବର୍ଷେ ତଳେ ପରିବା ଗୋଦାମଗୁଡ଼ିକୁ ଖଣ୍ଡପଡ଼ାରୋଡ଼ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଟ୍ରାଫିକ୍



ପରିବା ଦୋକାନୀମାନେ ପନିପରିବା ବାହାରେ ଆଣି ବିକ୍ରି କରୁଛନ୍ତି।

ଛକଠାରେ ଥିବା ଗୋଦାମ ଘରଗୁଡ଼ିକରେ କିଛି ପରିବା ବ୍ୟବସାୟୀ ଖୁଚୁରା ପରିବା ବ୍ୟବସାୟ କଲେ। ବେପାରୀମାନେ ସେମାନଙ୍କ ପରିବା ଡାଲାଗୁଡ଼ିକ ଦୋକାନ ବାହାରେ ରଖି ବ୍ୟବସାୟ କଲେ। ସେହିଭଳି କିଛି ବେପାରୀ ସେଠାରେ କଦଳୀ ଗୋଦାମ କଲେ। ଯାହା ଫଳରେ ପୂର୍ବରୁ ଉକ୍ତ ରାସ୍ତାରେ ଯେଉଁଭଳି ଭାବେ ଟ୍ରାଫିକ ସମସ୍ୟା ଦେଖା ଦେଉଥିଲା, ତାହା ବଳବତ୍ତର ରହିଲା। ଏହାକୁ ନେଇ ପୌରପାଳିକା ଚିନ୍ତିତ ହେବା ସହିତ ପରିବା ଦୋକାନୀଙ୍କୁ ଏଥିରୁ ନିବୃତ୍ତ ହେବାକୁ କହିଲେ। ହେଲେ କେହି ଏ ଦିଗରେ କର୍ଣ୍ଣପାତ କରୁ ନ ଥିଲେ। ଶୁକ୍ରବାର ପୌରପାଳିକାର କର୍ମଚାରୀମାନେ ଦୋକାନ ଦୋକାନ ବୁଲି ଯେଉଁମାନେ ଆଗରେ ପରିବା ରଖି ବିକ୍ରି କରୁଥିଲେ ସେମାନଙ୍କଠାରୁ ୫୦୦ରୁ ୧୦୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ପ୍ରାୟ ୧୦ଟି ଦୋକାନୀଙ୍କଠାରୁ ୬ ହଜାର ଟଙ୍କା ଆଦାୟ କରାଯାଇଛି। ଏହା ପରେ ସନ୍ଧ୍ୟା ବେଳେ କିଛି ପରିବା ଦୋକାନୀ ଏହାକୁ ବିରୋଧ କରି ପୌରପାଳିକା କାର୍ଯ୍ୟାଳୟରେ ଯାଇ ହୋ ହଲ୍ଲା କରିଥିଲେ। ସେହିଭଳି ସେମାନଙ୍କୁ ଦିଆଯାଇଥିବା ଜରିମାନାର ରସିଦ୍ ନକଲି ବୋଲି ଅଭିଯୋଗ କରିଥିଲେ। ପୌରପାଳିକା ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ରସିଦ୍ ନକଲି ନୁହେଁ ଅସଲି ବୋଲି କହିବା ପରେ ଶାନ୍ତ ପଡ଼ିଥିଲେ। ଆଗାମୀ ଦିନରେ ପନିପରିବା ରଖି ରାସ୍ତା କବଜା କରିବେ ନାହିଁ ବୋଲି ପରିବା ବେପାରୀମାନେ କହିଥିଲେ। ଯଦି ଆଗାମୀ ଦିନରେ ଦୋକାନୀ ଏହିଭଳି କରନ୍ତି ତେବେ ସେମାନଙ୍କଠାରୁ ପୁନର୍ବାର ଜରିମାନା ଆଦାୟ କରାଯିବ ବୋଲି ପୌରପାଳିକାର କର୍ମଚାରମୀନେ ପ୍ରକାଶ କରିଛନ୍ତି।

■ ଖଣ୍ଡପଡ଼ା ବ୍ଲକ କଳାକାର ସଂଘର ବୈଠକ

# କଳାକାରଙ୍କୁ ମିଳୁନି ଆବଶ୍ୟକ ପ୍ରୋତ୍ସାହନ

ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.) ଖଣ୍ଡପଡ଼ା ବ୍ଲକ କଳା ସଂସ୍କୃତି ସଂଘର ୪୬ତମ ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଡିଓ ତଥା କଳା ସଂସ୍କୃତି ସଂଘର ସଭାପତି ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗ ଦେଇଥିଲେ । ସଂଘର ଉପସଭାପତି ପୁରନ୍ଦର ନାୟକ, ବରିଷ୍ଠ କଳାକାର ମାଧବ ଚନ୍ଦ୍ର ସାମନ୍ତରାୟ, ଅଚ୍ୟୁତ ପ୍ରଧାନ, ପ୍ରହ୍ଲାଦ ମାଝି, ପାଲା ଗାୟିକା ଲତା ରାଉତ, ଗାୟକ ତର୍କ ବାଚସ୍ପତି ପଣ୍ଡିତ ଯୋଗୀନାଥ ପତି ପ୍ରମୁଖ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରିଣତ ବୟସରେ ମଧ୍ୟ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଅନେକ କଳାକାର ସରକାରଙ୍କ ଦ୍ୱାରା ପ୍ରଦତ୍ତ କଳାକାର ଭତ୍ତା ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଖଣ୍ଡପଡ଼ା ବିଡିଓ ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବି ହୋଇଥିଲା । ଅନେକ କଳାକାର କଳାକୁ ପେସା ରୂପେ ଗ୍ରହଣ କରିଥିଲେ ହେଁ ସେମାନଙ୍କୁ ସରକାରଙ୍କ ତରଫରୁ ସେଭଳି ପ୍ରୋତ୍ସାହନ ମିଳୁ ନ ଥିବାରୁ ସଂଘର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଚଳିତବର୍ଷ କଳାକାର ସଂଘର ୪୬ତମ ବାର୍ଷିକ ମହୋତ୍ସବ କିପରି ସୁଚାରୁ ରୂପେ ପାଳିତ ହେବ ସେ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବରିଷ୍ଠ କଳାକାର ଯୁଗଳ କିଶୋର ବାରିକ, ଦେବିପ୍ରସାଦ ନାୟକ, ବିଜୟ ବେହେରା, ଲୋଚନ ସ୍ୱାଇଁ, ଗୋକୁଳ ରାଉତ, ତ୍ରିନାଥ ପଣ୍ଡା, ପାଲା ଗାୟକ ମଦନ ମୋହନ ଓ ସତ୍ୟବାଦୀ ସାହୁ ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।


ବୈଠକରେ ଯୋଗ ଦେଇଥିବା କଳାକାରମାନେ ।

# ବାଲ୍ୟବିବାହ ନିଷେଧ ଲାଗି ସବୁ ସ୍ତରରେ ଉଦ୍ୟମ ଜରୁରୀ

ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.) ଜନସଚେତନତା ଅଭାବରୁ ସମାଜରେ ବାଲ୍ୟ ବିବାହ ପ୍ରଥା ଏବେ ବି ଚାଲୁ ରହିଛି । ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେଲେ ସମସ୍ତେ ସଚେତନ ହୋଇ ଏହି ପ୍ରଥାକୁ ବିରୋଧ କରିବା ଉଚିତ । ଏଥିସହ ବାଲ୍ୟବିବାହ ଅନୁଷ୍ଠିତ ହେଉଥିବା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କୁ ସୂଚନା ଦେଲେ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ବୋଲି ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଚେତନତା କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଆକ୍ସନଏଡ ଓ ୟୁନିସେଫ ମିଳିତ ସହଯୋଗରେ ବାଲ୍ୟ ବିବାହ ନିଷେଧ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଡିଓ ପ୍ରମୋଦ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ, ସାମାଜିକ କର୍ମୀ ତଥା ମହାନଦୀ ବରିଷ୍ଠ ନାଗରିକ ସଂଘ କଣ୍ଟିଲୋର ସଭାପତି ଅଖିଳ କୁମାର ମହାରଣା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସତ୍ୟଭାମା ଦେବୀ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ନିଷେଧ ନିମନ୍ତେ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଆକ୍ସନଏଡ ଓ ୟୁନିସେଫ ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ଶତପଥୀ କର୍ମଶାଳାରେ ସଂଯୋଜନା କରିଥିଲେ । ଜନସାଧାରଣ ସଚେତନ ହେଲେ ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥା ସମାଜରୁ ଲୋପ ପାଇବ ବୋଲି ବରିଷ୍ଠ ଆଇନଜୀବୀ ତରାସିଆ ମତ ଦେବା ସହ ଏଥିନିମନ୍ତେ ଆଇନରେ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର କିଶୋରୀ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିବା ସହ ବାଲ୍ୟ ବିବାହ ସୂଚନା ପାଇଲେ ସଙ୍ଗେ ସଙ୍ଗେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲାପାଳ, ବିଡିଓ, ତହସିଲଦାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ସ୍ଥାନୀୟ ପୋଲିସ ପ୍ରଶାସନକୁ ସୂଚନା ଦେବାକୁ ମତ ଦେଇଥିଲେ । ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବାଲ୍ୟ ବିବାହ ପ୍ରଥା ଏବେ ବି ପ୍ରଚଳିତ ଥିବାରୁ ଏ ନେଇ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ସମାଜରୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ନିଷେଧ ନିମନ୍ତେ କର୍ମଶାଳାରେ ଯୋଗଦେଇଥିବା ବ୍ୟକ୍ତିମାନେ ଶପଥ ପାଠ କରିଥିଲେ । ଆଇସିଡିଏସ୍ ସୁପରଭାଇଜର ସନ୍ତୋଷିନୀ ପାଣି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ ।

# ଶେଷ ପର୍ଯ୍ୟାୟରେ ସାନଛତା ମଠ ଉଚ୍ଛେଦ: ଆଜି ଭଙ୍ଗାଯିବ ଘରୋଇ କୋଠା

ପୁରୀ ଅଫିସ, ୧୩।୧୨: ଶ୍ରୀମନ୍ଦିର ସୁରକ୍ଷା ଜୋନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି । ମଙ୍ଗୁ ମଠର ବ୍ୟବସାୟିକ କୋଠା ଭାଙ୍ଗିବା ପରେ ତିନିଦିନ ଧରି ଦୋଳବେଦି କୋଣରେ ଥିବା ସାନଛତା ମଠ ଭଙ୍ଗାଯାଉଛି । ଶୁକ୍ରବାର ତୃତୀୟ ଦିନରେ ଏହି ମଠ ଉଚ୍ଛେଦ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶନିବାର ସାନଛତା ମଠର ଅଳ୍ପ କିଛି ଅଂଶ ଭଙ୍ଗାଯିବା ସହ ଘରୋଇ କୋଠା ଉଚ୍ଛେଦ କରିବ ପ୍ରଶାସନ । ଅନ୍ୟପକ୍ଷରେ ଯେଉଁମାନେ ଜମି ଦେଇ ସାରିଛନ୍ତି ସେମାନେ ଘର ଖାଲି କରୁଛନ୍ତି । ଗତ ଦୁଇଦିନ ପରି ଶୁକ୍ରବାର ବି ସାନଛତା ମଠ ଭଙ୍ଗା ଯାଇଥିଲା । ଗୁରୁବାର ଯେଉଁଠୁ ଉଚ୍ଛେଦ ଅଟକିଥିଲା ସେହିଠାରୁ ହିଁ ଆରମ୍ଭ ହୋଇଥିଲା । ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ୫ ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଭଙ୍ଗା ଯାଇଥିଲା । ଏଥିରେ ୩ଟି ଜେସିବି ନିୟୋଜିତ ହୋଇଥିଲା । ସନ୍ଧ୍ୟା ସୁଦ୍ଧା ଉଚ୍ଛେଦ କାର୍ଯ୍ୟ ବନ୍ଦ ହେବା ବେଳକୁ ମଠର ପ୍ରାୟ ୯୦ ପ୍ରତିଶତ ଭଙ୍ଗା ସରିଥିଲା । ଗାଦିଘର, ମନ୍ଦିରକୁ ବାଦ୍ ଦିଆଯାଇ ଅନ୍ୟ କୋଠା ଭଙ୍ଗାଯାଇଛି । ଶନିବାର ଅଳ୍ପ ଯାହା କିଛି ବଳକା ରହିଛି ତାହା ଉଚ୍ଛେଦ କରାଯିବ । ଅପରାହ୍ନ ପ୍ରାୟ ୫ଟାରେ ଜିଲାପାଳ ବଳବନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ଘଟଣାସ୍ଥଳକୁ ଯାଇ ଉଚ୍ଛେଦ କାର୍ଯ୍ୟ ଦେଖିଥିଲେ । ପୂର୍ବରୁ ଆଖୁଆଳରେ ରହିଥିବା ଦୋଳବେଦି ସାନଛତା ମଠ ଭଙ୍ଗାଯିବା ପରେ ଏବେ ସ୍ୱଷ୍ଟ ଦେଖାଯାଉଛି । ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ସାନଛତା ମଠ ମଧ୍ୟରେ ରହିଥିବା ଘରୋଇ କୋଠା ଶନିବାର ଭଙ୍ଗାଯିବ ବୋଲି ଜଣାପଡ଼ିଛି । ଏହି ତିନି ମହଲା କୋଠାର ସମସ୍ତ ଆସବାବପତ୍ର ଖାଲି କରି ଦିଆଯାଇଛି । ଅନ୍ୟପକ୍ଷରେ ଯେଉଁମାନେ ସରକାରଙ୍କୁ ସେମାନଙ୍କ ଜମି ବିକ୍ରି କରିସାରିଛନ୍ତି ସେମାନେ ଘର ଖାଲି କରୁଛନ୍ତି । ସେହିପରି ସୁରକ୍ଷା ଜୋନ ମଧ୍ୟରେ ଥିବା ଘରୋଇ ପ୍ଲଟ ମଧ୍ୟରୁ ୮୦ ପ୍ରତିଶତର ରେଜିଷ୍ଟ୍ରେସନ କରାଯାଇଛି । ଆହୁରି ୨୦ ପ୍ରତିଶତ ପ୍ଲଟର ବିକ୍ରି କବଲା ହୋଇପାରି ନାହିଁ । ଏଥିମଧ୍ୟରୁ କିଛି ପ୍ଲଟର କାଗଜପତ୍ର ପ୍ରସ୍ତୁତ ଚାଲିଛି ।

# ପ୍ରକୃତିପ୍ରେମୀ ମହାବୀର ବାବାଙ୍କ ପରଲୋକ

ବୋଲଗଡ,୧୩।୧୨(ଡି.ଏନ୍.ଏ.) ବୋଲଗଡ ବ୍ଲକ ଜଖଲା ପାହାଡ ଉପରେ ଥିବା ମହାବୀର ମନ୍ଦିରର ପ୍ରତିଷ୍ଠାତା ବାବା ରାମନାରାୟଣ ଦାସ ମହାରାଜ (୭୦)ଙ୍କର ଶୁକ୍ରବାର ପରଲୋକ ହୋଇଛି । ସେ ମହାବୀର ବାବା ନାମରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ବୋଲଗଡ ବ୍ଲକ ଅଞ୍ଚଳରେ ଶୋକପ୍ରକାଶ ପାଉଛି । ସେ ଜଣେ ପ୍ରକୃତିପ୍ରେମୀ ଭାବେ ଜଖଲା ପାହାଡରେ ଗଛ ଲଗାଇ ସବୁଜିମାରେ ଭରି ଦେଇଥିଲେ । ଜଙ୍ଗଲ ସୃଷ୍ଟି କରିବାରେ ସେ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଥିଲେ । ପ୍ରକୃତିକୁ ଭଲ ପାଇବା ସହିତ ଆଧ୍ୟାତ୍ମିକତା କାର୍ଯ୍ୟରେ ତାଙ୍କର ଜୀବନକୁ ସେ ଉତ୍ସର୍ଗ କରିଥିଲେ । ବାବା ରାମନାରାୟଣ କିଡ୍‌ନୀ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସନ୍ଧ୍ୟାରେ ତାଙ୍କର ମୃତଦେହ ବୋଲଗଡଠାରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ନିଆଯାଇ ଗବଡିହପାଟଣାଗ୍ରାମଠାରେ ଶେଷଦର୍ଶନ ପାଇଁ ରଖାଯାଇଛି ।

# ଟ୍ରେନ୍ ଧକ୍କାରେ ମହିଳା ଗୁରୁତର

ପୁରୀ ଅଫିସ, ୧୩।୧୨ ପୁରୀ ସହରରେ ଏକ ଅଭାବନୀୟ ଘଟଣା ଘଟିଛି । ଶୁକ୍ରବାର ଟ୍ରେନ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ତାଙ୍କ ଘର ସମୁଦ୍ରକୂଳ ଥାନା ପେଣ୍ଟକଟା ଅଞ୍ଚଳରେ ବୋଲି ଜଣାପଡ଼ିଛି । ଛୁଣ୍ଡୁଖିଆ ପୋଲ ନିକଟରେ ଏହି ଘଟଣା ଘଟିଛି । ଶୁକ୍ରବାର ଅପରାହ୍ନରେ ସଂପୃକ୍ତ ମହିଳା ଛୁଣ୍ଡୁଖିଆ ପୋଲ ଦେଇ ଟ୍ରେନ ଲାଇନ ପାର ହେଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେନ ଧକ୍କାରେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ଖବରପାଇ ପିଆର ପୋଲିସ ଉଦ୍ଧାର କରି ମେଡିକାଲ ଆଣିଥିଲା ।

# ଦିଗପହଣ୍ଡି ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ

ଦିଗପହଣ୍ଡି,୧୩।୧୨(ଡି.ଏନ୍.ଏ.) ଦିଗପହଣ୍ଡି ବ୍ଲକ ବାଙ୍କୁ ପାହାଡ଼ ସଂଲଗ୍ନ ପୋଡ଼ାବାଡ଼ି, ତାଳପଡ଼ା, ମଠୁରା, କେ.ଚାଙ୍ଗଡ଼ାପଲ୍ଲୀ, ଗୁଆ, ମହୁପଡ଼ର, ନନ୍ଦ ଗାଁ, ଭୁଷୁଣ୍ଡା ପ୍ରଭୃତି ଗ୍ରାମାଞ୍ଚଳରେ ଗତ ୩ ଦିନ ହେଲା ହାତୀ ଉପଦ୍ରବ ଲାଗିରହିଛି । ସନ୍ଧ୍ୟାହେଲେ ହାତୀପଲ ଚାଷ ଜମିରେ ପଶି ପାଚିଲା ଧାନ ଖାଇବା ସହ ନଷ୍ଟ କରୁଛନ୍ତି । ଦିଗପହଣ୍ଡି ବନବିଭାଗ କେନ୍ଦ୍ରୀୟ ନର୍ସରୀ ନିକଟ ଡାଙ୍ଗୁଡିବେଲ ପାହାଡ଼ରେ ଲମ୍ଫଡ଼ାରା ଓ ଧୁଳିବନ୍ଦ ନିକଟ ବଡ଼ଖୋଲା ନାଳ ପାଖରେ ଏହି ପଲ ରହିଛନ୍ତି । ଏନେଇ ରେଞ୍ଜର ପ୍ରମୋଦ କୁମାର ଖଡ୍ଗରାୟଙ୍କୁ ପଚାରିବାରୁ ଗୁମୁସର ବନଖଣ୍ଡ ଅଧୀନରେ ଭିନ୍ନ ଅଞ୍ଚଳରୁ ଗତ ୩ଦିନ ହେଲା ଗୋଟିଏ ଦନ୍ତା ହାତୀ ସମେତ ୭ ହାତୀ ରଡ଼ରେ ସଂରକ୍ଷିତ ଜଙ୍ଗଲକୁ ଚାଲିଆସିଛନ୍ତି ।


## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଫାଇଲ ସଂ. DRM/Engg/KUR/19-20/E-Tender/44 ତା.10.12.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-297-2019, ତା.04.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଛତ୍ରପୁର କୋର୍ଟ ପିଏଚ୍ ଏବଂ କାଳିଜାଇ ପିଏଚ୍ ଷ୍ଟେସନଗୁଡ଼ିକ ଠାରେ ପ୍ରଥମ ଫୁଟ୍‌ଓଭର ବ୍ରିଜ୍ (FOB) ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 180.89 ଲକ୍ଷ, EMD (ଟଙ୍କାରେ): 2,40,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-300-2019, ତା.04.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ବାଲୁଗାଁ ପରିସୀମା ଅଧୀନସ୍ଥ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ଡାଉନ୍ ଲାଇନ୍‌ରେ 4.28 କି.ମି. ନିମନ୍ତେ ଫର୍ମେସନ ଟ୍ରିଟ୍‌ମେଣ୍ଟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 184.68 ଲକ୍ଷ, EMD (ଟଙ୍କାରେ): 2,42,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-301-2019, ତା.05.12.2019ରିଖ
ବିବରଣୀ : 26,600 ଘନ ମିଟର ବିଶିଷ୍ଟ କଠିନ ପଥରକୁ 50mm ଆକାରର ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା ଭାଙ୍ଗି ସୋମପେଟା ଡିପୋ ଠାରେ ଯୋଗାଣ ଏବଂ ତାହାକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯେକୌଣସି ପ୍ରକାର ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 332.79 ଲକ୍ଷ, EMD (ଟଙ୍କାରେ): 3,16,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 12 (ବାର) ମାସ ।

(4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-eastkur-302-2019, ତା.05.12.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / II / କଟକ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକଠାରେ ଲୋ ଲେଭେଲ (Low Level) ରୁ ହାଇ ଲେଭେଲ (High Level) ପର୍ଯ୍ୟନ୍ତ ପ୍ଲାଟଫର୍ମଗୁଡ଼ିକୁ ଉପରକୁ ଉଠାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 880.44 ଲକ୍ଷ, EMD (ଟଙ୍କାରେ): 5,90,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.12.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-581/K/19-20



## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୟାପଲ୍ଲୀ ଶାଖା**
୩/୧୪, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨/୫୨୩

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ସମ୍ପୂର୍ଣ୍ଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ବାସନ୍ତି ସ୍ୱାଇଁ,** ସ୍ୱାମୀ: ବିଜୟ ପ୍ରସାଦ ସ୍ୱାଇଁ, ବାସସ୍ଥାନ ଠିକଣା- ସା/ପୋ: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୨୦୬୦ | ଟ.୫୬,୫୮,୦୫୪/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ବାସନ୍ତି ସ୍ୱାଇଁ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୭, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୬, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ ସୁଜିତ କୁମାର ହାଜରା,** ପିତା: ରଞ୍ଜିତ କୁମାର ହାଜରା, ବାସସ୍ଥାନ ଠିକଣା- ସା: ଇ-୭୫, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଶିବ ମନ୍ଦିର ନିକଟ, ଭୁବନେଶ୍ୱର-୭୫୧୦୦୩ | ଟ.୩୪,୭୦,୧୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଜିତ କୁମାର ହାଜରା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୭, ପ୍ଲଟ୍ ନଂ.: ୭୭/୨୩୨୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୦.୯୯ଡିସିମିଲି (ଯାହାକି ୧୩୫୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୧, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୩ । |
| **ଋଣଗ୍ରହୀତା: ଶ୍ରୀ ଜୟଦେବ ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଥାନା: ଲିଙ୍ଗରାଜ, ଭୁବନେଶ୍ୱର | ଟ.୭୩,୪୫,୫୮୪/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜୟଦେବ ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୨, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୯, ପୂର୍ବ: ସବ୍ ପ୍ଲଟ୍ ନଂ. ୨୩, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ ବଟକୃଷ୍ଣ ବେହେରା,** ପିତା: ବଳରାମ ବେହେରା, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୭୨, ଗୌତମ ନଗର, ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪ | ଟ.୩୪,୦୪,୭୯୨/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବଟକୃଷ୍ଣ ବେହେରା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୧୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୬, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧୨ । |
| **ଋଣଗ୍ରହୀତା: ଶ୍ରୀ ସୁଶାନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ମଙ୍ଗଳପୁର, ସୁହାଗପୁର, ପୁରୀ-୭୫୨୧୦୪ | ଟ.୫୨,୦୮,୯୫୧/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଶାନ୍ତ କୁମାର ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୯ଡିସିମିଲି (ଯାହାକି ୧୩୦୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୫, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍ । |
| **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ,** ସ୍ୱାମୀ: ଅଜୟ କୁମାର ପ୍ରଧାନ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ଇଏ/୩୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ଟ.୫୨,୨୨,୪୧୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସରସ୍ୱତୀ ପ୍ରଧାନ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୧, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୭ଡିସିମିଲି (ଯାହାକି ୧୬୧୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୩୬, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୪ । |
| **ଋଣଗ୍ରହୀତା: ଶ୍ରୀ ବିନୟ କୁମାର ସୁଆର,** ପିତା: ମୁରଲୀଧର ସୁଆର, ବାସସ୍ଥାନ ଠିକଣା- ସା/ପୋ: ଭିଲ୍ଲିଗ୍ରାମ, ଭାୟା: ନିମାପଡା, ପୁରୀ-୭୫୨୧୦୬ | ଟ.୫୧,୩୫,୭୧୨/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବିନୟ କୁମାର ସୁଆର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୯.୩୯ଡିସିମିଲି (ଯାହାକି ୧୨୮୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪ । |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ଭାଗିରଥି ଦାସ, ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୫୬୪, ନିକୋ ପାର୍କ ରୋଡ଼, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୦,୪୯,୫୩୦/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ । |
| **ଋଣଗ୍ରହୀତା: ଶ୍ରୀ କରୁଣାକର ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୬୨,୩୭୬/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କରୁଣାକର ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୮୪ଡିସିମିଲି (ଯାହାକି ୧୩୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍ । |
| **ଋଣଗ୍ରହୀତା: ଶ୍ରୀ ଶ୍ରୀମନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୧,୬୦,୭୭୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶ୍ରୀମନ୍ତ କୁମାର ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୫.୩ଡିସିମିଲି (ଯାହାକି ୧୧୦୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୬/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୭୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୦୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୭୭ । |
| **ଋଣଗ୍ରହୀତା: ଶ୍ରୀ ଅର୍ଜ୍ଜୁନ ପଣ୍ଡା,** ପିତା: ବିଷ୍ଣୁ ପଣ୍ଡା, ବାସସ୍ଥାନ ଠିକଣା- ସା: ଜଗନ୍ନାଥପୁର ପାଟଣା, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୮୧,୧୫୦/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅର୍ଜ୍ଜୁନ ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୬.୧୭ଡିସିମିଲି (ଯାହାକି ୧୧୪୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୦, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୨, ପୂର୍ବ: ପ୍ଲଟ୍ ନଂ. ୭୭ର ଅବଶିଷ୍ଟ ଅଂଶ, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀମତୀ ନନ୍ଦିନୀ ଲେଙ୍କା,** ସ୍ୱାମୀ: ଛବି ଲେଙ୍କା, ବାସସ୍ଥାନ ଠିକଣା- ସା: ଦଣ୍ଡିରୀ, ପୋ: ରାସୋଳ, ଢେଙ୍କାନାଳ-୭୫୯୦୨୧ | ଟ.୫୧,୭୨,୪୮୯/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ନନ୍ଦିନୀ ଲେଙ୍କା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୯/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୩୯ର ଅବଶିଷ୍ଟ ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧ । |
| **ଋଣଗ୍ରହୀତା: ଶ୍ରୀ ଅମିତ ସାହୁ,** ପିତା: ବ୍ରଜ କିଶୋର ସାହୁ, ବାସସ୍ଥାନ ଠିକଣା- ସା: ମଝିହରା, ବାଲିପାଟଣା, ଖୋର୍ଦ୍ଧା-୭୫୨୧୦୩ | ଟ.୫୭,୮୯,୩୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅମିତ ସାହୁ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୯୩, ପ୍ଲଟ୍ ନଂ.: ୭୭/୨୩୬୦, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୮୨ଡିସିମିଲି (ଯାହାକି ୧୨୫୬ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୪୩, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ କୃଷ୍ଣଦେବ ସିଂହ,** ପିତା: ତ୍ରିବେଣୀ ସିଂହ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୯୯୨, ତ୍ରାନାଥ ମନ୍ଦିର ପଛପାର୍ଶ୍ୱ, ବୁଦ୍ଧେଶ୍ୱରୀ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ଟ.୫୧,୨୭,୧୫୩/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କୃଷ୍ଣଦେବ ସିଂହ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା ଏବଂ ସବ୍ ପ୍ଲଟ୍ ନଂ. ୩୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୩, ପୂର୍ବ: ସବ୍ ପ୍ଲଟ୍ ନଂ. ୩୮, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୯ । |
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ମହାରଣା,** ପିତା: ଉଦୟନାଥ ମହାରଣା, ବାସସ୍ଥାନ ଠିକଣା- ସା: ରୁପଦେଇପୁର, ଭାୟା: ସାତଶଙ୍ଖ, ପୁରୀ-୭୫୨୧୦୫ | ଟ.୫୫,୫୬,୯୩୯/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ରବିନ୍ଦ୍ର କୁମାର ମହାରଣା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୬, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୪୫.୯୧ଡିସିମିଲି (ଯାହାକି ୨୦୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୮, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୯, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ ନରେନ୍ଦ୍ର ରଣା,** ପିତା: ରାଜୀବ ରଣା, ବାସସ୍ଥାନ ଠିକଣା- ସା: ଛାମୁଣ୍ଡିଆ, ବେଣ୍ଟପଡ଼ା, ନୟାଗଡ଼-୭୫୨୦୮୫ | ଟ.୫୬,୧୭,୯୬୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ନରେନ୍ଦ୍ର ରଣା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୧, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୪୪, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହ,** ପିତା: କୃପାସିନ୍ଧୁ ପାତାଳସିଂହ, ବାସସ୍ଥାନ ଠିକଣା- ସା: କଣ୍ଠାବଣିଆ, ପୋ: ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୬୦ | ଟ.୫୧,୮୧,୯୦୩/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୮ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୭, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୨ । |
| **ଋଣଗ୍ରହୀତା: ଶ୍ରୀ ସୁରେଶ ଭଙ୍ଗ,** ପିତା: କୁମାର ଭଙ୍ଗ, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୪୮,୦୫,୩୨୮/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁରେଶ ଭଙ୍ଗ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୪ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ବି, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୯/ଏ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୮/ଏ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧ ଏବଂ ୩୨ । |
| **ଋଣଗ୍ରହୀତା: ଶ୍ରୀମତୀ ମାମୁନି ଭଙ୍ଗ,** ସ୍ୱାମୀ: ସୁରେଶ ଭଙ୍ଗ, ବାସସ୍ଥାନ ଠିକଣା- ସା: ଗୋବିନ୍ଦପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୫୬,୩୮,୨୬୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମାମୁନି ଭଙ୍ଗ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୬.୭୩ଡିସିମିଲି (ଯାହାକି ୧୬୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୭, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮ । |
| **ଋଣଗ୍ରହୀତା: ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀ,** ସ୍ୱାମୀ: ଅଜିତ କୁମାର ବାରିକ, ବାସସ୍ଥାନ ଠିକଣା- ସା: ଏଲଆଇଜି-୧୬୩, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୬,୬୬,୭୫୯/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୫, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୬୩ଡିସିମିଲି (ଯାହାକି ୧୨୯୧ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୨, ପୂର୍ବ: ସବ୍ ପ୍ଲଟ୍ ନଂ. ୩୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୦ । |
| **ଋଣଗ୍ରହୀତା: ଶ୍ରୀ ହିଟଲର ରାଉତରାୟ,** ପିତା: ସୁବାଷ ଚନ୍ଦ୍ର ରାଉତରାୟ, ବାସସ୍ଥାନ ଠିକଣା- ସା: କଣ୍ଠାବଣିଆ, ଗଡ଼ସାନପୁଟ, ଥାନା: ସତ୍ୟବାଦୀ, ପୁରୀ-୭୫୨୦୬୦ | ଟ.୫୬,୬୩,୧୭୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ହିଟଲର ରାଉତରାୟ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୫, ଦକ୍ଷିଣ: ରାସ୍ତା, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪୨ । |
| **ଋଣଗ୍ରହୀତା: ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ମଙ୍ଗରାଜ, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ପୁରୀ-୭୫୨୦୬୦ | ଟ.୫୬,୧୩,୫୨୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୪୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୫, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା |
| **ଋଣଗ୍ରହୀତା: ଶ୍ରୀମତୀ ମୀନା ସୁବୁଦ୍ଧି,** ସ୍ୱାମୀ: ନକୁଳ ସୁବୁଦ୍ଧି, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୦୨ | ଟ.୫୫,୧୧,୧୯୪/- (+ ସୁଧ) | ୧୦.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମୀନା ସୁବୁଦ୍ଧି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୧.୮୬୯ଡିସିମିଲିରୁ ଏକର୦.୦୩୦ଡିସିମିଲି (ଯାହାକି ୧୩୦୭ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୬ । |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ହର ଦାସ, ବାସସ୍ଥାନ ଠିକଣା- ସା: ଶିମିଳିସାହି, ଗୋଡ଼ିବିଡା, ନୟାଗଡ଼-୭୫୨୦୯୧ | ଟ.୫୬,୬୧,୦୮୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ସଂଶୋଧିତ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୧୨ଡିସିମିଲି (ଯାହାକି ୯୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୧, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା । |
| **ଋଣଗ୍ରହୀତା: ଶ୍ରୀ ଚନ୍ଦନ ପୁରୀ,** ପିତା: ସୁଧାକର ପୁରୀ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୧୫୧୩, ଫେଜ୍-୧, ଭୀମଟାଙ୍ଗି ଏଚ୍.ବି. କଲୋନୀ, ଭୁବନେଶ୍ୱର-୭୫୧୦୦୨ | ଟ.୪୨,୦୬,୧୪୨/- (+ ସୁଧ) | ୧୮.୦୫.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଚନ୍ଦନ ପୁରୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୧.୫୪ଡିସିମିଲି (ଯାହାକି ୧୩୭୪ ବର୍ଗଫୁଟ), ସବ୍ ପ୍ଲଟ୍ ନଂ. ୨୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ. ୨୨, ପଶ୍ଚିମ: ରାସ୍ତା, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୦ |

**ତାରିଖ: ୧୩.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**